ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 29/2025 | Page 14 | ₹ 7.00

୫୧ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 244 | ମୂଲ୍ୟ ₹୭/-





## ‘ବର୍ଡର ୨’: ବରୁଣଙ୍କ ବିପକ୍ଷରେ ମେଧା

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ‘ବର୍ଡର ୨’ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ଅଭିନେତ୍ରୀ ମେଧା ରାଣା ନଜରକୁ ଆସିବେ। **୦୨**

**୧୪** 
## ଫୁଟ୍‌ବଲ କୋଚ୍ ଦୌଡ଼ରେ ଜମିଲ

ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି ପୂର୍ବତନ ମିଡ୍‌ଫିଲ୍ଡର ଖଲିଦ୍ ଜମିଲ।






କଟକ ନରାଜ ଆନିକଟଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳରେ ସୋମବାର ମାଛ ଧରିବାକୁ ଯାଉଥିବା ଧୀବରମାନେ। **(ଫଟୋ: ରାଜକିଶୋର ମହାନ୍ତି)**

# ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିୟନ

## ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଲେ

ବାଟୁମି(ଜର୍ଜିଆ),୨୮।୭(ପି.ଟି.)



ଦିବ୍ୟା ଦେଶମୁଖ

ଭାରତୀୟ ଚେସ୍ ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ପ୍ରଥମ ଭାରତୀୟ ମହିଳା ଭାବେ ଦିବ୍ୟା ଦେଶମୁଖ ହୋଇଛନ୍ତି ଫିଡେ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିୟନ। ଫାଇନାଲରେ ୧୯ ବର୍ଷୀୟା ଦିବ୍ୟା ସୋମବାର ଅଭିଜ୍ଞ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରିଛନ୍ତି। ନାଗପୁରର ଦିବ୍ୟା ବିଶ୍ୱକପ ଚାମ୍ପିୟନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରି ନେଇଛନ୍ତି। ସେ ହୋଇଛନ୍ତି ଭାରତର ୮୮ତମ ଚେସ୍ ଗ୍ରାଣ୍ଡମାଷ୍ଟର। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ଭାରତର ଚତୁର୍ଥ ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ହମ୍ପି, ଦ୍ରୋନାଭାଲି ହାରିକା ଓ ଆର. ବୈଶାଳୀ ଏହି ସଫଳତା ପାଇଥିଲେ। ହମ୍ପି ତାଙ୍କ କ୍ୟାରିୟରରେ ବିଶ୍ୱକପ୍ ଓ ମହିଳା ୱାର୍ଲ୍ଡ ଚାମ୍ପିୟନଶିପ୍ ଟାଇଟଲ ଛଡ଼ା ସବୁ କିଛି ହାସଲ କରି ସାରିଛନ୍ତି। ଏବେ ବିଶ୍ୱକପ ଟାଇଟଲ ପୁଣି ଥରେ ତାଙ୍କପାଇଁ ଅପହଞ୍ଚ ହୋଇ ରହିଯାଇଛି। ୩୮ ବର୍ଷୀୟା ହମ୍ପି ୨୦୦୨ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଥିଲେ। ଏହାର ୩ ବର୍ଷ ପରେ ଅର୍ଥାତ୍ ୨୦୦୫ରେ ଜନ୍ମିତ ଦିବ୍ୟା ଏବେ ବିଶ୍ୱ ଚାମ୍ପିୟନ ହୋଇ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରର ଶିଖରରେ ପହଞ୍ଚିଛନ୍ତି। ଟାଇବ୍ରେକର ରାଉଣ୍ଡ ପୂର୍ବରୁ ଗତ ଶନିବାର ଓ ରବିବାର ଦିବ୍ୟା ଏବଂ ହମ୍ପିଙ୍କ ☞ପୃଷ୍ଠା-୪

# ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂର ତାତି

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଅପରେଶନ ସିନ୍ଦୂରକୁ ନେଇ ସୋମବାର ଲୋକ ସଭାରେ ଜୋର୍‌ଦାର ବିତର୍କ ଆରମ୍ଭ ହୋଇଛି। ଏହି ଦୁଇ ଘଟଣାରେ ହୋଇଥିବା ତ୍ରୁଟି ଓ କ୍ଷତିକୁ ନେଇ ଅନେକ ପ୍ରଶ୍ନ ଛିଡ଼ା ହୋଇଥିବାବେଳେ କେନ୍ଦ୍ର ସରକାର ସେସବୁର ସନ୍ତୋଷଜନକ ଉତ୍ତର ଦେଉ ନ ଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ସେସବୁର ଉତ୍ତର ପାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ଅପେକ୍ଷା କରିଥିଲେ। ସେମାନଙ୍କ ଦାବି ମୁତାବକ ସୋମବାରଠାରୁ ଲୋକ ସଭାରେ ୧୬ ଘଣ୍ଟିଆ ବିତର୍କ ଚାଲିଥିବାବେଳେ ଶାସକ ଦଳକୁ ବିରୋଧୀ ପ୍ରଶ୍ନବାଣରେ ଘେରିଛନ୍ତି। ଅପରେଶନ ସିନ୍ଦୂର ବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହା ପାଖରେ ଆତ୍ମସମର୍ପଣ କରି ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ, କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ଆଦି କେତେକ ପ୍ରଶ୍ନ ଉଠାଇ ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇଙ୍କ ସମେତ ଅନ୍ୟ ବିରୋଧୀ ଦଳର ନେତାମାନେ ସ୍ପଷ୍ଟୀକରଣ ମାଗିଛନ୍ତି। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ, ରାଜନୈତିକ ଓ ସାମରିକ ଲକ୍ଷ୍ୟ ପୂରଣ ହେବା ପରେ ଅପରେଶନ ସିନ୍ଦୂରକୁ ସ୍ଥଗିତ ରଖାଯାଇଛି। ଏନେଇ କୌଣସି ବାହ୍ୟ ଚାପକୁ ସେ ଖଣ୍ଡନ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ନେଇ ନ ଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ କଥାରେ ତାଳମେଳ ରହୁ ନ ଥିବା ଦର୍ଶାଇ ସ୍ୱଚ୍ଛତା ଦାବି କରିଛନ୍ତି।

- ଭାରତର କେତେ ବିମାନ ଖସିଥିଲା: କଂଗ୍ରେସ
- ପ୍ରଧାନମନ୍ତ୍ରୀ କାହା ପାଖରେ ଆତ୍ମସମର୍ପଣ କଲେ: ଗୋଗୋଇ
- ଆତଙ୍କବାଦର ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ: ରାଜନାଥ

ନୂଆଦିଲ୍ଲୀ,୨୮।୭(ପି.ଟି.)

ସୁରକ୍ଷାଗତ ତ୍ରୁଟି ଯୋଗୁ ପହଲଗାମ୍ ଆକ୍ରମଣ ଘଟିଥିବାରୁ ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିଜକୁ ଦାୟୀ କରିବା ନିମନ୍ତେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଦାବି କରିଛନ୍ତି। ‘ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଦୃଢ଼, ସଫଳ ଓ ନିର୍ଣ୍ଣାୟକ ଅପରେଶନ ସିନ୍ଦୂର’ ଶୀର୍ଷକ ସ୍ୱତନ୍ତ୍ର ଆଲୋଚନାରେ ଭାଗନେଇ ଗୋଗୋଇ କହିଛନ୍ତି, ସରକାରଙ୍କ କହିବା ଅନୁଯାୟୀ, କୌଣସି ଅଞ୍ଚଳ ଦଖଲ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ତେବେ ଯଦି ଆଜି ନୁହେଁ, ତେବେ ଆମେ କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଣିଜ୍ୟକୁ ବ୍ୟବହାର କରିଥିବା ନେଇ ୨୬ ଥର ଦାବି କରିଥିବାବେଳେ ଏହା ଉପରେ କେନ୍ଦ୍ରର ନୀରବତାକୁ ଗୋଗୋଇ ନିନ୍ଦା କରିଛନ୍ତି। ଉରି ଏବଂ ପୁଲ୍‌ୱାମା ଆକ୍ରମଣଠାରୁ ପ୍ରଧାନମନ୍ତ୍ରୀ ମୋଦି ‘ଆମେ ଘରେ ପଶି ମାରିଲୁ, ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କଲୁ’ ବୋଲି କହିଆସୁଛନ୍ତି। ଏବେ ମଧ୍ୟ ସେ ସମାନ କଥା କହୁଛନ୍ତି। ଅପରେଶନ ସିନ୍ଦୂର ଶେଷ ହୋଇନାହିଁ ଏବଂ ପାକିସ୍ତାନ ପୁଣି ଏପରି କରିପାରେ ବୋଲି ସରକାର କହୁଛନ୍ତି। ତେବେ ଅପରେଶନ ସିନ୍ଦୂର ସଫଳ ହେଲା କିପରି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ଯଦି ଆମେରିକା ଭାରତ ଆଗରେ ଆଣ୍ଠେଇବାକୁ ପ୍ରସ୍ତୁତ ଥିଲା, ତେବେ ଏହା ପୂର୍ବରୁ କ’ଣ ପାଇଁ ଅଟକିଲ ଏବଂ କାହା ପାଖରେ ଆତ୍ମସମର୍ପଣ କଲ, ବିରୋଧୀ ପ୍ରଧାନମନ୍ତ୍ରୀଙ୍କଠାରୁ ତାହା ଜାଣିବାକୁ ଚାହାନ୍ତି ବୋଲି କଂଗ୍ରେସ ଉପନେତା କହିଛନ୍ତି। ଟ୍ରମ୍ପ ଅସ୍ତ୍ରବିରତି ପାଇଁ ବାଣିଜ୍ୟ ଧମକ ଦେଇଥିବା ଦାବି କରିଛନ୍ତି, ଗୋଟିଏ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପୁରୁଷ ହେଲେ ମହିଳା

# ପହଲଗାମ୍ ଆତଙ୍କବାଦୀଙ୍କୁ ମାରିଲା ସେନା

ଶ୍ରୀନଗର,୨୮।୭(ପି.ଟି.)



ଏନ୍‌କାଉଣ୍ଟରରେ ନିହତ ୩ ଆତଙ୍କବାଦୀ।

ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ଜଙ୍ଗଲ ଅଞ୍ଚଳରେ ସୋମବାର ସେନା ପାରାକମାଣ୍ଡୋଙ୍କ ଗୁଳିରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ତାଙ୍କର ୨ ସହଯୋଗୀ ନିହତ ହୋଇଛନ୍ତି। ମୃତ ସୁଲେଇମାନ ଓରଫ ହାସିମ୍ ମୁସା ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ବିଶ୍ୱାସ କରାଯାଉଛି। ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂରକୁ ନେଇ ସୋମବାର ବିତର୍କ ଚାଲିଥିବାବେଳେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ ହେବା ସେନା ପାଇଁ ଏକ ବଡ଼ ସଫଳତା। ମୃତ ସୁଲେଇମାନ ଶାହ ଲସ୍କର-ଇ-ତୋଇବା ଆତଙ୍କବାଦୀ। ସେ ପୂର୍ବରୁ ପାକିସ୍ତାନ ସେନାର ସ୍ପେଶାଲ ସର୍ଭିସ୍ ଗ୍ରୁପ୍ (ଏସ୍‌ଏସ୍‌ଜି)ରେ କାର୍ଯ୍ୟ କରିଥିଲେ। ପରେ ଆତଙ୍କବାଦୀ ହାଫିଜ୍ ସୟିଦଙ୍କ ଲସ୍କର ସଂଗଠନରେ ସାମିଲ ହୋଇ ଆତଙ୍କବାଦୀ କାର୍ଯ୍ୟ ଚଳାଇଥିଲେ। କିଛିଦିନ ହେଲା ସେନା ଉକ୍ତ ଆତଙ୍କବାଦୀ ଗୋଷ୍ଠୀକୁ ଟ୍ରାକ୍ କରୁଥିଲା। ରବିବାର ରାତି ୨ଟାରେ ସେମାନେ ଟି୮୨ ନାମକ ଅଲ୍‌ଟ୍ରାସେଟ୍ ଯୋଗାଯୋଗ ଉପକରଣକୁ ଆକ୍ଟିଭେଟ୍ କରିବାରୁ ସୁରକ୍ଷା ବଳ ସେମାନେ ରହୁଥିବା ନିର୍ଦ୍ଦିଷ୍ଟ ଅଞ୍ଚଳ ସମ୍ପର୍କରେ ସୂଚନା ପାଇଯାଇଥିଲା। ଡଚିଗାମ୍ ଜଙ୍ଗଲରେ ‘ଅପରେଶନ ମହାଦେବ’ ସାଙ୍କେତିକ ନାମରେ ସୁରକ୍ଷା ବଳ ଅଭିଯାନ ଆରମ୍ଭ କରିଥିଲା। ଯବାନମାନେ ମୁଲନାର ଗ୍ରାମରେ ଘେରାବନ୍ଦୀ ଓ ତଲାସି ଚଳାଇଥିବାବେଳେ ସକାଳ ୧୧ଟାରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା ଓ ୧୧ଟା ୪୫ରେ ପ୍ରଥମ ଆତଙ୍କବାଦୀ ନିହତ ହୋଇଥିଲେ। ଏହାର ୪୫ ମିନିଟ୍ ପରେ ତଲାସି ନେବାରୁ ଅନ୍ୟ ୨ ଆତଙ୍କବାଦୀଙ୍କ ☞ପୃଷ୍ଠା-୪

# ‘ଶୋଲେ’ ଫିଲ୍ମର ଟିକେଟ ଦେଖାଇଲେ ଅମିତାଭ

ନୂଆଦିଲ୍ଲୀ, ୨୮।୭ (ପି.ଟି.)






ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋମବାର ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି। ସେ ୧୯୭୫ ମସିହାର ବ୍ଲକ୍‌ବଷ୍ଟର ଫିଲ୍ମ ‘ଶୋଲେ’ର ଏକ ଟିକେଟର ଫଟୋକୁ ଶେୟାର କରିଛନ୍ତି। ସେତେବେଳେ ଉକ୍ତ ଟିକେଟର ମୂଲ୍ୟ ମାତ୍ର ୨୦ ଟଙ୍କା ଥିଲା।

ସୋମବାର ସକାଳେ ଅମିତାଭ ତାଙ୍କ ବ୍ୟକ୍ତିଗତ ବ୍ଲଗ୍‌ରେ ନିଜର କିଛି ଫଟୋକୁ ଶେୟାର କରିଥିଲେ। ଏହାମଧ୍ୟରେ ‘ଶୋଲେ’ ଫିଲ୍ମର ଟିକେଟ ରହିଥିଲା। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ମୋତେ କୁହାଯାଇଛି ସେତେବେଳେ ଏହି ଟିକେଟର ମୂଲ୍ୟ ଯେତେ ଥିଲା ଏବେ ସେହି ମୂଲ୍ୟରେ ସିନେମା ହଲ୍ ମଧ୍ୟରେ କେବଳ କୋଲ୍ଡଡ୍ରିଙ୍କ୍ ମିଳିପାରୁଛି। ଏହା ସତ୍ୟ କି ବୋଲି ସେ ନିଜ ଫଲୋଅର୍ସଙ୍କୁ ପଚାରିଛନ୍ତି। ‘ଶୋଲେ’ ଫିଲ୍ମର ଉକ୍ତ ଟିକେଟକୁ ସେ ଆଜି ବି ☞ପୃଷ୍ଠା-୪




**ବ୍ୟାଙ୍କକ୍‌ରେ ଗୁଳିକାଣ୍ଡ: ୬ ମୃତ**

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ସୋମବାର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା ପୂର୍ବରୁ ଏକ ଫୁଡ୍ ମାର୍କେଟରେ ଆଖିବୁଜା ଗୁଳି ଚଳାଇବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ ଟୋର କୋର ମାର୍କେଟରେ ଏହି ଗୁଳିକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ସୁରକ୍ଷା କର୍ମୀ ଅଛନ୍ତି। ୨ ଜଣ ମହିଳା ଆହତ ହୋଇଛନ୍ତି। ମୃତ ବନ୍ଧୁକଧାରୀଙ୍କ ପାଖରୁ ମିଳିଥିବା ପରିଚୟ ପତ୍ର ଓ ଡ୍ରାଇଭିଂ ଲାଇସେନ୍ସରୁ ସେ ଖୋଙ୍ଗ୍ ଜିଲାର ନୋଇ ପ୍ରଇଡାଇନ(୬୧) ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ନିମିଶାଙ୍କ ମୃତ୍ୟୁ ଦଣ୍ଡାଦେଶ ରଦ୍ଦ

**ସାନା,୨୮।୭:** ୟେମେନ ଜେଲରେ ବନ୍ଦୀ ଥିବା ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ଆଶ୍ୱସ୍ତି ମିଳିଛି। ୟେମେନ କର୍ତ୍ତୃପକ୍ଷ ତାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ସୋମବାର ରଦ୍ଦ କରିଛନ୍ତି। ଏନେଇ ଗ୍ରାଣ୍ଡ୍ ମୁଫତି ଅଫ୍ ଇଣ୍ଡିଆ ଏପି ଅବୁକ୍କର ମୁସ୍‌ଲୈୟରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ହତ୍ୟା ଅଭିଯୋଗରେ ଗତ ଜୁଲାଇ ୧୬ରେ ନିମିଶାଙ୍କୁ ଫାଶୀ ଦେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲାବେଳେ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। ସାନାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିମିଶାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁସ୍‌ଲୈୟରଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି। ନିମିଶାଙ୍କୁ ମୃତ୍ୟୁଦଣ୍ଡ ନ ଦେବା ପାଇଁ ତାଙ୍କ ୧୩ ବର୍ଷର ଝିଅ ମିଶେଲ ବାପା ଟୋମି ଥୋମସ୍ ଏବଂ ଗ୍ଲୋବାଲ ପିସ୍ ଇନିସିଏଟିଭର ପ୍ରତିଷ୍ଠାତା ଡ. କେଏ ପଲଙ୍କ ସହ ସୋମବାର ୟେମେନରେ ପହଞ୍ଚି ସ୍ଥାନୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ।

### ଇସ୍ରାଏଲ୍‌ର ଆକ୍ରମଣ: ୩୬ ମୃତ

**ଡେଇର୍ ଅଲ୍-ବଲାହ,୨୮।୭**

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଥିଲା। ଫଳରେ ସେଠାରେ ଥିବା କ୍ଷିଧାର୍ତ୍ତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଏହା ସତ୍ତ୍ୱେ ସୋମବାର ଇସ୍ରାଏଲୀ ସେନା ଆକ୍ରମଣରେ ଅନ୍ୟୂନ ୩୬ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନବଜାତକ ଅଛନ୍ତି। ତାଙ୍କ ମାଆ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମାନବୀୟ ସହାୟତା ପଦକ୍ଷେପ ସହ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଇସ୍ରାଏଲ୍ କହିଛି। ସକାଳ ୧୦ରୁ ରାତି ୮ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନିଷ୍ପତ୍ତି ହୋଇଥିବାବେଳେ ଏହି ସମୟ ବାହାରେ ଆକ୍ରମଣ ହୋଇଛି। ମାନବୀୟ ସହାୟତା ପହଞ୍ଚାଇବା ଓ ଆକାଶ ମାର୍ଗରୁ କ୍ଷୁଧାର୍ତ୍ତଙ୍କ ନିକଟରେ ଖାଦ୍ୟ ପକାଇବା ପାଇଁ ସାମୟିକ ଅସ୍ତ୍ରବିରତିକୁ ସହାୟତାକାରୀ ସଂସ୍ଥା ସ୍ୱାଗତ କରିଥିଲେ ମଧ୍ୟ କ୍ଷିଧାର୍ଥଙ୍କ ସଂଖ୍ୟା ବହୁତ ଥିବାରୁ ଏତିକି ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି କହିଛନ୍ତି।

### ସ୍କୁଲ୍ ଗେଟ୍ ସ୍ଲାବ୍ ଖସି ଛାତ୍ରଙ୍କ ମୃତ୍ୟୁ

**ଜୟପୁର,୨୮।୭**

ରାଜସ୍ଥାନର ଜୟସାଲମେର ଜିଲାରେ ସୋମବାର ଏକ ସରକାରୀ ସ୍କୁଲ୍ ଗେଟ୍ ଉପରିଭାଗର ସ୍ଲାବ୍ ଖସିପଡ଼ିବାରୁ ଜଣେ ୬ ବର୍ଷର ଛାତ୍ର ପ୍ରାଣ ହରାଇବା ସହ ଶିକ୍ଷକ ଆହତ ହୋଇଛନ୍ତି। ଛାତ୍ର ଜଣକ ସ୍କୁଲ୍‌ରୁ ବାହାରୁଥିବାବେଳେ ସ୍ଲାବ୍ ଖସିଥିଲା। ଝଲୱାରରେ ସ୍କୁଲ ବିଲ୍ଡିଂ ଛାତ ଭୁଶୁଡ଼ି ୭ ପିଲାଙ୍କ ଜୀବନ ଯିବାର ୩ ଦିନ ପରେ ଜୟସାଲମେରରେ ଏଭଳି ଘଟଣା ଘଟିଛି। ମୃତ ଛାତ୍ରଙ୍କ ନାଁ ଅର୍ବାଜ ଖାନ୍। ତାଙ୍କ ପରିବାର ଲୋକେ ଓ ସମ୍ପର୍କୀୟମାନେ ନ୍ୟାୟ ଦାବିରେ ସ୍କୁଲ୍ ବାହାରେ ମୃତଦେହ ରଖି ଧାରଣାରେ ବସିଛନ୍ତି। ଆହତ ଶିକ୍ଷକ ଅଶୋକ କୁମାର ସୋନିଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ମନ୍ଦିରରେ ଦଳାଚକଟା: ୨ ମୃତ, ୩୮ ଆହତ

**ବାରାବଙ୍କୀ, ୨୮।୭**

ଉତ୍ତରପ୍ରଦେଶର ବାରାବଙ୍କୀସ୍ଥିତ ହଇଦରଗଡ଼ ଅଞ୍ଚଳରେ ଥିବା ଅଭ୍‌ସାନେଶ୍ୱର ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ଦଳାଚକଟା ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି। ଏକ ବିଦ୍ୟୁତ ତାର ମନ୍ଦିରର ଟିଣ ଶେଡ୍ ଉପରେ ପଡ଼ିଯିବାରୁ ଉକ୍ତ ଟିଣ ଶେଡ୍ ଦେଇ ବିଦ୍ୟୁତ ପ୍ରବାହ ବ୍ୟାପିଥିଲା, ଯାହାଫଳରେ ମନ୍ଦିର ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଦଳାଚକଟା ଘଟିଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ତ୍ରିବେଦିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରାବଙ୍କୀ ଜିଲା ଚିକିତ୍ସାଳୟକୁ ରେଫର କରାଯାଇଛି। ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ଭଗବାନ ଭୋଲେନାଥଙ୍କୁ ଦର୍ଶନ କରିବା ସହ ଜଳାଭିଷେକ ପାଇଁ ରବିବାର ମଧ୍ୟରାତ୍ରିରେ ଅଭ୍‌ସାନେଶ୍ୱର ମନ୍ଦିରରେ ଅନେକ ହଜାର ଭକ୍ତଙ୍କ ଭିଡ଼ ଜମିଥିଲା।




ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ସୋମବାର ନୂଆଦିଲ୍ଲୀରେ ଯୁବ କଂଗ୍ରେସ ସଦସ୍ୟମାନେ ପୋଲିସ ବାରିକେଡ୍ ଉପରେ ଛିଡ଼ାହୋଇ ବିକ୍ଷୋଭ କରୁଛନ୍ତି।

# ବିହାର ଚିଠା ଭୋଟର ତାଲିକାରେ ରୋକ୍ ଲଗାଇଲେନି ସୁପ୍ରିମକୋର୍ଟ

## ଆଧାର, ଭୋଟର ପରିଚୟପତ୍ର ଗ୍ରହଣ କରିବାକୁ ଇସିଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୮।୭(ପି.ଟି.)**

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ତେବେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ବେଳେ ଆଧାର ଏବଂ ଭୋଟର ପରିଚୟପତ୍ରକୁ ଗ୍ରହଣୀୟ ଦସ୍ତାବିଜ୍ ଭାବେ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ବିହାର ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ବିରୋଧରେ ଦାଏର ପିଟିଶନଗୁଡ଼ିକ ଉପରେ ସର୍ବୋଚ୍ଚ ଅଦାଲତ ଏକସଙ୍ଗେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏନେଇ ମଙ୍ଗଳବାର ଚୂଡ଼ାନ୍ତ ଶୁଣାଣି ତାରିଖ ଘୋଷଣା କରାଯିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ହାଜର ହୋଇ କହିଥିଲେ, ଅନ୍ତରୀଣ ପର୍ଯ୍ୟାୟରେ ଭୋଟର ତାଲିକା ଚୂଡ଼ାନ୍ତ ହେବା ଉଚିତ ନୁହେଁ। ଅଗଷ୍ଟ ୧ରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବା ପାଇଁ ସେ ନିବେଦନ କରିଥିଲେ। ତେବେ ଅଗଷ୍ଟ ୧ ପୂର୍ବରୁ ସୁପ୍ରିମକୋର୍ଟ ଯଦି ପିଟିଶନ୍‌କୁ ଶୁଣାଣି ପାଇଁ ତାଲିକାଭୁକ୍ତ କରନ୍ତି, ତେବେ ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ଚାପ ପକାଇବେନି ବୋଲି ଶଙ୍କରନାରାୟଣନ କହିଥିଲେ। ନିର୍ବାଚନ କମିଶନଙ୍କ ବିବୃତି ନୋଟ୍ କରିବା ପରେ ଖଣ୍ଡପୀଠ କହିଛନ୍ତି, ଆମ ଉପରେ ବିଶ୍ୱାସ ରଖନ୍ତୁ। ଯଦି ଆପଣମାନଙ୍କ ଜବାବରେ କୋର୍ଟ ସହମତ ହୁଅନ୍ତି ଏବଂ ଯଦି କୌଣସି ଅବୈଧ ଜଣାପଡ଼େ, ତେବେ କୋର୍ଟ ତାହାକୁ ଖାରଜ କରିଦେବ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆଙ୍କ ନେତୃତ୍ୱରେ ଖଣ୍ଡପୀଠ ଏସ୍‌ଆଇଆର୍ ପାଇଁ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡକୁ ବୈଧ ଦସ୍ତାବିଜ୍ ଭାବେ ଗ୍ରହଣ କରିବା ନିମନ୍ତେ ବିଚାର କରିବାକୁ ନିର୍ବାଚନ କମିଶନଙ୍କୁ କହିଥିଲେ।



# ତଦନ୍ତରେ ସାମିଲ ପରେ ରିପୋର୍ଟ ଉପରେ ପ୍ରଶ୍ନ କରୁଛ କିପରି

**ନୂଆଦିଲ୍ଲୀ,୨୮।୭(ପି.ଟି.)**

## ଟଙ୍କା ଜବତ ଘଟଣାରେ ଜଷ୍ଟିସ୍ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ୟଶୱନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟିର ରିପୋର୍ଟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଦନ୍ତ ପ୍ରକ୍ରିୟାରେ ଆପଣ ସାମିଲ ହେବା ପରେ ଏହାର ରିପୋର୍ଟ ଉପରେ ପ୍ରଶ୍ନ ଉଠାଇପାରୁଛ କିପରି ବୋଲି ସୋମବାର ସର୍ବୋଚ୍ଚ ଅଦାଲତ ତାଙ୍କୁ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ବାସଭବନ ପରିସରରୁ ବିପୁଳ ଅର୍ଥ ବାହାରିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟି ରିପୋର୍ଟରେ ତାଙ୍କୁ ଅଭିଯୁକ୍ତ କରାଯାଇଛି। ତେବେ ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ବାହାରିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲେ କାହିଁକି ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ତଦନ୍ତ କମିଟି ଆଗରେ



ଜଷ୍ଟିସ୍ ୟଶୱନ୍ତ ବର୍ମା

କାହିଁକି ହାଜର ହେଉଥିଲ ? ଉକ୍ତ ଭିଡିଓକୁ ଡିଲିଟ୍ କରିବାକୁ କୋର୍ଟକୁ ଆସିଛ କି? ତଦନ୍ତରୁ ଆପଣଙ୍କ ସପକ୍ଷରେ ରିପୋର୍ଟ ବାହାରିବା ସୁଯୋଗକୁ ଅପେକ୍ଷା କରିଥିଲ କି ବୋଲି ଖଣ୍ଡପୀଠ ଜଷ୍ଟିସ୍ ବର୍ମାଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ଆବେଦନ କରାଯିବା ଉଚିତ ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

### ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**କଲୋନେଲ ସୋଫିଆ କୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲା**

**ନୂଆଦିଲ୍ଲୀ, ୨୮।୭**

ସୁପ୍ରିମକୋର୍ଟ ସୋମବାର ମଧ୍ୟପ୍ରଦେଶର ମନ୍ତ୍ରୀ କୁନ୍‌ୱର ବିଜୟ ଶାହଙ୍କୁ ପୁଣିଥରେ ଭର୍ତ୍ସନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୁନ୍‌ୱର ସାର୍ବଜନୀନ ଭାବେ କଲୋନେଲ ସୋଫିଆ କୁରେଶୀଙ୍କୁ କ୍ଷମା ନ ମାଗି ସର୍ବୋଚ୍ଚ ଅଦାଲତଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଛନ୍ତି ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ କରିଛେନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଖଣ୍ଡପୀଠ ମନ୍ତ୍ରୀ କୁନ୍‌ୱରଙ୍କ ଆଚରଣ, ଉଦ୍ଦେଶ୍ୟ ଏବଂ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଅପରେଶନ ସିନ୍ଦୂରକୁ ନେଇ କୁନ୍‌ୱର କଲୋନେଲ ସୋଫିଆଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିଲେ।

# ବିହାରରେ କୁକୁରକୁ ଆବାସିକ ପ୍ରମାଣପତ୍ର

**ପାଟନା, ୨୮।୭**

କିଛି ମାସ ପରେ ବିହାରରେ ବିଧାନସଭା ନିର୍ବାଚନ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ନିର୍ବାଚନ ଆୟୋଗ (ଇସି)ଙ୍କ ପକ୍ଷରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରାଯାଇଥିଲା। ଫଳରେ ରାଜ୍ୟରେ ଆବାସିକ ପ୍ରମାଣପତ୍ର ପାଇଁ ଆବେଦନର ସଂଖ୍ୟା ବଢ଼ିଥିଲା। ଏହାରି ମଧ୍ୟରେ ଆବାସିକ ପ୍ରମାଣପତ୍ରକୁ ନେଇ ପାଟନା ଜିଲାରୁ ଏକ ଆଶ୍ଚର୍ଯ୍ୟକର ଖବର ସାମ୍ନାକୁ ଆସିଛି। ପାଟନାର ମସୌଢ଼ି ବ୍ଲକ୍‌ରେ ଏକ କୁକୁରର ଆବାସିକ ପ୍ରମାଣପତ୍ର ଜାରି କରାଯାଇଛି, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଆବାସିକ ପ୍ରମାଣପତ୍ରରେ ଏକ କୁକୁରର ନାମ, ଠିକଣା ଆଦି ଲେଖାଯିବା ସହ ଏହାର ଏକ ଫଟୋ ମଧ୍ୟ ରହିଛି। ଗତ ଜୁଲାଇ ୨୪ରେ ଜାରି ହୋଇଥିବା ଏହି ପ୍ରମାଣପତ୍ରରେ ରାଜସ୍ୱ ଅଧିକାରୀ ମୁରାରୀ ଚୌହାନଙ୍କ ଡିଜିଟାଲ ହସ୍ତାକ୍ଷର ରହିଛି। ଏଥିରେ ଆବେଦନକାରୀଙ୍କ ନାମ ଡଗ୍ ବାବୁ, ବାପାଙ୍କ ନାମ କୁତ୍ତା ବାବୁ, ମା'ଙ୍କ ନାମ କୁଟିଆ ଦେବୀ ଏବଂ ଠିକଣା କାଉଲୀଚକ୍, ୱାର୍ଡ ୧୫ ଲେଖାହୋଇଛି। ସୋସିଆଲ ମିଡିଆରେ ଏହି ସାର୍ଟିଫିକେଟ ଭାଇରାଲ ହେବା ପରେ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗିଛି। ଘଟଣାକୁ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଏବଂ ମାମଲାରେ ଦୋଷୀ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପାଟନା ଜିଲାପାଳ ତ୍ୟାଗରଞ୍ଜନ ଏସ୍‌ଏମ୍ କହିଛନ୍ତି। ଘଟଣାକୁ ନେଇ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ରାଜ୍ୟର ଏନ୍‌ଡିଏ ସରକାରକୁ ସମାଲୋଚନା କରିଛନ୍ତି।

# ଚର୍ମ ଦେଇ ୮ ମାସର ଶିଶୁକୁ ବଞ୍ଚାଇଲେ ମା'

## ଅହମଦାବାଦ ବିମାନ ଦୁର୍ଘଟଣାରେ ୩୬% ଜଳି ଯାଇଥିଲା ଶିଶୁ

**ଅହମଦାବାଦ, ୨୮।୭**

ଗତ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ସହରର ମେଘାଣୀନଗରସ୍ଥିତ ବି.ଜେ. ମେଡିକାଲ କଲେଜର ବିଲ୍ଡିଂ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା ଅନେକ ଲୋକ ମୃତାହତ ହୋଇଥିଲେ। ଦୁର୍ଘଟଣା ସମୟରେ ବି.ଜେ. ମେଡିକାଲ କଲେଜର ଏକ ଆବାସିକ କୋଠାରେ ମନୀଷା କଚ୍ଛାଡ଼ିଆ ନାମ୍ନୀ ଜଣେ ମହିଳା ନିଜ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ଥିଲେ। ଦୁର୍ଘଟଣାରେ ନିଆଁ ଏବଂ ଘନ ଧୂଆଁ ମଧ୍ୟରେ ମନୀଷା ନିଜ ଶରୀରରେ ଶିଶୁପୁତ୍ରଙ୍କୁ ଘୋଡ଼ାଇ ଏକ ଢାଲ ସ୍ୱରୂପ ସୁରକ୍ଷା ଯୋଗାଇଥିଲେ ଏବଂ ସୌଭାଗ୍ୟକ୍ରମେ ଉଭୟ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଏହି ଦୁର୍ଘଟଣାରେ ମନୀଷାଙ୍କର ମୁହଁ ଏବଂ ହାତର ୨୫% ଜଳିଯାଇଥିବା ବେଳେ ଧ୍ୟାନ୍ସଙ୍କର ମୁହଁ, ୨ ହାତ, ଛାତି, ପେଟର ୩୬% ଅଂଶ ଜଳିଯାଇଥିଲା। ସ୍ଥାନୀୟ କେଡି ହସ୍ପିଟାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଧ୍ୟାନ୍ସଙ୍କ ଶରୀରର ପୋଡ଼ି ଯାଇଥିବା ଅଂଶର ଚର୍ମ ପ୍ରତିରୋପଣ ପାଇଁ ମନୀଷା ନିଜ ଚର୍ମ ଦାନ କରିଥିଲେ। ୫ ସପ୍ତାହ ଧରି କେଡି ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଗତ ସପ୍ତାହରେ ଉଭୟଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହାସହ ଧ୍ୟାନ୍ସ ସବୁଠାରୁ କମ୍ ବୟସ୍କ ଭାବେ ଅହମଦାବାଦ ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ମନୀଷା ନିଜ ସ୍ୱାମୀ କପିଲ କଚ୍ଛାଡ଼ିଆ ଏବଂ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ବିଜେ ମେଡିକାଲ କଲେଜର ଏକ ଆବାସିକ ବିଲ୍ଡିଂରେ ରହୁଥିଲେ। କପିଲ ଉକ୍ତ ମେଡିକାଲ କଲେଜରେ ୟୁରୋଲୋଜିର ଜଣେ ଏମ୍‌ସିଏଚ୍ ଛାତ୍ର ହୋଇଥିବା ବେଳେ ଦୁର୍ଘଟଣା ସମୟରେ ସେ ଡ୍ୟୁଟିରେ ଥିଲେ।



୮ ମାସର ଶିଶୁପୁତ୍ର ଧ୍ୟାନ୍ସ ସହ ମନୀଷା କଚ୍ଛାଡ଼ିଆ ଓ ତାଙ୍କ ପରିବାର।

## ଫୁର୍‌ସତ୍



ମେଧା ରାଣା

# 'ବର୍ଡର ୨': ବରୁଣଙ୍କ ବିପକ୍ଷରେ ମେଧା

**ମୁମ୍ବାଇ**

ବହୁ ପ୍ରତୀକ୍ଷିତ 'ବର୍ଡର ୨' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତ୍ରୀ ମେଧା ରାଣା ଯୋଡ଼ି ହୋଇଛନ୍ତି। ଫିଲ୍ମରେ ସେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। ପ୍ରଡକ୍ସନ ହାଉସ୍ ଟି-ସିରିଜ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏହି ସୂଚନା ଦିଆଯାଇଛି। କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, 'ବର୍ଡର ୨' ପରିବାରକୁ ଅଭିନେତ୍ରୀ ମେଧା ରାଣାଙ୍କୁ ସ୍ୱାଗତ। ସେ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଲଣ୍ଡନ ଫାଇଲ୍ସ' ୱେବ୍ ସିରିଜ୍ ମାଧ୍ୟମରେ ମେଧା ଅଭିନୟରେ ଡେବ୍ୟୁ କରିଥିଲେ। ୨୦୨୨ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ମେଧାଙ୍କର ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସେହିପରି ୨୦୨୩ରେ ରିଲିଜ୍ ହୋଇଥିବା 'ଫ୍ରାଇଡେ ନାଇଟ୍ ପ୍ଲାନ୍' ଫିଲ୍ମରେ ମଧ୍ୟ ନିଜ ଦମ୍‌ଦାର ଅଭିନୟ ଦ୍ୱାରା ମେଧା ବହୁ ପ୍ରଶଂସା ସାଉଣ୍ଟିଥିଲେ। ୧୯୯୭ରେ ରିଲିଜ୍ ହୋଇଥିବା ସୁପରହିଟ୍ ଚଳଚ୍ଚିତ୍ର 'ବର୍ଡର'ର ସିକ୍ୱେଲ 'ବର୍ଡର ୨' ଆସନ୍ତା ବର୍ଷ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ସନ୍ନି ଦେଓଲ, ଦିଲଜିତ୍ ଦୋସାଞ୍ଜ ଏବଂ ଅହାନ ପାଣ୍ଡେ ପ୍ରମୁଖ ରହିଛନ୍ତି। ଟି-ସିରିଜ୍‌ର ବ୍ୟାନରରେ ଏବଂ ଅନୁରାଗ ସିଂଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ଶୁଟିଂ ଜାରି ରହିଛି।

# ସବୁଠୁ ମହଙ୍ଗା ପନିର

**ମାଡ୍ରିଡ୍**

## ୩୬ ଲକ୍ଷରେ ନିଲାମ ହେଲା

ସ୍ପେନ୍‌ରେ ଏକ ପନିର ଖଣ୍ଡ ୩୬ ହଜାର ୟୁରୋ (ପ୍ରାୟ ୩୬ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ଏହାସହ ଉକ୍ତ ପନିର ଖଣ୍ଡ ବିଶ୍ୱର ସବୁଠାରୁ ମହଙ୍ଗା ଛେନା ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ପାଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ଏହି ପନିର ଖଣ୍ଡର ଓଜନ ପ୍ରାୟ ୨.୩ କେ.ଜି. ହୋଇଥିବା ବେଳେ ଏହା ଗାଈ କ୍ଷୀରରୁ ତିଆରି। ସମୁଦ୍ର ପତ୍ତନଠାରୁ ପ୍ରାୟ ୧,୫୦୦ ମିଟର ଉଚ୍ଚରେ ଅବସ୍ଥିତ ସ୍ପେନ୍‌ର ଲସ୍ ମାଜୋସ୍ ଗୁମ୍ଫାରେ ପ୍ରାୟ ୧୦ ମାସ ଧରି ଏହି ଛେନାକୁ ପରିପକ୍ୱ କରାଯାଇଥିଲା। ଅନେକ ବର୍ଷ ଧରି ଲସ୍ ମାଜୋସ୍ ଗୁମ୍ଫାକୁ ପାରମ୍ପରିକ ଭାବରେ କାବ୍ରାଲେସ୍ ଚିଜ୍‌କୁ ପରିପକ୍ୱ କରିବା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହି ଗୁମ୍ଫାରେ ପରିପକ୍ୱ ହେବାର ପ୍ରକ୍ରିୟା ଦ୍ୱାରା ପନିରଗୁଡ଼ିକ ସବୁଜ-ନୀଳ ରଙ୍ଗର ହେବା ସହ ଏହାର ସ୍ୱାଦ ତୀକ୍ଷ୍ଣ ଏବଂ ସାମାନ୍ୟ ଲୁଣିଆ ରହିଥାଏ, ଯାହା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ। ଏହି ଅନନ୍ୟ ପନିରକୁ ସ୍ପେନ୍‌ର ଆସ୍ତୁରିଆସ୍‌ଠାରେ ରେଗୁଲେଟୋରି କାଉନ୍‌ସିଲ ଡିଓପି କାବ୍ରାଲେସ୍ (ସ୍ପେନ୍) ଦ୍ୱାରା ଆୟୋଜିତ ଏକ ନିଲାମ ପ୍ରକ୍ରିୟାରେ ବିକ୍ରି କରାଯାଇଥିଲା। ଆଞ୍ଜେଲ ଡିଆଜ୍ ହେରେରୋ ଚିଜ୍ ଫ୍ୟାକ୍ଟ୍ରି ଦ୍ୱାରା ଏହି ପନିର ପ୍ରସ୍ତୁତ କରାଯାଇଥିଲା। ମେଜୋର କ୍ୱାର୍ସୋ ଡେଲ୍ ସର୍ଟାମେନ ପ୍ରତିଯୋଗିତାରେ ଏହି ପନିର ଶ୍ରେଷ୍ଠ ପନିର ଭାବେ ପୁରସ୍କାର ଜିତିଥିବାରୁ ଏହାର ନିଲାମ କରାଯାଇଥିଲା। ପ୍ରତିବର୍ଷ ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପନିରକୁ ନିଲାମ କରାଯାଇ ସର୍ବାଧିକ ନିଲାମଦାତାଙ୍କୁ ବିକ୍ରି କରାଯାଇଥାଏ।

ଚଳିତ ଥର ଏହି ନିଲାମ ପ୍ରକ୍ରିୟା ୩ ହଜାର ୟୁରୋରୁ ଆରମ୍ଭ ହୋଇଥିଲା। ନିଜର ତୀବ୍ର ସୁଗନ୍ଧ ଏବଂ ତୀକ୍ଷ୍ଣ ସ୍ୱାଦ ପାଇଁ ଏହି ପନିରକୁ ଶେଷରେ ଆସ୍ତୁରିଆସ୍ଥିତ ଏଲ୍ ଲାଗାର ଡେ କୋଲୋଟୋ ରେଷ୍ଟୁରାଣ୍ଟର ମାଲିକ ଇଭାନ ସୁଆର୍‌ଜେ ପ୍ରାୟ ୩୬ ଲକ୍ଷ ଟଙ୍କାରେ କିଣିଥିଲେ।






# ‘ସିନ୍ଦୂର’ ଅଦ୍ୱିତୀୟ କୁହ

## ଭୁବନେଶ୍ୱରରୁ ବିଜେଡି ଏମ୍‌ପିଙ୍କୁ ଟିଠା ପରାମର୍ଶ

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

ସଂସଦରେ ଆରମ୍ଭ ହୋଇଥିବା ‘ଅପରେଶନ ସିନ୍ଦୂର’ ବିତର୍କ ଉପରେ ବିଜୁ ଜନତା ଦଳ(ବିଜେଡି)ର ଆଭିମୁଖ୍ୟ କ’ଣ ରହିବ ସେନେଇ ଭୁବନେଶ୍ୱରରୁ ଦଳୀୟ ଏମ୍‌ପିମାନଙ୍କୁ ଟିଠା ପରାମର୍ଶ ଦିଆଯାଇଛି।

ସୋମବାର ଏ ସଂକ୍ରାନ୍ତରେ ଭୁବନେଶ୍ୱରରୁ ପ୍ରଦତ୍ତ ତଥ୍ୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ କୌଣସି ଦସ୍ତଖତ ନ ଥିବାବେଳେ ତାଙ୍କ ପକ୍ଷରୁ ୬ଟି ବିନ୍ଦୁ ଉପରେ ରାଜ୍ୟ ସଭାରେ କ’ଣ ବକ୍ତବ୍ୟ ରଖାଯିବ, ସେନେଇ ଦଳର ଏମ୍‌ପିମାନଙ୍କୁ କୁହାଯାଇଛି। ସବୁଠାରୁ ବଡ଼କଥା ହେଲା, ଏହି ପ୍ରସଙ୍ଗ ଉପରେ କେଉଁ ସଦସ୍ୟ କ’ଣ କହିବେ ଏବଂ କେଉଁମାନେ ଚୁପ୍ ରହିବେ ସେଥିନେଇ ଅଲିଖିତ ଫତୁଆ ଜାରି ହୋଇଥିବା ନୂଆଦିଲ୍ଲୀ ସୂତ୍ରରୁ ଜଣାପଡ଼ିଛି।

ବିଜେଡି ପକ୍ଷରୁ ଟିଠା ପରାମର୍ଶରେ କୁହାଯାଇଛି, ସେନା ପାଇଁ ‘ଅପରେଶନ ସିନ୍ଦୂର’ ଶ୍ରଦ୍ଧା ଓ ସମ୍ମାନ। ଏଥିରୁ ଭାରତୀୟ ସେନାଙ୍କ ଅଦ୍ୱିତୀୟ ସାହସ, ଶାନ୍ତି ଓ କର୍ତ୍ତବ୍ୟର ଏକ ଜ୍ୱଳନ୍ତ ଉଦାହରଣ ପ୍ରତିଷ୍ଠା ହେଉଛି। ‘ଅପରେଶନ ସିନ୍ଦୂର’ ପୁଣିଥରେ ଆମ ସେନାଙ୍କ ଆପାତ୍‌କାଳୀନ ପରିସ୍ଥିତିରେ ନିଜ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଥିବା ପ୍ରମାଣିତ ହେଉଛି। ଯେତେବେଳେ ଭାରତବାସୀ ସଙ୍କଟରେ ପଡ଼ନ୍ତି, ସେତେବେଳେ ସେନା ତା’ର ଉଚିତ ଜବାବ ଦେଇଥାଏ। କୌଣସି ପାହାଡ଼ ବଡ଼ ନୁହେଁ, କୌଣସି ପରିସ୍ଥିତି ମଧ୍ୟ ଅତି ଦୁର୍ଗମ ନୁହେଁ। ମାନବିକତାର ଉତ୍ତମ ଦୃଷ୍ଟାନ୍ତ ଅପରେଶନ ସିନ୍ଦୂରର ସଫଳତା ଭାରତୀୟ ସେନାର ଜାତୀୟ ସୁରକ୍ଷା ପାଇଁ ଅତୁଟ ପ୍ରତିବଦ୍ଧତା ସହ ମାନବିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଛି।

ବିଜେଡି ପକ୍ଷରୁ କୁହାଯିବାକୁ ରହିଛି ଯେ, ପ୍ରତିଟି ଜୀବନ ଗୁରୁତ୍ୱପୂର୍ଣ୍ଣ। ଏହାକୁ ନିଜ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେନା ପ୍ରମାଣ କରିଛି। ଏହି ମିଶନ ପ୍ରମାଣ କରୁଛି, ଆମ ପାରମ୍ପରିକ ଯୋଦ୍ଧାମାନେ କେବଳ ଅସ୍ତ୍ରଧାରୀ ନୁହନ୍ତି, ସଙ୍କଟରେ ଜୀବନ ରକ୍ଷା ପାଇଁ ଅତୁଟ ଭାବେ ଅଟଳ ରହିଥାନ୍ତି। ଅପରେଶନ ସିନ୍ଦୂର ଅନ୍ୟ ମିଶନଠାରୁ ଅଧିକ ଚିରସ୍ମରଣୀୟ। ବିପଜ୍ଜନକ ପରିସ୍ଥିତି ଓ ପ୍ରାକୃତିକ ବାଧା ସତ୍ତ୍ୱେ ଏହି ଅଭିଯାନ କେତେ ଦକ୍ଷତାର ସହ ଚାଲିଥିଲା, ତାହା ବିଶ୍ୱବାସୀ ଦେଖିଛନ୍ତି। ଏହା କେବଳ ସେନାର ଦକ୍ଷତା ନୁହେଁ, ଏହା ହେଉଛି ଏକ ‘ଅସାଧାରଣ ଅପରେଶନ’। ଓଡ଼ିଶା ସର୍ବଦା ଆମ ସେନା ପ୍ରତି ଗଭୀର ସମ୍ମାନ ଓ ସମର୍ଥନ ଜଣାଇଆସୁଛି। ଅପରେଶନ ସିନ୍ଦୂର ଆମକୁ ମନେପକାଇଥାଏ ଯେ, ଜାତୀୟ ସୁରକ୍ଷା ଓ ନିରାପତ୍ତା ରାଜନୀତି ଉପରେ ପର୍ଯ୍ୟବସିତ ନୁହେଁ। ଏହା ସବୁ ରାଜନୈତିକ ଦଳରୁ ଊର୍ଦ୍ଧ୍ୱରେ ଏବଂ ଏହା ପ୍ରତ୍ୟେକ ଭାରତବାସୀଙ୍କ ଗର୍ବ। ଏସବୁ ବିଷୟ ଉପରେ କହିବାକୁ ବିଜେଡି ଏମ୍‌ପିମାନଙ୍କୁ କୁହାଯାଇଛି। ତେବେ ମଙ୍ଗଳବାର ରାଜ୍ୟ ସଭାରେ ବିଜେଡିସଦସ୍ୟମାନେ ଏହିପରାମର୍ଶକୁ କେତେଦୂର ପାଳନ କରୁଛନ୍ତି ତା’ଉପରେ ସମସ୍ତଙ୍କ ନଜର ରହିବ।

ଏ ସମ୍ପର୍କରେ ବିଜେଡି ନେତା ତଥା ରାଜ୍ୟ ସଭା ଏମ୍‌ପି ମୁଜିବୁଲ୍ଲା ଖାଁ (ମୁନା ଖାଁ) କହିଛନ୍ତି, ‘ଅପରେଶନ ସିନ୍ଦୂର’ ଉପରେ ସଂସଦରେ କହିବା ପାଇଁ ଏପର୍ଯ୍ୟନ୍ତ (ରାତି ୧୧.୩୦) ମୋତେ ଦଳ ପକ୍ଷରୁ କିଛି କୁହାଯାଇନାହିଁ। ଯଦି ମଙ୍ଗଳବାର କୁହାଯିବ, ତେବେ କହିବି।

# ଜମି ଦେବାକୁ କହି ମନ୍ତ୍ରୀଙ୍କୁ ୨୫ ଲକ୍ଷ ଠକେଇ

## ଓକିଲଙ୍କ ଜରିଆରେ ଥାନାରେ ଅଭିଯୋଗ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ,୨୮।୭
(ରତନ ନାୟାର)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ଦେବାକୁ କହି ୨୫ଲକ୍ଷ ଟଙ୍କା ଠକେଇ କରାଯିବା ଘଟଣା ଢେଙ୍କାନାଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଗତ ୨୬ ତାରିଖରେ ମନ୍ତ୍ରୀ ପାତ୍ର ତାଙ୍କ ଓକିଲଙ୍କ ଜରିଆରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଟାଉନ



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଥାନାରେ ନଂ. ୫୦୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଟଙ୍କା ଦେବା ବାବଦ କାଗଜପତ୍ରକୁ ପୋଲିସ ଜବତ କରି ଏ ସଂକ୍ରାନ୍ତରେ ତନାଘନା ଚଳାଇଛି।

ଅଭିଯୋଗରୁ ଜଣାପଡ଼ିଛି, ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳର ନିରଞ୍ଜନ ଶତପଥୀ ୨୦୨୧ ମସିହାରେ କୃଷ୍ଣଚନ୍ଦ୍ରଙ୍କୁ ଏକ ଜମି ଦେବାକୁ କହି ତାଙ୍କଠାରୁ ଅଗ୍ରୀମ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ସେ ଜମି ଦେଲେ ନାହିଁ କି ଟଙ୍କା ମଧ୍ୟ ଫେରାଇଲେ ନାହିଁ। ଜମି ଦେବାକୁ କୃଷ୍ଣଚନ୍ଦ୍ର ବାରମ୍ବାର କହିବା ସତ୍ତ୍ୱେ ନିରଞ୍ଜନ ଜମି ଦେଇ ନ ଥିଲେ। ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏପରି କି ନିରଞ୍ଜନ ଦେଇଥିବା ୨ଟି ଚେକ୍ ବାଉନ୍ସ ହୋଇଯାଇଥିଲା। ଫଳରେ ଚେକ୍ ବାଉନ୍ସ ନେଇ ନିରଞ୍ଜନଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ସେଥିରେ ସେ ଜାମିନରେ ଆସିଥିବା ନିରଞ୍ଜନଙ୍କ ସୂଚନାରୁ ଜଣାପଡ଼ିଛି। ଏହି ଘଟଣା ସୋମବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ଅଭିଯୋଗ ପାଇଛୁ। ଥାନାରେ ମାମଲା ରୁଜୁ ହୋଇଛି। କାଗଜପତ୍ରକୁ ଯାଞ୍ଚ କରାଯାଉଛି।

# ଅଗ୍ନିକାଣ୍ଡରେ ଜିଅନ୍ତା ଜଳିଗଲେ ଯୁବକ

### ଆତ୍ମହତ୍ୟା କରିଥିବା ସନ୍ଦେହ

ଅନୁଗୋଳ,୨୮।୭ (ମାନସ ବିଶ୍ୱାଳ)

ଅନୁଗୋଳ ଟାଉନ ଥାନା ଗୀତାଗ୍ରାମରେ ସୋମବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଜିଅନ୍ତା ଜଳିଯାଇଛନ୍ତି। ମୃତ ଯୁବକ ହେଲେ ଜୟପୁର ଅଞ୍ଚଳର ରାଧାମୋହନ ସାହୁଙ୍କ ପୁଅ ସରୋଜ ସାହୁ (୩୫)। ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପାରିବାରିକ କହଳ ଯୋଗୁ ଯୁବକ ଜଣକ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ସାଧାରଣରେ ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ସରୋଜ ୬ ମାସ ହେଲା ଗୀତାଗ୍ରାମରେ ଘରଭଡ଼ା ନେଇ ସ୍ତ୍ରୀ ଓ ୬ ବର୍ଷର ପୁଅ ସହ ରହୁଥିଲେ। ତେବେ କୌଣସି କାରଣରୁ ରବିବାର ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ସ୍ତ୍ରୀ ପୁଅକୁ ନେଇ କେଉଁଆଡ଼େ ଚାଲି ଯାଇଥିଲେ। ଘରେ ସରୋଜ ଏକା ଥିବାବେଳେ ଭୋର୍ ପ୍ରାୟ ୪ଟାରେ ପଡ଼ୋଶୀମାନେ ସରୋଜଙ୍କ ଘରେ ନିଆଁ ଲାଗିଥିବା ଦେଖି ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସାଢ଼େ ୪ଟା ବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସରୋଜଙ୍କୁ ଉଦ୍ଧାର କରିଥିଲା। ହେଲେ ସେତେବେଳକୁ ସରୋଜଙ୍କ ମୃତ୍ୟୁ ହୋଇ ସାରିଥିଲା। ତେବେ କେଉଁ ପରିସ୍ଥିତିରେ ଘରେ ନିଆଁ ଲାଗିଲା ଓ ସରୋଜଙ୍କ ମୃତ୍ୟୁ ଘଟିଲା ସେ ନେଇ ପୋଲିସ ମୁହଁ ଖୋଲୁ ନ ଥିବା ବେଳେ ଏହା ଆତ୍ମହତ୍ୟା ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରିବା ସହ ନଂ. ୧୧୮/ ୨୫ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆଜି ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ। ଏହି ସମୟରେ ପ୍ରପୀଡ଼ିତଙ୍କୁ କିଭଳି ଉଦ୍ଧାର କରାଯାଇଛି ତା’ର ମଧ୍ୟ ସମୀକ୍ଷା କରିବେ। ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ୬ଟି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଥିମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ପ୍ରଭୃତି ରହିଛି। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତାକାଲି(ମଙ୍ଗଳବାର) ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ଦେଇଛନ୍ତି।

# ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ

ଗୁଣପୁର,୨୮।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକ୍ ଦେଇ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ବୁଡ଼ି ସୋମବାର ଜଣେ ବୋଲବମ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତ କାଉଡିଆ ହେଲେ ଗଜପତି ଜିଲା ନୂଆଗଡ ବ୍ଲକ୍ ଅନ୍ତର୍ଗତ କେ.ଝାଲର ସିଂ ଗ୍ରାମର ଦେବଦତ୍ତ ବେହେରା ଦଳେଇ(୨୧)। ପୁଟାସିଂ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, କେ.ଝାଲର ସିଂ ଗ୍ରାମର ୩୦ ଜଣ ବୋଲ୍‌ବମ ଭକ୍ତଙ୍କ ସହ ଦେବଦତ୍ତ ସୋମବାର ସକାଳେ ଗୁଣପୁର ବ୍ଲକ ଭୀମପୁର ଶୈବପୀଠକୁ ଜଳ ଲାଗି ପାଇଁ ଆସିଥିଲେ। ତେବେ ଶୌଚହେବା ପାଇଁ ସେ ଭୀମପୁର ପଞ୍ଚାୟତ ଦିନବନ୍ଧୁପୁର ଘାଟକୁ ଯାଇଥିବାବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ।

# ବିପଦ ସଙ୍କେତ ତଳେ ଜଳକା, ସୁବର୍ଣ୍ଣରେଖା



ବନ୍ୟାଞ୍ଚଳ ବୁଲି ଦେଖିଲେ ଅତିରିକ୍ତ ଏସ୍‌ଆର୍‌ସି, ଜିଲାପାଳ ଓ ଏସ୍‌ପି।

- ୪ ବ୍ଲକର ୧୮ ହଜାର ଲୋକ ପ୍ରଭାବିତ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଏସ୍‌ଆର୍‌ସି, ଜିଲାପାଳ

ବାଲେଶ୍ୱର, ୨୮।୭
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ପରିସ୍ଥିତି ଦୟନୀୟ ହୋଇଛି। ଏହି ୪ଟିବ୍ଲକର ୧୬ଟିପଞ୍ଚାୟତର ୪୫ ଗାଁ ପାଣିଘେରରେ ରହିଛି। ୧୮ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି।

ସୋମବାର ଜଳକା ଓ ସୁବର୍ଣ୍ଣରେଖାର ଜଳସ୍ତର ସତର୍କସଙ୍କେତ ତଳେ ପ୍ରବାହିତ ହେଉଥିଲେ ହେଁ ଜନସାଧାରଣଙ୍କ ଦୁର୍ଦ୍ଦଶା କମିନାହିଁ। ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ଓ ସତର୍କ ସଙ୍କେତ ୬ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୫.୯୬ ମିଟରରେ ପ୍ରବାହିତ ହେଉଛି। ସେହିପରି ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ମିଟର ଥିବା ବେଳେ ରବିବାର ରାତି ୯ଟା ସୁଦ୍ଧା ୧୧.୨୫ ମିଟରରେ ପ୍ରବାହିତ ହେଉଥିଲା। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୯.୧୫ମିଟରରେ ପ୍ରବାହିତ ହେଉଛି। ସତର୍କ ସଙ୍କେତ ତଳେ ଦୁଇ ନଦୀର ଜଳସ୍ତର ପ୍ରବାହିତ ହେଉଥିଲେ ହେଁ ବନ୍ୟା ଯୋଗୁ ୪ ବ୍ଲକର ପ୍ରଭାବିତ ଗାଁରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ଡିକେ ସିଂ ନିୟମିତ ବନ୍ୟା ସ୍ଥିତିର ସମୀକ୍ଷା ସହ ବାଲେଶ୍ୱର ଜିଲାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଇଛନ୍ତି। ଅତିରିକ୍ତ ଏସ୍‌ଆର୍‌ସି ମନୀଷ ଅଗ୍ରୱାଲ (ଆଇଏଏସ୍), ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ ୪ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି। ପ୍ରଭାବିତ ବ୍ଲକଗୁଡିକରେ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ନିୟୋଜିତ କରାଯାଇଛି। ୪ ବ୍ଲକରେ ୫,୧୯୨ ଜଣଙ୍କୁ ଉଦ୍ଧାର କରାଯାଇ ୧୬ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ସମସ୍ତଙ୍କୁ ମାଗଣା ରନ୍ଧା ଖାଦ୍ୟ ସହ ୨୫୦ କୁଇଣ୍ଟାଲ ଚୁଡ଼ା, ୨୫ କୁଇଣ୍ଟାଲ ଗୁଡ଼ ଦିଆଯାଇଛି। ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାରା ୧ଲକ୍ଷ ୩୯ହଜାର ପାଣି ବୋତଲ ପ୍ରଦାନ କରାଯାଇଛି। ଏଥିସହ ୧୨ଟି ପାଣି ଟ୍ୟାଙ୍କର ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି। ୫୧ଟି ଜଳ ଉତ୍ସକୁ ବିଶୁଦ୍ଧ କରାଯାଇଛି। ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ଘରେ ଘରେ ଔଷଧ, ଓଆର୍‌ଏସ୍ ବଣ୍ଟନ କରାଯାଇଛି। ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶତାଧିକ ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ସେବା ଓ ଟୀକାକରଣ ହୋଇଛି।

# ୧୧୦୦ରୁ ଊର୍ଦ୍ଧ୍ୱ ଗୁହାରି ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)



ବିଭିନ୍ନ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ଆଶା ଓ ଭରସା ଦିନକୁ ଦିନ ବୃଦ୍ଧି ପାଉଛି। ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ଜନଶୁଣାଣି ପୋର୍ଟାଲ ଖୋଲିବା ମାତ୍ରେ ଗୋଟିଏ ଦିନରେ ୧ହଜାର ଆବେଦନକାରୀ ତାଙ୍କର ନାମ ପଞ୍ଜୀକରଣ କରିଦେଉଛନ୍ତି। ଅବଶିଷ୍ଟଙ୍କୁ ସାକ୍ଷାତରେ ହିଁ ଅଭିଯୋଗ ଶୁଣାଣି କରାଯାଉଛି ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ଜଣାଯାଇଛି। ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଶ୍ୱାସନାଭରା କଥା ଗଭୀର ଭାବେ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସିଙ୍ଗିଲ୍ ୱିଣ୍ଡୋ ଜରିଆରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତବର୍ଷ ଆରମ୍ଭରୁ ଅଦ୍ୟାବଧି ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଲାଣି।

ସୂଚନାଯୋଗ୍ୟ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡ଼ା ୯୧ ପ୍ରତିଶତ। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

# ରାଜ୍ୟରେ ଆରମ୍ଭ ହେବ ‘ପଞ୍ଚାୟତ ପୁରସ୍କାର’

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

### ସରକାର ଖର୍ଚ୍ଚ କରିବେ ୪ କୋଟି ଟଙ୍କା: ମନ୍ତ୍ରୀ ରବି ନାଏକ

ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ତୃଣମୂଳସ୍ତରରେ ଭିତ୍ତିଭୂମି ସୁଦୃଢ଼ ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ସହ ଆହୁରି ସୁଯୋଗ ସୃଷ୍ଟି କରିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି। ସୋମବାର ମନ୍ତ୍ରୀ ରବିନାରାୟଣ ଗଣମାଧ୍ୟମକୁ କହିଛନ୍ତି ଯେ, ୯ଟି ଥିମ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ ଗୋଟି ପୁରସ୍କାର ଦିଆଯିବ। ଏଥିପାଇଁ ସରକାରଙ୍କ ତରଫରୁ ୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏ, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ଉତ୍ସ ବୃଦ୍ଧି, ଅନ୍‌ଲାଇନ ଅଡିଟ୍, ଉନ୍ନତ ଜିପିଡିପି, ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନକୁ ବିଚାରକୁ ନିଆଯିବ। ଚାରିଟି ବର୍ଗରେ ପୁରସ୍କାରଗୁଡ଼ିକ ରାଜ୍ୟସ୍ତରୀୟ, ଜିଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ।

ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମପଞ୍ଚାୟତଗୁଡ଼ିକୁ ପ୍ରଥମ ସ୍ଥାନ ପୁରସ୍କାର ଲାଗି ୧୫ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡ଼ିକୁ ଅନୁରୂପ ଭାବେ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ୧୦ ଲକ୍ଷ, ତୃତୀୟ ସ୍ଥାନ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ଯୋଗ୍ୟ ଜିଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ୯ଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ, ସର୍ବମୋଟ ୨୭ ଗୋଟି ପୁରସ୍କାର ପ୍ରଦାନ କରାଯିବ। ଜିଲାସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସର୍ବମୋଟ ୯୦ ଗୋଟି ପୁରସ୍କାର ପ୍ରଦାନ କରାଯିବ। ବ୍ଲକସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନୱାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା -ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୨୦ତମ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ: ୪ଟା।

## ବାଲେଶ୍ୱର
- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଜିଲା ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଏଲକଣା, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଅମର୍ଦା ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ନିମନ୍ତେ ସ୍ୱତନ୍ତ୍ର ବୈଠକ,ସ୍ଥାନ:ହରେକୃଷ୍ଣପୁର, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିରୋଧ କର୍ମଶାଳା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ସିଭିଲ ଜଜ୍(ସିନିୟର ଡିଭିଜନ)କୋର୍ଟ ଉଦଘାଟନ, ସ୍ଥାନ: ପୋଡ଼ାମାରି ରୋଡ଼,ଦିଗପହଣ୍ଡି, ସିଭିଲ କୋର୍ଟ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ: ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ମେଡିକାଲ କଲେଜ ସମ୍ପର୍କରେ ଆଲୋଚନା ଚକ୍ର ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ବଙ୍ଗଳା, ସମୟ: ଅପରାହ୍ନ ୩ଟା।
- ପଞ୍ଚାୟତର ମାସିକ ବୈଠକ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧।

## ରାୟଗଡ଼ା
- ହଷ୍ଟେଲ ହିସାବ ରକ୍ଷକ ଏବଂ ୱାର୍ଡେନଙ୍କ ମୌଖିକ ପରୀକ୍ଷା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଆକାଂକ୍ଷା ଜିଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲା ପରିଷଦର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୬ଟା।

## ମାଲକାନଗିରି
- ହକି ଖେଳାଳିଙ୍କ ଚୟନ ଶିବିର, ସ୍ଥାନ: ମାଲକାନଗିରି ଜିଲା କ୍ରୀଡ଼ା କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ଚୂଡାନ୍ତ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ଆଦର୍ଶ ପାଠାଗାରରେ ସଦସ୍ୟ ନିର୍ବାଚନ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ୍ଧ ପକ୍ଷରୁ ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ରକ୍ଷାବନ୍ଧନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୪୦।

# ବିଷ୍ଣୁ ସେଠୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କଟକ,୨୮।୭(କାର୍ତ୍ତିକ ସାହୁ)**

ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ ଭି. ନରସିଂହ ସୋମବାର ରାୟ ପ୍ରକାଶ କରି ଆବେଦନ ଖାରଜ କରିବା ସହ ଅନ୍ତରୀଣ ରହିତାଦେଶକୁ ହଟାଇଛନ୍ତି। ଫଳରେ ଏବେ ବିଷ୍ଣୁପଦଙ୍କ ଗିରଫଦାରି ଆଶଙ୍କା ବଢ଼ିଯାଇଛି। ଲାଞ୍ଚ କାରବାରରେ ସିବିଆଇ ବିଷ୍ଣୁପଦଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାକୁ ଖାରଜ କରିବା ସହ ଆଗୁଆ ଜାମିନ ପାଇବା ପାଇଁ ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୩ରେ ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ କର୍ପୋରେଶନ ଲିମିଟେଡ ସମ୍ପର୍କିତ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରିଥିଲା। ବିଷ୍ଣୁପଦ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଅଚଳ କରିଦିଆଯାଇଥିଲା। ଏଥିରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ବିଷ୍ଣୁପଦ ହାଇକୋର୍ଟରେ ଦର୍ଶାଇ ତାଙ୍କୁ ଜାମିନ ପ୍ରଦାନ ସହ ତାଙ୍କ ବିରୋଧରେ ଥିବା ମାମଲାକୁ ଖାରଜ ଲାଗି ଆବେଦନ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଗତ ୧୮ ତାରିଖରେ ଅଦାଲତ ରାୟକୁ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସ୍ପେଶାଲ ପିପି ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ।

# ଉଚ୍ଚଶିକ୍ଷା ବିଭାଗ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍

**ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)**

ଉଚ୍ଚଶିକ୍ଷା ବିଭାଗକୁ ଟାର୍ଗେଟ କରିଛନ୍ତି ହ୍ୟାକର। ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। ହ୍ୟାକରମାନେ ଉକ୍ତ ଆକାଉଣ୍ଟରେ ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିଛନ୍ତି। ତେବେ ଏନେଇ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ବିଭିନ୍ନ ସମୟରେ ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ୱେବ୍‌ସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬ଟା ୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡ଼ିଓ ପୋଷ୍ଟ ହୋଇଥିଲା। ଏହାର ୫ରୁ ୧୦ ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋଶନ୍ ଭିଡ଼ିଓ ଅପଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ଶହୀଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହରିଡ଼ା ବାହାଡ଼ା ଅଁଳା କଷି**
**ତାକୁ ଖାଉଥାନ୍ତି ଋଷିଏ ବସି।**

ହରିଡ଼ା, ବାହାଡ଼ା ଓ ଅଁଳାକୁ ସାଧାରଣତଃ ତ୍ରିଫଳା କୁହାଯାଇଥାଏ। ପ୍ରାଚୀନ କାଳରୁ ଏହା ମହୌଷଧି ଭାବେ ପରିଗଣିତ ହୋଇ ଆସୁଥିବାବେଳେ ଏହି ଖାଦ୍ୟ ହିଁ ଦେହକୁ ନୀରୋଗ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହସି ହସି କରି ଖାଇବ ନାହିଁ**
**ଚାଲି ଚାଲି କରି ଖାଇବ ନାହିଁ**
**କଥା କହି କହି ଖାଇବ ନାହିଁ।**

ହସି ହସି ଖାଦ୍ୟ ଗ୍ରହଣ କଲେ ଖାଦ୍ୟ ତଣ୍ଟିକୁ ଉଠିଯିବାର ଆଶଙ୍କା ରହିଥାଏ। ଚାଲୁଥିବା ଅବସ୍ଥାରେ ଖାଦ୍ୟ ଗ୍ରହଣ କଲେ ତାହା ହଜମ ହୁଏନି। ସେହିପରି ଖାଇବା ସମୟରେ କଥା କହିବା ଅନୁଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଉପଗ୍ରହ ଚିତ୍ର।

# ସ୍ୱାଭାବିକଠାରୁ ୭% ଅଧିକ ମୌସୁମୀ ବର୍ଷା

**ନୂଆଦିଲ୍ଲୀ,୨୮।୭**

ଦେଶରେ ଗତ ଜୁନ୍ ୧ରେ ମୌସୁମୀ ପହଞ୍ଚିବା ପରଠାରୁ ସ୍ୱାଭାବିକଠାରୁ ୭% ଅଧିକ ବର୍ଷା ରେକର୍ଡ ହୋଇଛି। ତେବେ ଏହି ମୌସୁମୀ ବର୍ଷାର ପରିମାଣ ଦେଶର ବିଭିନ୍ନ ରାଜ୍ୟରେ ଅସମାନ ରହିଥିବା ନେଇ ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ଦେଇଛି। ଜୁନ୍ ୧ଠାରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୪୪୭.୮ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ବର୍ଷା ୪୧୮.୯ ମି.ମି.ଠାରୁ ୭% ଅଧିକ ରହିଛି। ରାଜସ୍ଥାନ, ଲଦାଖ, ନାଗାଲାଣ୍ଡ, ମଣିପୁର, ସିକିମରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଛି। ରାଜସ୍ଥାନରେ ସ୍ୱାଭାବିକଠାରୁ ୯୨% ଅଧିକ ବର୍ଷା ରେକର୍ଡ ହୋଇଛି। ମଧ୍ୟପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ ଆସାମ ଆଦି ରାଜ୍ୟରେ ଅଧିକ ବର୍ଷା (ସ୍ୱାଭାବିକଠାରୁ ୨୦ରୁ ୫୯% ଅଧିକ) ରେକର୍ଡ ହୋଇଛି। ଓଡ଼ିଶା ସମେତ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ଦିଲ୍ଲୀ, ହରିୟାଣା, ମହାରାଷ୍ଟ୍ର, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର, ଛତିଶଗଡ଼ ଆଦି ରାଜ୍ୟରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ପାର୍ଲାମେଣ୍ଟରେ ଅପରେଶନ...

ଜେଟ୍ ଦାମ୍ ବହୁ କୋଟି ଟଙ୍କା ହୋଇଥିବାବେଳେ ଭାରତର ୫ରୁ ୬ଟି ଜେଟ୍ ଖସିଥିଲା। ସତ ଶୁଣିବା ପାଇଁ ଦେଶ ପାଖରେ ସାହସ ଅଛି ଏବଂ କେତେ ସଂଖ୍ୟାରେ ଲଢୁଆ ବିମାନ ଖସିଛି ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ଆମେ ଜାଣିବାକୁ ଚାହୁଁ ବୋଲି କଂଗ୍ରେସ ନେତା କହିଛନ୍ତି। ସେ ଆହୁରି କହିଛନ୍ତି, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏକ ସାକ୍ଷାତ୍କାରରେ କହିଥିଲେ ଆମେ କ୍ଷତି ସହିବା ପରେ କୌଶଳରେ ପରିବର୍ତ୍ତନ କରି ପାକିସ୍ତାନର ଆଭ୍ୟନ୍ତରୀଣ ଅଞ୍ଚଳରେ ଆକ୍ରମଣ କରିଥିଲୁ। ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶିବକୁମାର ଏବଂ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ଆର୍. ସିଂ ମଧ୍ୟ ସରକାରଙ୍କୁ ପଦାରେ ପକାଇଥିଲେ। କେତେକ ପ୍ରତିବନ୍ଧକ ଯୋଗୁ ସାମରିକ କାର୍ଯ୍ୟାନୁଷ୍ଠାନ ବାଧାପ୍ରାପ୍ତ ହୋଇଥିବା ଶିବକୁମାର କହିଥିବାବେଳେ ଅପରେଶନ ସିନ୍ଦୂର ବେଳେ ଭାରତକୁ ଚାଇନା ସହ ଲଢ଼ିବାକୁ ପଡୁଥିଲା ବୋଲି ରାହୁଲ ସିଂ କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନାରେ ଚାଇନା ନାଁ ନେଉନାହାନ୍ତି କାହିଁକି ଏବଂ ଏହି ଦେଶ ପାକିସ୍ତାନକୁ କେତେ ସହାୟତା ଦେଇଥିଲା ଜଣାଉନାହାନ୍ତି କାହିଁକି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ, ସମାଜବାଦୀ ପାର୍ଟିର ରାମଶଙ୍କର ରାଜଭର ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅଶାଦୁଦ୍ଦିନ ଓୱାଇସି ପ୍ରମୁଖ ଅପରେଶନ ସିନ୍ଦୂର ଆଲୋଚନାରେ ଭାଗନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ତଥ୍ୟପ୍ରମାଣ ଦସ୍ତାବିଜ୍ ବଦଳରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ। ଅପରେଶନ ସିନ୍ଦୂରରେ ସଶସ୍ତ୍ର ବଳ ଚାହୁଁଥିବା ଲକ୍ଷ୍ୟ ହାସଲ କରିଥିବା ରାଜନାଥ କହିଛନ୍ତି। ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରି ରାଜନାଥ କହିଛନ୍ତି, ସଶସ୍ତ୍ର ବଳ ବାଞ୍ଛିତ ରାଜନୈତିକ-ସାମରିକ ଲକ୍ଷ୍ୟ ହାସଲ କରିବା ପରେ ଅପରେଶନ ସିନ୍ଦୂର ବନ୍ଦ କରାଯାଇଥିଲା। ପାକିସ୍ତାନ ସହ ସଂଘର୍ଷ ବନ୍ଦ କରିବା ପାଇଁ କୌଣସି ଚାପ ପଡ଼ି ନ ଥିଲା। ପାକିସ୍ତାନ ଯଦି ପୁନର୍ବାର ଦୁଃସାହସ କରେ ତେବେ ପୁଣି ଅପରେଶନ ସିନ୍ଦୂର ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଭାରତ-ପାକିସ୍ତାନ ସଂଘର୍ଷ ରୋକିବାରେ ୱାଶିଂଟନ୍‌ର କୌଣସି ଭୂମିକା ନ ଥିଲା ଏବଂ ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଫୋନ୍ କଲ୍ ହୋଇ ନ ଥିଲା ବୋଲି ଆଲୋଚନାରେ ଭାଗନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସେ କହିଛନ୍ତି, ସୀମାପାର ଆତଙ୍କବାଦ ବିରୋଧରେ ଭାରତ ୫ ସୂତ୍ରୀ ଦୃଷ୍ଟିକୋଣ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅନ୍ୟପକ୍ଷରେ ଜୟଶଙ୍କର ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ ଚାଇନା ଓ ପାକିସ୍ତାନ ନୀତିକୁ ନେଇ ପୂର୍ବର କଂଗ୍ରେସ ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ଜୟଶଙ୍କର ଅପରେଶନ ସିନ୍ଦୂର ଉପରେ ଗୃହକୁ ସମ୍ବୋଧନ କରୁଥିବାବେଳେ ବିରୋଧୀ ସଦସ୍ୟମାନେ ବାଧା ସୃଷ୍ଟି କରିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉତ୍ତେଜିତ ହୋଇ ସେମାନଙ୍କୁ ସମାଲୋଚନା କରିଥିଲେ। ବିରୋଧୀ ଏମ୍‌ପିମାନେ ଭାରତୀୟ ମନ୍ତ୍ରୀଙ୍କ ଅପେକ୍ଷା ଅନ୍ୟ ଦେଶଗୁଡ଼ିକୁ ବିଶ୍ୱାସ କରୁଥିବା ଶାହା ଅଭିଯୋଗ କରିଥିଲେ।

### ପହଲଗାମ୍ ଆତଙ୍କବାଦୀଙ୍କୁ...

ମୃତଦେହ ମିଳିଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏମ୍୪ କାର୍ବାଇନ୍ ରାଇଫଲ, ୨ଟି ଏକେ ରାଇଫଲ୍ ଓ ଅନ୍ୟାନ୍ୟ ଅସ୍ତ୍ର ଜବତ ହୋଇଛି। ୨୪ ରାଷ୍ଟ୍ରୀୟ ରାଇଫଲ ଏବଂ ୪ ପାରା ୟୁନିଟ୍‌ର ଯବାନମାନେ ୩ ଜଣିଆ ଆତଙ୍କବାଦୀ ଗ୍ରୁପକୁ ଠାବ କରିବା ପରେ ଗୁଳି ଚଳାଇଥିଲେ। ମୃତ ଅନ୍ୟ ୨ ଆତଙ୍କବାଦୀ ହେଲେ ଗତବର୍ଷ ସୋନାମାର୍ଗ ଟନେଲ୍ ଆକ୍ରମଣରେ ସମ୍ପୃକ୍ତ ଜିବରନ ଏବଂ ହମ୍‌ଜା ଆଫଗାନି। ଏହା ଏକ ଦୀର୍ଘମିଆଦୀ ଅପରେଶନ ଓ ଶେଷ ରିପୋର୍ଟ ପର୍ଯ୍ୟନ୍ତ ଜାରି ରହିବ ବୋଲି କଶ୍ମୀର ଜୋନ୍ ପୋଲିସ ଆଇଜି ଭି.କେ. ବିର୍‌ଡି କହିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା।

ଅନ୍ୟ ଏକ ଘଟଣାରେ ସୁରକ୍ଷା ବଳ କୁପୱାଡ଼ା ଜିଲାରୁ ଆତଙ୍କବାଦୀଙ୍କ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ବହୁ ପରିମାଣର ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ କ୍ରାଲପୋରାର ଚୋକିବାଲ ଅଞ୍ଚଳ ଅନ୍ତର୍ଗତ ମର୍‌ସାରି ଗ୍ରାମରେ ତଲାସି ଅଭିଯାନ ଚଳାଇଥିବାବେଳେ ୱାଲି ମହମ୍ମଦ ମୀର୍‌ଙ୍କୁ ଗିରଫ କରାଯାଇଛି। ସେ ନିର୍ଦ୍ଦିଷ୍ଟ ଆତଙ୍କବାଦୀ ସଂଗଠନର ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ଆତଙ୍କବାଦୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପହଞ୍ଚାଇବାରେ ସମ୍ପୃକ୍ତ ଥିଲେ।

### ଦିବ୍ୟା ଚେସ୍...

ମଧ୍ୟରେ ଖେଳାଯାଇଥିବା ଦୁଇଟି କ୍ଲାସିକାଲ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିଲା। ଟାଇବ୍ରେକର୍ସର ପ୍ରଥମ ସେଟ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମ ୧୫ ମିନିଟ୍ ବିଶିଷ୍ଟ ଟାଇବ୍ରେକରରେ ଦିବ୍ୟା ପ୍ରତିପକ୍ଷ ହମ୍ପିଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ। ହେଲେ ହମ୍ପି ଜବରଦସ୍ତ ଡିଫେନ୍ସ କରି ମ୍ୟାଚ୍‌କୁ ସହଜରେ ଡ୍ର' କରିଥିଲେ। ରିଟର୍ନ ଗେମ୍‌ରେ ହମ୍ପି କାଟଲାନ ଓପନିଂ ବ୍ୟବହାର କରିଥିଲେ। କିନ୍ତୁ ଦିବ୍ୟା ଏଥିଲାଗି ପ୍ରସ୍ତୁତ ଥିଲେ। କ୍ୱିନ ଓ ରୁକ ମାଧ୍ୟମରେ ହମ୍ପି ମୁକାବିଲାକୁ ଡ୍ର' କରିବା ଉଦ୍ଦେଶ୍ୟରେ ଥିଲେ। ୪୦ତମ ମୁଭ୍‌ରେ ହମ୍ପି ଧୈର୍ଯ୍ୟ ହରାଇଥିଲେ। ପନ୍‌କୁ ସାକ୍ରିଫାଇଜ୍ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହା ଦେଶମୁଖଙ୍କ ଦିନ ଥିଲା। ସେ ହମ୍ପିଙ୍କ ସମସ୍ତ ଚାଲ୍‌ର ସଫଳ ମୁକାବିଲା କରି ବିଜୟ ମୁକୁଟ ପିନ୍ଧିଥିଲେ। ପୂର୍ବରୁ ଗୋଟିଏ ହେଲେ ନର୍ମ ହାସଲ କରି ନ ଥିଲେ ମଧ୍ୟ ସେ ହାସଲ କରିଥିଲେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ। ମ୍ୟାଚ୍ ଜିତିବା ପରେ ଦିବ୍ୟା ଭେନ୍ୟୁରେ ଉପସ୍ଥିତ ଥିବା ତାଙ୍କ ମା'ଙ୍କୁ ଧରି କାନ୍ଦି ପକାଇଥିଲେ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ସମେତ ଦେଶର ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।

### 'ଶୋଲେ' ଫିଲ୍ମର...

ସମ୍ଭାଳି ରଖିଛନ୍ତି। ପ୍ରକାଶ ଯେ, ୧୯୭୫ରେ ରିଲିଜ୍ ହୋଇଥିବା 'ଶୋଲେ' ଫିଲ୍ମ ସୁପରହିଟ ସାବ୍ୟସ୍ତ ହୋଇଥିଲା। ଫିଲ୍ମରେ ଅମିତାଭଙ୍କ ସହ ଅଭିନେତା ଧର୍ମେନ୍ଦ୍ର ଏବଂ ଅଭିନେତ୍ରୀ ହେମାମାଳିନୀ ମୁଖ୍ୟ ଭୂମିକାରେ ରହିଥିଲେ। ରମେଶ ସିପ୍ପୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ଆସନ୍ତା ଅଗଷ୍ଟ ୧୫ରେ ଏହି ଫିଲ୍ମ ନିଜର ୫୦ ବର୍ଷ ପୂରଣ କରିବ। ଫିଲ୍ମରେ ଅମିତାଭ ଜୟ ଏବଂ ଧର୍ମେନ୍ଦ୍ର ବୀରୁ ଭୂମିକାରେ ଅଭିନୟ କରିଥିଲେ। ଉଭୟଙ୍କର 'ଜୟ ଏବଂ ବୀରୁ' ଯୋଡ଼ି ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ହୋଇରହିଛି।

# କେରଳ ପାଦ୍ରୀଙ୍କ ଗିରଫକୁ ବିଭିନ୍ନ ଦଳର ନିନ୍ଦା

**କୋଚି/ନୂଆଦିଲ୍ଲୀ,୨୮।୭**

ମାନବ ଚାଲାଣ ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ ଅଭିଯୋଗରେ କେରଳର ୨ ଜଣ କାଥୋଲିକ୍ ପାଦ୍ରୀଙ୍କୁ ଭାଜପା ଶାସିତ ଛତିଶଗଡ଼ରେ ଗିରଫ କରାଯିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ପାଦ୍ରୀ ଗିରଫ ଘଟଣାକୁ କଂଗ୍ରେସ ଏବଂ ସିପିଆଇ(ଏମ୍) ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳ ଉକ୍ତ ପ୍ରସଙ୍ଗରେ ରାଜନୀତି କରୁଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଅଭିଯୋଗ କରିଛନ୍ତି। ବସ୍ତରର ଝିଅମାନଙ୍କ ସୁରକ୍ଷାକୁ ନେଇ ସେ ଚିନ୍ତିତ ବୋଲି କହିଛନ୍ତି। ପାଦ୍ରୀ ଗିରଫ ଘଟଣାକୁ ନେଇ କେରଳରେ ଶାସକ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଏବଂ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପକ୍ଷରୁ ବିକ୍ଷୋଭ ଜୋର୍ ଧରିଛି। ଧର୍ମକୁ ନେଇ ସେମାନଙ୍କୁ ଗିରଫ କରାଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ସହ କଂଗ୍ରେସ କ୍ଷମତାରେ ଥିବା ରାଜ୍ୟରେ ସଂଖ୍ୟାଲଘୁଙ୍କୁ ବ୍ୟବସ୍ଥିତ ଭାବେ ଉତ୍ପୀଡ଼ନ କରାଯାଉଥିବା କହିଛନ୍ତି। ତୁରନ୍ତ ପାଦ୍ରୀଙ୍କୁ ମୁକ୍ତ କରାଯିବାକୁ ରାହୁଲ ଦାବି କରିଛନ୍ତି।

# ମୌସୁମୀ ଅଧିବେଶନ ଶେଷ ଦିନରେ ହୋଇପାରେ ଉପରାଷ୍ଟ୍ରପତି ନିର୍ବାଚନ

**ନୂଆଦିଲ୍ଲୀ,୨୮।୭**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଶେଷ ଦିନରେ ନିର୍ବାଚନ କମିଶନ ଉପରାଷ୍ଟ୍ରପତି ନିର୍ବାଚନ କରାଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନିର୍ବାଚନ ପାଇଁ ଇସି ରିଟର୍ନିଂ ଅଫିସର ଓ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ନିଯୁକ୍ତ କରିଥିବାବେଳେ ଆଗାମୀ ୨ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ଯୋଜନା କରିଛନ୍ତି। ନିୟମ ଅନୁଯାୟୀ ବିଜ୍ଞପ୍ତି ଓ ଭୋଟ ତାରିଖ ମଧ୍ୟରେ ୧୭ ଦିନ ବ୍ୟବଧାନ ରହିବ। ନାମାଙ୍କନପତ୍ର ଦାଖଲ ପାଇଁ ୧୪ ଦିନ ସମୟ ଦିଆଯିବାକୁ ଥିବାବେଳେ ଯାଞ୍ଚ ପାଇଁ ଗୋଟିଏ ଦିନ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୨ ଦିନ ସମୟ ରହିବ। ମୌସୁମୀ ଅଧିବେଶନ ଅଗଷ୍ଟ ୨୧ରେ ଶେଷ ହେବାକୁ ଥିବାରୁ ସମଗ୍ର ପ୍ରକ୍ରିୟା ଶେଷ ହେବାକୁ ଆଉ ୨୪ ଦିନ ରହିଛି।

# 'ମୋ ସ୍ୱାମୀଙ୍କ ଆତ୍ମାକୁ ଶାନ୍ତି ମିଳିବ'

**ବାଲେଶ୍ୱର,୨୮।୭(ବାଞ୍ଛାନିଧି ଦେ)**

ଅପରେଶନ୍ 'ସିନ୍ଦୂର' ମୁଁ ଏବଂ ମୋ ଭଳି ସିନ୍ଦୂର ହରାଇଥିବା ସମସ୍ତ ମହିଳାଙ୍କ ପାଇଁ ଥିଲା ଏକପ୍ରକାର ନ୍ୟାୟ। ଅପରେଶନ୍ 'ସିନ୍ଦୂର' ପରେ ଭାବିଥିଲି ଆଉ କେହି ଆତଙ୍କବାଦୀ ଧରାପଡ଼ିବେନି। କିନ୍ତୁ ସରକାର ଓ ଭାରତୀୟ ସେନା ଭିତରେ ଭିତରେ ଯେଉଁ ଅପରେଶନ୍ ଚଳାଇଥିଲେ ତାହା ସଫଳ ହୋଇଛି। ଘଟଣାର ୩ମାସ ପରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ହାସିମ ମୁଷା ଓ ଅନ୍ୟ ୨ ଆତଙ୍କୀ ନିପାତ ହେବା ଘଟଣାରେ ମୁଁ ଖୁସି। ଶ୍ରାବଣ ମାସ ସୋମବାରରେ ଅପରେଶନ୍ 'ମହାଦେବ' ତାଣ୍ଡବଲୀଳା ଦେଖାଇଛନ୍ତି। ୩ ଆତଙ୍କବାଦୀ ନିପାତ ହୋଇଛନ୍ତି। ସରକାର ଓ ଭାରତୀୟ ସେନାଙ୍କୁ କୃତଜ୍ଞତା ଜଣାଉଛି। ମୋ ସ୍ୱାମୀଙ୍କ ଆତ୍ମାକୁ ଆଜି ନିଶ୍ଚୟ ଶାନ୍ତି ମିଳିବ ବୋଲି ଆତଙ୍କୀ ହମଲାରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ସୋମବାର କୋହଭରା କଣ୍ଠରେ 'ଧରିତ୍ରୀ'କୁ ପ୍ରତିକ୍ରିୟା ଦେଇଛନ୍ତି।



ପ୍ରିୟଦର୍ଶିନୀ ଶତପଥୀ

ପ୍ରକାଶ ଯେ, ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ (୪୧) ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗତ ଏପ୍ରିଲ ୧୯ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜକୁ ନେଇ ଜମ୍ମୁକଶ୍ମୀର ବୁଲିବାକୁ ଯାଇଥିଲେ। ୨୨ ତାରିଖରେ ପହଲଗାମ୍‌ର ବୈସରନରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳିମାଡ଼ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିହେବ। ଚନ୍ଦ୍ରମଙ୍ଗଳ ଯୋଗରୁ ପାରିବାରିକ କ୍ଷେତ୍ରରେ ମତାନ୍ତର ଓ ବିତର୍କର ବିଳୟ ଘଟିପାରେ। ଆର୍ଥିକ ସ୍ଥିତି, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ଏବଂ ଆନୁଷ୍ଠାନିକ କାମ ପାଇଁ ବିଶେଷ ଅସୁବିଧା ହେବନାହିଁ। କୃତି ଓ କୃତିତ୍ୱ ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** — ମୁଖଭାବରେ ଗୁରୁଶୁକ୍ର ଆପଣଙ୍କୁ ବାଗ୍ମୀ ଭାବରେ ପ୍ରଶଂସିତ କରାଇପାରନ୍ତି। ବୈଷୟିକ ଅଭିବୃଦ୍ଧିଜନିତ ସୁଖସମୃଦ୍ଧିରେ ହର୍ଷୋତ୍ଫୁଲ୍ଲ ରହିବେ। ପ୍ରକାଶନ, ପ୍ରଶାସନ, ଆଇନ, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ର ମଧ୍ୟ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ ,ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ କିଏ ପାଖ ମାଡ଼ିବେ ନାହିଁ।

**ମିଥୁନ** — ବୁଧାଦିତ୍ୟ ଯୋଗ ଆପଣଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଭାବରେ ଆଦରଣୀୟ କରାଇବ। ଆର୍ଥିକ ଉନ୍ନତି ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ସମ୍ମାନରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଅପ୍ରିୟସତ୍ୟ କହି କଳହକୁ ନିମନ୍ତ୍ରଣ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା, ସନ୍ତାନହେତୁକ ମାନସିକ ଦ୍ୱନ୍ଦ୍ୱ ଦୁଶ୍ଚିନ୍ତାର କାରଣ ନ ହୋଇପାରେ।

**କର୍କଟ** — ଆଜି ସପ୍ତମ ଭାବାଧିପତି ଭାଗ୍ୟସ୍ଥାନରେ ରହି ପ୍ରତିଦ୍ୱନ୍ଦ୍ୱିତାରେ କଡ଼ା ଟକ୍କର ସୃଷ୍ଟିକରିବେ। ରବି ଓ ବୁଧ ସଂଯୋଗ ହେତୁ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବେ ସତ , କିନ୍ତୁ ମାନସିକ ଶାନ୍ତି ହରାଇବେ। କେତୁଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ଠିକ୍ ସିଦ୍ଧାନ୍ତ ନେଇ ପାରିବେନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** — କେତୁଙ୍କ ପ୍ରଭାବରୁ ଦିନଟି ସଂଘର୍ଷ ଓ ବ୍ୟୟାଧିକ୍ୟଜନିତ କାରଣରୁ ମନ ଭଲ ରହି ନ ପାରେ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ଦୂରଯାତ୍ରା କରିବାକୁ ବାଧ୍ୟ ହେବେ। ରହୁଥିବା ପରିବେଶରେ କୌଣସି ବ୍ୟତିକ୍ରମରୁ ଆପଣଙ୍କ କାମ ଅଟକି ରହିଯାଇପାରେ। ଉପସ୍ଥିତି ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିପାରିବେ।

**କନ୍ୟା** — ଆଜିର ଗ୍ରହ ସ୍ଥିତି ଆପଣଙ୍କ ସକାଶେ ଅନୁକୂଳ ରହିବ। ଦୀର୍ଘଦିନର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିପାରନ୍ତି। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରା ଜନିତ ଦୁଶ୍ଚିନ୍ତା ବଢ଼ିପାରେ। କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** — ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ ନୂଆ ନୂଆ କାମ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବା ସକାଶେ ବେଶି କଷ୍ଟ କରିବାକୁ ପଡ଼ିବନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** — ଶନିଙ୍କ ଯୋଗୁ ପରିସ୍ଥିତିକୁ ଅନୁଧ୍ୟାନକରି ପୂର୍ବ ସ୍ଥିରୀକୃତ ନିଜର ମତ ଓ କାମକୁ ବଦଳାଇପାରନ୍ତି। ନବମଭାବରେ ଶୁକ୍ର ଓ ବୃହସ୍ପତି କର୍ମକ୍ଷେତ୍ରରେ ଆଶା ପୂରଣରେ ସାହାଯ୍ୟ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା ଓ ବନ୍ଧୁସମ୍ପର୍କ ମନ୍ଦ ହେବନାହିଁ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହେବ।

**ଧନୁ** — କେନ୍ଦ୍ରସ୍ଥ ଶୁଭଗ୍ରହଜନିତ ଅର୍ଥନୈତିକ ସ୍ଥିତି, ବନ୍ଧୁ ସମ୍ପର୍କ, ଚେଷ୍ଟା କରୁଥିବା କାମ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ କ୍ଷେତ୍ରରେ ଅନ୍ୟମାନଙ୍କର ସମର୍ଥନ ହାସଲରେ ଅସୁବିଧା ହେବନାହିଁ। ସୁସ୍ଥତା ଫେରିପାଇବା ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ଶୁଭଫଳ ମିଳିବ। ଶନିଙ୍କ ପ୍ରଭାବରୁ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ମାନସିକ ଅସ୍ଥିରତା ବୃଦ୍ଧି କରିପାରେ।

**ମକର** — ଶୁଭଗ୍ରହ ଦୃଷ୍ଟିରୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଦୂର ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରପ୍ତାନି ବାଣିଜ୍ୟ, ହୋଟେଲ, ରେସ୍ତୋରାଁ ବ୍ୟବସାୟ ଚନ୍ଦ୍ର ଓ ଶନିଙ୍କ ପ୍ରଭାବରୁ ଭଲ ରହିବ। କେତେକ ଅଟକି ରହିଥିବା କାମକୁ ଆଜି ହିଁ ପୂର୍ଣ୍ଣାଙ୍ଗ କରିବାକୁ ତତ୍ପର ହେବେ। କାର୍ଯ୍ୟଦକ୍ଷତା ଲାଗି ପଡ଼ୋଶୀ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ** — ଦ୍ୱିତୀୟସ୍ଥ ଶନିଙ୍କ ଯୋଗୁ ଆପଣଙ୍କ ସାମ୍ନାରେ କିଏ କିଛି କହିବାକୁ ସାହସ କରିପାରିବେ ନାହିଁ। ପରିସ୍ଥିତିବଶତଃ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସକାଳ ସମୟରେ ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା କୌଣସି ଶୁଭ ଖବର ପାଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ର, ବନ୍ଧୁ ଗହଣରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** — ରାଶ୍ୟାଧିପଙ୍କ କୃପାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅଟକିଥିବା କାମ ଆଜି ଅପରାହ୍ଣେ ସମ୍ପନ୍ନ ହେବ। ଅଯଥା ତର୍କ ଓ ବିବାଦରୁ ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବା ସାଙ୍ଗକୁ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ଶ୍ରାବଣ ଶୁକ୍ଳ ୫ମୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୩୯ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୦ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୦୭ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

# ଏମ୍‌ସରେ ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ: ନର୍ସିଂ ଅଫିସର ଗିରଫ

ଭୁବନେଶ୍ୱର,୨୮।୭
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ହସ୍ପିଟାଲରେ ଜଣେ ମହିଳା ଆଟେଣ୍ଡାଣ୍ଟ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତି ପ୍ରାୟ ୧.୩୦ ବେଳେ ନର୍ସିଂ ଅଫିସର ନାନୁରାମ ଚୌଧୁରୀ ୱାର୍ଡରେ ଥିବା ଡାକ୍ତର ଚାମ୍ବରକୁ ଡାକି ଏଭଳି କାଣ୍ଡ ଘଟାଇଥିବା ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି। ଖଣ୍ଡଗିରି ପୋଲିସ ଏସଂକ୍ରାନ୍ତରେ ଏକ ମାମଲା (ନଂ.୫୧୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏନେଇ ଏମ୍‌ସ ମୁଖ୍ୟ

## ପ୍ରତିବାଦରେ ଧାରଣା ଦେଲେ ପୀଡ଼ିତା, ସହକର୍ମୀ



ଏମ୍‌ସ ସମ୍ମୁଖରେ ନ୍ୟାୟ ଦାବିରେ ବସିଥିବା ପୀଡ଼ିତା ଓ ସହକର୍ମୀ।

ଫାଟକ ନିକଟରେ ସୋମବାର ସନ୍ଧ୍ୟାରେ ପୀଡ଼ିତା ଆଟେଣ୍ଡାଣ୍ଟ ଓ ତାଙ୍କ ସହକର୍ମୀମାନେ ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି ସହ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ସେମାନେ ଦାବି କରିଛନ୍ତି। ଅପରପକ୍ଷରେ ରାତିରେ ଅଭିଯୁକ୍ତ ନର୍ସିଂ ଅଫିସର ନାନୁରାମ୍‌ଙ୍କୁ ପୋଲିସ ଗିରଫ କରିଥିବା ଡିସିପି ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅସ୍ଥିଶଲ୍ୟ ବିଭାଗର ଡି-୫ ୱାର୍ଡରେ ପୀଡ଼ିତା ଡ୍ୟୁଟି କରନ୍ତି। ରବିବାର ରାତିରେ ନର୍ସିଂ ଅଫିସର ନାନୁରାମ ୱାର୍ଡରେ ଥିବା ଡାକ୍ତର ଚାମ୍ବରକୁ ପୀଡ଼ିତା ଆଟେଣ୍ଡାଣ୍ଟଙ୍କୁ ଡାକିଥିଲେ। ସେ ଚାମ୍ବରକୁ ଯିବା ପରେ ଅଭିଯୁକ୍ତ ତାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିଥିଲେ। ଏପରିକି ତାଙ୍କ ହାତ ଧରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏହି ସମୟରେ ପୀଡ଼ିତା ନିଜକୁ ବଞ୍ଚାଇବାକୁ ଚେଷ୍ଟା କରି ଅଭିଯୁକ୍ତଙ୍କୁ ଧକ୍କା ମାରିବା ସହ ଚାମ୍ବରର ଡୋର୍ ଲକ୍ କରି ପଳାଇ ଆସିଥିଲେ। ଏହି ଘଟଣା ସମ୍ପର୍କରେ ପୀଡ଼ିତା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ଗଣମାଧ୍ୟମରେ କହିଛନ୍ତି। ତେବେ ଏନେଇ ଏମ୍‌ସ ଜନସମ୍ପର୍କ ଅଧିକାରୀ ରାଜକିଶୋର ଦାଶ କହିଛନ୍ତି, ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ଆମକୁ ଜଣାଇଛନ୍ତି। ଆମ ପକ୍ଷରୁ ମଧ୍ୟ ପୋଲିସକୁ ଜଣାଯାଇଛି। ଏନେଇ ଅନୁସନ୍ଧାନ କରାଯାଇ ନର୍ସିଂ ଅଫିସରଙ୍କ ବିରୋଧରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏହି ଘଟଣାରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଆରମ୍ଭ କରୁଛୁ ବୋଲି ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

# ନିର୍ଯାତନା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

## ସୁଇସାଇଡାଲ୍ ନୋଟରେ ଏରିଆ ମ୍ୟାନେଜରଙ୍କୁ ଦାୟୀ କଲେ

ସରି ସମସ୍ତଙ୍କୁ, ମୋର ଏମିତି କରିବାର ହିଁ ନ ଥିଲା। କିନ୍ତୁ କ'ଣ କରିବି ମୁଁ ଆଉ ସହି ପାରୁନି। ସବୁ କିଛି ହରେଇ ସାରିଛି ଆଉ କିଛି ବାକି ନାହିଁ ମୋ ପାଖରେ। ଅଫିସ୍‌ରେ ମୋତେ ବହୁତ ହାରାସ୍‌ମେଣ୍ଟ କରିଛନ୍ତି। ଏମିତିକି ମୋ ଏରିଆ ମ୍ୟାନେଜର ସ୍ମୃତି ରଞ୍ଜନ ଜେନା ବହୁତ ଟର୍ଚ୍ଚର(ମେଣ୍ଟାଲି ଆଉ ଫିଜିକାଲି) କରିଛି। ସରି ମୁଁ ସବୁଦିନ ପାଇଁ ଯାଉଛି। ଏମିତି ଏକ ହାତଲେଖା ଚିଠି ଲେଖି ଆତ୍ମହତ୍ୟା କରିଛନ୍ତି ଖୁସି ପାତ୍ର (୨୧)।


ଜବତ ସୁସାଇଡାଲ୍ ନୋଟ୍।

ଚୌଦ୍ୱାର/ମଙ୍ଗୁଳି-ଜଗତପୁର, ୨୮।୭ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ୭ନଂ. ୱାର୍ଡ ମୁଣ୍ଡମାଳ ଗ୍ରାମ ମଠସାହିରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ପୋଲିସ ଜବତ କରିଛି। ମୃତା ହେଲେ ଖୁସି ପାତ୍ର। ସୋମବାର ସକାଳେ ଖବର ପାଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା। ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥାର ମ୍ୟାନେଜର ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବାରୁ ଝିଅ ସହ୍ୟ କରି ନ ପାରି ଆତ୍ମହତ୍ୟା କରିଛି ବୋଲି ମାଉସୀ ପଦ୍ମ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା.୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (୪୫୩/୨୦୨୫) ରୁଜୁ କରିଛି। ଘଟଣାସ୍ଥଳରୁ


ଖୁସି ପାତ୍ର

ପୋଲିସ ଏକ ସୁଇସାଇଡାଲ୍ ନୋଟ, ଓଢ଼ଣି ଓ ମୋବାଇଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରାପ୍ତ ସୂଚନା ମୁତାବକ, ଖୁସିଙ୍କ ବାପା ସୁରଟରେ ଏକ କମ୍ପାନୀରେ କାମ କରୁଥିବାରୁ ସେ ପିଲାଟି ବେଳୁ ମା'ଙ୍କ ସହ ଚୌଦ୍ୱାରରେ ରହୁଥିଲେ। ପ୍ରାୟ ଏକ ବର୍ଷ ହେବ ଖୁସି କଟକ ଗୋପାଳପୁରଠାରେ ଥିବା ଘରୋଇ ଅର୍ଥ ଲଗାଣ ସଂସ୍ଥାରେ ଚାକିରି କରିବା ସହ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଥିଲେ। ଖୁସିଙ୍କ ମା' ଚୌଦ୍ୱାରରେ ମାସେ ଦୁଇ ମାସ ଏକା ରହିବା ପରେ ଭଲ ନ ଲାଗିବାରୁ ସେ ମଧ୍ୟ ସ୍ୱାମୀଙ୍କ ପାଖକୁ ସୁରଟ ଚାଲି ଯାଇଥିଲେ। ଖୁସି ପ୍ରତି ସପ୍ତାହର ରବିବାର ଘରକୁ ଆସି ଘର ଦେଖା ଚାହାଁ କରି ପୁଣି ସୋମବାର ଭୁବନେଶ୍ୱର ଚାଲି ଯାଇଥାନ୍ତି। ସେ ରବିବାର ସନ୍ଧ୍ୟାରେ ଚୌଦ୍ୱାରସ୍ଥିତ ଘରକୁ ଆସିଥିଲେ। ରାତିରେ ପଡ଼ୋଶୀଙ୍କ ଘରେ ରାତ୍ରି ଭୋଜନ କରି ରୁମ୍‌କୁ ରାତି ଦଶଟାରେ ଚାଲି ଆସିଥିଲେ। ଖୁସିଙ୍କ ମା' ରାତି ପ୍ରାୟ ୧୧ ଟାରେ ଝିଅ ସହ ଫୋନ୍‌ରେ କଥା ହୋଇଥିଲେ। ସୋମବାର ସକାଳ ପ୍ରାୟ ୬ଟାରେ ଝିଅ ଡ୍ୟୁଟି ଗଲାକି ନାହିଁ ବୁଝିବା ପାଇଁ ମା' ପୁଣିଥରେ ଫୋନ୍ କରିଥିଲେ। କିନ୍ତୁ ଝିଅ ଫୋନ ଉଠାଇ ନ ଥିଲେ। ପଡ଼ୋଶୀଙ୍କୁ ଖବର ଦେବାରୁ ସେମାନେ ଘରକୁ ଆସି ଦେଖନ୍ତି ଦାଣ୍ଡ କବାଟ ବନ୍ଦ ରହିଛି। ପଛ ପଟ କବାଟ ଯାଇ ଖୋଲି ଦେଖିବାବେଳକୁ ଖୁସି ଫ୍ୟାନରେ ନିଜ ଲୁଗାରେ ଝୁଲିଥିବା ଦେଖିବାକୁ ପାଇଥିଲେ। ଏନେଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣା ପଡୁଛି। ଝିଅଟି ଏକ ସୁଇସାଇଡାଲ ନୋଟରେ ଫାଇନାନ୍ସ କମ୍ପାନୀ ଏରିଆ ମ୍ୟାନେଜର ନିର୍ଯାତନା ଦେଉଥିବା ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ଉକ୍ତ ଯୁବକଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ୱାଇଁ କହିଛନ୍ତି।

# ୪୩ ଦିନରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)

## ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲା

### ୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଲା କ୍ରାଇମବ୍ରାଞ୍ଚ

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ସୋମବାର କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରେ ୨ଟି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣା ଘଟିବାର ୪୩ ଦିନ ମଧ୍ୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ନାମରେ ୫୭୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫ ଅଭିଯୁକ୍ତଙ୍କ ନାମରେ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନିକଟରେ ୪ ନାବାଳକଙ୍କ ନାମରେ ଚାର୍ଜଶିଟ୍ ଦାଖଲ ହୋଇଛି। ଜଣେ ସାବାଳକଙ୍କୁ ଚାର୍ଜଶିଟ୍‌ରୁ ବାଦ ଦିଆଯାଇଛି। ତେବେ ପୋଲିସ ତାଙ୍କୁ କେଉଁ ଆଧାରରେ ଗିରଫ କରିଥିଲା ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗଣ ବଳାତ୍କାର ମାମଲାରେ ପୋଲିସ ମୋଟ ୧୦ ଜଣଙ୍କୁ ଧରିଥିଲା। ସେଥିମଧ୍ୟରୁ ୬ ଜଣ ସାବାଳକ ରହିଥିବା ବେଳେ ୪ଜଣ ନାବାଳକ। ଏହି ସମ୍ବେଦଶୀଳ ମାମଲାରେ ପୋଲିସ ନାବାଳକଙ୍କୁ ସାବାଳକ ଭାବେ ଗ୍ରହଣ କରିବାକୁ କୋର୍ଟରେ ଆବେଦନ କରିଥିଲା। ପରବର୍ତ୍ତୀ ସମୟରେ ସରକାର ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଗତ ଜୁନ ୧୭ ତାରିଖରେ ମାମଲାର ତଦନ୍ତ କରିବା ସହିତ ସିନ୍ ରିକ୍ରିଏସନ କରି ବିଭିନ୍ନ ଦିଗରୁ ତଥ୍ୟ ପ୍ରମାଣ ସଂଗ୍ରହ କରି ୫ ଜଣ ସାବାଳକଙ୍କୁ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ ଦାଖଲ କରିଛି। ବର୍ତ୍ତମାନ ୬ ଅଭିଯୁକ୍ତ ଜେଲ୍‌ରେ ଥିବାବେଳେ ୪ ନାବାଳକ ବାଳ ସୁଧାର ଗୃହରେ ରହିଛନ୍ତି। ସୂଚନାଯୋଗ୍ୟ, ବେଳାଭୂମିରେ ଜୁନ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ଅନ୍ତର୍ଗତ ବୁରୁପଡ଼ାର ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ, ସିକିରିର ଓମ୍ ପ୍ରଧାନ, ପାଟପୁର ଥାନା ଅନ୍ତର୍ଗତ ବେଲଗାଁର କୁନାଲ ପ୍ରଧାନଙ୍କୁ କାବୁ କରିଥିଲା। ପରବର୍ତ୍ତୀ ସମୟରେ ୪ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ୧୭ ତାରିଖରେ ରାଜ୍ୟ ସରକାର ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମାରାଥନ ଜେରା ସହିତ ଜେଲରେ ସେମାନଙ୍କ ଟିଆଇ ପରେଡ ମଧ୍ୟ କରାଯାଇଥିଲା। ପୀଡିତାଙ୍କ ବୟାନ, ମାମଲାର ତଦନ୍ତ ରିପୋର୍ଟ ଓ ସାଇଣ୍ଟିଫିକ ପ୍ରମାଣକୁ ଆଧାର କରି କ୍ରାଇମବ୍ରାଞ୍ଚ ୫ ଅଭିଯୁକ୍ତ ଓ ୪ ଜଣ ନାବାଳକଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି।

# ନବମ ଶ୍ରେଣୀ ଛାତ୍ରୀଙ୍କ ଅପରିପକ୍ୱ ମୃତ ଶିଶୁ ଜନ୍ମ

କୁଜଙ୍ଗ, ୨୮।୭(ମନୋଜ ପ୍ରଧାନ)

## କୁଜଙ୍ଗ ଥାନା ଅଞ୍ଚଳରେ ଆଉ ଏକ ଲଜ୍ଜା

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରୁ ଜଣେ ନାବାଳିକା ୭ ମାସର ଗର୍ଭବତୀ ହେବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ଏକ ସପ୍ତାହ ନ ପୂରୁଣୁ ଆଉ ଜଣେ ନାବାଳିକା ୪ ମାସର ଗର୍ଭବତୀ ହୋଇ ମାତୃତ୍ୱ ଲାଭ କରିଛନ୍ତି। ସେ ଏକ ଅପରିପକ୍ୱ ମୃତ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣେ ନାବାଳକ ସୋମବାର କାଉଡିଆ ଦଳରେ ପାଣି ଢାଳିବାକୁ ଯାଇଥିବାବେଳେ ତାଙ୍କୁ ପୋଲିସ ଅଧାବାଟରୁ ଉଠାଇ ଆଣିଛି। ଏଥିସହ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚାରଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, କୁଜଙ୍ଗ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଜଣକ ନବମ ଶ୍ରେଣୀର ଛାତ୍ରୀ। ରବିବାର ରାତିରେ ତାଙ୍କର ଭୀଷଣ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ନାବାଳିକାଙ୍କ ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଛି।

ଦେଢ଼ ବର୍ଷ ପୂର୍ବେ ସମ୍ପୃକ୍ତା ନାବାଳିକାଙ୍କର ଉପର ଶ୍ରେଣୀରେ ପଢୁଥିବା ଜଣେ ପଡ଼ୋଶୀ ନାବାଳକଙ୍କ ସହ ଅନୈତିକ ସମ୍ପର୍କ ଥିଲା। ଏହି ଘଟଣାରେ ଜୁଭେନାଇଲ ଆକ୍ଟରେ ମାମଲା (ନଂ. ୮୬/୨୪) ରୁଜୁ କରାଯାଇ ଅଭିଯୁକ୍ତ ନାବାଳକଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିଲା। ପରେ ସେ ଜାମିନରେ ଫେରିଛନ୍ତି। ରବିବାର ରାତିରେ ଅଭିଯୁକ୍ତ ନାବାଳକ ଜଣକ ମହାନଦୀର ଭଣ୍ଡୁଆ ତୁଠରୁ ପାଣି ଉଠାଇ ଏରସମା ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱରଙ୍କ ପୀଠରେ ପାଣି ଢାଳିବା ପାଇଁ କାଉଡ଼ିଆ ଦଳରେ ଯାଉଥିବାବେଳେ କୁଜଙ୍ଗ ପୋଲିସ ତାଙ୍କୁ ଏରସମା ଅଞ୍ଚଳରୁ ଉଠାଇ ଆଣିଛି। ଫଳରେ ତାଙ୍କ ପାଣି ଢାଳିବା ସ୍ୱପ୍ନ ଅଧାରେ ରହିଯାଇଛି। ଅନ୍ୟପଟେ କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡିଆ ବାଲିସାହି ଅଞ୍ଚଳର ପିଣ୍ଟୁ ବେହେରାଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖିଛି। ଏନେଇ ପୀଡ଼ିତାଙ୍କ ବାପା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପୋକ୍‌ସୋ ଧାରା ୬ରେ ମାମଲା (ନଂ. ୨୭୯/୨୫) ରୁଜୁ କରିଛି। ପ୍ରାଥମିକ ତଦନ୍ତ ପରେ ନାବାଳକଙ୍କ ଏହି ଘଟଣାରେ ସମ୍ପୃକ୍ତି ନ ଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଛି। ଅପରପକ୍ଷେ ପୀଡ଼ିତା ଜଣକ ଗର୍ଭବତୀ ଥିବା ଜାଣିବା ପରେ ଗର୍ଭ ନଷ୍ଟ କରିବା ପାଇଁ ତାଙ୍କୁ ଔଷଧ ଦିଆଯାଇଥିବା ଆଲୋଚନା ହେଉଛି।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଡକାୟତି ଉଦ୍ୟମ ବିଫଳ

ମହାକାଳପଡ଼ା, ୨୮।୭
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଛାଡ଼ିଗଲେ ମନିପର୍ସ, ଆଧାର କାର୍ଡ
- ସ୍କାଏ ଲାଇଟ୍ ଦେଇ ପଶି ଭଙ୍ଗାରୁଜା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ହାଟ ସଂଲଗ୍ନ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ରବିବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ବିଫଳ ହୋଇଛି। ସୋମବାର ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ଶବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ବେଳେ ବ୍ୟାଙ୍କରୁ ଏକ ଆଧାର କାର୍ଡ ଓ ମନିପର୍ସ ମିଳିଛି, ତାହା କାହାର ଯାଞ୍ଚ କରାଯିବ ତଦନ୍ତକାରୀ ଅଧିକାରୀ କହିଛନ୍ତି।

ପୋଲିସ ସୂଚନା ମୁତାବକ, ଡକାୟତ ଦଳ ବ୍ୟାଙ୍କ ସ୍କାଏ ଲାଇଟ୍ ଭାଙ୍ଗି ଭିତରେ ପ୍ରବେଶ କରି କ୍ୟାସ୍ ଡ୍ରୟାର ଭଙ୍ଗାରୁଜା କରିଥିଲେ ମଧ୍ୟ ଲକରର କିଛି କ୍ଷତି କରିପାରି ନ ଥିଲେ। ସୋମବାର ପୂର୍ବାହ୍ଣ ୧୦ଟାରେ ବ୍ୟାଙ୍କ ଖୋଲିବା ପରେ ଶାଖା ପରିଚାଳକ ଶବର ଜାଣିବାକୁ ପାଇ ଡକାୟତି ଉଦ୍ୟମ ସମ୍ପର୍କରେ ଜାଣିବାକୁ ପାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କେନ୍ଦ୍ରାପଡ଼ାରୁ ସନ୍ଧାନୀ କୁକୁର ସହ ଏକ ଟମ୍ ପହଞ୍ଚି ତଲାସୀ ଆରମ୍ଭ କରିଥିଲେ। ଏ ସଂକ୍ରାନ୍ତରେ ଆଇଆଇସି ବିଶ୍ୱାଳଙ୍କୁ ପଚାରିବାରେ ବ୍ୟାଙ୍କ ସିସିଟିଭିରେ ଦୃଶ୍ୟମାନ ହେଉଥିବା ଯୁବକ ଓ ମିଳିଥିବା ଆଧାର କାର୍ଡ ଚିହ୍ନଟ ହୋଇଥିବା ଯୁବକଙ୍କ ଘରେ ସନ୍ଧାନୀ କୁକୁର ପହଞ୍ଚିଥିଲା। ଏହି ତଥ୍ୟ ଗୋପନ ରଖାଯାଇଛି। ସମ୍ପୃକ୍ତ ଯୁବକ ଫେରାର ଥିବାରୁ ଅଧିକ ତଥ୍ୟ ସଂଗ୍ରହ ଜାରି ରହିଛି। ଏ ନେଇ ଥାନାରେ ନଂ. ୧୫୩/୨୫ରେ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ପ୍ରେମିକ ଗିରଫ

ରାଜକନିକା, ୨୮।୭
(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳରେ ଜଣେ ୧୭ ବର୍ଷର ଝିଅଙ୍କୁ ୨ବର୍ଷ ହେବ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ପ୍ରେମିକଙ୍କ ବିରୋଧରେ ଲିଖିତ ଅଭିଯୋଗ ସୋମବାର ହୋଇଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଛଦେଶ ଗାଁର ସୁଶାନ୍ତ ଜେନା(୨୫) ତାଙ୍କୁ ଭଲ ପାଉଥିଲେ। ବିବାହ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହାର ସୁଯୋଗ ନେଇ ସୁଶାନ୍ତ ଅନେକଥର ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୨୫ତାରିଖରେ ପୁଣି ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ପୀଡିତା ରାଜି ନ ହେବାରୁ, ଅସଜ୍ଜିତ ବେଳର ଫଟୋ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୬୪(୨) (ଏମ୍)/୩୫୧(୨) ବିଏନ୍‌ଏସ୍ ୬ ପୋକ୍‌ସୋ ଆକ୍ଟରେ ନଂ. ୩୯୩/୨୫ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା ଘଟଣା: ଫେରାର ସ୍ୱାମୀ ଗିରଫ

ବାସୁଦେବପୁର,୨୮।୭ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଟଙ୍କା ପାଇଁ ଗୁରୁବାରୀ ଜେନା ନାମ୍ନୀ ମହିଳାଙ୍କୁ ହତ୍ୟା କରି ଫେରାର ଥିବା ତାଙ୍କ ସ୍ୱାମୀ ଗୋପୀନାଥ ଜେନା(୫୮)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ପ୍ରକାଶ ଯେ, ଗୋପୀନାଥ କୌଣସି ଧାରୁଆ ଅସ୍ତ୍ରରେ ଗୁରୁବାରୀଙ୍କୁ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ। ରବିବାର ସକାଳେ ଘର ଭିତରୁ ଗୁରୁବାରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ଏନେଇ ତାଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରିଥିଲା।

# ପୂର୍ବତନ ଆଇଟିଆଇ ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୨୮।୭
(ରାକେଶ କୁମାର ରାଉତ)

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ରାଜେଶ ଦାସ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ସରକାରୀ ଆଇଟିଆଇର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ରୟ। ସେ ଏବେ ଢେଙ୍କାନାଳ ସରକାରୀ ପଲିଟେକନିକରେ କାର୍ଯ୍ୟରତ ଅଛନ୍ତି। ପ୍ରମାଣ ଅଭାବରୁ ବିଚାରପତି ସରୋଜଙ୍କ ସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

# ଡିପ୍ଲୋମା ଅଧ୍ୟକ୍ଷଙ୍କୁ ଆକ୍ରମଣ

ଭଦ୍ରକ,୨୮।୭
(ସନାତନ ରାଉତ)

## ପୁଣି ବରପଦା ଇଞ୍ଜିନିୟରିଂ କଲେଜରେ ଅଶାନ୍ତି

ଦୀର୍ଘଦିନ ଧରି ବିବାଦରେ ଛନ୍ଦି ହୋଇଥିବା ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜରେ କିଛିଦିନର ବ୍ୟବଧାନ ପରେ ପୁଣି ଥରେ ଅଶାନ୍ତି ସୃଷ୍ଟି ହୋଇଛି। କିଛିଦିନ ତଳେ କଲେଜରୁ ନିଲମ୍ବିତ ହୋଇଥିବା କର୍ମଚାରୀମାନେ ଡିପ୍ଲୋମା ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ସୋମବାର ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ଅଧ୍ୟକ୍ଷ ଧଳଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅପରାହ୍ନରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ୧୨ଟା ବେଳେ କେତେଜଣ ନିଲମ୍ବିତ କର୍ମଚାରୀ ଓ ତାଙ୍କ ସହଯୋଗୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭିତରକୁ ପଶି କାହିଁକି ସେମାନଙ୍କୁ ନିଲମ୍ବନ କରିଛନ୍ତି କହି ହଟ୍ଟଗୋଳ କରିଥିଲେ। ଏଥିସହ ତାଙ୍କୁ ଟାଣି ଆଣି ତଳେ ପକାଇ ବିଧା, ଗୋଇଠା ମାରିଛନ୍ତି। ଅନ୍ୟ କର୍ମଚାରୀମାନେ ଅଧ୍ୟକ୍ଷଙ୍କୁ ଉଦ୍ଧାର


ଆହତ ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ଡାକ୍ତରଖାନା ନିଆଯାଉଛି।

କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଛାତି ଓ ଗୋଡ଼ରେ ଯନ୍ତ୍ରଣା ହେଉଥିବା ସେ କହିଛନ୍ତି। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ କଲେଜରେ ପହଞ୍ଚି ଘଟଣାର ତଦନ୍ତ କରିଛି। ଟାଉନ ପୋଲିସ ଡାକ୍ତରଖାନାରେ ପହଞ୍ଚି ଅଧ୍ୟକ୍ଷ ଧଳଙ୍କୁ ଘଟଣା ବିଷୟରେ ପଚରାଉଚରା କରିଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ କହିଛନ୍ତି।

# ଗେଲ କରିବା ଆଳରେ ଛାତ୍ରୀଙ୍କୁ ଅସଦାଚରଣ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ (ଧରଣୀଧର ମହାନ୍ତି)/ ବୈଶିଙ୍ଗା (ରତନ ଦାଶ), ୨୮।୭

## ଶିକ୍ଷକଙ୍କୁ ନିଲମ୍ବନ କଲେ ବିଇଓ

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଗେଲ କରିବା ଆଳରେ ଏକାଧିକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) ସମ୍ପୃକ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୫୫/୨୧।୭।୨୫ରେ ଚାକିରିରୁ ନିଲମ୍ବନ କରିଛନ୍ତି। ଏ ସମ୍ପର୍କରେ ୭/୮ଜଣ ଛାତ୍ରୀଙ୍କୁ ପଚରାଉଚରା କରାଯାଉଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଭଳି ଏକ ଲଜ୍ଜାଜନକ ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପଢୁଥିବା ୭/୮ଜଣ କୋମଳମତି ଛାତ୍ରୀମାନଙ୍କୁ ଶିକ୍ଷକ ମହାନ୍ତ ଗେଲ କରିବା ଆଳରେ ଅସଦାଚରଣ କରୁଥିଲେ। ଜଣେ ଛାତ୍ରୀ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା।ଏ ସମ୍ପର୍କରେ ବେତନଟୀ ବିଇଓ ବିପ୍ଳବ କରଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି ବୋଲି କହିଛନ୍ତି।

# ଘରେ ପଶି ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ

ଉଦଳା,୨୮।୭(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପୋଡ଼ାଡିହା ଡାହିସାହି ଗ୍ରାମରେ ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଘରେ ପଶି ଜଣେ ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ନାବାଳିକା ଝିଅକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗୁରୁତର ସବୁଜବାହିନୀ କର୍ମଚାରୀ ଭରତ ଶତୃସାଲ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ପୋଲିସ ଏକ ମାମଲା (ନଂ.୧୭୩/୨୫)ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଭରତ ପୋଡ଼ାଡିହା ବନାଞ୍ଚଳ ଅଧୀନରେ ସବୁଜ ବାହିନୀ କର୍ମଚାରୀ ଭାବେ କାର୍ଯ୍ୟରତ। ୨୦୨୪ ଅକ୍ଟୋବରରେ ଶିମିଳିପାଳରେ ଶିକାର କରୁଥିବା ୪ରୁ ଅଧିକ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଥିଲା। ଏଥିମଧ୍ୟରେ ପୋଡ଼ାଡିହା ଅଞ୍ଚଳର ୩ ଜଣ ଶିକାରୀ ରହିଥିଲେ। ଗିରଫ ପରେ ଅଭିଯୁକ୍ତ ଶିକାରୀମାନେ କୋର୍ଟଚାଲାଣ ହୋଇଥିଲେ। ସେମାନେ ଜାମିନ୍‌ରେ ଆସିବା ପରେ ଏଭଳି କାଣ୍ଡ ଭିଆଇଛନ୍ତି।






ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-ଜାଗ୍ରଦ୍‌ଗୌରୀ ପଞ୍ଚମୀ



# ପୁରୁଷ ହେଲେ ମହିଳା

ଦେଶର ବିଭିନ୍ନ ରାଜ୍ୟରେ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ହିତାଧିକାରୀ ହେବା ପାଇଁ ଜୀବିତ ବ୍ୟକ୍ତି ମୃତ ହେବା, ବିଧବା ମହିଳା ସଧବା ହେବା ବା ସଧବା ବିଧବା ହେବା କିମ୍ବା ପୁରୁଷ ନିଜକୁ ମହିଳା ଦର୍ଶାଇବା ଭଳି କୌତୂହଳର ଠକେଇ ବାରମ୍ବାର ସାମ୍ନାକୁ ଆସୁଛି। ଉଦାହରଣ ସ୍ୱରୂପ, ନିକଟରେ ମହାରାଷ୍ଟ୍ରରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଲଡ୍‌କୀ ବହିନ୍ ଯୋଜନାରେ ୧୪, ୦୦୦ରୁ ଊର୍ଦ୍ଧ୍ୱ ପୁରୁଷ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। କେବଳ ଏତିକି ନୁହେଁ ଏମାନଙ୍କ ସମେତ ମୋଟ ୨୬ ଲକ୍ଷ ୩୪ ହଜାର ଅଯୋଗ୍ୟ ହିତାଧିକାରୀଙ୍କର ପ୍ରାପ୍ୟ ଜୁନ୍ ୨୦୨୫ରୁ ସାମୟିକ ଭାବେ ବନ୍ଦ କରାଯାଇଥିବା ମହାରାଷ୍ଟ୍ର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି। ଲଡ୍‌କୀ ବହିନ୍ ଯୋଜନା ବିଶେଷକରି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ୨୧ରୁ ୬୫ ବର୍ଷର ମହିଳାଙ୍କୁ ମାସିକ ୧,୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଉଲ୍ଲେଖନୀୟ ଯେ,୧୭ ଅଗଷ୍ଟ ୨୦୨୪ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଶିବସେନା(ଶିନ୍ଦେ)ର ନେତା ଏକନାଥ ଶିନ୍ଦେ ଲଡ୍‌କୀ ବହିନ୍ ଯୋଜନା ଆରମ୍ଭ କରିଥିଲେ ଏବଂ ଏହା ପାଇଁ ବଜେଟରେ ୪୬,୦୦୦ କୋଟି ଟଙ୍କା ବରାଦ ହୋଇଥିଲା। ୨୦୨୪ ନଭେମ୍ବର ବିଧାନସଭା ନିର୍ବାଚନକୁ ଲକ୍ଷ୍ୟକରି ପୂର୍ବରୁ ମଧ୍ୟପ୍ରଦେଶରେ ଲାଗୁ କରାଯାଇଥିବା ଲାଡ୍‌ଲୀ ବହେନ ଯୋଜନାକୁ ଅନୁସରଣ କରି ଏହା କରାଯାଇଥିଲା। ଭାଜପା, ଶିବସେନା(ଶିନ୍ଦେ) ଓ ଏନ୍‌ସିପି (ଅଜିତ୍ ପାୱାର)ମେଣ୍ଟ ମହାଯୁତି କ୍ଷମତାକୁ ଫେରି ଏକନାଥ ଶିନ୍ଦେଙ୍କ ପରିବର୍ତ୍ତେ ଦେବେନ୍ଦ୍ର ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ଭାବେ ୫ ଡିସେମ୍ବର ୨୦୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ୨ କୋଟି ୨୫ଲକ୍ଷ ହିତାଧିକାରୀ ଥିବା ଲଡ୍‌କୀ ବହିନ୍ ଯୋଜନାକୁ ବର୍ଷେ ନ ପୂରୁଣୁ ଏବେ ସେଥିରେ ୧୪,୦୦୦ ପୁରୁଷ ସାମିଲ ହୋଇ ଟଙ୍କା ନେଇଯାଇଛନ୍ତି, ଯାହା ପ୍ରଶାସନିକ ଦୁର୍ବଳତାକୁ ସୂଚିତ କରିଛି। ସେହିଭଳି ଓଡ଼ିଶାରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଲାଗୁ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ବର୍ଷକୁ ୧୦, ୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବା ଲାଗି ଯୋଜନା କରାଯାଇ ଟଙ୍କା ବଣ୍ଟାଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଏହି ଯୋଜନାରେ ୧୫୭ ପୁରୁଷ ଆବେଦନ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଥିଲା । ଏହା ବ୍ୟତୀତ ଚଳିତ ବର୍ଷ ପ୍ରାରମ୍ଭରେ ଖାଦ୍ୟ ସୁରକ୍ଷା ଯୋଜନାରେ ବାଲେଶ୍ୱର ବାଲିଆପାଳ ବ୍ଲକ୍‌ରେ ଶିକ୍ଷକ, ଇଞ୍ଜିନିୟର, ଅଧ୍ୟାପକ, ପୋଲିସ, ଜିଏସ୍‌ଟି ଅଧିକାରୀ, ଡାଟା ଏଣ୍ଟ୍ରି ଅପରେଟର, ପିଅନ ସମେତ ମୋଟ ୧୬୫ ସରକାରୀ ଚାକିରିଆ ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସୂତ୍ରରୁ ଜଣାପଡ଼ିଥିଲା। ଦୁଇ ରାଜ୍ୟର ଏହିସବୁ ଉଦାହରଣକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ହିତାଧିକାରୀ ଚୟନରେ ଘୋର ତ୍ରୁଟି ବା ଜାଣିଶୁଣି ବଦମାସି କରୁଛନ୍ତି। ଫଳରେ ମହିଳାଙ୍କ ଅର୍ଥକୁ ପୁରୁଷ ନେଇଯାଉଛନ୍ତି କିମ୍ବା ନେବାକୁ ଚେଷ୍ଟା କରୁଛନ୍ତି। ଅପରପଟେ ଗରିବଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ କିମ୍ବା ଗହମକୁ ବାଡ଼ ଫସଲ ଖାଇଲା ଭଳି ସରକାରୀ ଚାକିରିଆ, ଧନୀମାନେ ଖାଇଯାଉଛନ୍ତି। ବିଶେଷକରି ଅମଲାତାନ୍ତ୍ରିକ ବିଫଳତା ଓ ଦୁର୍ନୀତି ଯୋଗୁ ମହିଳା ସଶକ୍ତୀକରଣ ଓ ଗରିବ ଦୂରୀକରଣ ଭଳି ଅନେକ ଯୋଜନାରେ ସଫଳତା ମିଳିବା କଷ୍ଟକର ହୋଇଯାଉଛି। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଦଣ୍ଡ ଦେବା କିମ୍ବା ସେମାନଙ୍କଠାରୁ ଅର୍ଥ ଫେରାଇଆଣିଲେ ସମସ୍ୟା ସମାଧାନ ହୋଇପାରିବ ନାହିଁ। ସମ୍ପୂର୍ଣ୍ଣ ପ୍ରକିୟାରେ ଜଡ଼ିତ ପ୍ରଶାସନିକ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ବୃତ୍ତାନ୍ତ ପର୍ଯ୍ୟାୟରେ ତୃଣମୂଳ ସ୍ତରରେ ହିତାଧିକରୀଙ୍କ ସ୍ଥିତି ପ୍ରଶାସନିକ କ୍ଷେତ୍ରରେ ଯାଞ୍ଚ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି।

ହିତାଧିକାରୀ ହେବା ପାଇଁ ଜଣେ ବ୍ୟକ୍ତିଙ୍କ ଆବେଦନ ପତ୍ର ପଞ୍ଚାୟତ ସ୍ତରରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ପାଖକୁ ଆସୁଛି। ସେଥିରେ ପଞ୍ଚାୟତ ସଚିବ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀଙ୍କ ସମ୍ପୃକ୍ତି ଓ ବଡ଼ବାବୁଙ୍କ ଦସ୍ତଖତ ରହୁଛି। ବିଡିଓଙ୍କର ମଧ୍ୟ ଦସ୍ତଖତ ରହୁଛି। ତା'ପରେ ତାକୁ ଉପ ଜିଲାପାଳ ସ୍ୱୀକୃତି ଦେବା ପରେ ତାହା ଜିଲାପାଳଙ୍କ ବାଟ ଦେଇ ରାଜ୍ୟ ସରକାରଙ୍କ ସ୍ତରରେ ହିତାଧିକାରୀ ହେବା ଲାଗି ଆବେଦନ କରିଥିବା ବ୍ୟକ୍ତିଙ୍କ ଆବେଦନ ପତ୍ର ଓ ସେଥିରେ ସଂଯୋଗ ହୋଇଥିବା ଦଲିଲ ଯାଞ୍ଚ କରାଯାଏ। ଏହା ପରେ ସରକାର ବିଭିନ୍ନ ବିଭାଗ ମାଧ୍ୟମ ଦେଇ ଆସିଥିବା ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଅନ୍ତି ଓ ସେହି ଯୋଜନା ପାଇଁ ବଜେଟରେ କରାଯାଇଥିବା ବ୍ୟୟ ବରାଦରୁ ହିତାଧିକାରୀଙ୍କ ପାଖକୁ ସାହାଯ୍ୟ ପଠାଯାଇଥାଏ। ଅର୍ଥାତ୍ ହିତାଧିକାରୀଙ୍କ ଆବେଦନକୁ ବିଭିନ୍ନ ସ୍ତରରେ ଯାଞ୍ଚ କରାଯାଉଥିବା ସତ୍ତ୍ୱେ ମହାରାଷ୍ଟ୍ରଠାରୁ ଆରମ୍ଭ କରି ଓଡ଼ିଶା ପର୍ଯ୍ୟନ୍ତ ସବୁଆଡ଼େ ପ୍ରବଳ ମାତ୍ରାରେ ତ୍ରୁଟି ଦେଖାଯାଉଛି। ଏହା ପ୍ରମାଣ କରୁଛି ଯେ, କଶ୍ମୀରରୁ କନ୍ୟାକୁମାରୀ, ଗୁଜରାଟରୁ ମିଜୋରାମ ଭାରତ ନା ଯେ କେବଳ ମହାନ, ତାହା ଦୁର୍ନୀତି ମାଧ୍ୟମରେ ସଂଗଠିତ। ଏଭଳି ଦୁର୍ନୀତିର ପ୍ରତିକାର ପାଇଁ ସରକାର ନୂଆ ଆଇନ ଆଣିପାରନ୍ତେ, ଯେଉଁଥିରେ ଅସତ୍ୟ ଉପରେ ଆଧାରିତ ତଥ୍ୟ ଦେଉଥିବା ଏବଂ ହିତାଧିକାରୀ ହେବା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହନ୍ତା। ଯଥା ଲିଙ୍ଗ ବଦଳାଇ କାଗଜରେ ଦସ୍ତଖତ କରି ଜଣେ ପୁରୁଷ ଯଦି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଅର୍ଥ ଲାଭ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ସେହି ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହିତ ବାସଗୃହ କୋରକ କରିବାର ଆଇନ ପ୍ରଣୀତ ହୋଇପାରନ୍ତା। ଏଥିସହିତ ତୃଣମୂଳ ସ୍ତରରେ ପ୍ରଥମ ସରକାରୀ କର୍ମଚାରୀ ଏଭଳି ତ୍ରୁଟିପୂର୍ଣ୍ଣ ଆବେଦନକୁ ସ୍ୱୀକାର କରି ଦ୍ୱିତୀୟ ସ୍ତରକୁ ପଠାଉଛନ୍ତି , ସେଭଳି ଜାଗାରେ ପ୍ରଥମ ସ୍ତରର ସରକାରୀ ଅଧିକାରୀଙ୍କ ଉପରେ ସେହିଭଳି ଫୌଜଦାରି ମକଦ୍ଦମା ରୁଜୁ କରିବା ସହ ଲକ୍ଷେ ଟଙ୍କା ଜରିମାନା କରାଯାଇପାରନ୍ତା, ତାହା ହେଲେ ଲଡ୍‌କୀ ବହିନ୍‌ରୁ ସୁଭଦ୍ରା ପର୍ଯ୍ୟନ୍ତ କୌଣସି ପୁରୁଷ ଆବେଦନ କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ଭାବିବେ।

# ଜାତିସଂଘରେ ଭାରତ, ପାକିସ୍ତାନ



ଜ୍ୟୋତିପ୍ରକାଶ କର

ଆଧୁନିକ ଯୁଗର ଭୟଙ୍କର ପରିସ୍ଥିତିକୁ ସମଗ୍ର ମାନବ ସମାଜ ପ୍ରତ୍ୟକ୍ଷ କରିଛି ଦୁଇଟି ବିଶ୍ୱଯୁଦ୍ଧ। ପ୍ରଥମ ବିଶ୍ୱଯୁଦ୍ଧ ମିତ୍ରଶକ୍ତି (ଆଲାଏଡ୍ ପାୱାର) ଓ କେନ୍ଦ୍ର ଶକ୍ତି (ସେଣ୍ଟ୍ରାଲ୍ ପାୱାର) ମଧ୍ୟରେ ହୋଇଥିଲା। ମିତ୍ରଶକ୍ତି ଯେଉଁଥିରେ ମୁଖ୍ୟତଃ ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ୍, ରୁଷିଆ, ଜାପାନ୍ ରହିଥିଲେ ଓ ପରେ ଇଟାଲୀ, ୟୁନାଇଟେଡ୍ ଷ୍ଟେଟ୍ସ ଯୋଗ ଦେଇଥିଲେ। କେନ୍ଦ୍ରଶକ୍ତି ଯେଉଁଥିରେ ଜର୍ମାନୀ, ଅଷ୍ଟ୍ରିଆ-ହଙ୍ଗେରୀ, ତୁର୍କୀ, ଗ୍ରୀସ୍, ଲେବାନନ୍, ୟେମେନ୍, ଇଜିପ୍ଟ, ଇରାକ୍, ସିରିଆ ପ୍ରଭୃତି ରହିଥିଲେ ଓ ମିତ୍ରଶକ୍ତିର ବିଜୟ ହୋଇଥିଲା ଏବଂ ୨୮ ଜୁନ୍ ୧୯୧୯ରେ ୩୨ଟି ଦେଶର ଦସ୍ତଖତରେ ଏକ ଶାନ୍ତି ଚୁକ୍ତିନାମା ଫ୍ରାନ୍ସର ଭର୍ସାଲିଜ୍ ପ୍ରାସାଦର ମିରରସ୍ ହଲ୍‌ରେ ସ୍ୱାକ୍ଷରିତ ହୋଇ ପରିସମାପ୍ତି ଘଟିଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ଭୟାବହତା ଏବେ ବି ସମାଜର ସ୍ଥିତିକୁ ଦୋହଲାଇଦିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ମୁଖ୍ୟତଃ ଅକ୍ଷଶକ୍ତି (ଆକ୍ସିସ୍ ପାୱାର୍) ଓ ମିତ୍ରଶକ୍ତି (ଆଲାଏଡ୍ ପାୱାର) ମଧ୍ୟରେ ହୋଇଥିଲା। ଅକ୍ଷଶକ୍ତି, ଜର୍ମାନୀର ଆଡ୍‌ଲଫ୍ ହିଟ୍‌ଲରଙ୍କ ନେତୃତ୍ୱରେ ଇଟାଲୀ, ଜାପାନ, ହଙ୍ଗେରୀ, ରୋମାନିଆ, ବୁଲ୍‌ଗେରିଆ ଓ ସ୍ଲୋଭାକିଆ ପ୍ରଭୃତି ରହିଥିଲେ। ମିତ୍ରଶକ୍ତିରେ ଗ୍ରେଟ୍ ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ; ଯେଉଁଥିରେ ଫ୍ରାନ୍ସ, ସୋଭିଏତ୍ ୟୁନିୟନ୍, ୟୁନାଇଟେଡ୍ ଷ୍ଟେଟ୍ସ ଓ ଚାଇନା ପ୍ରମୁଖ ରହିଥିଲେ। ୮ ମେ ୧୯୪୫ରେ ଜର୍ମାନୀର ନିଃସର୍ତ୍ତ ଆତ୍ମସମର୍ପଣ, ୬ ଓ ୯ ଅଗଷ୍ଟରେ ୟୁନାଇଟେଡ୍ ଷ୍ଟେଟ୍ସ ଜାପାନର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପଣ ପରେ ୧୫ ଅଗଷ୍ଟ ୧୯୪୫ରେ ଜାପାନ୍ ନିଃସର୍ତ୍ତ ଆତ୍ମସମର୍ପଣ କରି ୨ ସେପ୍ଟେମ୍ବର ୧୯୪୫ରେ ଆତ୍ମସମର୍ପଣର ଦସ୍ତାବିଜ୍‌ରେ ସ୍ୱାକ୍ଷର ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା।

ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କରି ଏହାର ଭୟାବହତା ଓ ବିଧ୍ୱଂସତାର ସୁଦୂର ପରିଣାମକୁ ଚିନ୍ତା କରି ବିଶ୍ୱ ଶାନ୍ତି ବିଷୟରେ ପ୍ରାୟ ୫୦ଟି ଦେଶର ପ୍ରତିନିଧିମାନେ କାଲିଫର୍ନିଆରେ ମିଳିତ ବୈଠକରେ ଆନ୍ତର୍ଜାତିକ ସଂଗଠନ ବିଷୟରେ ଆଲୋଚନା କଲେ, ଯାହା ୨୫ ଏପ୍ରିଲ୍‌ରୁ ୨୬ ଜୁନ୍ ୧୯୪୫ ମସିହା ପର୍ଯ୍ୟନ୍ତ ଚାଲିଲା। ପରବର୍ତ୍ତୀ ୨ ମାସରେ ଠିଠା ପ୍ରସ୍ତୁତ କରି ମିଳିତ ରାଷ୍ଟ୍ରର ଲିଖିତ ସମ୍ବିଧାନରେ ସ୍ୱାକ୍ଷର କଲେ, ଯାହା ଏକ ନୂତନ ଆନ୍ତର୍ଜାତିକ ସଂଗଠନ 'ଜାତିସଂଘ'ର ରୂପ ନେଲା। ଆଶା କରାଗଲା ଏହି ସଂସ୍ଥା ଅନ୍ୟ ଏକ ବିଶ୍ୱଯୁଦ୍ଧକୁ ପ୍ରତିହତ କରିପାରିବ। ଆମେରିକା, ସୋଭିଏତ୍ ୟୁନିୟନ୍, ଫ୍ରାନ୍ସ, ବ୍ରିଟେନ୍, ଚାଇନା ଓ ଅନ୍ୟାନ୍ୟ ପ୍ରଭାବଶାଳୀ ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସନନ୍ଦ ଅନୁମୋଦିତ ହୋଇ କାଲିଫର୍ନିଆ ବୈଠକର ୪ ମାସ ପରେ ୨୪ ଅକ୍ଟୋବର ୧୯୪୫ରେ ଔପଚାରିକ ଭାବରେ ମିଳିତ ଜାତିସଂଘ ଆରମ୍ଭ ହେଲା। ବାସ୍ତବରେ ଚାଇନା ପ୍ରଭାବଶାଳୀ ନ ଥିଲା, ତା' ଅପେକ୍ଷା ଜାପାନ ବେଶ୍ ପ୍ରଭାବଶାଳୀ ଥିଲା ; କିନ୍ତୁ ହୀରୋସିମା ଓ ନାଗାସାକି ଉପରେ ପଡ଼ିଥିବା ପରମାଣୁ ବୋମାର ଭୟାବହତା ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିଆ ମହାଦେଶରେ ଚାଇନାକୁ ମନୋନୀତ କରାଗଲା। ଏମାନେ ଏକୁ ଆରେକ ବଳିଆର ଓ ପରସ୍ପରର ଶତ୍ରୁ ହେଲେ ବି ଏହି ୫ଟି ଦେଶକୁ ଭିଟୋ (ପ୍ରସ୍ତାବିତ ବିଷୟରେ ନିଷେଧ ଅଧିକାର) ଭଳି ସ୍ୱତନ୍ତ୍ର ଶକ୍ତି ଦିଆଯାଇ ସମ୍ବିଧାନ ଅନୁମୋଦିତ ହେଲା। ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ପ୍ରସ୍ତାବ ଅନୁମୋଦିତ ହେଲେ ମଧ୍ୟ ଏହି ପି-୫ (ପର୍ମାନେଣ୍ଟ-୫) ଦେଶ ମଧ୍ୟରୁ କେହି ଜଣେ ବି ଭିଟୋ ଶକ୍ତି ବଳରେ ପ୍ରତିକୂଳ ମତପୋଷଣ କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇ ପାରିବ। ଉଦାହରଣ ସ୍ୱରୂପ ଭିଟୋ କ୍ଷମତା ବଳରେ ଚାଇନା ଚାରିଥର ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦର ପ୍ରତିଷ୍ଠାତା ମସୁଦ୍ ଅଜହର୍‌ଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପ୍ରସ୍ତାବକୁ ରଦ୍ଦ କରିପାରିଛି।



ଭବିଷ୍ୟତରେ ଜାତିସଂଘର ସଭ୍ୟ ଥିବା ଦେଶଗୁଡ଼ିକ କାଳେ ଏହି ୫ ଜଣଙ୍କୁ ନ ମାନିବେ, ତେଣୁ ଆଉ ୧୦ ଜଣଙ୍କୁ ଅସ୍ଥାୟୀ ସଦସ୍ୟ ଭାବେ ୨ ବର୍ଷର ଅବଧି ପାଇଁ ମନୋନୀତ କରିବାକୁ ସ୍ଥିର କଲେ, ଯଦ୍ୱାରା ସେମାନେ ମିଳିତ ଭାବେ ସମ୍ପର୍କରେ ରହି ପାରସ୍ପରିକ ଚିନ୍ତାଧାରାକୁ ଆଦାନପ୍ରଦାନ କରିପାରିବେ। ଆଫ୍ରିକା ମହାଦେଶରୁ ୩ ଜଣ, ଏସିଆ-ପାସିଫିକ୍‌ରୁ ୨ ଜଣ, ଲାଟିନ୍ ଆମେରିକାରୁ ଜଣେ, କାରବିୟାନ୍‌ରୁ ଜଣେ, ପଶ୍ଚିମ ୟୁରୋପ୍‌ରୁ ୨ ଜଣ ଓ ପୂର୍ବ ୟୁରୋପ୍‌ରୁ ଜଣେ ଏପରି ମୋଟ ୧୦ ଜଣ ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୁଅନ୍ତି।

୧୯୪୫ରେ ନୋବେଲ୍ କମିଟି ମଧ୍ୟ ବିଶ୍ୱର ଏକ ମିଳିତ ପ୍ରତିଷ୍ଠାନ ଗଠନ ବିଷୟରେ ଚିନ୍ତା କରିଥିଲା ଏବଂ ଶାନ୍ତି ପାଇଁ କର୍ଡେଲ୍ ହଲ୍‌ଙ୍କୁ ପୁରସ୍କୃତ କରାଗଲା, ଯିଏକି ମିଳିତ ଜାତିସଂଘର ପିତା ଭାବରେ ପରିଚିତ ହେଲେ। ଏହାର ପୂର୍ବ ନାମ ଲିଗ୍ ଅଫ୍ ନେଶନ୍ସ ଥିଲା। ଆମେରିକାର ପ୍ରେସିଡେଣ୍ଟ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍‌ଟ ପ୍ରଥମେ ଏହି 'ୟୁନାଇଟେଡ୍ ନେଶନ୍ସ' ନାମକୁ ଔପଚାରିକ ଭାବେ ଅଭିହିତ କଲେ। ଜାତିସଂଘରେ ବିଭିନ୍ନ ଆନ୍ତର୍ଜାତିକ ପ୍ରସଙ୍ଗ ଆଲୋଚନା ପାଇଁ ପ୍ରମୁଖ ସଂସ୍ଥାଗୁଡ଼ିକ ହେଲା ସାଧାରଣ ପରିଷଦ, ସୁରକ୍ଷା ପରିଷଦ, ଆର୍ଥିକ ଓ ସାମାଜିକ ପରିଷଦ, ଆନ୍ତର୍ଜାତିକ ବିଚାରାଳୟ, ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଙ୍ଗଠନ, ମାନବାଧିକାର, ଜଙ୍ଗଲ-ଜଳବାୟୁ ଓ ମହାକାଶ ସମ୍ବନ୍ଧୀୟ ଅନେକ ଆଲୋଚ୍ୟ ପ୍ରସଙ୍ଗକୁ ନେଇ ଫୋରମ୍ ମାନ ଗଢ଼ାଯାଇଅଛି।

ସ୍ୱାଧୀନତା ପ୍ରାପ୍ତିର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୩୦ ଅକ୍ଟୋବର ୧୯୪୫ରେ ଭାରତ ଜାତିସଂଘରେ ଯୋଗ ଦେଇଛି ଏବଂ ଭାରତ ମଧ୍ୟ ସେହି ୫୦ଟି ଦେଶ ଭିତରେ ଥିଲା, ଯେଉଁମାନେ ୨୬ ଜୁନ୍ ୧୯୪୫ରେ ସନନ୍ଦକୁ ଅନୁମୋଦନ କରି ସ୍ୱାକ୍ଷର କରିଥିଲେ। ପାକିସ୍ତାନ ମଧ୍ୟ ସ୍ୱାଧୀନତା ପ୍ରାପ୍ତିର ୧ ମାସ ପରେ, ୩୦ ସେପ୍ଟେମ୍ବର ୧୯୪୭ରେ ଜାତିସଂଘର ସଦସ୍ୟତା ଲାଭ କଲା। ଭାରତ ୧୯୫୦-୫୧ ରୁ ୨୦୨୧-୨୨ ଭିତରେ ୮ଥର ଅସ୍ଥାୟୀ ସଦସ୍ୟର ମାନ୍ୟତା ଲାଭ କରି ନିର୍ବାଚିତ ହୋଇ ୪ର୍ଥ ସ୍ଥାନରେ ରହିଛି। ପାକିସ୍ତାନ ମଧ୍ୟ ଭାରତ ପଛେ ପଛେ ୧୯୪୭ରୁ ୧୯୫୬ ଯାଏଁ 'ଡୋମିନିୟନ୍‌ଅଫ୍‌ପାକିସ୍ତାନ' ଏବଂ ୧୯୫୬ ପରଠାରୁ 'ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ପାକିସ୍ତାନ' ଭାବରେ ରହିଛି। ବର୍ତ୍ତମାନ ୨୦୨୫-୨୬ରେ ୮ମ ଥର ପାଇଁ ନିର୍ବାଚିତ ହୋଇ ଏସିଆ ମହାଦେଶର ଅବଧି ପୂରିଥିବା ଜାପାନର ସ୍ଥାନକୁ ପୂରଣ କରିଛି। ୧୯୩ ସଦସ୍ୟଙ୍କ ମଧ୍ୟରୁ ୧୨୪ଟି ମତ ଆବଶ୍ୟକ ଥିବାବେଳେ ୧୮୨ଟି ଦେଶ ପାକିସ୍ତାନ ସପକ୍ଷରେ ମତଦାନ ଦେଇଥିବାରୁ ଜାତିସଂଘରେ ପାକିସ୍ତାନର ପୂର୍ବତନ ସ୍ଥାୟୀ ପ୍ରତିନିଧି ମୁନିର୍ ଆକ୍ରମ୍‌ଙ୍କର ଆସ୍ଫାଳନ ଥିଲା ଯେ, ଆମେ ଗର୍ବର ସହିତ ଏ ଆସନ ଅଧିକାର କରିଛୁ। ପାକିସ୍ତାନ ଅସ୍ଥାୟୀ ସଦସ୍ୟ ଭାବରେ ଜାତିସଂଘର ଆତଙ୍କବାଦ ପ୍ରତିରୋଧ କମିଟିର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି। ନିଜକୁ ସୁହାଇଲା ଭଳି ଆପଣା ହିତରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ସହ ଧାରା-୩୭୦ ଉଚ୍ଛେଦ ପ୍ରସଙ୍ଗ ବାରମ୍ବାର ଉଠାଇ ବିଶ୍ୱ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବ। ପାକିସ୍ତାନ ଜୁଲାଇ ୨୦୨୫ରୁ ଗୋଟିଏ ମାସ ପାଇଁ ଜାତିସଂଘ ନିରାପତ୍ତା ପରିଷଦର ସଭାପତି ପଦରେ ରହିଛି। ଏତଦ୍‌ବ୍ୟତୀତ ଜାତିସଂଘରେ ୨୦୨୫ ପାଇଁ ତାଲିବାନ୍ ସ୍ୱୀକୃତି କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଛି। ଦୁଃଖର କଥା, ଯେଉଁ ଦେଶ ଆତଙ୍କବାଦୀଙ୍କୁ ପାଳିପୋଷି ତା'ର କଳେବର ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି, ସେହି ଦେଶ ଆତଙ୍କବାଦ ବିରୋଧୀ କମିଟିର ଉପାଧ୍ୟକ୍ଷ। ଏହା ଚୋର ହାତରେ ଚାବିକାଠି ସମର୍ପି ଦେବା ସଦୃଶ।

ଅପରପକ୍ଷରେ ଭାରତ ସବୁବେଳେ କିପରି ଜାତିସଂଘରେ ସଂସ୍କାର ଆସିବ, ସ୍ଥାୟୀ ସଦସ୍ୟତା ସଂଖ୍ୟା ବୃଦ୍ଧି ପାଇବ, କିପରି ଆତଙ୍କବାଦ ସମୂଳେ ଉତ୍ପାଟନ ହେବ, ଜଳବାୟୁ ପରିବର୍ତ୍ତନରେ ବିଶ୍ୱର ଉଷ୍ମତା ବୃଦ୍ଧି, ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ଜାତିସଂଘର ନିରପେକ୍ଷ ଭୂମିକାକୁ ଗୁରୁତ୍ୱ ଦେବା ଭଳି ସକାରାତ୍ମକ ଓ ଗଠନମୂଳକ ପ୍ରସଙ୍ଗକୁ ଉତ୍ଥାପନ କରି ଚର୍ଚ୍ଚା କରିଥାଏ। ବୈଶ୍ୱିକ ମଞ୍ଚରେ ହୀନ ସ୍ୱାର୍ଥକୁ ଦୂରେଇ ଦେଇ ମାନବ ସମାଜର ସମୂହ ଉନ୍ନତି କଳ୍ପେ ସର୍ବଦା ଚିନ୍ତା କରିଆସିଛି ଭାରତ। ବିଶ୍ୱ ସ୍ୱାର୍ଥକୁ ନେଇ ସତତ ଅଙ୍ଗୀକାରବଦ୍ଧ ଓ ଅନ୍ୟାୟ ବିରୁଦ୍ଧ ଶୂନ୍ୟ ସହିଷ୍ଣୁତା ନୀତିକୁ ପ୍ରାଧାନ୍ୟ ଦିଏ। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଏହି ବୈଶ୍ୱିକ ସଂଗଠନ ଉପରେ ବିଶ୍ୱସନୀୟତା ବଜାୟ ରଖନ୍ତୁ।

ମୋ:୯୪୩୮୫୩୨୪୫୭

# ସମନ୍ୱୟର ଅଭାବ



ଯଦୁମଣି ପାଣିଗ୍ରାହୀ

ଆଜିକାଲି ପାରିବାରିକ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନ ଯାଏ ସବୁଠି ପରସ୍ପର ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ ସର୍ବତ୍ର ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବା ସହ ନାନା ପ୍ରକାର ବିଭ୍ରାଟ ମଧ୍ୟ ସୃଷ୍ଟି ହେଉଛି। ପରିବାର ଭିତରେ କାହା ସହିତ କାହାର ସମନ୍ୱୟ ରହୁନାହିଁ। ଯାହା ଫଳରେ ଅଧିକାଂଶ ପରିବାର ଭିତରେ ଆଜି ଅଶାନ୍ତି ଓ ବିଶୃଙ୍ଖଳା। କାହା ମନ କାହାକୁ ପାଉନି। ପାରସ୍ପରିକ ମାନ ମନାନ୍ତର ଘଟି ପାରିବାରିକ ଜୀବନ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସମନ୍ୱୟ କି ସହମତି ନାହିଁ। ଯେଉଁଥିଲାଗି ଆଜି ସ୍ୱାମୀ ସ୍ତ୍ରୀଙ୍କ କଳି ଘରର ଚାରିକାନ୍ଥ ଡେଇଁ ଥାନା କୋର୍ଟ କଚେରି ଯାଏ ଗଲାଣି। ସେ ପ୍ରେମ ବିବାହ ହେଉ କି ପ୍ରସ୍ତାବ ପଡ଼ି ହେଉ ଆଜିକାଲି ହେଉଥିବା ଅଧିକାଂଶ ବାହାଘର ପ୍ରାୟତଃ ଅସଫଳ ହେଉଥିବା ଦେଖାଯାଉଛି। ବାହାଘରର କିଛି ମାସ କି ବର୍ଷ ଭିତରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମାନ ମନାନ୍ତର ଘଟି କଥା ଛାଡ଼ପତ୍ର ଯାଏ ଯାଉଛି। ପରସ୍ପରକୁ ଭଲଭାବେ ବୁଝିବା ଓ ଗ୍ରହଣ କରିନେବାରେ ସମ୍ପର୍କ ଯେ ଦୃଢ଼ ହୋଇଥାଏ ଏକଥା ବୁଝିବାକୁ ସେମାନେ ନାରାଜ। ସମନ୍ୱୟ ଅଭାବରୁ ଆଜି ପଡ଼ୋଶୀ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ରହିଥିବା ମଧୁର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ଅତି ଛୋଟ ଛୋଟ କଥା ଉଗ୍ରରୂପ ଧାରଣ କରୁଛି। ଅନେକ ସମୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ସେହିପରି ଅନେକ ପରିବାର ଭିତରେ ବାପ-ପୁଅ, ଭାଇ-ଭାଇ ଓ ଶାଶୁ- ବୋହୂଙ୍କ ଭିତରେ ସମନ୍ୱୟ ନ ରହିବା କାରଣରୁ ପରିବାର ଭିତରେ ନାନାଦି ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେଉଛି। ଏହା ପାରିବାରିକ ଜୀବନକୁ କଳୁଷିତ କରିଦେଉଛି। ଗାଁ ଲୋକଙ୍କ ଭିତରେ ପୂର୍ବରୁ ଯେପରି ପାରସ୍ପରିକ ମଧୁର ସମ୍ପର୍କ ଓ ଏକତା ମନୋଭାବ ରହୁଥିଲା ଆଜି ତାହା ଆଉ ଦେଖିବାକୁ ମିଳୁନି। ଗାଁ ଭିତରେ କାହାରି ମନ କାହାକୁ ପାଉନି। ଦିନେ ଅନେକ ବଡ଼ ବଡ଼ ବାଦବିବାଦକୁ ଯେଉଁ ଗାଁର ଭଦ୍ରଲୋକ ବସି ଆପୋସ ସମାଧାନ କରି ଦେଉଥିଲେ ଏବେ ସେହି ଗାଁର ଛୋଟିଆ କଳି ଝଗଡ଼ାର ସମାଧାନ ଲାଗି ଥାନା କିମ୍ବା କଚେରିକୁ ଯିବାକୁ ପଡୁଛି। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଦିନେ ଗାଁର ଭୋଜିଭାତ ଠୁଁ ଆରମ୍ଭ କରି ପୁଣି ଉତ୍ସବ ଅନୁଷ୍ଠାନ ଯାଏ ସବୁକିଛି ସୁରୁଖୁରୁରେ ସମାହିତ ହେଉଥିଲା। ଏବେ କିନ୍ତୁ ଏସବୁ ପାଳନକୁ ନେଇ ବାଦବିବାଦ ଓ ଗଣ୍ଡଗୋଳ ସୃଷ୍ଟି ହେଉଛି। କେବଳ ପାରସ୍ପରିକ ସମନ୍ୱୟର ଅଭାବ ଏହାର ଏକମାତ୍ର କାରଣ ବୋଲି କୁହାଯାଇପାରେ। ଆଜିକାଲି ବିଭିନ୍ନ ସଂଘ ସମିତି, ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନ, ଧର୍ମାନୁଷ୍ଠାନ ଅଥବା କ୍ରୀଡ଼ାନୁଷ୍ଠାନଗୁଡ଼ିକ ଭିତରେ ବେଶି ବିଶୃଙ୍ଖଳା ଓ ବାଦବିବାଦ ଦେଖାଦେଉଛି। ସମନ୍ୱୟର ଅଭାବ ଯୋଗୁ ସେମାନଙ୍କ ଭିତରେ ମାନ ମନାନ୍ତର ଓ ମତାନ୍ତର ଘଟୁଥିବା ପରିଲକ୍ଷିତ ହେଉଛି। ଯାହା ଫଳରେ ଏସବୁ ବସ୍ତୁତଃ ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଛି ସେସବୁ ଲକ୍ଷ୍ୟପଥରୁ ଦୂରେଇ ଯାଉଛି।



ବର୍ତ୍ତମାନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକର ପରିବେଶ ଅଧିକ ମାତ୍ରାରେ ବିଶୃଙ୍ଖଳିତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଶିକ୍ଷକ-ଶିକ୍ଷକଙ୍କ ମନୋମାଳିନ୍ୟ ରହୁଥିବା ବେଳେ ଶିକ୍ଷକ-ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲ ସମ୍ପର୍କ ରହୁନାହିଁ। ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ସହକାରୀ ଶିକ୍ଷକଙ୍କର ସମନ୍ୱୟ ରହୁ ନ ଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ କାର୍ଯ୍ୟକ୍ରମ ଫଳପ୍ରସୂ ହୋଇପାରୁନି। ଫଳରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରୁ ନାହାନ୍ତି। ସେହିପରି ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଦ୍ୟାଳୟରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ଅନ୍ୟାନ୍ୟ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। କେବଳ ଶିକ୍ଷାନୁଷ୍ଠାନ ନୁହେଁ ବରଂ ବ୍ଲକ, ଥାନା ଓ ତହସିଲ ଆଦି ସରକାରୀ ଦପ୍ତରଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ସମନ୍ୱୟର ଅଭାବ ଯୋଗୁ ସାଧାରଣ ଲୋକଙ୍କୁ ସୁଫଳ ମିଳିପାରୁନି। ଏହିସବୁ ଦପ୍ତରର ମୁଖିଆଙ୍କ କଥା ବା ନିର୍ଦ୍ଦେଶକୁ ଅନ୍ୟମାନେ ଠିକ୍ ଢଙ୍ଗରେ ପାଳନ କରୁ ନ ଥିବା କାରଣରୁ ଦପ୍ତର ଭିତରେ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳୁଛି।

କେବଳ ସେତିକି ନୁହେଁ ପ୍ରଶାସନ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ବିଭିନ୍ନ ସଭାସମିତି, ଉତ୍ସବ ଅନୁଷ୍ଠାନ ଓ ସଚେତନତା କାର୍ଯ୍ୟକ୍ରମ ପାଳନ ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଚରମ ବିଫଳତା ନଜରକୁ ଆସୁଛି। ଠିକ୍ ସେମିତି ତୃଣମୂଳଠାରୁ ଆରମ୍ଭ କରି ଉପରସ୍ତର ଯାଏ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ/କର୍ମଚାରୀଙ୍କ ଭିତରେ ସମନ୍ୱୟ ରକ୍ଷା ହୋଇ ନ ପାରିବା କାରଣରୁ ଅନେକ ସମୟରେ ବିଶୃଙ୍ଖଳା ଓ ବାଦବିବାଦ ସୃଷ୍ଟି ହେଉଛି। ସରକାର ପ୍ରଣୟନ କରିଥିବା ଅନେକ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ପ୍ରଶାସନ ହାତରେ ରହିଛି। ହେଲେ ସରକାର ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ହିତାଧିକାରୀମାନେ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ମତ ମତାନ୍ତର ସୃଷ୍ଟି ହୋଇଥାଏ। ସେହିପରି ଦଳର ମୁଖିଆଙ୍କ ସହିତ ଅନ୍ୟ ନେତାଙ୍କ ସମନ୍ୱୟ ରକ୍ଷା ହୋଇ ନ ପାରିବା ଯୋଗୁ ମନ ଫଟାଫଟି ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ସମନ୍ୱୟ ଅଭାବରୁ ଶାସନରେ ଥିବା ଦଳୀୟ ନେତାଙ୍କ ଭିତରେ ବି ଅନେକ ସମୟରେ ମାନ ମନାନ୍ତର ଓ ବାଦ ବିବାଦ ଦେଖାଦେଇଥାଏ। କେତେବେଳେ ଦଳ ମୁଖିଆଙ୍କ ହସ୍ତକ୍ଷେପ ପରେ ଏହା ପ୍ରଶମିତ ହୋଇଥାଏ ତ ଆଉ କେତେବେଳେ ଏହା ଆୟତ୍ତ ବାହାରକୁ ଚାଲି ଯାଇଥାଏ। ଅନ୍ୟପକ୍ଷେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା କାରଣରୁ ଅନେକ ସମୟରେ ବିବଦମାନ ପରିସ୍ଥିତ ଉପୁଜିଥାଏ। ଅନେକ ପ୍ରସଙ୍ଗ/ଅପ୍ରସଙ୍ଗକୁ ନେଇ ବିଧାନସଭା ଭିତରେ ଓ ବାହାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆକ୍ଷେପ-ପ୍ରତି ଆକ୍ଷେପ, ଆବଶ୍ୟକ ସ୍ଥଳେ ମାଡ଼ଗୋଳ ଭଳି ସ୍ଥିତି ଉପୁଜିଥାଏ। ତେଣୁ ସବୁଠି ଓ ସବୁକ୍ଷେତ୍ରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଇ ପାରିଲେ ସାଧାରଣ ଲୋକେ ଏହାର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ।

ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ସକାଳ ହେଲେ ଚା' ନ ହେଲେ ନ ଚଳେ। ରାସ୍ତାକଡ଼ ଚା' ଦୋକାନ ଖୋଲିଗଲେ ସବୁଠି ଭିଡ଼ ଲାଗେ। ଚା' ଦୋକାନୀ ଲୋକଙ୍କୁ ଚା' ଦେଇଚାଲନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଭିନ୍ନ ଧରଣର ଚା' ଦୋକାନ ଅଛି, ଯେଉଁଠି କୌଣସି କର୍ମଚାରୀ ନାହାନ୍ତି । ଏହାର ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ସ୍ଥାନୀୟ ଲୋକମାନେ ପ୍ରତିଦିନ ଏହି ଦୋକାନକୁ ଆସନ୍ତି ଓ ସେମାନେ ନିଜେ ସବୁ କାମ କରି ଚା' ପିଇ ଚାଲିଯାଆନ୍ତି। ଏହି ଦୋକାନ ୧୦୦ ବର୍ଷର ପୁରୁଣା । ଲୋକଙ୍କ ବିଶ୍ୱାସକୁ ନେଇ ଏହା ଚାଲିଛି। ଅଶୋକଙ୍କ ଚା' ଦୋକାନ ସକାଳେ ଖୋଲେ ଓ ସନ୍ଧ୍ୟା ୭ଟା ଯାଏ ଚାଲେ। ଯେଉଁମାନେ ସେଠାକୁ ଚା' ପିଇବାକୁ ଆସନ୍ତି, ସେମାନେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି । ସେମାନେ ନିଜେ ଚା' କରି ପିଇବା ସହ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ମଧ୍ୟ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ସେମାନେ ଦୋକାନର ବାସନ ମଧ୍ୟ ସଫା କରନ୍ତି। ବଡ଼ କଥା ହେଉଛି ଏହି ଦୋକାନରେ କେବେ ବି ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୭୬

- ରାଜଘାଟ ସମାଧିସ୍ଥଳୀର ବିଭିନ୍ନ ଖର୍ଚ୍ଚ ତୁଲାଇବା ବାବଦରେ କେନ୍ଦ୍ର ସରକାର ରାଜଘାଟ ସମାଧି କମିଟିକୁ ୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହାଇକୋର୍ଟଗୁଡ଼ିକ ମଧ୍ୟରେ ମୋକଦ୍ଦମା ବଦଳି ପାଇଁ ସୁପ୍ରିମ୍‌କୋର୍ଟକୁ କ୍ଷମତା ଦେବା ନିମନ୍ତେ ସମ୍ବିଧାନରେ ବ୍ୟବସ୍ଥା ରଖିବା ଲାଗି ସ୍ୱରଣ ସିଂହ କମିଟିର ସୁପାରିଶ।
- ଆନ୍ତର୍ଜାତିକ ଅର୍ଥନୈତିକ ମାନ୍ଦାବସ୍ଥା ଭିତରେ ପ୍ରଥମ ଥର ପାଇଁ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଇଥିବା ଅନ୍ତର୍ଜାତିକ ଶ୍ରମିକ ସଂସ୍ଥାର ଏକ ସର୍ଭେରୁ ଜଣାପଡ଼ିଛି।

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | |
| | 2 | | 4 | | | 9 | 8 | 7 |
| | 9 | | 8 | | | 3 | | |
| 6 | | | | | | | 7 | |
| | | 1 | 3 | 9 | | | | |
| | | | | 5 | | | | |
| 8 | | | | 2 | 3 | | 9 | |
| | | | | | 8 | | | 5 |
| 2 | 7 | | 9 | | | | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 7 | 4 | 5 | 2 | 1 | 6 | 8 |
| 5 | 2 | 6 | 9 | 8 | 1 | 3 | 7 | 4 |
| 1 | 8 | 4 | 3 | 7 | 6 | 5 | 2 | 9 |
| 8 | 7 | 9 | 2 | 1 | 4 | 6 | 5 | 3 |
| 6 | 3 | 2 | 8 | 9 | 5 | 7 | 4 | 1 |
| 4 | 5 | 1 | 7 | 6 | 3 | 8 | 9 | 2 |
| 9 | 4 | 8 | 5 | 3 | 7 | 2 | 1 | 6 |
| 7 | 6 | 3 | 1 | 2 | 9 | 4 | 8 | 5 |
| 2 | 1 | 5 | 6 | 4 | 8 | 9 | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ବଲପୁର ଅନୁଭୂତି

ମହାଶୟ,

ଏକ ନିର୍ବନ୍ଧ ଉତ୍ସବ (ଆଜିକାର ରିଂ ସେରିମନି)ରେ ଯୋଗଦେବାକୁ ସମ୍ବଲପୁର ଯାଇଥିଲି। ସମ୍ବଲପୁରର ପୂର୍ବନାମ ହୀରାଖଣ୍ଡ, ସମ୍ବଲପୁରୀ ବସ୍ତ୍ର, ମା' ଘଣ୍ଟେଶ୍ୱରୀ, ହୀରାକୁଦ ବନ୍ଧ, ମା' ସମଲେଶ୍ୱରୀଙ୍କ ନିମନ୍ତେ ପ୍ରସିଦ୍ଧ ଏହି ଜିଲାର ବିଜୁ ଏକ୍ସପ୍ରେସ, ହାଇୱେ ନିକଟସ୍ଥ ଏକ ରିସର୍ଟରେ ଅବସ୍ଥାନ କଲା ବେଳେ ଦେଖିଲି ରାସ୍ତା ଦୁଇପାର୍ଶ୍ୱରେ ଅନେକ ଅନୁଷ୍ଠାନ କାର୍ଯ୍ୟାଳୟ ଥିଲେ ମଧ୍ୟ କାଦୁଅରେ ଲଟପଟ ହୋଇଥିଲା। ମା' ଘଣ୍ଟେଶ୍ୱରୀଙ୍କ ମନ୍ଦିରକୁ ଯାଉଥିବା ଚିପିଲିମାର ସଂକୀର୍ଣ୍ଣ ଲୁହାସେତୁରେ ଯିବା ବେଳେ ପାର୍ଶ୍ୱ ନଈର ପ୍ରଚୁର କଟକୀ ଦଳରେ ପରିପୂର୍ଣ୍ଣ। ଦର୍ଶନୀୟ ସ୍ଥାନ ଏବଂ ଏଚ୍‌ଡିପିପିସିର ପ୍ରକଳ୍ପ ଥାଇ ମଧ୍ୟ ଦଳ ସଫା ନ ହେବା ଦୁଃଖ ଲାଗିଲା। ପ୍ରଖ୍ୟାତ ହୀରାକୁଦ ବନ୍ଧ ଦେଖିବାକୁ ଗଲୁ। ଏକ ପାର୍ଶ୍ୱରେ ଜବାହର ମୀନାର ଉପରେ ଚଢି ହୀରାକୁଦ ବନ୍ଧ ଓ ଜଳ ବିଦ୍ୟୁତ କେନ୍ଦ୍ର ଆଦି ଦେଖି ଖୁସି ହେଲି। ହେଲେ ମୋର ମନେହେଲା ସାଂପ୍ରତିକ ସମୟରେ ଦୁଷ୍ଟ ବୁଦ୍ଧି ଆଗନ୍ତୁକ ମଣିଷମାନଙ୍କ ନିମନ୍ତେ କୌଣସି ସୁରକ୍ଷା କର୍ମୀ କିମ୍ବା ଆରକ୍ଷୀ ମୁତୟନ ନାହାନ୍ତି। ଯଦି ମୋର ମନ୍ତବ୍ୟ ସତ୍ୟ ହୋଇଥାଏ, ତାହା ହେଲେ ସେ ନେଇ ବ୍ୟବସ୍ଥା କରାଯିବା ଉଚିତ ନୁହେଁ କି ?

-ଶ୍ରୀରାମଚନ୍ଦ୍ର ଦାଶ, ସମାଜସେବୀ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃକ୍ଷଣେ ବିଶ୍ୱର ଅସୀମ ଅବସାଦ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବାଇକ୍ ମାଲିକଙ୍କୁ ୧୬ ହଜାର ଜରିମାନା

## ଚଳନ୍ତା ବାଇକ ଉପରେ ବିପଦପୂର୍ଣ୍ଣ ରିଲ୍ସ

କଟକ,୨୮।୭(କାର୍ତ୍ତିକ ସାହୁ)

ଚଳନ୍ତା ବାଇକ୍ ଉପରେ ବିପଦପୂର୍ଣ୍ଣ ରିଲ୍ସ କରିବା ମହଙ୍ଗା ପଡ଼ିଛି। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବାପରେ ଜଣେ ବ୍ୟକ୍ତି ଏନେଇ ଏକ୍ସରେ ଟୁଇଟ୍ କରିଥିଲେ। ଏହା ପରେ କଟକ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ (ଆର୍‌ଟିଓ) ଉକ୍ତ ଗାଡ଼ି ମାଲିକଙ୍କୁ ୧୬ ହଜାର ଟଙ୍କା ଜରିମାନା ଜାରି କରିଛନ୍ତି। ତନ୍ମଧ୍ୟରେ ବିପଦପୂର୍ଣ୍ଣ ଗାଡ଼ି ଚାଳନା ପାଇଁ ୫ ହଜାର, ବିନା ହେଲମେଟ୍‌ରେ ଗାଡ଼ି ଚାଳନା ପାଇଁ ୧ ହଜାର ଏବଂ ବାୟୁ ଓ ଶବ୍ଦ ପ୍ରଦୂଷଣ ପାଇଁ ୧୦ ହଜାର ଟଙ୍କା ଜରିମାନା ହୋଇଛି।

ସୂଚନାନୁସାରେ, ଜଣେ ବ୍ୟକ୍ତି ତାଙ୍କ ଚଳନ୍ତା ବୁଲେଟ ଗାଡ଼ି ଆଗରେ ସ୍ତ୍ରୀଙ୍କୁ ବସାଇ ରିଲ୍ସ କରି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ସୋସିଆଲ ମିଡିଆରେ ଏହା ଭାଇରାଲ ହେବାପରେ ଜଣେ ଯୁବକ ଗାଡ଼ି ନମ୍ବର ସହ ଉକ୍ତ ଭିଡିଓକୁ ପୋଲିସ ଡିଜି, କଟକ ଜିଲାପାଳ ଆଦି ଅଧିକାରୀମାନଙ୍କୁ ଟୁଇଟ୍ କରିଥିଲେ। ଏପରି ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହାପରେ କଟକ ଆର୍‌ଟିଓ ଗାଡ଼ି ମାଲିକ କଟକ ଆଠଗଡ଼ ଅଞ୍ଚଳର ମୋହନ ସାହୁଙ୍କୁ ୧୬ ହଜାର ଟଙ୍କା ଜରିମାନା କରିଛନ୍ତି। ଏନେଇ


ବିପଦପୂର୍ଣ୍ଣ ରିଲ୍ସର ଏକ ଦୃଶ୍ୟ।

କଟକ ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ କୁହନ୍ତି, ଜଣେ ବ୍ୟକ୍ତି ଜଣେ ମହିଳାଙ୍କୁ ମୋଟର ସାଇକେଲରେ ବସାଇ ଷ୍ଟଣ୍ଟ କରୁଛନ୍ତି। ଟୁଇଟ୍ କରିଥିବା ବ୍ୟକ୍ତି ସବୁ ଅଧିକାରୀମାନଙ୍କୁ ଟ୍ୟାଗ୍ କରି ଲେଖିଛନ୍ତି, ସର୍ବସାଧାରଣ ରାସ୍ତାରେ ଏପରି ବିପଦପୂର୍ଣ୍ଣ ଷ୍ଟଣ୍ଟ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଉକ୍ତ ଭିଡିଓଟିକୁ ଆମେ ଦେଖିବା ପରେ ଉକ୍ତ ଭିଡିଓଟି ବିପଦପୂର୍ଣ୍ଣ ଅଛି, ଯେକୌଣସି ଲୋକକୁ ଅସୁବିଧାରେ ପକାଇପାରେ। ନିଜେ ମଧ୍ୟ ଅସୁବିଧାରେ ପଡ଼ିବା ସହିତ ରାସ୍ତାରେ ଯାଉଥିବା ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ସେଥିପାଇଁ ତାଙ୍କ ଗାଡ଼ି ଉପରେ ଜରିମାନା କରାଯାଇଥିବା ଆର୍‌ଟିଓ କହିଛନ୍ତି।

# ପୁରୁଣା ୟୁନିଫର୍ମରେ ସ୍କୁଲ ଯାଉଛନ୍ତି ପିଲା

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

■ ଜୁନ୍‌ରୁ ଚିଠି ହେଲାଣି, ତଥାପି ମିଳୁନି
■ ଘରୋଇ ସ୍କୁଲ ଭଳି ହେବ ହାଉସ୍ ଗଠନ

ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଥମଥର ୨ଟି ଶାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟପତ୍ର ମାଗଣାରେ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ପିଲାମାନେ ମଧ୍ୟ ନୂଆ ୟୁନିଫର୍ମରେ ସ୍କୁଲ ଯିବେ ଭାବି ଖୁସି ହୋଇଥିଲେ। ହେଲେ ନୂଆ ପୋଷାକକୁ ଚାହିଁ ଚାହିଁ ଏବେ ବି ପୁରୁଣା ୟୁନିଫର୍ମରେ ସ୍କୁଲ ଯାଉଛନ୍ତି ପିଲା। ଖରାଛୁଟି ପରେ ଜୁନ୍ ୨୦ରୁ ସ୍କୁଲ ଖୋଲିଥିଲେ ମଧ୍ୟ ଏଯାଏ ପିଲାଙ୍କୁ ୟୁନିଫର୍ମ ମିଳିପାରୁନି। ଫଳରେ ଅନେକ ଛାତ୍ରଛାତ୍ରୀ ପୁରୁଣା ଚିରାଫଟା ପୋଷାକ, ଜୋତା ପିନ୍ଧି ସ୍କୁଲ ଯାଉଥିବା ଦେଖିବାକୁ ମିଳୁଛି। ଜୁଲାଇ ୧୫ ସୁଦ୍ଧା ପିଲାଙ୍କୁ ସ୍କୁଲ ପୋଷାକ ମିଳିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଯେବେ ନୂଆ ୟୁନିଫର୍ମ ମିଳିବ, ସେନେଇ ସ୍ପଷ୍ଟ ସୂଚନା ମିଳିପାରୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜୁନ୍ ୨୬ରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷାର ସଂପୃକ୍ତ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖି ଶୀଘ୍ର ନୂଆ ସ୍କୁଲ ୟୁନିଫର୍ମ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଚିଠିଅନୁସାରେ, ୟୁନିଫର୍ମ ପାଇଁ ଜଣେ ଛାତ୍ରଛାତ୍ରୀଙ୍କ ପିଛା ମୋଟ ୫୦୦ ଟଙ୍କା ଖର୍ଚ୍ଚ ହେବ। ଜଣେ ଛାତ୍ରଛାତ୍ରୀଙ୍କ ପିଛା ୨୦୦ଟଙ୍କାରେ ହଳେ ଜୋତା ଓ ଦୁଇ ହଳ ମୋଜା, ୧୨୫ ଟଙ୍କାରେ ଗୋଟିଏ ଟି-ଶାର୍ଟ ଓ ୧୨୫ ଟଙ୍କାରେ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କାରେ ଗୋଟିଏ ଟୋପି ଓ ୨୦ ଟଙ୍କାରେ ଗୋଟିଏ ପରିଚୟ ପତ୍ର ବଣ୍ଟନ କରାଯିବ। ସରକାରୀ ବିଦ୍ୟାଳୟଗୁଡ଼ିକରେ ପାଠ ପଢୁଥିବା ସମସ୍ତ ଛାତ୍ରୀ ତଥା ଅନୁସୂଚିତ ଜାତି ଓ ଜନଜାତି ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଛାତ୍ରଙ୍କ କ୍ଷେତ୍ରରେ ମୋଟ ୫୦୦ଟଙ୍କା ମଧ୍ୟରୁ ୧୦୦ ଟଙ୍କା ସମଗ୍ର ଶିକ୍ଷା ଯୋଜନାରୁ ଭରଣା କରାଯାଉଥିବା ବେଳେ ବଳକା ୪୦୦ ଟଙ୍କା ରାଜ୍ୟ ସରକାରଙ୍କ ଗଙ୍ଗାଧର ମେହେର ଶିକ୍ଷାମାନକ ବୃଦ୍ଧି ଯୋଜନାରୁ ଭରଣା କରାଯିବ। ଛାତ୍ରଛାତ୍ରୀଙ୍କୁ ଏକ ହଳ କଳା ରଙ୍ଗର ଜୋତା ଓ ଦୁଇ ହଳ ଧଳା ରଙ୍ଗର ମୋଜା ବଣ୍ଟନ କରାଯିବ।

ଏଥିସହ ୟୁନିଫର୍ମ ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି। ୧୦୦ ଜଣରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଦୁଇଟି ହାଉସ ଗଠନ କରାଯିବ। ୪ଟିରଙ୍ଗର ଟି-ଶାର୍ଟ ମଧ୍ୟରୁ ଯେ କୌଣସି ଦୁଇଟି ରଙ୍ଗର ଟି-ଶାର୍ଟ ଚୟନ କରାଯାଇ ବଣ୍ଟନ କରାଯିବ। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ର ଥିବା ବିଦ୍ୟାଳୟରେ ୪ଟି ହାଉସ ଗଠନ କରାଯାଇ ୪ଟି ରଙ୍ଗର ଟି-ଶାର୍ଟ ଚୟନ କରାଯାଇ ବଣ୍ଟନ କରାଯିବ। ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଟି-ଶାର୍ଟ ସହିତ ଗୋଟିଏ ଲୋଗୋ ଲେଖାଏ ଟ୍ରାକ ପ୍ୟାଣ୍ଟ ଏବଂ ଗୋଟିଏ ଟୋପି ଲୋଗୋ ସହିତ ଦିଆଯିବ। ଛାତ୍ରଛାତ୍ରୀଙ୍କୁ ଗୋଟିଏ ପରିଚୟ ପତ୍ର ମଧ୍ୟ ବଣ୍ଟନ କରାଯିବ। ଶିକ୍ଷକ, ଶିକ୍ଷିତ ବ୍ୟକ୍ତି ଏବଂ ସମାଜସେବୀଙ୍କ ଉପସ୍ଥିତିରେ ଜୋତା ଆଦି ଉପକରଣ ବଣ୍ଟନ କରାଯିବା ସହିତ ଏ ସମ୍ପର୍କିତ ଫଟୋ ଉତ୍ତୋଳନ କରାଯାଇ ସଂପୂର୍ଣ୍ଣ ବିବରଣୀ ରଖାଯିବ।

# କମିଲା ବର୍ଷା, ୨ ଦିନ ୨୦ ଜିଲାକୁ ବଜ୍ରପାତ ଭୟ

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଜାରି ରହିଛି। ତେବେ ଆହୁରି ୨ଦିନ ବିଭିନ୍ନ ଜିଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବାକୁ ଥିବାବେଳେ ବଜ୍ରପାତ ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୦ ଜିଲାକୁ ୟେଲୋ ୱର୍ନିଂ ଜାରି କରାଯାଇଛି। ଏସବୁ ଜିଲା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ରହିଛି। ବୁଧବାର ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ଅଧିକାଂଶ ଜିଲାକୁ ବଜ୍ରପାତ ଭୟ ରହିଛି। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱର୍ନିଂ ଜାରି କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଜୟ


@ ସନ୍ଧ୍ୟା


@ ଜୟଦେବ


@ ସୌଜନ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**GOVERNMENT OF ODISHA** No.C-751
**OFFICE OF THE ADDITIONAL CHIEF ENGINEER, P.H. CIRCLE, NAYABAZAR, CUTTACK-753004**
Ph. : 0671-2440841, E-mail : sephctc@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
Invitation For Bids (IFB) No.ACEPHCTC-03/2025-26 Dtd.24.07.2025

| Sl. No. | Name of the work | Estimated cost (Approx) |
|---|---|---|
| 1. | Augmentation of distribution system including laying of clear main from CWR to different OGRs & introduction of Zonal system, Hindol under State Plan Basudha 2024-25 | Rs.731.79 lakh |

1. Date & time of availability of bid document in the portal : 11.00 Hrs. of dt.01.08.2025 to 17.30 Hrs. of dt.18.08.2025
2. Last date/time of receipt of bids in the portal : 18.08.2025 upto 17.30 Hrs.
3. Date & time of opening of bids : 19.08.2025 at 12.30 Hrs.
4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack - 753004, Odisha, Ph. (0671)2440841, email : sephctc@gmail.com

Further details can be seen from the website www.tendersorissa.gov.in
Sd./- Addl. Chief Engineer, P.H. Circle, Cuttack
OIPR-13029/11/0011/2526

**ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍‌ଏଲ୍‌ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍‌ଏଲ୍‌ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ସମୟ |
|---|---|---|---|---|
| ପାର୍ସଲ ଏସ୍‌ଏଲ୍‌ଆର | ପାର୍ସଲ-ଏସ୍‌ଏଲ୍‌ଆର୍-ଏୟୁକି | ୦୨.୦୮.୨୦୨୫ | ୧୧.୩୦ ଘଟିକା | ୧୭.୨୦ ଘଟିକା |

ଆଗ୍ରହୀ ପକ୍ଷମାନେ ଏହାକୁ ଧ୍ୟାନରେ ରଖନ୍ତୁ ଏବଂ ସାଇଟ୍ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖନ୍ତୁ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-448) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**NCC GROUP HEADQUARTERS, CUTTACK**

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp. in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd. offrs. to send their resume along with copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025**.

**SUBSIDIARY INTELLIGENCE BUREAU**
(Ministry of Home Affairs)
Government of India
Unit-5, Biudyut Marg, Bhubaneswar
**AUCTION NOTICE**

Sealed quotations are invited from interested bidders for the public auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit-V, Bhubaneswar-751001.

| Model/Type of Vehicle | Year of Manufacturing | Total Kms. run |
|---|---|---|
| Tata Sumo | 08/2016 | 1,44,170 |

Interested parties may inspect during office hours from **1000 hrs to 1300 hrs & 1500 hrs to 1700 hrs** on any working day on or before **12/08/2025** and submit the sealed quotations by **15:30 hrs on 12/08/2025** along with a Demand Draft (NOT A/c Payee) of **Rs. 10000/-** (Rupees ten thousand only) as Earnest Money Deposit (EMD) in favour of **"DDO, SIB Bhubaneswar"** payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for office vehicle to be auctioned" and addressed to Assistant Director/E, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2396440. Quotations will be opened in presence of members of the Auction Committee and bidders present on **12/08/2025 at 1600 hrs**. Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of auctioned vehicle, failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The Head of the Office reserves the right to cancel any bid without assigning any reason thereof.
**Sd./- Assistant Director/E**

**OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, DUMKA**
CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D and PR 355582 Road (25-26)_D
NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73
CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 08.09.2025 at 10.30 A.M in place of 26.08.2025 Up to 12.00 Noon. |
| 5 | Date of Publication of Tender on website | 12.08.2025 at 10.30 A.M in place of 28.07.2025 |
| 6 | Pre Bid Meeting | 18.08.2025 at 10.30 A.M in place of 04.08.2025 at 11.00 A.M |

Other terms and conditions shall remain unchanged.
Executive Engineer
Road Construction Department,
Road Division, Dumka
PR 358355 Road(25-26)D

No.gg-18
**Government of Odisha
Department of Social Security & Empowerment of Persons with Disabilities**
ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି।
ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ୍ https://ssepd.odisha.gov.in/ ରେ ଆବେଦନ କରିପାରିବେ।
Sd./- Director,
SS&EPD Department
OIPR-46001/11/0058/2526

See Career Appointment on every Wednesday & Saturday

**केन्द्रीय विद्यालय कामाख्यानगर**
मुंडीदेउली, कामाख्यानगर,
वार्ड नंबर 9, डाकघर - कामाख्यानगर,
जिला - ढेंकानाल,
ओडिशा - 759018
ई-मेल - kvkamakhyanagar@gmail.com
वेबसाइट - https://kamakshyanagar.kvs.ac.in
केन्द्रीय विद्यालय संगठन
**KENDRIYA VIDYALAYA KAMAKHYANAGAR**
Mundideuli, Kamakhyanagar,
Ward No. 9, P.O -Kamakhyanagar,
Distt. Dhenkanal, Odisha - 759018
E-mail:-kvkamakhyanagar@gmail.com
Website- https://kamakshyanagar.kvs.ac.in
**WALK-IN-INTERVIEW**
Date-26/07/2025
A Walk-in-Interview will be conducted in the Vidyalaya premises of **KENDRIYA VIDYALAYA KAMAKHYANAGAR** on **2nd August 2025** to prepare a panel to engage teachers on part-time contractual basis for the academic session **2025-26** as and when required basis. Interested candidates fulfilling the qualification for the posts given below may appear for interview along with their original Mark Sheets / Certificates (for verification only), Bio-data, a recent passport size photograph and a set of self-attested photocopies of all testimonials/mark sheets. For more details i.e. Bio-data/Registration form, Qualifications, Term and conditions etc. click on the link :- https://shorturl.at/yjwWR
OR scan the QR
Post required : 1) Primary Teachers, 2) Music Coach
Date : 02/08/2025, Saturday
(Registration time : 9:00 A.M. - 10 A.M.)
Sd./- प्राचार्य / PRINCIPAL

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ **ଦଖଲକୁ** ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଡୁବୁରୀ-୨ ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୨୪.୦୪.୨୦୨୫ ସୁଦ୍ଧା ଟ.୧୦,୫୨,୭୦୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୫.୨୦୨୫ / ୨୩.୦୭.୨୦୨୫ | ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲଗାଁ, ଏସ୍‌ଆର୍‌ଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି |
| **ଭଦ୍ରକ-୩ ଶାଖା /** ଋଣଗ୍ରହୀତା: ମେସର୍ସ ଓମ୍ ସାଇ ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ସା/ପୋ: ଜଳଙ୍ଗା, ଭାୟା: ମାଧବନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୮୧/ କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ୨) ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଉଭୟଙ୍କ ଠିକଣା- ୟୁ.ପି ସ୍କୁଲ ନିକଟ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦, ୩) ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ, ୟୁ.ପି ସ୍କୁଲ ସମ୍ମୁଖ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦ | ୨୦.୦୫.୨୦୨୫ ସୁଦ୍ଧା ଟ.୨୦,୩୧,୯୭୧.୧୧ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୫.୨୦୨୫ / ୨୫.୦୭.୨୦୨୫ | ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ ଏବଂ ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୧୦୬/୧୯୩, ପ୍ଲଟ୍ ନଂ.: ୬୯୬, କ୍ଷେତ୍ର: ଏକର୧.୨୦ ଡିସିମିଲି, ମୌଜା: ଜଳଙ୍ଗା, ଥାନା: ଭଦ୍ରକ ଏବଂ ନଂ. ୧୧୯, ତହସିଲ: ଭଦ୍ରକ ଏବଂ ନଂ. ୧୧୯, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗୋଚର, ଦକ୍ଷିଣ: ଅନାବାଦୀ ଜମି, ପୂର୍ବ: ଭାବନା ମହାରାଣା, ପଶ୍ଚିମ: ନାଳ ଏବଂ ଅନାବାଦୀ ଜମି |

ତାରିଖ: ୨୮.୦୭.୨୦୨୫
ସ୍ଥାନ: ବାଲେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय
ग्रामीण विकास विशेष प्रमंडल, गुमला।**
mail-rdsdgumla123@gmail.com
**अति अल्पकालीन ई–निविदा आमंत्रण सूचना**
ई– निविदा सूचना संख्या – RDD/SD/GUMLA/08/2025-26
1. कार्य की विस्तृत विवरणी:

| ग्रुप०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Comprehensive renovation including toilet, floor, window, kitchen, door, roof, dilapidated classroom fan etc and Electrification work in Hostel of ST Residential School, Dokapath, Block-Chainpur. Dist- Gumla | 1,99,63,300.00 | 3,99,300.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –05.08.2025
3. ई–निविदा प्राप्ति की तिथि एवं समय – दिनांक 05.08.2025 से दिनांक 20.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गुमला।
5. ई–निविदा खोलने की तिथि एवं समय – 22.08.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गुमला।
7. ई–निविदा प्रकोष्ठ का दूरभाष सं० – 06524223013 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, गुमला।
PR 358384 (Rural Development) 25-26 (D)

**Information & Public Relations Department.
Government of Jharkhand, Suchana Bhawan, Ranchi.**
**Annexure – I**
**Request For Proposal (RFP)**
Request for Proposal (RFP) are invited for selection of eligible reputed qualified firms/companies with sound Technical and Financial capabilities for **Selection of Event Management Agency to organize Jharkhand Tribal Festival in various states.**
1. The following table provides a quick overview of the key activities and some important information about this RFP:

| Sl. No. | Particulars | Details |
|---|---|---|
| 1.1 | RFP Reference No. | 1064 |
| 1.2 | RFP issuing Authority | Information & Public RelationDepartment (IPRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | Request for Proposal (RFP) are invited for **Selection of Event Management Agency to organise Jharkhand Tribal Festival in various states on turnkey basis.** |
| 1.4 | Bid submission end date and time | 02-08-2025; 03:30 PM |
| 1.05 | Date of opening of Technical Bids / RFP | 04-08-2025; 03:30 PM |
| 1.06 | Date of Presentation | On the date of opening of the technical bid. |
| 1.07 | Validation of RFP | Proposal must remain valid for 90 days after the submission Date. |
| 1.08 | EMD | INR 5,00,000/- (Five Lakh Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. Relaxation will be granted as per the Jharkhand Govt. norms. |
| 1.13 | Address of Communication | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.14 | Details of Appellate Authority | Special Secretary, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/ iprd/and https://jharkhandtenders.gov.in
Sd/-
Director
Information & Public Relations Department
Government of Jharkhand
PR 358420 IPRD (25-26)D

# ୩ ମାସରେ ୩୦ ଗିରଫ, ୧୨ ବାଇକ ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

■ ଅପରେଶନ 'ଅଭିଯାନ ସମ୍ପର୍କ'କୁ ସଫଳତା
■ ୮୨ ଲକ୍ଷ ଟଙ୍କାର ବ୍ରାଉନସୁଗାର, ଗଞ୍ଜେଇ ଜବତ

ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତ କରିବା ଲାଗି ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ ଗଠନ କରାଯାଇଛି। ନିଶା ପାଇଁ ଜିଲାରେ ବହୁ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ଏହାକୁ ରୋକିବା ପାଇଁ ଜିଲା ପୋଲିସ ପକ୍ଷରୁ ଅପରେଶନ 'ଅଭିଯାନ ସମ୍ପର୍କ' ଆରମ୍ଭ ହୋଇଛି। ଏନେଇ ଜିଲା ପୋଲିସ ପକ୍ଷରୁ ୨ଟି ହ୍ୱାଟ୍‌ସଆପ୍ ନମ୍ବର ଜାରି କରାଯାଇଛି। ଗୋଟିଏ ବିପଥଗାମୀ ଯୁବପିଢ଼ିଙ୍କୁ କାଉନ୍‌ସେଲିଂ ଏବଂ ଅନ୍ୟଟି ନିଶା କାରବାର ରୋକିବା ପାଇଁ ସାଧାରଣ ଜନତାଙ୍କ ପକ୍ଷରୁ ସୂଚନା ପାଇବା ନିମନ୍ତେ ଜାରି କରାଯାଇଛି। ଲୋକଙ୍କ ନିକଟରୁ ଅନେକ ସମୟରେ ଆସୁଥିବା ଅଭିଯୋଗକୁ ଆଧାରକରି ବିଭିନ୍ନ ସ୍ଥାନରେ ଚଢ଼ାଉ ହେଉଛି। ଗତ ୩ ମାସରେ ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ ଟିମ୍‌କୁ ସଫଳତା ମିଳିଛି। ୩୦ଜଣଙ୍କୁ ଗିରଫ କରାଯାଇଥିବାବେଳେ ପ୍ରାୟ ୮୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ କରାଯାଇଛି ବୋଲି ଏସ୍‌ପି ନାଥ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ତିନିମାସ ମଧ୍ୟରେ ୧୫ଟି କେସ୍ ରୁଜୁ ହୋଇଛି। ୭୮୧.୭୨ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ୭୮,୧୭, ୨୦୦ ଟଙ୍କା ହେବ। ସେହିପରି ୩୭.୮ କେଜି ଗଞ୍ଜେଇ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩,୭୮,୦୦୦ ଟଙ୍କା। ବ୍ରାଉନସୁଗାର ଓ ଗଞ୍ଜେଇ କାରବାରରେ ସମ୍ପୃକ୍ତ ୩୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୨୬ ପୁରୁଷ ଓ ୪ ମହିଳା। ଏମାନଙ୍କଠାରୁ ୧୦ଟି ମୋବାଇଲ, ୧୨ଟି ବାଇକ୍ ଜବତ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

## ୩୨ ଲକ୍ଷର ବ୍ରାଉନସୁଗାର ଜବତ: ୨ ଗିରଫ

ଖୋର୍ଦ୍ଧା ସହରରେ ନିଶା କାରବାର ବଢ଼ିଚାଲିଛି। କମ୍ ସମୟରେ ଅଧିକ ରୋଜଗାର ଲାଳସାରେ ଯୁବପିଢ଼ି ଏବେ ଏପରି କାରବାରରେ ସାମିଲ ହେଉଛନ୍ତି। କୋଲ୍‌କାତାରୁ ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ବାଟ ଦେଇ ବ୍ରାଉନ୍ ସୁଗାର ଖୋର୍ଦ୍ଧାରେ ପହଞ୍ଚୁଛି। ଏଠାରୁ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲାକୁ ପଠାଯାଉଛି। ଏହାକୁ ରୋକିବା ପାଇଁ ଜିଲା ପୋଲିସ ପକ୍ଷରୁ ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ (ଏଏନ୍‌ଟିଏଫ୍) ଗଠନ କରାଯାଇଛି। ସୋମବାର ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ଟାଙ୍ଗିଆପଡ଼ା ଗ୍ରାମର ଏକ ମନ୍ଦିର ନିକଟରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ଖବରପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ୩୨୦ ଗ୍ରାମ୍ ବ୍ରାଉନ୍‌ସଗାର ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଭାଲିଆବାଡ଼ିର ବିଶ୍ୱରଞ୍ଜନ ରାଉତରାୟ(୨୨) ଏବଂ ଗୁରୁଜଙ୍ଗ ଦ୍ୱାରିକା ନଗରର ବଳଭଦ୍ର ବେହେରା। ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଲେଖାଏ ବାଇକ୍ ଓ ସ୍କୁଟର ଜବତ କରାଯାଇଛି ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ବିଶ୍ୱରଞ୍ଜନ, ବଳଭଦ୍ର ଏବଂ ଅନ୍ୟ ଜଣେ ଉକ୍ତ ମନ୍ଦିର ନିକଟରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ଅମ୍ରିତ୍ ପାଲସିଂଙ୍କ ନେତୃତ୍ୱରେ ସଦର ଡିଏସ୍‌ପି ନିରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂ, ଏସ୍‌ଆଇ ସୁନିତା ବେହେରା ପ୍ରମୁଖଙ୍କୁ ନେଇ ଗଠିତ ଟିମ୍, ସ୍ପେଶାଲ ସ୍କ୍ୱାଡ୍ ସଦସ୍ୟ ମିଳିତ ଭାବେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଦୌଡ଼ି ଖସିଯିବାକୁ ଉଦ୍ୟମ କଲାବେଳେ ପୋଲିସ ଚାରିପଟୁ ଘେରିଯାଇଥିଲା। ୨ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟଜଣେ ଚମ୍ପଟ ମାରିଥିଲେ। ଏ ନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୧୭୭/୨୫)ରୁଜୁହୋଇଛି।

## ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ଡିଆର୍‌ଏମ୍ ଆଲୋକ ତ୍ରିପାଠୀ

ଜଟଣୀ,୨୮।୭(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ମଣ୍ଡଳ ପ୍ରବନ୍ଧକ(ଡିଆର୍‌ଏମ୍) ଭାବେ ଆଲୋକ ତ୍ରିପାଠୀ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୯୮ ବ୍ୟାଚ୍‌ର ଭାରତୀୟ ରେଲ୍‌ୱେ ଟ୍ରାଫିକ୍ ସେବା (ଆଇଆର୍‌ଟିଏସ୍)ର ବରିଷ୍ଠ ଅଧିକାରୀ ତ୍ରିପାଠୀ ଏଚ୍.ଏସ୍. ବାଜ୍‌ୱାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଳମଣ୍ଡଳର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ତ୍ରିପାଠୀଙ୍କୁ ସ୍ୱାଗତ କରିଛନ୍ତି। ତ୍ରିପାଠୀ ୧୯୯୯ ସେପ୍ଟେମ୍ବର ୨୦ରେ ଭାରତୀୟ ରେଲ୍‌ୱରେ ଯୋଗଦେଇଥିଲେ। ସେ ମେକାନିକାଲ୍ ଇଞ୍ଜିନିୟରିଂରେ ଏମ୍.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ଏଥିପୂର୍ବରୁ ତ୍ରିପାଠୀ ନୂଆଦିଲ୍ଲୀର ରେଲ୍‌ୱେ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ୍ ମାର୍କେଟିଂ) ଭାବେ କାର୍ଯ୍ୟ କରୁଥିଲେ। ତ୍ରିପାଠୀ ନ୍ୟାଶନାଲ ହାଇସ୍ପିଡ୍ ରେଳ କର୍ପୋରେଶନ ଲିମିଟେଡ୍‌ରେ ଜେନେରାଲ ମ୍ୟାନେଜର ସମେତ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ ସହ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରେ ଡେପୁଟେଶନରେ ମଧ୍ୟ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ଅହମଦାବାଦ୍‌ରେ ସହାୟକ ଅପରେଶନ ମ୍ୟାନେଜର, ଭଦୋଦରାରେ



ଡିଭିଜନାଲ୍ ଅପରେଶନ ମ୍ୟାନେଜର ଏବଂ ପଶ୍ଚିମ ରେଳବାଇରେ ଏରିଆ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିବା ମଣ୍ଡଳ ରେଲୱେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେ ରାଜକୋଟ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଏବଂ ଉଭୟ ରାଜକୋଟ ଓ ରତଲାମ୍ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ତ୍ରିପାଠୀ ପୂର୍ବତଟ ରେଳପଥର ସବୁଠାରୁ ବ୍ୟସ୍ତତମ ରେଳମଣ୍ଡଳରେ କାର୍ଯ୍ୟକ୍ଷମ ଦକ୍ଷତା, ଯାତ୍ରୀ ସୁବିଧା ଏବଂ ପଣ୍ୟ ପରିବହନ ସେବାରେ ଆହୁରି ଉନ୍ନତି ଆଣିବେ ବୋଲି ଆଶା କରାଯାଉଛି।

# ୧୦୮ ଆମ୍ବୁଲାନ୍ସରେ ବୁହାଯାଉଛି ରାଶନ ଚାଉଳ

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୧୦୮ ଆମ୍ବୁଲାନ୍ସରେ ରୋଗୀ ବୁହାହେବା ବଦଳରେ ରାଶନ ଚାଉଳ ବୁହାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୦୮ ଆମ୍ବୁଲାନ୍ସରେ ରୋଗୀ ବଦଳର ରାଶନ ଚାଉଳ ବୁହାଯାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, କୃଷ୍ଣପ୍ରସାଦ ବ୍ଲକ୍ ଗୋମୁଣ୍ଡିଆ ଗାଁକୁ ଏକ ଆମ୍ବୁଲାନ୍ସ ଆସିଥିବାବେଳେ ସେଥିରେ କେତେଜଣ ଲୋକ ରାଶନ ଚାଉଳ ଲଦୁଛନ୍ତି। ଗୋମୁଣ୍ଡିଆ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଓଡି ୦୭ ଏ-ଏସି ୧୯୨୬ ନମ୍ବର ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ଗାଡ଼ି କୌଣସି କାରଣରୁ ଗାଁକୁ ଆସିଥିଲା। ଆମ୍ବୁଲାନ୍ସରେ କିଛି ବସ୍ତା ଲଦୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପଚାରିବାରୁ ସେହି ବସ୍ତାରେ ରାଶନ ଚାଉଳ ନିଆଯାଉଛି। କୃଷ୍ଣପ୍ରସାଦ ଅଞ୍ଚଳରେ ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ସମସ୍ୟା ଥିବାବେଳେ କାହା ଅନୁମତିରେ ଏଭଳି ଚାଉଳ ବୁହାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଗାଡ଼ିର ଫିଟନେସ୍ ଓ ପଲ୍ୟୁଶନ ସମୟସୀମା ଆଦି ସରିଯାଇଥିବା ବେଳେ ରିନ୍ୟୁ ହୋଇଥିବା ଏବଂ ଗଞ୍ଜାମ ଆର୍‌ଟିଓ କାର୍ଯ୍ୟାଳୟରେ ରେଜିଷ୍ଟ୍ରେଶନ ହୋଇଥିବା ଜଣାପଡ଼ିଛି। ତେବେ ଏଭଳି ଘଟଣା ନେଇ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



୧୦୮ ଆମ୍ବୁଲାନ୍ସରେ ରାଶନ ଚାଉଳ ଲଦାଯାଉଛି।

# 'ମୋ ପଞ୍ଚାୟତରେ ମୋ ତହସିଲ'ର ଶୁଭାରମ୍ଭ



ଜାମୁକୋଳି ପଞ୍ଚାୟତରେ 'ମୋ ପଞ୍ଚାୟତରେ ମୋ ତହସିଲ'ର କ୍ୟାମ୍ପ୍‌ର ଶୁଭାରମ୍ଭ କରାଯାଉଛି।

ଜଟଣୀ,୨୮।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଜାମୁକୋଳି ପଞ୍ଚାୟତରେ ସୋମବାର ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଦ୍ୱାରା 'ମୋ ପଞ୍ଚାୟତରେ ମୋ ତହସିଲ'ର କ୍ୟାମ୍ପ୍‌ର ଶୁଭାରମ୍ଭ ହୋଇଛି। ଏଣିକି ପଞ୍ଚାୟତରେ ସମସ୍ତ ରାଜସ୍ୱ ସେବା ମିଳିବ। ଆଉ ବାରମ୍ବାର ତହସିଲ କାର୍ଯ୍ୟାଳୟ ଯିବାକୁ ପଡ଼ିବନାହିଁ କି ସମୟ ଏବଂ ଅର୍ଥ ଅପଚୟ କରିବାକୁ ପଡ଼ିବନାହିଁ। ଏହି କ୍ୟାମ୍ପ୍‌ରେ ବିଶେଷଭାବେ ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ସଂଶୋଧିତ ପଟ୍ଟା ବଣ୍ଟନ, ସମସ୍ତ ପ୍ରକାର ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ତ୍ୱରିତ ଶୁଣାଣି କରାଯିବ। ବିଭିନ୍ନ ପ୍ରକାର ପ୍ରମାଣପତ୍ର ଯଥା ଜାତି ପ୍ରମାଣପତ୍ର, ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର ଇତ୍ୟାଦିର ଅନୁମୋଦନ ମଧ୍ୟ ଏହି କ୍ୟାମ୍ପ୍‌ରେ କରାଯିବ। ସେବାଗୁଡ଼ିକ ବିନା ମୂଲ୍ୟରେ ଯୋଗାଇ ଦିଆଯିବ ଏବଂ ସମସ୍ତ ରାଜସ୍ୱ ମାମଲାର ତ୍ୱରିତ ବିଚାର କରାଯିବ ବୋଲି ତହସିଲଦାର ମିଶ୍ର କହିଛନ୍ତି। ଉକ୍ତ କ୍ୟାମ୍ପ୍‌ରେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଜମି ୨ ଖାନା ସଂଶୋଧନ ଆଇନ ବଳରେ ଉତ୍ତରାଧିକାରୀମାନଙ୍କ ନାମରେ ସଂଶୋଧିତ ହୋଇଥିବା ୩୦ଟି ପଟ୍ଟା ବଣ୍ଟନ କରାଯାଇଥିଲା। ୨ଟି ବେବନ୍ଦୋବସ୍ତ ମାମଲା ଏବଂ ମୁଣ୍ଡଳ ମୌଜାରେ ସରକାରୀ ଜମି ଜବରଦଖଲ ସମ୍ବନ୍ଧୀୟ ଏକ ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ଜଟଣୀ ବ୍ଲକର ସମସ୍ତ ପଞ୍ଚାୟତରେ କ୍ରମାନୁଯାୟୀ ପ୍ରତ୍ୟେକ ସପ୍ତାହରେ ଗୋଟିଏ ଦିନ 'ମୋ ପଞ୍ଚାୟତରେ ମୋ ତହସିଲ' କ୍ୟାମ୍ପ୍ ଅନୁଷ୍ଠିତ ହେବ। ଜନସାଧାରଣ ରାଜସ୍ୱ ସେବାର ଫାଇଦା ନେବାକୁ ଏହି କ୍ୟାମ୍ପ୍‌ରେ ବହୁସଂଖ୍ୟାରେ ଉପସ୍ଥିତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ପଧାନସାହି ରାଜସ୍ୱ ନିରୀକ୍ଷକ ତୃପ୍ତିମୟୀ ପାଟ୍ଟଶାଣୀ, ସରପଞ୍ଚ ଗୀତାଞ୍ଜଳି ରାଉଳ, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ଦାସଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ବାସିନ୍ଦା ଉପସ୍ଥିତ ଥିଲେ।

## ଆୟୁର୍ବେଦ ହେଉଛି ଭାରତର ଗର୍ବ, ପରିଚୟ

ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସୋମବାର ୬ଦିନିଆ ଆୟୁର୍ବେଦ ସମ୍ମିଳନୀ ଚରକାୟତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗୁରୁଦେବ ରବିଶଙ୍କର ଯୋଗଦେଇ ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ ଏବଂ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ ବୋଲି କହିଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ କଲେଜ ଅଫ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ୩ଟି ପୁସ୍ତକ ଉନ୍ମୋଚିତ ହୋଇଛି। ଆସନ୍ତା ଅଗଷ୍ଟ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା ଚରକାୟତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ, ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ୍ସ (ଏନସିଆଇଏସଏମ)ର ଅଧ୍ୟକ୍ଷ ଡ. ବି.ଏଲ ମେହରା, ସେଣ୍ଟ୍ରାଲ କାଉନସିଲ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ ସାଇନ୍ସେସ (ସିସିଆରଏସ)ର ଡାଇରେକ୍ଟର ଜେନେରାଲ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସମସ୍ତଙ୍କୁ ସାଧୁବାଦ ଦେଇଛନ୍ତି ।

## ୨୪ ଦିନ ପୂରିଲା: ପୋଲିସ ହାତ ଖାଲି

କଳାପଥର,୨୮।୭(ଗଙ୍ଗାଧର ସାହୁ): ବାଙ୍କୀ ଡମପଡ଼ା ଅଞ୍ଚଳ ବାଘୁଆ ଗ୍ରାମର ନାବାଳିକା ନିଖୋଜକୁ ୨୪ଦିନ ପୂରିଲାଣି। ହେଲେ ଏପର୍ଯ୍ୟନ୍ତ ନାବାଳିକାଙ୍କ ପତ୍ତା ପାଇପାରିନି ପୋଲିସ। ଝିଅ ଫେରିବା ବାଟକୁ ପରିବାର ଲୋକେ ଚାହିଁବସିଛନ୍ତି। ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ କରି ମା', ବାପା କେବଳ ଲୁହ ଗଡ଼ାଇ ଚାଲିଛନ୍ତି। ଏ ନେଇ ପରିବାର ଲୋକେ

■ନାବାଳିକା ନିଖୋଜ ଘଟଣା

ସୋମବାର ବାଙ୍କୀ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ଝିଅକୁ ଖୋଜି ଆଣିଦେବାକୁ ମା' ବାପା ଗୁହାରି କରିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୩ତାରିଖରେ ସାନଝିଅ ନିଜ ସମ୍ପର୍କୀୟ ଭାଉଜଙ୍କ ସାଙ୍ଗରେ ବାହାରକୁ ଯାଇଥିବାବେଳେ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏନେଇ ସେମାନେ ସ୍ଥାନୀୟ ଥାନାରେ ଏତଲା ଦେବା ସହ ପୋଲିସ ପ୍ରଶାସନକୁ ଗୁହାରି କରିଆସୁଛନ୍ତି। ହେଲେ ସୁଫଳ ମିଳୁନାହିଁ। ଅନ୍ୟପଟେ ଘଟଣାକୁ ନେଇ ପୋଲିସ ପ୍ରଶାସନ ସହ ସ୍ଥାନୀୟ ଆଇନଜୀବୀ ତଥା ସାମାଜିକ କର୍ମୀ ଭକ୍ତି ପଟ୍ଟନାୟକ ଆଲୋଚନା କରିଛନ୍ତି। ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ବର୍ଷାରେ ଭୁଶୁଡ଼ିଲା ଚାଳଘର

ବୋଲଗଡ଼,୨୮।୭(ଦେବବ୍ରତ ହୋତା)

### ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ଦାବି

ଲଘୁଚାପଜନିତ ଲଗାଣ ବର୍ଷାରେ ରବିବାର ବିଳମ୍ବିତ ରାତିରେ ବୋଲଗଡ଼ ତହସିଲ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ହରିପୁର ଗ୍ରାମର ନିତ୍ୟାନନ୍ଦ ନାୟକଙ୍କ ଚାଳଘର ଭୁଶୁଡ଼ି ପଡ଼ିଛି। ତାଙ୍କର ୩ ବଖରା ଘର କ୍ଷତିଗ୍ରସ୍ତ ହେବା ସହ ଆସବାବପତ୍ର ଓ ଜିନିଷପତ୍ର ନଷ୍ଟ ହୋଇଯାଇଛି। ୭୦ବର୍ଷ ବୟସ୍କ ନିତ୍ୟାନନ୍ଦ ବାର୍ଦ୍ଧକ୍ୟ ଭତ୍ତା ଟଙ୍କାରେ ନିଜ ଗୁଜରାଣ ମେଣ୍ଟାଉଥିବାବେଳେ ଆର୍ଥିକ ଅନଟନ କାରଣରୁ ଘର ଛପର କରିବାକୁ ସକ୍ଷମ ହେଉ ନ ଥିଲେ। ଫଳରେ ପାଣିଗଳି କାନ୍ଥ ବତୁରିଯାଇ ସେଣି ଭୁଶୁଡ଼ି ଯାଇଥିଲା। ସୌଭାଗ୍ୟକୁ ସେ, ତାଙ୍କ ସ୍ତ୍ରୀ ଓ ୮୮ ବର୍ଷୀୟ ବୃଦ୍ଧା ମାତା ଶୋଇଥିବା ଘରେ ଏକ କାଠଖୁଣ୍ଟରେ ଛପର ଲାଗିରହିଯିବାରୁ ଅଘଟଣରୁ ବର୍ତ୍ତିଯାଇଥିଲେ। ତାଙ୍କର ଏକମାତ୍ର ପୁତ୍ର କୌଣସି ଗ୍ୟାରେଜରେ କାମକରି ବାହାରେ ରହୁଥିବାବେଳେ ଏବେ ସେମାନେ ନିଜ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ସୋମବାର ନିତ୍ୟାନନ୍ଦ ତହସିଲଦାରଙ୍କୁ ଭେଟି ତୁରନ୍ତ ସହାୟତା ସହ ଆବାସ ଯୋଜନାରେ ଏକ ପକ୍କାଘର ପାଇଁ ନିବେଦନପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷ ରମେଶଚନ୍ଦ୍ର ସାହୁ ନିତ୍ୟାନନ୍ଦଙ୍କ ଭଙ୍ଗାଘର ପରିଦର୍ଶନ କରି ତୁରନ୍ତ ସହାୟତା ସହ ଆବାସ ଯୋଜନାରେ ସାମିଲ ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ସେହିପରି ସରପଞ୍ଚ ପ୍ରଦୀପ ବାରିକ ପିଚୁକୁଳି ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ସେ ପଲିଥିନ ସହ ଅନ୍ୟାନ୍ୟ ସହଯୋଗ କରିବେ ବୋଲି କହିଛନ୍ତି।



ଭୁଶୁଡ଼ିପଡ଼ିଥିବା ଘର।

## ଓଷ୍ଟା ସମ୍ମିଳନୀ: ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)



ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଖୋର୍ଦ୍ଧା ଜିଲାର ୧୦ମ ସାମ୍ବିଧାନିକ ସମ୍ମିଳନୀରେ ଅତିଥିଙ୍କ ସହ କର୍ମକର୍ତ୍ତାମାନେ।

### ଯୋଗେଶ ସାମନ୍ତସିଂହାର ସଭାପତି, ସୁଧାକର ମହାପାତ୍ର ସମ୍ପାଦକ

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଖୋର୍ଦ୍ଧା ଜିଲାର ୧୦ମ ସାମ୍ବିଧାନିକ ସମ୍ମିଳନୀ ସୋମବାର ଦେବରାଜ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର ଗତ ତିନିବର୍ଷର ସାଙ୍ଗଠନିକ କାର୍ଯ୍ୟ ଓ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

ପ୍ରଥମ ଅଧିବେଶନରେ ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ, ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲା ପ୍ରଭାରୀ ମାଣିକେଶ୍ୱର ସ୍ୱାଇଁ, ସମ୍ପାଦକ ରମାକାନ୍ତ ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଶିକ୍ଷା ପ୍ରଦୀପ ସହସମ୍ପାଦକ ପ୍ରଦୀପ୍ତ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ମଧୁସୂଦନ ଦେ, ଜିଲା ସଂଘ ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିନା ବେତନରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କୁ ତୁରନ୍ତ ଅନୁଦାନ, ସବୁ ସ୍କୁଲକୁ ସରକାରୀକରଣ, ନୂତନ ପେନସନ ବ୍ୟବସ୍ଥା ବାତିଲ କରି ପୂର୍ବ ପେନସନ ଲାଗୁ, ସବୁ ବର୍ଗର ଶିକ୍ଷକଙ୍କୁ ପେନସନ, ଅବସରକାଳୀନ ସୁବିଧା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନୋସନାଲ ଇନ୍‌କ୍ରିମେଣ୍ଟ ଓ ବରିଷ୍ଠତା ପ୍ରଦାନ, ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧି, ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ, ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ର ଶିକ୍ଷକଙ୍କୁ ଯୋଗ୍ୟତାଭିତ୍ତିକ ବେତନ, ୪୮ବର୍ଷରେ ପଦାର୍ପଣ କରିଥିବା ଶିକ୍ଷକଙ୍କୁ ଟିଜି ସ୍କେଲ ପ୍ରଦାନ, ସମସ୍ତଙ୍କୁ ୭ମ କମିଶନ ବେତନ ଦେବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଦ୍ୱିତୀୟ ଅଧିବେଶନରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପଲାଇ, ଉପସଭାପତି ଶ୍ରୀହରି ମାଳି, ରମେଶ ଚନ୍ଦ୍ର ପ୍ରଧାନ, ସ୍ୱର୍ଣ୍ଣପ୍ରଭା ଦେଇ, ତୃତୀୟ ଥର ପାଇଁ ସମ୍ପାଦକ ଭାବେ ସୁଧାକର ମହାପାତ୍ର, ଯୁଗ୍ମସମ୍ପାଦକ ଘନଶ୍ୟାମ ସ୍ୱାଇଁ, ରତିକାନ୍ତ କହଲ ସିଂହ, ମାମିନା ବେହେରା ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ସୁନୀଲ କୁମାର ପଣ୍ଡା, ନିରଞ୍ଜନ ସାହୁ, କିଶୋର କୁମାର ସୁବୁଦ୍ଧି, ସନ୍ତୋଷ କୁମାର ସାହୁ, ତ୍ରିନାଥ ହୋତା, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସନ୍ତୋଷ ଚନ୍ଦ୍ର କର, ଅମ୍ବିକା ପ୍ରସାଦ ପଟ୍ଟନାୟକ, କୈଳାସ ଚନ୍ଦ୍ର ତ୍ରିପାଠୀ, ଡ. ଗଣେଶ୍ୱର ସ୍ୱାଇଁ ଓ ଗଣେଶ୍ୱର ମିଶ୍ର ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଓଷ୍ଟା କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ନୂତନ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ପ୍ରଧାନ ଶିକ୍ଷକ ତଥା ଓଷ୍ଟା କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ଦେ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିପୁଳ ଗଞ୍ଜେଇ ସିଗାରେଟ୍ ଜବତ

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)- ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ା ଓ ଡୁମୁଡୁମାରେ ସୋମବାର କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ (ଏସ୍‌ସିୟୁ) ବିଭିନ୍ନ ପାନଦୋକାନରେ ଚଢ଼ାଉ କରି ବିପୁଳ ଗଞ୍ଜେଇ ସିଗାରେଟ୍ ଜବତ କରିଛି। ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ ଏହି କାରବାର ଚାଲୁଥିବା ଅଭିଯୋଗ ହୋଇଥିଲା। ପୋଲିସ ଚଢାଉ ବେଳେ ଗଞ୍ଜେଇ ସିଗାରେଟ୍‌ର ଚାହିଦା ଥିବା ଜଣାପଡ଼ିଥିଲା। ତେବେ ୪ରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ନିକଟରୁ ଜରିମାନା ଆଦାୟ କରାଯାଇ ଛଡ଼ାଯାଇଛି। ଏହି କାରବାର ଆଉ ନ କରିବାକୁ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। କିଛିଦିନ ପୂର୍ବରୁ ଶହୀଦନଗର ଓ ପଟିଆ ଅଞ୍ଚଳରେ ମଧ୍ୟ ବିଭିନ୍ନ ପାନ ଦୋକାନରେ ପୋଲିସ ଚଢ଼ାଉ କରି ବହୁ ଗଞ୍ଜେଇ ସିଗାରେଟ୍ ଜବତ କରିଥିଲା।

### ଟ୍ରାକ୍ଟରକୁ ଧକ୍କା ଦେଲା ପୁରୀ-ପାଟ୍‌ନା ଏକ୍ସପ୍ରେସ

ସାକ୍ଷୀଗୋପାଳ,୨୮।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର): ସତ୍ୟବାଦୀରେ ସୋମବାର ପୁରୀ-ପାଟ୍‌ନା ଏକ୍ସପ୍ରେସ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ସାକ୍ଷୀଗୋପାଳ ରେଳ ଷ୍ଟେଶନଠାରୁ ପ୍ରାୟ ୨ କି.ମି. ଦୂରରେ ଥିବା ଶାସନ ବୀରରାମଚନ୍ଦ୍ରପୁର ଓ ପଟ୍ଟନାଇକିଆ ବାଲିସାହି ରେଳ ଲାଇନ୍ ମଝିରେ ଏଭଳି ଘଟଣା ଘଟିଛି। ହଳ କାମ ସାରି ଏକ ଟ୍ରାକ୍ଟର ରେଲ୍‌ୱେ ଟ୍ରାକ୍ କ୍ରସ୍ କରି ଗନ୍ତବ୍ୟସ୍ଥଳକୁ ଯିବାବେଳେ ଦୁର୍ଭାଗ୍ୟବଶତଃ ଟ୍ରାକ୍ଟରଟି କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ରେଳଟ୍ରାକ୍ ପାର ହୋଇ ନ ଥିଲା। ସେହି ସମୟରେ ପୁରୀରୁ ଦ୍ରୁତଗତିରେ ଆସୁଥିବା ପୁରୀ-ପାଟ୍‌ନା ଏକ୍ସପ୍ରେସ ଦେଖି ଚାଳକ ଜଣକ ଟ୍ରାକ୍ଟର ଛାଡ଼ି ଫେରାର ହୋଇ ଯାଇଥିଲେ। ଫଳରେ ଏକ୍ସପ୍ରେସ ଟ୍ରେନ୍‌ଟି ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିରାଟ ଶବ୍ଦ ସୃଷ୍ଟି ହେବା ସହ ଉକ୍ତ ଟ୍ରାକ୍ଟର ଖଣ୍ଡ ଖଣ୍ଡ ହୋଇଯାଇ ରେଳଧାରଣା ଓ ଆଖ ପାଖ ଅଞ୍ଚଳରେ ପଡ଼ି ରହିଥିଲା। ପରେ ଟ୍ରେନ୍‌ଟି ଅଟକି ରହିଥିଲା। ଖବରପାଇ ପୁରୀ ରେଲ୍‌ୱେ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ବାହିନୀପତିଙ୍କ ସମେତ ଅନ୍ୟ ଅଧିକାରୀ ଓ ଯନ୍ତ୍ରୀମାନେ ପହଞ୍ଚି କ୍ଷତିଗ୍ରସ୍ତ ଟ୍ରାକ୍ ମରାମତି କରିବା ପରେ ଏକ ଘଣ୍ଟା ଅଟକି ରହିଥିବା ପୁରୀ-ପାଟ୍‌ନା ଏକ୍ସପ୍ରେସ ପୁନର୍ବାର ତାର ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଚାଳକଙ୍କୁ ରେଲ୍‌ୱେ ସୁରକ୍ଷା ପୋଲିସ ଅଟକ ରଖି ଅଧିକ ପଚରାଉଚରା କରୁଛି।

### ଦୈନିକ ଖବରକାଗଜ 'ସମାଲୋଚନା' ଲୋକାର୍ପିତ

ଭୁବନେଶ୍ୱର, ୨୮।୭ (ସୌମ୍ୟରଞ୍ଜନ ରାଉତ)- ଦୈନିକ ଖବରକାଗଜ 'ସମାଲୋଚନା' ସୋମବାର ଭୁବନେଶ୍ୱରର ସ୍ଥାନୀୟ ଏକ ହୋଟେଲ୍‌ଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଆଜତକ୍ ସାହିତ୍ୟର ସମ୍ପାଦକ ଜୟପ୍ରକାଶ ପାଣ୍ଡେ ଓ ସମାଲୋଚନାର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ଅତିଥିଭାବ ଯୋଗଦେଇଥିଲେ। ରାମଚନ୍ଦ୍ର ମେହେର ଓ ଶୁଭସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଖବର ଗ୍ରୁପର ସିଇଓ କୀର୍ତ୍ତିକ ଚନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ମାର୍ଟ ସିଟି ମିଶନ ବନ୍ଦ ପରେ ବି ସରିପାରିଲାନି ପ୍ରକଳ୍ପ

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ସ୍ମାର୍ଟ ସିଟି ମିଶନ୍ (ଏସ୍‌ସିଏମ୍) ଅଧୀନରେ ୨୦୧୬ ଫେବୃଆରୀ ୨୩ରେ ଭୁବନେଶ୍ୱର ସ୍ମାର୍ଟ ସିଟି ମିଶନ ଆରମ୍ଭ ହୋଇଥିଲା। ଭୁବନେଶ୍ୱରକୁ ଏକ ପରିବହନମୁଖୀ, ସାର୍ବଜନୀନ ସ୍ଥାନ ଏବଂ ନାଗରିକଙ୍କ ସମ୍ପୃକ୍ତିକୁ ଉନ୍ନତ କରିବା ଏହି ମିଶନ୍‌ର ଲକ୍ଷ୍ୟ ଥିଲା। ଏହି କ୍ରମରେ ୨୦୭୨ କୋଟି ବ୍ୟୟ ଅଟକଳରେ ଭୁବନେଶ୍ୱର ସ୍ମାର୍ଟ ସିଟି ମୋଟ୍ ୩୨ଟି ପ୍ରକଳ୍ପ ହାତକୁ ନେଇଥିଲା। ତେବେ ଇତି ମଧ୍ୟରେ ୯ବର୍ଷ ବିତି ଯାଇଥିଲେ ବି ସମସ୍ତ ପ୍ରକଳ୍ପ ସରିପାରି ନାହିଁ। ୩୨ଟି ପ୍ରକଳ୍ପ ମଧ୍ୟରୁ ୨,୦୫୭ କୋଟି ଟଙ୍କା ବ୍ୟୟରେ ୩୧ଟି ପ୍ରକଳ୍ପ ସରିଛି, ଯାହାକି ମୋଟ୍ ପ୍ରକଳ୍ପର ୯୭%। ବାକିଥିବା ଗୋଟିଏ ପ୍ରକଳ୍ପ କାମ ଚାଲୁ ରହିଥିବାବେଳେ ଏହାର ବ୍ୟୟ ଅଟକଳ ୧୫କୋଟି ଟଙ୍କା ରହିଥିବା ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ଟୋଖାନ ସାହୁ ସୋମବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ବିଜେଡିର ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଭୁବନେଶ୍ୱର ସ୍ମାର୍ଟ ସିଟି ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ଏବଂ ପ୍ରକଳ୍ପ ସମାପ୍ତ ପାଇଁ ସରକାରଙ୍କ ପକ୍ଷରୁ ଏହାକୁ ଆଗକୁ ଘୁଞ୍ଚାଯିବାର ଯୋଜନା ଅଛି କି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ ଏହା କହିବା ସହ ୨୦୨୫ ମାର୍ଚ୍ଚ ୩୧ରେ ସ୍ମାର୍ଟ ସିଟି ମିଶନ ବନ୍ଦ ହୋଇଯାଇଥିବା ଏବଂ ଏହା ଅଧୀନରେ ଆଉ କୌଣସି ବଜେଟ୍ ବ୍ୟବସ୍ଥା ନ ଥିବା କହିଛନ୍ତି। ଏଥିସହ ଚାଲୁ ରହିଥିବା ସମସ୍ତ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ଏମ୍‌ଓଏଚ୍‌ୟୁଏ ପକ୍ଷରୁ ସବୁ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଗତ ଜୁନ୍ ୧୦ରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଭୁବନେଶ୍ୱର ସ୍ମାର୍ଟସିଟି ଅଧୀନରେ ମୋଟ୍ ୧୬୪୪ଟି ପଦବୀ ଅନୁମୋଦନ ହୋଇଥିବାବେଳେ ସେଥିରୁ ୮୨୧ ପଦବୀ ପୂରଣ ହୋଇଥିଲା ଏବଂ ୮୨୩ଟି ପଦବୀ ଖାଲି ରହିଥିଲା। ଅନୁମୋଦିତ ପଦବୀ ମଧ୍ୟରେ ଗ୍ରୁପ୍ 'ଏ'ରେ ୧୧୨୩ଟି ପଦବୀରୁ ୫୪୮ଟି ପୂରଣ ଓ ୫୭୫ଟି ଖାଲି ରହିଥିଲା। ଏହାବାଦ୍ ୨୦୨୨ରୁ ୨୦୨୪ ମଧ୍ୟରେ ୪୨୬ଟି ବୈଷୟିକ ପଦବୀ ସହିତ ମୋଟ୍ ୪୪୧ଟି ପଦବୀ ସୃଷ୍ଟି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଦ୍ୱାରା ସହରାଞ୍ଚଳ ନବୀକରଣ ଏବଂ ପୁନଃନିର୍ମାଣ କାର୍ଯ୍ୟକ୍ରମ ହେଉଛି 'ସ୍ମାର୍ଟ ସିଟି ମିଶନ'। ସମଗ୍ର ଦେଶରେ ସ୍ମାର୍ଟ ସହରଗୁଡ଼ିକୁ ବିକଶିତ କରିବା ଏବଂ ସେଗୁଡ଼ିକୁ ନାଗରିକ ଅନୁକୂଳ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଯୋଜନା ଅନ୍ତର୍ଗତ ଦେଶର ୧୦୦ଟି ସହରର ଉନ୍ନତି କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି କ୍ରମରେ ଭୁବନେଶ୍ୱର ସ୍ମାର୍ଟ ସିଟି ମିଶନ୍ ଅନ୍ତର୍ଗତ ଭୁବନେଶ୍ୱର ସହରକୁ ମଧ୍ୟ ସ୍ମାର୍ଟ ସହରରେ ପରିଣତ କରିବାକୁ ଯୋଜନା ରହିଥିଲା।



ବ୍ୟାଘ୍ର ସଂରକ୍ଷଣ ନିମନ୍ତେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ 'ଆମ ହାତରେ ହିଁ ସୁରକ୍ଷା' ଶୀର୍ଷକ ଚିତ୍ର ଆଙ୍କି ସଚେତନତା ବାର୍ତ୍ତା ଦେଉଛନ୍ତି।

# କମିଶନରେଟ୍ ପୋଲିସରେ ସାମିଲ ହେଲେ ୫୩ଜଣ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିଅର



ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିଅରଙ୍କୁ ଟୋପି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

କମିଶନରେଟ ପୋଲିସରେ ସୋମବାର ୫୩ଜଣ ଷ୍ଟୁଡେଣ୍ଟ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ଭୁବନେଶ୍ୱର ଓ କଟକରେ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟତା କରିବା ଲାଗି ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି। ପୋଲିସ କମିଶନ ଏସ୍. ଦେବଦତ୍ତ ସିଂ ସ୍ୱେଚ୍ଛାସେବୀମାନଙ୍କୁ ପୋଷାକ ସହ ଟୋପି ପ୍ରଦାନ କରିଛନ୍ତି। ଟ୍ରାଫିକ ପୋଲିସକୁ ସମର୍ଥନ କରିବା, ଛାତ୍ରମାନଙ୍କ ମଧ୍ୟରେ ନାଗରିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଏବଂ ଟ୍ରାଫିକ ଉଲ୍ଲଂଘନ ଉପରେ ଶୂନ୍ୟ ସହନଶୀଳତା ନୀତି ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କମିଶନରେଟ ପୋଲିସର ଟ୍ରାଫିକ ପରିଚାଳନାକୁ ଉନ୍ନତ କରିବା ଏବଂ ରାସ୍ତାରେ ଶୃଙ୍ଖଳା ବଜାୟ ରଖିବାକୁ ଛାତ୍ରୀଛାତ୍ରଙ୍କ ଯୋଗଦାନ ସହାୟକ ହେବ ବୋଲି ପୋଲିସ କମିଶନର କହିଛନ୍ତି।

### ଆଇଏଫ୍‌ଏଫ୍‌ଏମ୍‌ରେ ମନୋନୀତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'

ଭୁବନେଶ୍ୱର, ୨୮।୭ (ସୌମ୍ୟରଞ୍ଜନ ରାଉତ) - କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ସହ ପୁରସ୍କୃତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ଲହରୀ' ଆସନ୍ତା ଅଗଷ୍ଟରେ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣଠାରେ ହେବାକୁ ଥିବା 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବୋର୍ଣ୍ଣ' (ଆଇଏଫ୍‌ଏଫ୍‌ଏମ୍) ପାଇଁ ମନୋନୀତ ହୋଇଛି। ଆଇଏଫ୍‌ଏଫ୍‌ଏମ୍‌ର ୧୬ତମ ସଂସ୍କରଣରେ ଅଭିନେତା ଆମୀର ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହେବାକୁ ଥିବା ବେଳେ 'ଲହରୀ'ର ମନୋନୟନ ବିଶେଷ ଗୁରୁତ୍ୱ ରଖିବ ବୋଲି ଆଶା କରାଯାଉଛି। ଓଡିଶା ପାଇଁ ଏହା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନା କରିଛନ୍ତି ଓଡ଼ିଶାର ଝିଲିକ ଭଟ୍ଟାଚାର୍ଯ୍ୟ। ପ୍ରମୁଖ ଭୂମିକାରେ ରହିଛନ୍ତି ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦିପନ୍ୱିତ୍ ଦାସ ମହାପାତ୍ର। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇଟ। ଶବ୍ଦସଜ୍ଜାରେ ଅଛନ୍ତି ଅଦୀପ ସିଂ ମାଣିକ। ଝିଲିକ ମୋଶନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଆମର୍ତ୍ତ୍ୟ ନିର୍ବାହ କରିଛନ୍ତି।

# କ୍ୟାପିଟାଲ ହାଇସ୍କୁଲ ପୁରାତନ ଛାତ୍ରଙ୍କ ଚାରାରୋପଣ




ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

ଭୁବନେଶ୍ୱର, ୨୮।୭
(ସୌମ୍ୟରଞ୍ଜନ ରାଉତ)

କ୍ୟାପିଟାଲ ହାଇସ୍କୁଲର ୧୯୮୩ ମସିହା ପୁରାତନ ଛାତ୍ରଙ୍କୁ ନେଇ ଗଠିତ ସିଏଚ୍‌ଏସ୍ ୮୩ ୱେଲ୍‌ଫେୟାର୍ ସୋସାଇଟି ପକ୍ଷରୁ ରବିବାର ଚାରା ରୋପଣ କରାଯାଇଥିଲା। କ୍ୟାପିଟାଲ ହାଇସ୍କୁଲ ସହିତ ଭୌମ ନଗର ପ୍ରାଥମିକ ବିଦ୍ୟାଳୟ, ଖାରବେଳ ନଗର ପ୍ରାଥମିକ ବିଦ୍ୟାଳୟ ଓ ମଦନପୁର ନିକଟସ୍ଥ ଦେଉଳିଆ ପାଟଣାଠାରେ କାମ୍ୟା ଫୁଡ୍‌ର ମିଳିତ ସହଯୋଗରେ ପ୍ରାୟ ୧୨୦ଟି ଫଳ ଗଛ ରୋପଣ କରାଯାଇଛି। ବିଶ୍ୱ ପରିବେଶ ଓ ଉତ୍ତାପ ବୃଦ୍ଧିକୁ ପ୍ରତିହତ କରି ପରିବେଶକୁ ନିୟନ୍ତ୍ରଣରେ ଆଣିବା ପାଇଁ ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଚାଲୁ ରହିବ। ଏଥିରେ ବିଭିନ୍ନ ବ୍ୟକ୍ତି ବିଶେଷ, ସଂଗଠନ ସାମିଲ ହେବାପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଦୀପରୁ ଲାଗିଲା ନିଆଁ

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)- ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ଥିବା ଏକ କୋଠାର ପ୍ରଥମ ମହଲାରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ମଞ୍ଚେଶ୍ୱର, ପାହାଳ ଓ କଳ୍ପନା ଅଗ୍ନିଶମ କେନ୍ଦ୍ରର ମିଳିତ ଟିମ୍ ଏହି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଘଟିଥିବା ଘରର ମାଲିକ ହେଉଛନ୍ତି ମାନସ କୁମାର ବେହେରା। କୋଠାର ପ୍ରଥମ ମହଲାରେ ଅଗ୍ନିକାଣ୍ଡ ଘଟିବା ଯୋଗୁ ମେସ୍ କରି ରହୁଥିବା ୪ଜଣ ଛାତ୍ରୀ ଓ ଭଡ଼ାରେ ରହୁଥିବା ଅନ୍ୟ ଏକ ପରିବାରର କ୍ଷତି



ହୋଇଛି। ଉକ୍ତ ମହଲାରେ ଥିବା ଠାକୁର ଘରେ ଜଳୁଥିବା ଦୀପରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ପାହାଳ ଅଗ୍ନିଶମ କେନ୍ଦ୍ରର ଫାୟାର ଅଫିସର ରାଜକିଶୋର ଜେନା କହିଛନ୍ତି। ତେବେ ଉକ୍ତ ପରିବାରର ଗୋଟିଏ ଏସି, ଫ୍ରିଜ୍ ପୋଡ଼ିଯାଇଥିବା ବେଳେ ଛାତ୍ରୀମାନଙ୍କ ମୋବାଇଲ, ଖାତାପତ୍ର ଓ ସାର୍ଟିଫିକେଟ୍ ଆଦି ନଷ୍ଟ ହୋଇଯାଇଛି। ଏଥିସହ ଘରର ପ୍ଲାଇ ଓ କାଚ ଝରକା ଆଦି ନଷ୍ଟ ହୋଇଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଅଗ୍ନିକାଣ୍ଡ ଘଟିଥିବା ନେଇ ଖବର ମିଳିବା ପରେ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପରେ ମିଳିତ ଅଗ୍ନିଶମ ଟିମ୍ ନିଆଁ ଲିଭାରେ ସକ୍ଷମ ହୋଇଥିଲେ।

# ରୋଟାରୀ କ୍ଲବ ଅଫ୍ ରୟାଲର ସାମାଜିକ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ପକ୍ଷରୁ ଇନ୍‌ଫୋସିଟି ରୋଡ୍ ତଳକେଦା ଛକ ନିକଟସ୍ଥ ମିଶନ ଆଶ୍ରା ଆଶ୍ରମରେ ଏକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମରେ ରହୁଥିବା ୨୫୦ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ପାଇଁ ଏହି ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହା ସହିତ ପରିବେଶ ସୁରକ୍ଷା ପାଇଁ କ୍ଲବ ଦ୍ୱାରା ପିତାପଲ୍ଲୀ ଛକଠାରେ ୩୦୦ ଚାରାରୋପଣ କରାଯାଇଥିଲା। କ୍ଲବ ସଭାପତି ଅର୍ଜୁନ କୁମାର ସାହୁ, ସେକ୍ରେଟାରୀ ଦୀପକ ସେହେଗାଲ, ପିଡିଜି ଦେବାଶିଷ ମିଶ୍ର, ପିଡିଜି ରବି ନାରାୟଣ ନନ୍ଦ, ପିଡିଜି ଶିବ ଶିବ ଦାସ, ଡିଜୀଇ ଅନିଲ ସାମଲ, ପୂର୍ବତନ ସଭାପତି ପ୍ରଦୀପ ଦାସ, ଆଜାଦ ହିନ୍ଦ ପାଣିଗ୍ରାହୀ, ବାଦଲ ପରିଜା, ପ୍ରସନ୍ନ ଲେଙ୍କା, ପ୍ରତାପ ଚୌଧୁରୀ, ବରିଷ୍ଠ ରୋଟାରୀଆନ ବିଷ୍ଣୁ ପ୍ରସାଦ କେଡ଼ିଆ, ଶ୍ରୀନିବାସ ସାହୁ, ସ୍ମୃତି ରଞ୍ଜନ ବିଶ୍ୱାଳ, ଡିଡିଆର୍ ଆର୍ ଡାସତ୍ୟ ପଟ୍ଟନାୟକ, ରୋଟ୍ରାକ୍ଟର ସଭାପତି ଦେବୁ ମହାରଣା ଉପସ୍ଥିତ ଥିଲେ।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟିତ୍ୱ ନେଲେ ଗୁହା ପୁନମ ତାପସ କୁମାର

କଟକ,୨୮।୭(କାର୍ତ୍ତିକ ସାହୁ)

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୁହା ପୁନମ ତାପସ କୁମାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ଶାସନ ସଚିବ ଭାବେ ଅବସ୍ଥାପିତ ଅଛନ୍ତି। ସେ କଟକସ୍ଥିତ ଆର୍‌ଡିସି କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ନୂତନ ଆର୍‌ଡିସି ସମସ୍ତ ବରିଷ୍ଠ ପଦାଧିକାରୀଙ୍କ ସଦୟ ସହଯୋଗ କାମନା କରିଛନ୍ତି। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନସ୍ଥ ସମସ୍ତ ଜିଲା କାର୍ଯ୍ୟାଳୟ ଓ ତୃଣମୂଳସ୍ତରରେ ମଧ୍ୟ ନିୟମିତ କାର୍ଯ୍ୟ ସମୀକ୍ଷା ତଥା ଅଗ୍ରଗତି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଆର୍‌ଡିସିଙ୍କୁ ସଚିବ ନୀହାର ରଞ୍ଜନ ଦାଶ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ, ଉପସଚିବ ସଂକଳ୍ପ ସ୍ୱସ୍ତିକ ସାହୁ, କୋର୍ଟ ଅଧିକାରୀ ସ୍ନେହରଥ ମହାନ୍ତି ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗର୍ଭଧାରଣ କଲେ ଆଦୌ ଋତୁସ୍ରାବ ହୋଇ ନ ଥିବା ମହିଳା

## ମଣିପାଲ୍‌ରେ 'ପ୍ରାଇମେରୀ ଅମେନୋରିଆ'ର ସଫଳ ଚିକିତ୍ସା

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ମଣିପାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଝାଡ଼ଖଣ୍ଡର ୩ ଭଉଣୀର ଦୀର୍ଘ ୩୫ବର୍ଷ ପରେ ପ୍ରଥମଥର ପାଇଁ ଋତୁସ୍ରାବ ହୋଇଛି। ଏଥିସହ ସେମାନଙ୍କ ମଧ୍ୟରୁ ଦୁଇଜଣ ଗର୍ଭଧାରଣ କରିଛନ୍ତି। ଋତୁସ୍ରାବ ପ୍ରତ୍ୟେକ ମହିଳାଙ୍କ ଜୀବନରେ ଏକ ସାଧାରଣ ଘଟଣା। କିନ୍ତୁ କେତେକ ମହିଳାଙ୍କର ଏହା ବିଳମ୍ବରେ କିମ୍ବା ଆଦୌ ଆରମ୍ଭ ହୋଇ ନ ଥାଏ। ଜଣେ ମହିଳାଙ୍କର ୧୫ବର୍ଷ ପରେ ଋତୁସ୍ରାବ ନ ହେଲେ ତାହାକୁ 'ପ୍ରାଇମେରୀ ଅମେନୋରିଆ' କୁହାଯାଏ। ଏହା ଏକ ହରମୋନ୍‌ଜନିତ ସମସ୍ୟା। ତେବେ ସମ୍ପୃକ୍ତ ୩ ଭଉଣୀଙ୍କ ବୟସ ୩୩ରୁ ୩୫ବର୍ଷ ମଧ୍ୟରେ ହୋଇଥିବାବେଳେ ସେମାନେ ବିବାହିତ ଥିଲେ। ତେବେ ଋତୁସ୍ରାବ ହେଉ ନ ଥିବାରୁ ସେମାନେ ଗର୍ଭଧାରଣ କରିପାରୁ ନ ଥିଲେ। ଝାଡ଼ଖଣ୍ଡର ସ୍ଥାନୀୟ ଡାକ୍ତରମାନେ ମଧ୍ୟ ମନା କରିଦେଇଥିଲେ। ମଣିପାଲ ହସ୍ପିଟାଲର ବରିଷ୍ଠ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ମୋନିକା ଗୁପ୍ତାଙ୍କ ବିଷୟରେ ଶୁଣି ତାଙ୍କ ସହ ପରାମର୍ଶ କରିଥିଲେ। ଓଭାରି ତନ୍ତୁ ଠିକ୍ ଭାବରେ କାମ କରୁ ନ ଥିବାରୁ ହରମୋନ୍ ତିଆରି ହୋଇପାରୁ ନ ଥିବା ପରୀକ୍ଷାରୁ ଜଣାପଡିଥିଲା। ପ୍ରଥମେ ବଡ ଭଉଣୀ ହରମୋନ୍ ଚିକିତ୍ସା ଆରମ୍ଭ କରିଥିଲେ। କିଛିଦିନ ମଧ୍ୟରେ ତାଙ୍କର ନିୟମିତ ଭାବେ ଋତୁସ୍ରାବ ଆରମ୍ଭ ହୋଇଥିଲା। ଏହାପରେ ଅନ୍ୟ ଦୁଇ ଭଉଣୀ ମଧ୍ୟ ଏଠାରେ ଚିକିତ୍ସା ଆରମ୍ଭ କରିଥିଲେ। ହରମୋନ ଚିକିତ୍ସା ଚାଲିଥିବା ସମୟରେ ସେମାନଙ୍କ ଅପୂର୍ଣ୍ଣ ଗଠିତ ଗର୍ଭାଶୟ ଧୀରେଧୀରେ ସାଧାରଣ ଆକାରକୁ ବିକଶିତ ହୋଇଥିଲା। ପରେ ସେମାନଙ୍କୁ ଆଇଭିଏଫ୍ ସହିତ ଅସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନିକ୍ସ ବିଷୟରେ ଅବଗତ କରାଯାଇଥିଲା। ଏବେ ୩ଭଉଣୀ ମଧ୍ୟରୁ ଦୁଇଜଣ ଆଇଭିଏଫ୍ ଚିକିତ୍ସାରେ ଗର୍ଭବତୀ ଅଛନ୍ତି। ଏନେଇ ଡା. ଗୁପ୍ତା କହିଛନ୍ତି, ପ୍ରାଇମେରୀ ଅମେନୋରିଆ କୌଣସି ଅଭିଶାପ ନୁହେଁ। ଏହା ଏକ ସ୍ୱାସ୍ଥ୍ୟଗତ ତ୍ରୁଟି, ଯାହାକି ଠିକ୍ ଚିକିତ୍ସା ଫଳରେ ସମାଧାନ ହୋଇପାରିବ। ଆମ ପାଖରେ ଏବେ ଏମିତି ଟେକ୍ନୋଲୋଜି ଅଛି, ଯାହା ମହିଳାଙ୍କୁ ତାଙ୍କ ମାତୃତ୍ୱ ଅନୁଭବ କରିବା ସୁଯୋଗ ଦେଉଛି। ରୋଗ ଚିହ୍ନଟ ଓ ଠିକ୍ ଚିକିତ୍ସା ଦ୍ୱାରା ଅସମ୍ଭବ କଥା ମଧ୍ୟ ସମ୍ଭବ ହୋଇପାରିବ ବୋଲି ସେ ମତ ରଖିଛନ୍ତି।

# ଜରୁରିକାଳୀନ ସେବା ସଞ୍ଚାଳନ କେନ୍ଦ୍ରରେ ମୁଖ୍ୟ ଶାସନ ସଚିବ, ଡିଜିପିଙ୍କ ସମୀକ୍ଷା




ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୋଲିସ ଡିଜି ୱାଇବି ଖୁରାନିଆଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ରାଜ୍ୟ ଜରୁରିକାଳୀନ ସେବା ସଞ୍ଚାଳନ କେନ୍ଦ୍ର (ଇଆର୍‌ଏସ୍‌ଏସ୍) (ଡାଏଲ-୧୧୨)କୁ ସୋମବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୋଲିସ ଡିଜି ୱାଇବି ଖୁରାନିଆ ଗସ୍ତ କରି ଏହାର କାର୍ଯ୍ୟକାରିତା ପରିଚାଳନା ଏବଂ ଆଧୁନିକୀକରଣ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି। ସମସ୍ୟାରେ ପଡ଼ିଥିବା ସାଧାରଣ ଲୋକଙ୍କୁ ଅଳ୍ପ ସମୟ ମଧ୍ୟରେ ଦ୍ରୁତ ସେବା ଯୋଗାଇ ଦେବା ଉପରେ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ଉପଯୁକ୍ତ ମାନବ ସମ୍ବଳ, ଅଧିକ ଜରୁରିକାଳୀନ ସହାୟତା ଯାନ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତିରେ ଯାନଗୁଡ଼ିକୁ ସୁସଜ୍ଜିତ କରାଯାଇ(ଇଆର୍‌ଏସ୍‌ଏସ୍)କୁ ଅଧିକ ସଶକ୍ତ କରିବାକୁ କୁହାଯାଇଛି। ଏହାସହ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ନିୟୋଜିତ ଥିବା ଜରୁରିକାଳୀନ ଯାନଗୁଡ଼ିକୁ ମଧ୍ୟ ଇଆର୍‌ଏସ୍‌ଏସ୍ ସହ ସଂଯୋଗ କରିବାକୁ ମଧ୍ୟ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଇଆର୍‌ଏସ୍‌ଏସ୍ ଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ଅର୍ଥରାଶିକୁ ଠିକ୍ ସମୟ ମଧ୍ୟରେ ଖର୍ଚ୍ଚ କରାଯିବା ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ମୋବାଇଲ ଡାଟା ଟର୍ମିନାଲ, ସ୍ମାର୍ଟ ଫୋନ, ଜିପିଏସ୍ ଭଳି ଅତ୍ୟାଧୁନିକ ଯନ୍ତ୍ରପାତିକୁ ଜରୁରୀକାଳୀନ ଯାନରେ ଲଗାଯାଇ ଏଆର୍‌ଏସ୍‌ଏସ୍ ବ୍ୟବସ୍ଥାକୁ ସଶକ୍ତ କରିବାକୁ ଆହୁଜା ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଇଆର୍‌ଏସ୍‌ଏସ୍‌ରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଏଡିଜି(ମୁଖ୍ୟାଳୟ) ତଥା ଇଆର୍‌ଏସ୍‌ଏସ୍‌ର ନୋଡାଲ ଅଫିସର ପ୍ରତୀକ ମହାନ୍ତି ସମୀକ୍ଷା ବୈଠକକୁ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଅଗ୍ନିଶମ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଜଙ୍ଗଲ ଓ ପରିବେଶ, ଓକାକ, ଓସଡମା ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୨୮।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତଙ୍କୁ ୱାଇଜ୍‌ମ୍ୟାନ ଇଣ୍ଟରନ୍ୟାଶନାଲ ଅନୁଷ୍ଠାନ କଟକ ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ, ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଆଇନ୍‌ଜୀବୀ ପ୍ରସନ୍ନ କୁମାର ନନ୍ଦ, ଡ. ଆଶୁତୋଷ ଦେବତା, ଜିଲା ଗଭର୍ନର ସତ୍ୟଗୋପାଳ ପରିଜା, ନଳିନୀ ମହାପାତ୍ର, ତୃପ୍ତିମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ରାଉତଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଯୁବ ସାମାଜିକ କର୍ମୀ ବିଶ୍ୱନାଥ ସାହୁ ଓ ପ୍ରଶାନ୍ତ କୁମାର ସାହୁଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ସଞ୍ଜୀବ ଦାସଙ୍କୁ ସାହିତ୍ୟ ସାରଥି ସମ୍ମାନ

ବାଙ୍କୀ,୨୮।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡ ଡମପଡ଼ାର ଯୁବକବି ସଞ୍ଜୀବ କୁମାର ଦାସଙ୍କୁ ଜାତୀୟସ୍ତରୀୟ ହାପି ମୁମେଣ୍ଟ ଇଣ୍ଡିଆ ତରଫରୁ ସୋମବାର କଟକ ଜିଲାର ଶ୍ରେଷ୍ଠ ଯୁବକବି ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଦାସଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ 'ସାହିତ୍ୟ ସାରଥି ସମ୍ମାନ –୨୦୨୫'ରେ ସମ୍ମାନିତ କରାଯାଇଛି। ପୁରୀ ସଂସ୍କୃତି ଭବନ ପରିସରରେ ଏକ ଜାତୀୟ ସମ୍ମିଳନୀରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସଞ୍ଜୀବ କଟକ ଜିଲାର ଉଦୀୟମାନ ଯୁବକବି ବୋଲି କହିଥିଲେ ।

### ଅଗଷ୍ଟ ୨୦ ଯାଏ ଚାଷୀ ପଞ୍ଜୀକରଣ
### ସଚେତନତା ରଥର ଶୁଭାରମ୍ଭ

ଆଠଗଡ଼,୨୮।୭(ସତ୍ୟପ୍ରସାଦ ରଥ): ୨୦୨୫–୨୬ ଖରିଫ ଋତୁରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ନାମ ପଞ୍ଜୀକରଣ ପାଇଁ ସୋମବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଚାଷୀମାନେ ଆବଶ୍ୟକ କାଗଜପତ୍ର ନେଇ ନିକଟସ୍ଥ ସମବାୟ ସେବା ସମିତି, ଅଧିକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ପ୍ରକ୍ରିୟା ଅଗଷ୍ଟ ୨୦ତାରିଖରେ ସରିବ। ଚାଷୀମାନଙ୍କୁ ପଞ୍ଜୀକରଣ କରାଇ ସେମାନଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଏହି ସଚେତନତା ରଥର ଉଦ୍ଦେଶ୍ୟ। ଏହି ରଥ ଆଠଗଡ଼ ଏନ୍‌ଏସି ସମେତ ଉପଖଣ୍ଡର ଆଠଗଡ, ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ଆଦି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବୁଲି ଚାଷୀମାନଙ୍କୁ ସଚେତନତା କରିବ। ଏହାଦ୍ୱାରା ଅଧିକରୁ ଅଧିକ ଚାଷୀ ସଚେତନ ହୋଇ ପଞ୍ଜୀକରଣ କରିବେ ବୋଲି ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

## ଶିକ୍ଷକ ବଦଳିକୁ ବିରୋଧ

ସାଲେପୁର/ବାଙ୍କୀ,୨୮।୭ (ଅରବିନ୍ଦ ଭୂୟାଁ/ଶୁଭେନ୍ଦୁ ମହାପାତ୍ର):


ଡମପଡ଼ା ବ୍ଲକ ଅନ୍ତର୍ଗତ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉପ୍ରା ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ସାଲେପୁର ବ୍ଲକ ଅନ୍ତର୍ଗତ ନରଦା ପଞ୍ଚାୟତ ଅଧୀନ କୁକୁଡାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ସ୍କୁଲ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି। ଶିକ୍ଷକ ବଦଳି ବିରୋଧରେ ଅସନ୍ତୋଷ ବ୍ୟକ୍ତ କରି ଏଭଳି ପଦକ୍ଷେପ ନେଇଥିବା ସେମାନେ କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢନ୍ତି। ମାତ୍ର ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି। ଏପରିକି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମଧ୍ୟ ନାହାନ୍ତି। ଜୁନ୍‌ରେ ଜଣେ ଶିକ୍ଷକ ଅବସର ନେଇଥିବାବେଳେ ଆଉ ଜଣେ ଶିକ୍ଷକ ଦୁଇଦିନ ପରେ ଅବସର ନେବେ। ଅବସର ନେଇଥିବା ଶିକ୍ଷକଙ୍କ ସ୍ଥାନରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ କୌଣସି ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ବିଜ୍ଞାନ, ଗଣିତ ଦୁଇଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏବେ ପରୀକ୍ଷା ନିକଟତର ହୋଇଥିବାବେଳେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ଉପୁଜିଛି। ଏହାକୁ ଦୃଷ୍ଟିରେ ରଖି ଶିକ୍ଷକଙ୍କ ବଦଳିକୁ ବାତିଲ କରିବାକୁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି। ଏହି ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ପୂରଣ ନ ହେବା ପର୍ଯ୍ୟନ୍ତ ଏଭଳି ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି। ଖବରପାଇ ଜିଲା ଶିକ୍ଷା ଅଧିକାରୀ ଫୋନ ଯୋଗେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସେହିପରି ଡମପଡା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉପ୍ରା ବିଦ୍ୟାଳୟରୁ ବଦଳି ହୋଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଛାତ୍ରୀଛାତ୍ର ଅଭିଭାବକମାନେ ଫାଟକରେ ତାଲା ପକାଇଛନ୍ତି। ଶନିବାର ଏହି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଥିଲା। ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସୋମବାର ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ତାଲା ପକାଇ ବଦଳି ହୋଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବାକୁ ଦାବି କରିଥିଲେ। ଏହାସତ୍ତ୍ୱେ ଶିକ୍ଷା ବିଭାଗର କୌଣସି ଅଧିକାରୀ ପହଞ୍ଚି ନ ଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଅତିରିକ୍ତ ତହସିଲଦାର ସୋନମ ପ୍ରିୟଦର୍ଶିନୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନରୁ ଓହରିଥିଲେ।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଧାରଣା ଦେଲେ ଶିକ୍ଷକ

## ଏସ୍‌ଡିପିଓଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ନିଶ୍ଚିନ୍ତକୋଇଲି,୨୮।୭(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବିଓଇ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଶିକ୍ଷକ ଓ ତାଙ୍କ ପରିବାର ସଦସ୍ୟ ଧାରଣା ସୋମବାର ଧାରଣା ଦେଇଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ଅନ୍ତର୍ଗତ ପାଟପୁରସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ କଟକ ଜିଲାପାଳଙ୍କ ନିର୍ଦ୍ଦେଶରେ ବାଙ୍କୀ ଡମପଡା ବ୍ଲକ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ମାତ୍ର ଏହାକୁ ବେଆଇନ ବୋଲି ସାମଲ ଦର୍ଶାଇବା ସହ ବଦଳିକୁ ବାତିଲ କରା ନ ଗଲେ ସେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପୂର୍ବରୁ ଚେତାବନୀ ଦେଇଥିଲେ। ଉକ୍ତ ନିଷ୍ପତ୍ତି ଅନୁଯାୟୀ ସୋମବାର ସକାଳେ ସାମଲ ତାଙ୍କର ପରିବାର ସଦସ୍ୟଙ୍କ ସହ ଧାରଣା ଦେଇଥିଲେ। ତେବେ ଏହି ଧାରଣାସ୍ଥଳକୁ ଶିକ୍ଷାବିଭାଗର କୌଣସି ଅଧିକାରୀ ଆସି ନ ଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ସାମଲଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ବ୍ଲକ ମଣିଜଙ୍ଗ ନାରାୟଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଜଣେ ଦଳିତ ଛାତ୍ରକୁ ମାଡ଼ମାରିବା ଅଭିଯୋଗ ହୋଇଥିଲା। ଏନେଇ ଶିକ୍ଷାଧିକାରିଣୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସମ୍ପୃକ୍ତ ଛାତ୍ରଙ୍କ ବାପା ପ୍ରଶାନ୍ତ କୁମାର ସେଠୀ ଏସମ୍ପର୍କରେ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବେନିୟମଭାବେ ନିଲମ୍ବିତ କରାଯାଇଥିବା ଦର୍ଶାଇ ସାମଲ ବ୍ଲକ ଶିକ୍ଷାଧିକାରିଣୀ ସଞ୍ଜୁକ୍ତା ମହାପାତ୍ରଙ୍କ ନାମରେ ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ସାମଲ ବିବାଦୀୟ ହୋଇ ପଡିବା ସହ ସାମାଜିକ ଗଣ ମାଧ୍ୟମରେ ଆପତି ଜନକ ଶବ୍ଦ ବ୍ୟବହାର କରି ପୋଷ୍ଟ କରିଥିଲେ। ଏନେଇ ଜିଲାପ୍ରଶାସନ ତାଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ।


ପରିବାର ସଦସ୍ୟଙ୍କ ସହ ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ଧାରଣାରେ ବସିଛନ୍ତି।

# ପ୍ରକୃତିକୁ ସୁସ୍ଥ କରିବା, ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

ବାଙ୍କୀ,୨୮।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧ୍ୟାପକ ଓ ଛାତ୍ରୀଛାତ୍ର।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଭୂଗୋଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରାକୃତିକ ସମ୍ବଳର ସୁରକ୍ଷା, ସୁସ୍ଥ ଓ ସ୍ୱଚ୍ଛ ପ୍ରକୃତି ଗଠନରେ ଛାତ୍ରଛାତ୍ରୀମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ବୈଠକରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ର ସଭାପତିତ୍ୱ କରିବା ସହ ପ୍ରକୃତିକୁ ସୁସ୍ଥ ସରସ କରିବା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୂତତ୍ତ୍ୱବିତ୍ ରଞ୍ଜିତ କୁମାର ରାଉତ ଯୋଗଦେଇ ବାୟୁ, ପାଣି ଓ ମାଟିକୁ କିପରି ପ୍ରଦୂଷଣ ମୁକ୍ତ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଆଶୁତୋଷ ସାମନ୍ତ, ଲକ୍ଷ୍ମୀପ୍ରିୟା ନାୟକ, ନମିତା ଦଳେଇ, ବବୁଲା ବିହାର ପ୍ରମୁଖ ଭାଗ ନେଇଥିଲେ । ଶେଷରେ ସରସ୍ୱତୀ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଜୟନ୍ତୀ ପାଳିତ

ସାଲେପୁର,୨୮।୭(ଅରବିନ୍ଦ ଭୂୟାଁ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ସହପ୍ରାନ୍ତ କାର୍ଯ୍ୟବାହ ତଥା ଓଡ଼ିଶା ଭାଜପା ମୁଖ୍ୟ ବିଧାଣୀ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ୮୩ତମ ଜୟନ୍ତୀ ସାଲେପୁରସ୍ଥିତ ମଧୁମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅଟଳ ସେନାର ରାଜ୍ୟ ଅଧ୍ୟକ୍ଷ ଦିବାକର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଭାଜପା ନେତା ଭକ୍ତବନ୍ଧୁ ମିଶ୍ର ଯୋଗଦେଇ ଓଡ଼ିଶାରେ ସଂଘ ଓ ଭାଜପାର ପ୍ରଚାର ପ୍ରସାରରେ ତାଙ୍କର ଅବଦାନ ଯୋଗୁ ଓଡ଼ିଶାରେ ଭାଜପା ସରକାର ଗଠିତ ହୋଇପାରିଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ଶିବା ମହାନ୍ତି ଓ ଅଟଳ ସେନା ଚିନ୍ତନ ପରିଷଦର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାପାତ୍ର ଯୋଗଦେଇଥିଲେ। ଜୟନ୍ତୀ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ତଥା ଶିଶୁସାହିତିକ ଶଶୀଭୂଷଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସେନାର କାର୍ଯ୍ୟକ୍ରମ ରୂପାୟନ କମିଟିର ସମ୍ପାଦକ ତାପସ ରଞ୍ଜନ ତ୍ରିପାଠୀ, ଉପ ସଭାପତି ଗୌତମ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ଉପଦେଷ୍ଟା ଶ୍ରୀଚରଣ ନାୟକ, ରତ୍ନାକର ମିଶ୍ର, ସହ ସଂଗଠନ ମନ୍ତ୍ରୀ ଅଧିବକ୍ତା ଅକ୍ଷୟ ବିଶ୍ୱାଳ, ଯୁବ ସଂଘ ରାଜ୍ୟ ସଭାପତି ଜନ୍ମେଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଗଠିତ


ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ର ଓ ଅନ୍ୟମାନେ।

ବାଙ୍କୀ,୨୮।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ଶତାୟୁ ଉଚ୍ଚ ବିଦ୍ୟାଳୟ ବି.କେ.ବିଦ୍ୟାପୀଠରେ ସୋମବାର ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଗଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିବା ସହ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସରକାରଙ୍କ ନୂଆ ନିୟମ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ପୁରାତନ ଛାତ୍ରମାନଙ୍କୁ ନେଇ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଗଠନ କରି ସେମାନଙ୍କ ଆର୍ଥିକ, ଶାରୀରିକ ଶ୍ରମ ପ୍ରଦାନ ଦ୍ୱାରା ବିଦ୍ୟାଳୟ ଗଠନରେ ସାହାଯ୍ୟ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ଏହି ବୈଠକରେ ପୁରାତନ ଛାତ୍ର ତଥା ଆଇନ୍‌ଜୀବୀ ସୁବାସ ଚନ୍ଦ୍ର ମିଶ୍ର, ଶ୍ରୀନିବାସ ବେହେରା, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କେଶବ ଚନ୍ଦ୍ର ବେହେରା, ସମରେନ୍ଦ୍ର ମହାପାତ୍ର, ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚସଖା ଶିକ୍ଷାସେତୁ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଞ୍ଚସଖା ସଂଗଠନର ସଭାପତି ଭାବେ ଶ୍ରୀନିବାସ ବେହେରା ଓ ସମ୍ପାଦକ ଭାବେ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧୀରେନ କୁମାର ତ୍ରିପାଠୀ, ଦୁର୍ଗାମାଧବ ମିଶ୍ର, ତ୍ରିନାଥ ପରିଡା, କାହ୍ନୁଚରଣ ବେହେରା, ଅଶୋକ ରଣା, ପ୍ରଦୀପ କୁମାର ସେଠୀ, ସୁବ୍ରତ କୁମାର ଖଟୁଆ, ରତ୍ନାକର ବେହେରା, ଗୋପବନ୍ଧୁ ସାହୁ, ନାରାୟଣ ମହାପାତ୍ର, ନିରଞ୍ଜନ ବେହେରା, ଶଶିଭୂଷଣ ତ୍ରିପାଠୀ ପ୍ରମୁଖ ଶତାଧିକ ପୁରାତନ ଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଜେ ଜଳି ସ୍ତ୍ରୀଙ୍କୁ ଜାଳିଦେବାକୁ ଧମକ ଦେଲେ ସ୍ୱାମୀ

## ଉଦ୍ଧାର କଲେ ପୋଲିସ, ଅଗ୍ନିଶମ କର୍ମଚାରୀ

ସାଲେପୁର,୨୮।୭(ଅରବିନ୍ଦ ଭୂୟାଁ ): ନିଜେ ଜଳି ସ୍ତ୍ରୀଙ୍କୁ ଜାଳି ଦେବାକୁ ଧମକ ଦେଇ ଘର ଭିତରପଟୁ କବାଟ ବନ୍ଦ କରି ଦେହରେ ପେଟ୍ରୋଲ ଢ଼ାଳି ଦେଇଥିଲେ। ଖବରପାଇ ସାଲେପୁର ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛି। ଏଭଳି ହାଇଡ୍ରାମା ଦେଖିବାକୁ ମିଳିଛି ସାଲେପୁର ଥାନା ଅନ୍ତର୍ଗତ ଧର୍ମାଗତପୁର ଗାଁରେ। ଏହି ଗାଁର କବିତା ଦାସ ୨୦ ବର୍ଷ ପୂର୍ବେ ଜଗତ୍‌ସିଂହପୁର ଗାନ୍ଧି ଛକ ନିକଟ ରଘୁନାଥପୁର ଅଞ୍ଚଳର ଅନନ୍ତ କୁମାର ଦାସଙ୍କୁ ବିବାହ କରିଥିଲେ। ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ଝଗଡା ହେବାରୁ କିଛିଦିନ ହେବ ସ୍ତ୍ରୀ କବିତା ଆସି ବାପ ଘରେ ରହୁଥିଲେ। ଏନେଇ ସୋମବାର ସ୍ୱାମୀ ଅନନ୍ତ ଆସି ତାଙ୍କୁ ନେବାକୁ ଜିଦ ଧରିଥିଲେ। ମାତ୍ର କବିତା ଏଥିରେ ରାଜି ହୋଇ ନଥିଲେ। ଏଥିରେ ଅନନ୍ତ ଉତ୍କ୍ଷିପ୍ତ ହୋଇ ହଠାତ କେଉଁ ଆଡୁ ପେଟ୍ରୋଲ ଆଣି ନିଜ ଦେହରେ ଢାଳି ହୋଇ କବିତାଙ୍କୁ ଗୋଟେ ଘର ଭିତରେ ପୁରାଇ ନିଜ ସହ ତାଙ୍କୁ ଜାଳିଦେବାକୁ ଧମକ ଦେଇଥିଲେ। ଏନେଇ କବିତାଙ୍କ ଘରଲୋକେ ୧୧୨ ନମ୍ବରରେ କଲ୍ କରି ଜଣାଇଥିଲେ। ଏହାପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ, ସ୍ତ୍ରୀଙ୍କୁ ଉଦ୍ଧାର କରି ସେମାନଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଥାନାକୁ ନେଇଛନ୍ତି। ଉଭୟଙ୍କ ଦେହ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ସେମାନଙ୍କୁ କାଉନ୍‌ସେଲିଂ କରିବା ପରେ ପରିବାର ଜିମାରେ ଦିଆଯିବ ବୋଲି ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ କହିଛନ୍ତି ।

# ସାମାଜିକ କର୍ମୀଙ୍କ ଦେହାନ୍ତରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବାଙ୍କୀ , ୨୮।୭( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ କୁସପଙ୍ଗି ପଞ୍ଚାୟତସ୍ଥିତ ଘାସିପୁଟ ଗ୍ରାମର ସାମାଜିକ କର୍ମୀ ସୁବ୍ରତ ରଣା (୪୪) ହୃଦଘାତରେ ମୃତ୍ୟୁ ଘଟିଛି। ଏହି ଦୁଃଖଦ ସମୟରେ ଅବସରପ୍ରାପ୍ତ ସୈନିକ ପୀତବାସ ଜେନାଙ୍କ ନେତୃତ୍ୱରେ ସୋମବାର ଆରାଧ୍ୟ ଦିଅଁ ମା ପୋଟଳେଇଙ୍କ ପୀଠରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସୁବ୍ରତଙ୍କ ଏପରି ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟ ଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ। ଏହି ଶୋଭାଯାତ୍ରାରେ ସାମାଜିକ କର୍ମୀ ବସନ୍ତ କୁମାର ବେଉରା, ସରୋଜ ବେଉରା, ପ୍ରକାଶ ଜେନା, ନିହାର ବେଉରା, କୈଳାସ ବେଉରା, ଗୋପାଳ ରଣା, ରିଣ୍ଟୁ ଜେନା ପ୍ରମୁଖ ଯୋଗଦେଇ ସୁବ୍ରତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।


ମା' ପୋଟଳେଇଙ୍କ ପୀଠରେ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ଯୁବ କଂଗ୍ରେସକୁ ତୃଣମୂଳସ୍ତରରୁ ସଙ୍ଗଠିତ କରିବାକୁ ଆହ୍ୱାନ

ନିଶ୍ଚିନ୍ତକୋଇଲି,୨୮।୭ (ଅଶୋକ କୁମାର ମହାପାତ୍ର) : ରାଜ୍ୟରେ କଂଗ୍ରେସ ସଙ୍ଗଠିତ ହୋଇଛି। ସରକାରଙ୍କୁ ସକାରାତ୍ମକ ଭାବେ ବିରୋଧ କରିଚାଲିଛି। ଏହି ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ଯୁବକମାନଙ୍କ ଉଦ୍ୟମ ଜରୁରୀ ବୋଲି ଯୁବ କଂଗ୍ରେସ ସମାବେଶରେ କଟକ ଜିଲା ସଂଯୋଜକ ପ୍ରଦିପ୍ତ ଦାସ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକର କୁଳିଆଠାରୁ ଯୁବ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ବନ୍ଧନ ମଣ୍ଡପରେ ପହଞ୍ଚିଥିଲା। ସେଠାରେ ଯୁବ କଂଗ୍ରେସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପିସିସିର ସାଧାରଣ ସମ୍ପାଦିକା ମଧୁସ୍ମିତା ପଣ୍ଡା ଯୋଗଦେଇ ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର ଓ ନାବାଳିକା ଅସଦାଚରଣ ଘଟଣାକୁ ନେଇ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ କଟକ ଜିଲା ସଂଯୋଜକ ପ୍ରଦିପ୍ତ ଦାସ ଯୋଗଦେଇ ମାହାଙ୍ଗାରେ ଦୀର୍ଘବର୍ଷ ହେବ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ିଚାଲିଛି। ସାଧାରଣ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ୨୪ ବର୍ଷର ବିଜେଡି ସରକାର ଓ ବର୍ଷକର ଭାଜପା ସରକାର ମାହାଙ୍ଗାର ବିକାଶ ପ୍ରତି ଦୃଷ୍ଟି ଦେଉନାହାନ୍ତି । ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହି ପୂର୍ବତନ ବିଧାୟକ ଓ ବର୍ତ୍ତମାନ ବିଧାୟକଙ୍କୁ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ସେକ୍ ସଦ୍ଦାମ ଯୋଗଦେଇ ଯୁବ ଶକ୍ତି ହିଁ ରାଜ୍ୟରେ କଂଗ୍ରେସକୁ ସରକାରକୁ ଆଣିବ ବୋଲି କହିଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ମାହାଙ୍ଗାରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ମତ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ବଟକୃଷ୍ଣ ସ୍ୱାଇଁ କବିତା ମାଧ୍ୟମରେ ମାହାଙ୍ଗାରେ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀଙ୍କୁ ପ୍ରେରଣା ଦେଇଥିଲେ। କଟକ ଜିଲା ଅନୁସୂଚିତ ଜାତି ସଭାପତି ପ୍ରତାପ ମଳିକ ଯୋଗଦେଇ ଜିଲାରେ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ସୁଦୃଢ଼ ହେବାକୁ ଯାଉଛି ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଯୁବ କାର୍ଯ୍ୟକର୍ତ୍ତା, ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ।


ଯୁବ ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ।

# ଚାଷୀଙ୍କ ଧାନ କିଣାଯାଉ, ନଚେତ୍ କ୍ଷତିପୂରଣ ଦିଆଯାଉ

**ବ୍ରହ୍ମଗିରି, ପୁରୀ ସଦର ବ୍ଲକରେ ଚାଷୀ ଆନ୍ଦୋଳନ**

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି, ପୁରୀ ସଦର ବ୍ଲକ ଚାଷୀକୁଳର ସମସ୍ୟା ନେଇ ସୋମବାର ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶତାଧିକ ଚାଷୀ ଟ୍ରାକ୍ଟରରେ ଧାନ ଧରି ବ୍ରହ୍ମଗିରି ଡାବା ଛକ ଠାରୁ ବିକ୍ଷୋଭ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନରେ ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

ଦାସବର୍ମା କହିଛନ୍ତି, ବ୍ରହ୍ମଗିରି ହେଉଛି ଏକ କୃଷିପ୍ରଧାନ ଅଞ୍ଚଳ। ବ୍ରହ୍ମଗିରିରେ ପ୍ରାୟ ୭୦% ଲୋକ ଧାନଚାଷ ଉପରେ ନିର୍ଭର କରନ୍ତି। ଗତ ରବିଋତୁରେ ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ଚାଷୀମାନେ ସେହି ଅନୁସାରେ ସମସ୍ତ ସେବା ସମବାୟ ସମିତିରେ ସରକାରୀ ନିୟମ ମୁତାବକ ପଞ୍ଜୀକରଣ କରିଥିଲେ। ପଞ୍ଜୀକରଣ ଅନୁସାରେ ଚାଷୀମାନଙ୍କ ପାଇଁ ଟାର୍ଗେଟ ଫିକ୍ସ ହୋଇଥିଲା ଏବଂ ଟାର୍ଗେଟ ଅନୁଯାୟୀ ଚାଷୀମାନଙ୍କୁ ଟୋକନ ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଏ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ସେବା ସମବାୟ ସମିତିଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଟାର୍ଗେଟ ନ ଦେଇ ଚାଷୀମାନଙ୍କ ସହ ଖେଳ ଖେଳିଲେ ଏବଂ ଯାହା ଟାର୍ଗେଟ ଦିଆଯାଇଥିଲା ତାହା ବିଭିନ୍ନ ପର୍ଯ୍ୟାୟରେ ଦିଆଗଲା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ବିଷୟ ଧାନ ସଂଗ୍ରହ ଅବଧି ଜୁନ୍ ୩୦ ତାରିଖ ରାତି ୧୨ଟାରେ ଶେଷ ହେଉଥିବା ବେଳେ ରାତି ୯ଟା ୪୫ ମିନିଟ୍ ସମୟରେ ବ୍ରହ୍ମଗିରି ଏବଂ ପୁରୀ ସଦର ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିଗୁଡ଼ିକୁ ଟାର୍ଗେଟ ପ୍ରଦାନ କରାଗଲା। ଫଳରେ ସମସ୍ତ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ ପ୍ରାୟ ୫୦% ଚାଷୀ ନିଜର ଉତ୍ପାଦିତ ଧାନ ସରକାରୀ ବ୍ୟବସ୍ଥାରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଚାଷୀମାନଙ୍କର ପଞ୍ଜୀକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଦାସବର୍ମା ଦାବି କରିଛନ୍ତି। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ପୁରୀ ସଦର ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପରିଡ଼ା, ଭାଇଲପୁର ସମିତି ସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ସୁର ପ୍ରସାଦ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକଙ୍କ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ।



ବିଜେଡିର ନେତା ଓ କର୍ମୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୮।୭।୨୦୨୫

| | |
|---|---|
| ୪,୬୯,୩୫୨ ଟଙ୍କା | |
| ସୁନା | ୨ ଗ୍ରାମ୍ |
| ରୁପା | ୪୧.୨୦୦ ଗ୍ରାମ୍ |

**ସଂକ୍ଷେପରେ**

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିଛନ୍ତି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଦକ୍ଷିଣ ଘର ଭୋଗହେବା ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ଠାକୁରାଣୀ ବିଜେ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସନ୍ଧ୍ୟା ୬ଟା ୫ରୁ ନୀତି ଆରମ୍ଭ ହୋଇଥିଲା । ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ରାତି ୯ଟା ୨୫ରେ ଶ୍ରୀମନ୍ଦିର ଗର୍ଭଗୃହରୁ ବାହାରିଥିଲେ। ପରେ ସିଂହାସନ ଧୂଆ ଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଏହି ନୀତି ଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀପୟରକୁ ସୁରକ୍ଷା ପ୍ରଦାନ କରାଯାଥାଏ।

## ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଯୋଗେଶ୍ୱରପୁର,୨୮।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ତିରୁଣା ଗ୍ରାମର ଜଣେ ଯୁବକ ବଉଲାଙ୍ଗ ରାସ୍ତାର ଏକ ପୋଲ ବାଡ଼ାରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଉକ୍ତ ଗ୍ରାମର ପବନି ପାତ୍ରଙ୍କ ପୁଅ ରଞ୍ଜନ ପାତ୍ର(୩୮)। ଖବରପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପହଞ୍ଚି ଶବ ଜବତ କରି ତଦନ୍ତ ଚଳାଇଛନ୍ତି। ମୃତ ପାତ୍ରଙ୍କ ପତ୍ନୀ ଓ ୧୦ ବର୍ଷର ଏକ ପୁଅ ଅଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଗୋପ ଥାନାରେ ଅପମୃତ୍ୟୁ କେସ୍ ନଂ.୧୪/୨୦୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ଅଧାବାଟରେ ଖରାପ ହେଲା ଆମ୍ବୁଲାନ୍ସ, ରୋଗୀ ଛଟପଟ



କାକଟପୁର/ଅସ୍ତରଙ୍ଗ/କୋଣାର୍କ, ୨୮।୭ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ଜ୍ୟୋତିରାଜ ମହାନ୍ତି)

ରୋଗୀଙ୍କୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ଅଧାବାଟରେ ପଂକ୍ଚର ହୋଇଥିବା ଜଣାପଡ଼ିଛି। ଫଳରେ ଆମ୍ବୁଲାନ୍ସରେ ଦୀର୍ଘ ସମୟ ଧରି ରୋଗୀ ଛଟପଟ ହୋଇଥିବା ଦେଖାଯାଇଥିଲା। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୋମବାର ଜଣେ ବ୍ୟକ୍ତି ବିଷ ପିଇଦେଇଥିବାରୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ହସ୍ପିଟାଲ ସ୍ଥାନାନ୍ତର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ କାକଟପୁର-କୋଣାର୍କ ମୁଖ୍ୟ ରାସ୍ତା ଇନ୍ଦିରାବଜାର ନିକଟରେ ଗାଡ଼ି ପଂକ୍ଚର ହୋଇଥିଲା। ରୋଗୀ ଜଣକ କଷ୍ଟ ପାଉଥିଲେ ମଧ୍ୟ ଏନେଇ ୧୦୮ ଆମ୍ବୁଲାନ୍ସ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନିଆଯାଇ ନ ଥିଲା। ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୧୦୮ ଆମ୍ବୁଲାନ୍ସ ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଯାଉ ନ ଥିବା ଯୋଗୁ ବାରମ୍ବାର ଏଭଳି ଘଟଣା ବିଭିନ୍ନ ସମୟରେ ଘଟୁଥିବା ଓ ରୋଗୀମାନେ ହଇରାଣ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାର୍‌ପିଟ, ଜଣେ ଗିରଫ

ନିମାପଡ଼ା,୨୮।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ସଂଘର୍ଷ ଘଟିଛି। ଗ୍ରାମର ସଦାଶିବ ବିଶ୍ୱାଳ ଓ ଭାଇ ବିଷ୍ଣୁମୋହନ ବିଶ୍ୱାଳ ଉଭୟ ମିଶି ବିଶ୍ୱଜିତ ବିଶ୍ୱାଳଙ୍କ ଘର ନିକଟକୁ ଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାଦେଖି ବିଶ୍ୱଜିତ୍‌ଙ୍କ ଭାଇ ବାପି ବିଶ୍ୱାଳ ପ୍ରତିବାଦ କରିବାରୁ ତାଙ୍କୁ ଧକ୍କା ଓ ମାଡ଼ ମାରିଥିଲେ। ଏନେଇ ବିଶ୍ୱଜିତ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ସଦାଶିବ ବିଶ୍ୱାଳଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ, ବାପି ବିଶ୍ୱାଳ ଗାଁ ନିକଟସ୍ଥ ବିଲ ପାଖକୁ ବାଇକ୍‌ରେ ଯାଉଥିବାବେଳ ମଙ୍ଗଳା ମନ୍ଦିର ପାଖରେ ଗଣ୍ଡଗୋଳକାରୀ ଦୁଇ ଭାଇ ମିଶି ତାଙ୍କୁ ଅଟକାଇବା ସହ ନିସ୍ତୁକ ମାଡ଼ ମାରିବା ସହ ମୁଣ୍ଡକୁ ଏକ ଇଟାରେ ଛେଚି ଦେଇଥିଲେ। ଫଳରେ ମୁଣ୍ଡ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ଖବରପାଇ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଆହତ ବାପି ବିଶ୍ୱାଳଙ୍କ ଭାଇ ବିଶ୍ୱଜିତ ବିଶ୍ୱାଳ ଆକ୍ରମଣକାରୀ ସଦାଶିବ ଓ ବିଷ୍ଣୁ ମୋହନ ଓ ତାଙ୍କ ଭାଇବୋହୂଙ୍କ ସମେତ ତିନି ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଗଣ୍ଡଗୋଳକାରୀ ୩ଜଣଙ୍କ ନାଁରେ କେସ୍ ନଂ. ୨୩୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ସଦାଶିବ ବିଶ୍ୱାଳଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମରେ ୨ ପରିବାରବର୍ଗଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

# ଟ୍ରାକ୍ଟରକୁ ଧକ୍କା ଦେଲା ପୁରୀ-ପାଟ୍‌ନା ଏକ୍ସପ୍ରେସ

ସାକ୍ଷୀଗୋପାଳ,୨୮।୭ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀରେ ସୋମବାର ପୁରୀ-ପାଟ୍‌ନା ଏକ୍ସପ୍ରେସ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ସାକ୍ଷୀଗୋପାଳ ରେଳ ଷ୍ଟେଶନଠାରୁ ପ୍ରାୟ ୨ କି.ମି. ଦୂରରେ ଥିବା ଶାସନ ବୀରରାମଚନ୍ଦ୍ରପୁର ଓ ପଇନାଇକିଆ ବାଲିସାହି ରେଳ ଲାଇନ୍ ମଝିରେ ଏଭଳି ଘଟଣା ଘଟିଛି। ହଳ କାମ ସାରି ଏକ ଟ୍ରାକ୍ଟର ରେଲ୍‌ୱେ ଟ୍ରାକ୍ କ୍ରସ୍ କରି ଗନ୍ତବ୍ୟସ୍ଥଳକୁ ଯିବାବେଳେ ଦୁର୍ଭାଗ୍ୟବଶତଃ ଟ୍ରାକ୍ଟରଟି କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ରେଳଟ୍ରାକ୍ ପାର ହୋଇ ନ ଥିଲା। ସେହି ସମୟରେ ପୁରୀରୁ ଦ୍ରୁତଗତିରେ ଆସୁଥିବା ପୁରୀ-ପାଟ୍‌ନା ଏକ୍ସପ୍ରେସ ଦେଖି ଚାଳକ ଜଣକ ଟ୍ରାକ୍ଟର ଛାଡ଼ି ଫେରାର ହୋଇ ଯାଇଥିଲେ। ଫଳରେ ଏକ୍ସପ୍ରେସ ଟ୍ରେନ୍‌ଟି ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିରାଟ ଶବ୍ଦ ସୃଷ୍ଟି ହେବା ସହ ଉକ୍ତ ଟ୍ରାକ୍ଟର ଖଣ୍ଡ ଖଣ୍ଡ ହୋଇଯାଇ ରେଳଧାରଣା ଓ ଆଖ ପାଖ ଅଞ୍ଚଳରେ ପଡ଼ି ରହିଥିଲା। ପରେ ଟ୍ରେନ୍‌ଟି ଅଟକି ରହିଥିଲା। ଖବରପାଇ ପୁରୀ ରେଲ୍‌ୱେ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ବାହିନୀପତିଙ୍କ ସମେତ ଅନ୍ୟ ଅଧିକାରୀ ଓ ଯନ୍ତ୍ରୀମାନେ ପହଞ୍ଚି କ୍ଷତିଗ୍ରସ୍ତ ଟ୍ରାକ୍ ମରାମତି କରିବା ପରେ ଏକ ଘଣ୍ଟା ଅଟକି ରହିଥିବା ପୁରୀ-ପାଟ୍‌ନା ଏକ୍ସପ୍ରେସ ପୁନର୍ବାର ତାର ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଚାଳକଙ୍କୁ ରେଲ୍‌ୱେ ସୁରକ୍ଷା ପୋଲିସ ଅଟକ ରଖି ଅଧିକ ପଚରାଉଚରା କରୁଛି।



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ।

# ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ



କାଉଡିଆମାନେ ଧାଡିରେ ଯାଇ ପାଣି ଢାଳୁଛନ୍ତି ।

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

**ଶ୍ରାବଣ ତୃତୀୟ ସୋମବାର**

ଶ୍ରାବଣ ତୃତୀୟ ସୋମବାରରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ହଜାର ହଜାର କାଉଡିଆ ଜଳଲାଗି କରିଛନ୍ତି। ତୃତୀୟ ସୋମବାରରେ ୩୩ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଜଳ ଲାଗି କରିଥିବା ଜଣାପଡ଼ିଛି। ପ୍ରତ୍ୟେକ ଭକ୍ତ ୩୦ ଟଙ୍କାର ଟିକେଟ କାଟି ବ୍ୟାରିକେଡ୍ ଦେଇ ଧାଡ଼ିରେ ମନ୍ଦିର ପରିସରକୁ ଯାଇ ଜଳଲାଗି କରିଥିଲେ। ଶ୍ରୀକ୍ଷେତ୍ରରେ ଶିବମୟ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ମଧ୍ୟରାତ୍ର ୧୨ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ଅବକାଶ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ପରେ ୧୨ଟା ୩୦ରୁ ଜଳଲାଗି ଆରମ୍ଭ ହୋଇଥିଲା। କୁଷ୍ଠାଶ୍ରମ ନିକଟ ଟିକେଟ କାଉଣ୍ଟରରୁ ୩୦ ଟଙ୍କାର ଟିକେଟ ନେଇ କାଉଡ଼ିଆମାନେ ଧାଡ଼ିରେ ବ୍ୟାରିକେଡ୍‌ରେ ଯାଇ ରୋଷଘର ପଛପାର୍ଶ୍ୱ ପଟୁ ମନ୍ଦିରରେ ପ୍ରବେଶ କରିବା ସହ ଲକ୍ଷ୍ମୀଦ୍ୱାର ନିକଟରେ ଜଳଲାଗି କରି ଫେରିଥିଲେ। ପ୍ରଶାସନ ପକ୍ଷରୁ ମନ୍ଦିର ପରିସର ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ ସହ ପ୍ରାୟ ୫ ହଜାର ଲୋକଙ୍କ ପାଇଁ ଅସ୍ଥାୟୀ ଶେଡ୍, ଆଶ୍ରୟସ୍ଥଳୀ, ପାନୀୟଜଳ, ଆଲୋକୀକରଣ ଏବଂ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଆଦି ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୩ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୧୧ ଇନ୍‌ସପେକ୍ଟର, ୬୪ ଏସ୍‌ଆଇ ଏବଂ ଏଏସ୍‌ଆଇ, ୨୨ ହାବିଲଦାର, ୬୮ କନଷ୍ଟେବଳ ଏବଂ ୨୫୦ ଜଣ ହୋମଗାର୍ଡ ମୁତୟନ ଥିଲେ। ଛିନ୍‌ତାଇ, ଲୁଟ୍ ଓ ମୋବାଇଲ ଚୋରି ଉପରେ କଡ଼ା ନଜର ରଖାଯାଇଥିଲା। ଏନେଇ ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ କୁମାର ପରିଡ଼ା କହିଛନ୍ତି, ଚଳିତବର୍ଷ ୪ଟି ଶ୍ରାବଣ ସୋମବାର ପଡୁଛି। ସେହିପରି ଭକ୍ତଙ୍କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପଶ୍ଚିମେଶ୍ୱର, ଐଶାନେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼

ଅସ୍ତରଙ୍ଗ,୨୮।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ଶ୍ରାବଣ ତୃତୀୟ ସୋମବାରରେ ଶତାଧିକ କାଉଡିଆ ଜଳଲାଗି କରିଛନ୍ତି। ଜଳାଭିଷେକ ପାଇଁ ରବିବାରଠାରୁ କାଉଡିଆମାନେ ଆସି ପୀଠରେ ପହଞ୍ଚିଥିଲେ। ବୋଲ ବମ୍ ହର ହର ବମ୍ ଡାକରେ ରାସ୍ତାଘାଟ ପ୍ରକମ୍ପିତ ହେଉଥିଲା। କେହି ବାହୁଙ୍ଗିରେ ତ ଆଉ କେହି ଦୁଇ ହାତରେ କଳସୀଧରି ପାଣି ନେଇ ଆସିଥିଲେ। ସୋମବାର ଅପରାହ୍ନ ପର୍ଯ୍ୟନ୍ତ କାଉଡିଆମାନେ ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମର ପଶ୍ଚିମେଶ୍ୱର, ଆଳସାହି ପଞ୍ଚାୟତ ଓଳିହା ଗ୍ରାମର ଐଶାନେଶ୍ୱର ସମେତ ବ୍ଲକ ଅଞ୍ଚଳର ଗ୍ରାମେଶ୍ୱର, ଶଙ୍କରେଶ୍ୱର, ଈଶାଣେଶ୍ୱର, ସିଦ୍ଧେଶ୍ୱର, ବୁଦ୍ଧେଶ୍ୱରଙ୍କ ସମେତ ବିଭିନ୍ନ ମନ୍ଦିରରେ ଜଳଲାଗି କରିଥିଲେ। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିରରେ ବ୍ୟାରିକେଡ୍ କରାଯାଇଥିଲା। ରବିବାର ରାତି ୩ଟାରୁ ବିଭିନ୍ନ ଶୈବପୀଠରେ ମନ୍ଦିରର ସ୍ୱତନ୍ତ୍ର ନୀତି କରାଯାଇ ଠାକୁରଙ୍କ ମଙ୍ଗଳ ଆଳତି କରାଯିବା ପରେ ୧୦୮ ଗରାରେ ବାବାଙ୍କ ସ୍ନାନ ନୀତି ଶେଷ କରାଯାଇଥିଲା। ପରେ ବଡ଼ସିଂହାର ଭୋଗ ଲାଗି କରାଯାଇଥିଲା। ନୀତି ପାଳିଆ ସେବକ ସମସ୍ତ ନୀତିକାନ୍ତି ସମାପନ କରିଥିଲେ। ରାତି ୪ଟାରୁ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଦ୍ୱାର ଫିଟାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁମାନେ ଜଳଲାଗି କରିଥିଲେ। ଶୃଙ୍ଖଳିତ ଜଳ ଲାଗି ପାଇଁ ବିଭିନ୍ନ ଗ୍ରାମରେ ଥିବା ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲେ।

# ବଢୁଛି ଦେବୀନଦୀ ଜଳସ୍ତର



ଅସ୍ତରଙ୍ଗ,୨୮।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ହୀରାକୁଦ ଗେଟ୍ ଖୋଲିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ଶାଖା ନଦୀ ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟାପାଣିରେ ତଳିଆ ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ ହୋଇଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଦେବୀ ନଦୀ ଉପକଣ୍ଠ ନଗର ପଞ୍ଚାୟତ ବିରୁଡ଼ି ପନ୍ତାଳ, ଦିନାଡିଆ, ବାଲିପନ୍ତାଳ, ତାଳଦା ପଞ୍ଚାୟତର ଏଡ଼ବାଂଶ, ଡିଆ ସମେତ ଖଣ୍ଡାସାହି, ଓସିଆ, ବିନାୟକପୁର, ଝାଡ଼ଲିଙ୍ଗ, ସହନ ନିକଟ ତଳିଆ ଅଞ୍ଚଳରେ ବନ୍ୟା ପାଣି ଲହଡ଼ି ମାରୁଛି।

କିଛିଦିନ ଆଗରୁ ନଗର ପଞ୍ଚାୟତରେ ହୋଇଥିବା ପରିବା ଚାଷଜମି ଏବେ ବନ୍ୟାଜଳରେ ବୁଡ଼ିଯାଇଛି। ପୋଟଳ, କଲରା, କଞ୍ଚାଲଙ୍କା, ବାଇଗଣ ଉପରେ ବନ୍ୟାପାଣି ମାଡ଼ି ଯାଇଛି। ଚାଷଜମିରେ ୩ ଫୁଟ୍‌ର ପାଣି। ନିଜ କଷ୍ଟାର୍ଜିତ ଫସଲକୁ ନଦୀବନ୍ଧରେ ଠିଆ ହୋଇ ଚାଷୀ ଦୁଃଖ କୋହଭରା ନୟନରେ ଚାହିଁ ରହିଛନ୍ତି। ପାଣି ପ୍ରବେଶ କରିଥିବା ପନିପରିବା ଫସଲ ବନ୍ୟାଜଳ ଛାଡ଼ିଲେ ନା ଖାଇହେବ ନା ବିକ୍ରି କରିହେବ। ଏନେଇ ଚିନ୍ତାରେ ଚାଷୀ। ଏଥିପ୍ରତି ସରକାର ଦୃଷ୍ଟିଦେଇ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସହାୟତା ପ୍ରଦାନକରିବାକୁଚାଷୀମାନେଦାବିକରିଛନ୍ତି।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ସରପଞ୍ଚ ସଂଘ

ଗୋପ,୨୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

**ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼ ଘଟଣା**

ନାଗପୁର ପଞ୍ଚାୟତର ମହିଳା ସରପଞ୍ଚ ପଦ୍ମପୂର୍ଣ୍ଣା ଦଳାଇଙ୍କ ସ୍ୱାମୀ ଅପର୍ତ୍ତି ଦଳାଇଙ୍କୁ ରାଜରାସ୍ତାରେ ମାଡ଼ ମାରିବାର ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଗୋପ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଭିଯୁକ୍ତମାନଙ୍କୁ ଗିରଫ କରିବା ତ ଦୂରର କଥା ଅଭିଯୋଗକୁ ନେଇ ମାମଲା ରୁଜୁ କରିନାହିଁ। ତୁରନ୍ତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ବ୍ଲକ ସରପଞ୍ଚ ସଂଘ ସୋମବାର ଥାନାକୁ ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୭ ତାରିଖ ସନ୍ଧ୍ୟାରେ ନାଗପୁର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଅପର୍ତ୍ତି ଦଳାଇ ଠିଆ ହୋଇଥିବା ବେଳେ ଗୋଲପୁର ପ୍ରାଥମିକ ବିଦ୍ୟାଳୟର ଏମ୍‌ଜିଏନ୍‌ଆରଇଜିଏସ୍ କାମକୁ ନେଇ ୫/୬ ଜଣ ଯୁବକଙ୍କ ମଧ୍ୟରେ ବାଦାନୁବାଦ ସୃଷ୍ଟି ହୋଇଥିଲା। ହଠାତ୍ ଯୁବକମାନେ ସରପଞ୍ଚଙ୍କୁ ଲୁହାରଡ୍ ଓ ବାଉଁଶରେ ଆକ୍ରମଣ କରିଥିଲେ। ନାଗପୁର ବଜାରରେ ଏପରି ଏକ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ପୋଲିସ କାହିଁକି ଗୁରୁତ୍ୱ ଦେଉନାହିଁ ସେ ନେଇ ସଂଘ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୋମବାର ପୁରୀ ଜିଲା ସରପଞ୍ଚ ସଂଘ ସଭାପତି ତଥା ଗୋପ ବ୍ଲକ ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋଙ୍କ ସହିତ ଅନ୍ୟ କେତେଜଣ ସରପଞ୍ଚ ନାଗପୁର ମହିଳା ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଯୁବକମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ଗୋପ ଥାନା ଏସ୍‌ଆଇ ବୃନ୍ଦ ରାୟ ମାଝୀଙ୍କୁ ପଚାରିବାରେ ଦୁଇ ପକ୍ଷଙ୍କ ଅଭିଯୋଗକୁ ନେଇ ତଦନ୍ତ ସରିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ଗୋପ ବ୍ଲକରେ ପରିତ୍ୟକ୍ତ ଅବସ୍ଥାରେ ପରିସ୍ରାଗାର

ଗୋପ,୨୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

- ବାହାରେ ମଳମୂତ୍ର ତ୍ୟାଗ କରୁଛନ୍ତି ଲୋକ ପ୍ରତିନିଧି ଓ ସାଧାରଣ ଲୋକ
- ଅଭିଯୋଗ ପରେ ବି ନୀରବଦ୍ରଷ୍ଟା କର୍ତ୍ତୃପକ୍ଷ

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାକୁ ଗୁରୁତ୍ୱ ଦେଉଥିବା ବେଳେ ଏହି ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଗୋପ ବ୍ଲକ ପରିସରରେ ଥିବା ପରିସ୍ରାଗାର ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଦୈନନ୍ଦିନ ବିଭିନ୍ନ କାର୍ଯ୍ୟରେ ଆସୁଥିବା ସାଧାରଣ ଲୋକଙ୍କ ସହିତ ମହିଳା ଓ ଲୋକ ପ୍ରତିନିଧିମାନେ ଆସୁଛନ୍ତି। କିନ୍ତୁ ବ୍ଲକ ପରିସରରେ ପରିସ୍ରାଗାର ନ ଥିବାରୁ ସାଧାରଣ ଲୋକଙ୍କ ସହିତ ଲୋକ ପ୍ରତିନିଧିମାନେ ବାହାରେ ପରିସ୍ରା କରିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବାରମ୍ବାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଲୋକ ପ୍ରତିନିଧିମାନେ ଅଭିଯୋଗ କରୁଥିଲେ ମଧ୍ୟ ବ୍ଲକ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗୋପ ବ୍ଲକ ଏକ ବୃହତ୍ତମ ବ୍ଲକ ଭାବରେ ପରିଚିତ ଲାଭ କରିଥିବା ବେଳେ ଏହି ବ୍ଲକ ୩ ବିଧାନସଭା ଓ ୨ ଲୋକସଭା ନିର୍ବାଚନମଣ୍ଡଳୀରେ ରହିବା ସହ ୨୯ ଗୋଟି ପଞ୍ଚାୟତ ରହିଛି। ଦୈନିକ ଏହି ବ୍ଲକକୁ ବିଭିନ୍ନ ସରକାରୀ କାର୍ଯ୍ୟରେ ସରପଞ୍ଚ, ସମିତିସଭ୍ୟା, ସଭ୍ୟଙ୍କ ସମେତ ଜିଲା ପରିଷଦ ସଭ୍ୟା, ସଭ୍ୟଙ୍କ ଅନ୍ୟ ଲୋକ ପ୍ରତିନିଧିମାନେ ଆସୁଛନ୍ତି। ହେଲେ ବ୍ଲକ ପରିସରରେ ପୂର୍ବରୁ ୨ଟି ପରିସ୍ରାଗାର ସହିତ ପାଇଖାନା ରହିଥିଲା। ବର୍ଷେ ଦୁଇ ବର୍ଷ ହେବ ଏହି ପରିସ୍ରାଗାର ଅନୁପଯୋଗୀ ହୋଇ ପଡ଼ିଥିବା ବେଳେ ଭାଙ୍ଗିରୁଜି ପଡ଼ିଛି। ଗୋପ ବ୍ଲକରେ ପ୍ରତ୍ୟେକ ବର୍ଷ ସ୍ୱଚ୍ଛ ଭାରତ ଅଭିଯାନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହି ଯୋଜନାରେ ଅର୍ଥ ଖର୍ଚ୍ଚ କରାଯାଇଛି। ଗୋପ ବ୍ଲକରେ ପରିସ୍ରାଗାର ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ବିଭିନ୍ନ ସରକାରୀ ଯୋଜନାରେ ଯୋଗ ଦେବାକୁ ଆସୁଥିବା ମହିଳା ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସାଧାରଣ ମହିଳା ଓ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଗୋପ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନଗୋ, ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ କହିବା ସହ ତୁରନ୍ତ ବିଡିଓ ଏପରି ଅଭିଯୋଗକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଏହି ଅଭିଯୋଗକୁ ନେଇ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କୁ ପଚାରିବାରେ ଗୋପ ପୁରୀ ଜିଲାର ଏକ ନମ୍ବର ବ୍ଲକ ଥିଲା। ଏବେ ଏହି ବ୍ଲକ ସବୁକ୍ଷେତ୍ରରେ ପଛରେ ପଡ଼ିଥିବା ବେଳେ ପାଇଖାନା ଯୋଜନାରେ ବହୁକୋଟି ଟଙ୍କା ଲୁଟ ହୋଇଛି। ବ୍ଲକରେ ପରିସ୍ରାଗାର ପରିତ୍ୟକ୍ତ ଅବସ୍ଥାରେ ରହିଛି ବୋଲି କହିବା ସହ କିଛି କହିପାରିବି ନାହିଁ ବୋଲି ସେ କହିଥିଲେ।



ପରିତ୍ୟକ୍ତ ହୋଇ ପଡ଼ିଥିବା ପରିଶ୍ରାଗାର ।

## ସଂକ୍ଷେପରେ

### ହିନ୍ଦୀ କବିତା ପୁସ୍ତକ 'ପ୍ରେମାର୍ଦ୍ଧଶତ' ଉନ୍ମୋଚିତ

ଭୁବନେଶ୍ୱର, ୨୮।୭ (ସୌମ୍ୟରଞ୍ଜନ ରାଉତ)

ସାହିତ୍ୟିକ ଡ. କୁଳମଣି ବିଶ୍ୱାଳଙ୍କ ରଚିତ କବିତା ପୁସ୍ତକ 'ପ୍ରେମାର୍ଦ୍ଧଶତ' ହିନ୍ଦୀ ସଙ୍କଳନ ରବିବାର ଦିଲ୍ଲୀସ୍ଥିତ ଆଇଆଇଏମ୍‌ସି ସଭାଗୃହଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସାହିତ୍ୟ ସାଧକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦେଇ କହିଲେ, ପୁସ୍ତକରେ ରୀତିଯୁଗୀୟ ସାହିତ୍ୟ ଶବ୍ଦ ଭରିରହିଛି। ବିଜ୍ଞାନ କ୍ଷେତ୍ରରୁ ପ୍ରଶାସନିକ କ୍ଷେତ୍ର ଓ ସାହିତ୍ୟିକ କ୍ଷେତ୍ରରୁ ଚିତ୍ରଶିଳ୍ପୀ କ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ଡ. ବିଶ୍ୱାଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନିଶ୍ଚୟ ବୋଲି ମତ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ବକ୍ତାଭାବେ ଡ. ଦେବେନ୍ଦ୍ର ମାଝୀ, ରାମଚନ୍ଦ୍ର ନାଥ, ସଞ୍ଜୀବ ପାଟଯୋଷୀ ଏବଂ ହଜଖାସ ଜଗନ୍ନାଥ ମନ୍ଦିରର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗତ୍‌ସିଂପୁର ଏମ୍‌ପି ଡ଼. ବିଭୁପ୍ରସାଦ ତରାଇ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଡ. ଦୀନେଶ କୁମାର ମାଲୀ ପ୍ରମୁଖ ଅତିଥିଭାବରେ ଯୋଗଦେଇଥିଲେ। ଗୋବର୍ଦ୍ଧନ ଧଳ, ରିତା ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ ଓ ଖବରଦାତା କିଶୋର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

### ଶିକ୍ଷା ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ପୌରାଞ୍ଚଳ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦାବି ପ୍ରସଙ୍ଗ**

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମ୍ୟୁନିସିପାଲିଟି ଶିକ୍ଷା ମଣ୍ଡଳ ପାଇଁ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦାବି ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ହୋଇଥିବା ଏକ ଆବେଦନର ଶୁଣାଣି କରି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କୁ ରିପୋର୍ଟ ତଲବ କରାଯାଇଛି। ଭୁବନେଶ୍ୱରରେ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଅଣଦେଖା କରାଯାଉଛି। ଏ ସମ୍ପର୍କରେ ଶିକ୍ଷା ସଚିବ, ଭୁବନେଶ୍ୱର ମେୟରଙ୍କୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ(ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ୍) ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଛି। ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏନେଇ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ, ଯାହାର ପ୍ରାଥମିକ ଶୁଣାଣି କରି ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାହାରି ଏହି ନୋଟିସ୍ ଜାରି କରିଛନ୍ତି।
ଉଲ୍ଲେଖଯୋଗ୍ୟ, ରାଜ୍ୟର ୩୧୪ ବ୍ଲକରେ ୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ଥିବାବେଳେ ଭୁବନେଶ୍ୱର ମ୍ୟୁନିସିପାଲିଟିରେ କେବଳ ୪୦୦ରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ରହିଛି। ଏହାକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲା ଶିକ୍ଷାଧିକାରୀସ୍ତରୀୟ ଜଣେ ଅଧିକାରୀଙ୍କୁ ପୌରାଞ୍ଚଳ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ଦେବାକୁ ୨୦୨୨ ମସିହାରେ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇ ନ ଥିବାରୁ ଯେକୌଣସି କାର୍ଯ୍ୟପାଇଁ ୩୦ କି.ମି. ଦୂରରେ ଥିବା ଖୋର୍ଦ୍ଧା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ତେଣୁ ତୁରନ୍ତ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଓଏଚ୍‌ଆର୍‌ସିଙ୍କ ନିକଟରେ ଆବେଦନ କରାଯାଇଥିଲା।

# ଦେଶ ପ୍ରଗତିର ନୂତନ ଅଧ୍ୟାୟ ଲେଖୁଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

**ପଞ୍ଚଜନ୍ୟର 'ସୁଶାସନ ସମ୍ବାଦ- ଓଡ଼ିଶା କୀ ଉଡ଼ାନ୍' କାର୍ଯ୍ୟକ୍ରମ**

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଓଡ଼ିଶା ଏକ ସାମର୍ଥ୍ୟଶୀଳ ରାଜ୍ୟ। ଏଠାରେ ଦକ୍ଷ ମାନବ ସମ୍ବଳ, ସୁଦୃଢ଼ ଭିତ୍ତିଭୂମି ଓ ପ୍ରାଚୀନ ସାଂସ୍କୃତିକ ଐତିହ୍ୟ ଭରି ରହିଛି। ପ୍ରାକୃତିକ ସମ୍ପଦକୁ ସାଂସ୍କୃତିକ ଐତିହ୍ୟ ଓ ଆଧୁନିକ ପ୍ରଣାଳୀ ସହିତ ଏକତ୍ରିତ କରି ଓଡ଼ିଶା ଭାରତର ପ୍ରଗତିରେ ଏକ ନୂତନ ଅଧ୍ୟାୟ ଲେଖୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପଞ୍ଚଜନ୍ୟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସୋମବାର ଆୟୋଜିତ 'ସୁଶାସନ ସମ୍ବାଦ: ଓଡ଼ିଶା କୀ ଉଡ଼ାନ' ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ 'ସଶକ୍ତ ଓ ଆତ୍ମନିର୍ଭର ଓଡ଼ିଶା'ର ନାନା ଉଦାହରଣ ଦେଇଥିଲେ। ଓଡ଼ିଶାବାସୀଙ୍କୁ ମିଳୁଥିବା ସୁଶାସନ ସମ୍ପର୍କରେ ସେ କହିଲେ, ଭକ୍ତଙ୍କ ସୁରୁଖୁରୁରେ ଦର୍ଶନ ପାଇଁ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରର ସମସ୍ତ ଚାରିଟି ଦ୍ୱାର ଖୋଲିବାଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ ପାଇଁ 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ, ମନ୍ଦିରର ବିକାଶ ପାଇଁ ୫ଶହ କୋଟି କର୍ପସ ଫଣ୍ଡ ଓ ଧାନ ଚାଷୀଙ୍କୁ ପ୍ରତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ମଞ୍ଜୁରି ଦେବା ପର୍ଯ୍ୟନ୍ତ ଆମେ ପ୍ରତିଟି କ୍ଷେତ୍ରରେ କାମ କରି ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛୁ।
ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଶାସନ ଓ ସମାଜିକ ଉନ୍ନତିରେ ମହିଳା ନେତୃତ୍ୱ ଓ ଉଦ୍ୟମିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାରାଷ୍ଟ୍ରର କ୍ୟାବିନେଟ ମନ୍ତ୍ରୀ ନିତେଶ ରାଣେ ବ୍ଲୁ ଇକୋନାମୀ ଓ ଉପକୂଳ ଅଞ୍ଚଳର ବିକାଶ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ପରି ଉପକୂଳ ରାଜ୍ୟଗୁଡ଼ିକ ବନ୍ଦରକେନ୍ଦ୍ରିତ ବିକାଶ, ବ୍ୟବସାୟ ଲଜିଷ୍ଟିକ୍ସ ଓ ସ୍ଥାୟୀ ସମୁଦ୍ର ସମ୍ପଦ ବ୍ୟବସ୍ଥାପନ ମାଧ୍ୟମରେ ଆର୍ଥିକ ଉନ୍ନତିର ଏକ ନୂଆ ତରଙ୍ଗ ଦେଖିପାରିବେ। ଉପକୂଳ ରାଜ୍ୟ ଭାରତକୁ ବିଶ୍ୱର ପ୍ରବେଶ ଦ୍ୱାର ହେଉ ବୋଲି କହିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ମୁକୁଳ କାନିଟ୍‌କର ଭାରତୀୟ ଜ୍ଞାନ ପରମ୍ପରା ଓ ତୃଣମୂଳ ନବାଚାର ମାଧ୍ୟମରେ ରାଷ୍ଟ୍ର ନିର୍ମାଣ ସମ୍ପର୍କରେ ଗଭୀର ଅନ୍ତର୍ଦୃଷ୍ଟି ଦେଇଥିବା ବେଳେ ପ୍ରଜ୍ଞା ପ୍ରବାହର ଜାତୀୟ ସଂଯୋଜକ ଜେ. ନନ୍ଦକୁମାର ସୁଶାସନର ସାଂସ୍କୃତିକ ଓ ସଭ୍ୟତାଗତ ଆଧାର ବିଷୟରେ ଅଲୋକପାତ କରିଥିଲେ। ପଞ୍ଚଜନ୍ୟର ସମ୍ପାଦକ ହିତେଶ ଶଙ୍କର କହିଲେ, ପୂର୍ବ ଭାରତର ଉଦୟକୁ ଆଗକୁ ଆଣିବାର ଆବଶ୍ୟକତା ଅଛି। ଓଡ଼ିଶା ଏକ ସାମ୍ପ୍ରତିକ ଓ ଦୃଢ଼ ସୁଶାସନର ଜାତୀୟ ଆଦର୍ଶ ରୂପେ ଉଭା ହୋଇପାରେ ବୋଲି ସେ କହିଥିଲେ।

## ଆଲୋକ ତ୍ରିପାଠୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂଆ ଡିଆର୍‌ଏମ୍

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)



୧୯୯୮ ବ୍ୟାଚର ବରିଷ୍ଠ ଆଇଆର୍‌ଟିଏସ୍ ଅଧିକାରୀ ଆଲୋକ ତ୍ରିପାଠୀ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳପଥ ପ୍ରବନ୍ଧକ (ଡିଆର୍‌ଏମ୍) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଚ୍.ଏସ୍. ବାଜୱାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଆଲୋକ ନୂଆଦିଲ୍ଲୀ ରେଳପଥ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ ମାର୍କେଟିଂ) ଭାବରେ କାର୍ଯ୍ୟ କରୁଥିଲେ। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ବ୍ୟାପକ ପ୍ରଶାସନିକ ଏବଂ ପରିଚାଳନାଗତ ଅଭିଜ୍ଞତା ହାସଲ କରିଛନ୍ତି। ଏନ୍‌ଏଚ୍‌ଏସଆର୍‌ସିଏଲ୍ ଜେନେରାଲ ମ୍ୟାନେଜର ଏବଂ ପେଟ୍ରୋଲିୟମ ଆଣ୍ଡ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟରେ ଡେପୁଟେଶନରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଅହମଦାବାଦରେ ସେ ସହାୟକ ଅପରେଶନ ମ୍ୟାନେଜର, ଭଦୋଦରାରେ ଡିଭିଜନାଲ ଅପରେଶନ ମ୍ୟାନେଜର, ପଶ୍ଚିମ ରେଳପଥରେ ଏରିଆ ମ୍ୟାନେଜର, ରାଜକୋଟ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଏବଂ ଉଭୟ ରାଜକୋଟ ଓ ରତଲାମ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଭାବରେ ମଧ୍ୟ ସେ କାର୍ଯ୍ୟ କରିଥିଲେ।

# ବିପିୟୁଟିର ନିଯୁକ୍ତିପତ୍ର ବଣ୍ଟନ ଉତ୍ସବ


ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ଅନ୍ୟମାନଙ୍କ ଗହଣରେ ନିଯୁକ୍ତିପତ୍ର ପାଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବ ସୋମବାର ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ସହଯୋଗରେ ରାଜ୍ୟସ୍ତରୀୟ ନିଯୁକ୍ତି ମେଳା କରାଯିବ। ଆମ ରାଜ୍ୟର ବୈଷୟିକ ଶିକ୍ଷା ପାଠ୍ୟକ୍ରମକୁ ଗ୍ରହଣ କରି ଛାତ୍ରୀଛାତ୍ର ନିଯୁକ୍ତିର ବ୍ୟାପକ ସୁଯୋଗ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଇନ୍‌ଟର୍ ଟେକ୍ନୋଲୋଜିର ଭୁବନେଶ୍ୱର ମୁଖ୍ୟ ଜ୍ୟୋତିର୍ମୟ ରଥ, କଗ୍ନିଜାଣ୍ଟ ଭୁବନେଶ୍ୱର କେନ୍ଦ୍ରର ମୁଖ୍ୟ ସତୀଶ ପ୍ରଧାନ, ପବ୍ଲିକ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜିର ଇନ୍‌ଚାର୍ଜ ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଫଳ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆଇଏମ୍‌ଇ କଲେଜର ପ୍ରଫେସର ବିଦ୍ୟା ଦାଶ ପରିଚାଳନା କରିଥିବା ବେଳେ ବିପିୟୁଟିର ଡେପୁଟି ରେଜିଷ୍ଟ୍ରାର ଡ. ଶୁଭେନ୍ଦୁ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ ଓଡ଼ିଶାର ୧୨ତମ ରକ୍ତଦାନ ଶିବିର

ଭୁବନେଶ୍ୱର,୨୮।୭ (ସୁଚିସ୍ମିତା ସାହୁ)

ଜୟ ଓଡ଼ିଶା ଓ ଟ୍ରାଇଡେଣ୍ଟ ଗାଲାକ୍ସି ରେସିଡେଣ୍ଟ ୱେଲ୍‌ଫେୟାର ଅସୋସିଏଶନ ପକ୍ଷରୁ ରକ୍ତଦାନ ଅଭିଯାନର ୧୨ତମ ରକ୍ତଦାନ ଶିବିର ଘରୋଇ ଆପାର୍ଟମେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜୋନ୍-୩ ଏସିପି ତାପସ କୁମାର ପ୍ରଧାନ ଓ ଭରତପୁର ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଉପସ୍ଥିତ ଥିଲେ। ନିଜ ବ୍ୟସ୍ତ ବହୁଳ ଜୀବନଶୈଳୀ ମଧ୍ୟରେ ଇଚ୍ଛା ଥାଇ ମଧ୍ୟ ସେଠାକାର ନିବାସୀମାନେ ରକ୍ତଦାନ କରିପାରୁ ନ ଥିବାରୁ ଆପାର୍ଟମେଣ୍ଟ ପ୍ରାଙ୍ଗଣରେ ଶିବିର କରାଯାଇଛି। ୪ ମାସ ପରେ ପୁଣି ଥରେ ଶିବିର କରାଯିବ ବୋଲି ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି। ଏହି ଶିବିରରେ ଅସୋସିଏଶନ ସଭାପତି ଅଜିତ ଚୌଧୁରୀ, ସେକ୍ରେଟାରୀ ଲୋକନାଥ ସାହୁ, ଉପସଭାପତି ଅରିନ୍ଦମ ଚୌଧୁରୀ ଏବଂ ଟ୍ରେଜରର ପ୍ରତାପ ପଣ୍ଡା ପରିଚାଳନା କରିଥିଲେ।

## ୪ ପୋଲିସ ବୁଥ୍ ସ୍ଥାପନ କଲା ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ସଡ଼କ ସୁରକ୍ଷା ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ(ଏୟୁଏସ୍‌ଏଫ୍‌ବି) ଭୁବନେଶ୍ୱର ପକ୍ଷରୁ ସହରର ସର୍ବାଧିକ ବ୍ୟସ୍ତବହୁଳ କେଶୁରା ଛକ, ଗ୍ୟାରେଜ ଛକ, ପଳାଶୁଣି ଏବଂ ରାଜମହଲ ଛକରେ ୪ଟି ପୋଲିସ ବୁଥ୍ ସ୍ଥାପନ କରିଛି। ଟ୍ରାଫିକ ପରିଚାଳନାରେ ଉନ୍ନତି ସହ ଜନସାଧାରଣଙ୍କ ନିମନ୍ତେ ନିରାପଦ ଗମନା ଗମନରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରତ୍ୟେକ ବୁଥ୍‌ରେ ବସିବା ବ୍ୟବସ୍ଥା ସହ ପଙ୍ଖା ଏବଂ ମାଇକ ଆଦି ସୁବିଧା ଯୋଗାଇ ଦିଆଯାଇଛି। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ ଏୟୁଏସ୍‌ଏଫ୍‌ବି ଆଇନ ପ୍ରବର୍ତ୍ତନ ଏବଂ ନାଗରିକ ପ୍ରଶାସନ କ୍ଷେତ୍ରରେ ସହାୟତା କରିବାକୁ ମୌଳିକ ଭିତ୍ତିଭୂମିରେ ଉନ୍ନତି ଆଣିବା ନିମନ୍ତେ ଟ୍ରାଫିକ ପୋଲିସ ବିଭାଗ ସହିତ ସହଭାଗିତା କରିବା ପରେ ଭୁବନେଶ୍ୱରରେ ଅନୁରୂପ ପଦକ୍ଷେପ ହାତକୁ ନିଆଯାଇଛି। ଏହି ପ୍ରୟାସ ଜରିଆରେ ଏୟୁଏସ୍‌ଏଫ୍‌ବି ସହରାଞ୍ଚଳ, ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ନିରାପଦ ଯାତାୟାତରେ ସହାୟକ ହେଉଛି। ଏହାର ସିଏସ୍‌ଆର୍ ଶାଖା ଏୟୁ ଫାଉଣ୍ଡେଶନ ନିରନ୍ତର ଭାବରେ ଦକ୍ଷତାର ବିକାଶ ଏବଂ ନିଯୁକ୍ତି ସହାୟତା, ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ଏବଂ ମହିଳା ସଶକ୍ତୀକରଣ ଦିଗରେ କାର୍ଯ୍ୟ କରିଆସୁଛି। ଏୟୁ ଇଗ୍ନାଇଟ ୧୬ଟି ଏକାଡେମୀରେ ୨୯,୫୦୦ରୁ ଅଧିକ ଯୁବଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରିଛି ଏବଂ ୨୨,୦୦୦ରୁ ଅଧିକ ଚାକିରୀରେ ନିଯୁକ୍ତି ପ୍ରଦାନର ସଫଳତା ହାସଲ କରିଛି। ବନୋ ଚାମ୍ପିୟନ ପ୍ରୋଗ୍ରାମ ରାଜସ୍ଥାନରେ ୬୦ରୁ ଅଧିକ ସ୍ଥାନରେ ୯୦ଜଣ କୋଚ୍‌ଙ୍କୁ ନେଇ ୮ହଜାରରୁ ଅଧିକ ଗ୍ରାମୀଣ ପିଲାମାନଙ୍କୁ କ୍ରୀଡା ତାଲିମ ପ୍ରଦାନ କରାଯାଇଛି। ଏୟୁ ଉଦ୍ୟୋଗିନୀ ରାଜସ୍ଥାନ ଓ ମଧ୍ୟପ୍ରଦେଶର ୩୩ଟି ଜିଲାରେ ୪ହଜାରରୁ ଅଧିକ ମହିଳାଙ୍କୁ ସଶକ୍ତ କରିଥିବା ସୂଚନା ଦିଆଯାଇଛି।

## ହାଇଟେକ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ସମ୍ମାନିତ



ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଜାତୀୟ ସିଇଓ କନ୍‌କ୍ଲେଭ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅକଲ୍ୟାଣ୍ଡର ଭାରତର କନସୁଲ ଜେନେରାଲ ଡ. ମଦନ ମୋହନ ସେଠୀ ଏହାକୁ ଉଦଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ଓକାକ୍ ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଡି.ଜି ଡିଆର୍‌ଡିଓଇ ଓ ସିଏସ୍ ଡ. ବି କେ ଦାସ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରେରଣା ଦାୟୀ ପ୍ରଚାରକ ଭାବେ ପରିଚିତ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଛି। ହାଇଟେକ୍ ଗ୍ରୁପ୍ ସଦାସର୍ବଦା ସମାଜ ପାଇଁ ହିତ କାର୍ଯ୍ୟ କରୁଛି ବୋଲି ମ୍ୟାନେଜିଂ ଟ୍ରଷ୍ଟି ପାଣିଗ୍ରାହୀ କହିଛନ୍ତି। ପରେ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ଦକ୍ଷତା ଓ ଶିକ୍ଷା, ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା, ଷ୍ଟାର୍ଟଅପ୍ ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ବିବାହର ପ୍ରତିଶ୍ରୁତି ଦେଇ ଯୌନସମ୍ପର୍କ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ବିବାହର ପ୍ରତିଶ୍ରୁତି ଦେଇ ଯୌନସମ୍ପର୍କ ରଖିବା ସହ ପ୍ରତାରଣା କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଧଉଳିରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରିୟାଂଶୁ ଜେନା (୨୪)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ୩ବର୍ଷ ତଳେ ଅଭିଯୋଗକାରିଣୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ପର୍କ ହୋଇଥିଲା। ଏହାର କିଛିଦିନ ପରେ ଅଭିଯୁକ୍ତ ଜଣକ ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ହୋଟେଲକୁ ଆସି ପୀଡ଼ିତାଙ୍କୁ ଦେଖା କରିବାକୁ କହିଥିଲେ। ଅଭିଯୁକ୍ତଙ୍କ କଥା ରଖି ଯୁବତୀ ଜଣକ ଉକ୍ତ ହୋଟେଲକୁ ଯାଇଥିଲେ। ସେଠାରେ ପ୍ରିୟାଂଶୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ନିକଟରୁ ଟଙ୍କା ନେଇଯାଇଥିଲେ। ଗତ ମାର୍ଚ୍ଚ ୨୭ରେ ଅଭିଯୁକ୍ତ ପ୍ରିୟାଂଶୁ ତାଙ୍କୁ ପୁଣି ଟଙ୍କା ମାଗିଥିଲେ। ଏପରି କି ବିବାହ କଥା ପଚାରିବାରୁ ପ୍ରବଳ ଝଗଡା ହୋଇଥିଲା। ଅଭିଯୋଗ ପରେ ପୋଲିସ ଏପ୍ରିଲ ୫ରେ ମାମଲା (ନଂ.୭୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ବିଜିୟୁରେ ବି.କମ୍, ଏମ୍.କମ୍ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ


ସ୍ୱାଗତ ଉତ୍ସବରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଅଧୀନ ବିର୍ଲା ସ୍କୁଲ ଅଫ୍ କମର୍ସର ବି.କମ୍ (୨୦୨୫-୨୯) ଏବଂ ଏମ୍.କମ୍ (୨୦୨୫ ୨୭) ନବାଗତ ଛାତ୍ରୀଛାତ୍ରଙ୍କୁ ଗୋଠପାଟଣା କ୍ୟାମ୍ପସରେ ସ୍ୱାଗତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଲଣ୍ଡନ ଜେପି ମୋର୍‌ଗାନର ଭାଇସ୍ ପ୍ରେସିଡେଣ୍ଟ ତଥା ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍‌ର ସିଏଫ୍‌ଏ ଜେ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଏକେ ସାବତ ଆଣ୍ଡ କମ୍ପାନୀର ଅଂଶୀଦାର ସିଏ ଅରୁଣ କୁମାର ସାବତ ଯୋଗଦେଇଥିଲେ। ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସନ୍ୟାଲ ସ୍ୱାଗତ ଭାଷଣରେ ପ୍ରଯୁକ୍ତିବିଦ୍ୟା ସହିତ ବାଣିଜ୍ୟ ଶିକ୍ଷାର ଅନ୍ତର୍ଭୁକ୍ତତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକ୍ ଚେନ୍ ଏବଂ ଡାଟା ଆନାଲିଟିକ୍ସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ଛାତ୍ରୀଛାତ୍ରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ମଧ୍ୟରେ ସନ୍ତୁଳନ ରଖିବାକୁ ପରାମର୍ଶ ଦେଇଥିଲେ। ସିଏ ଅରୁଣ କୁମାର ଛାତ୍ରୀଛାତ୍ରଙ୍କୁ ସତ୍ୟ ଧର୍ମ ଓ ନ୍ୟାୟ ଭଳି ମୌଳିକ ମୂଲ୍ୟବୋଧ ବଜାୟ ରଖିବାକୁ କହିଥିଲେ। ମୁଖ୍ୟ ଅତିଥି ଜେ ଅଗ୍ରୱାଲ ବିକଶିତ ଭାରତର ଦୃଶ୍ୟପଟ ଉପରେ ନିଜ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ବିଶ୍ୱ ଆର୍ଥିକ ପ୍ରତିଷ୍ଠାନଗୁଡିକରେ ଏଆଇ ଚାଳିତ ସିଷ୍ଟମ ଦ୍ୱାରା ଉପୁଜୁଥିବା ବାଧା ପାଇଁ ପ୍ରଭାବଶାଳୀ ଯୋଗାଯୋଗ, ସହଯୋଗପୂର୍ଣ୍ଣ ମନୋଭାବ ଏବଂ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ର ଓମ୍ ଶୁଭମ୍ ପରିଡା ତାଙ୍କ ଶିକ୍ଷା ଯାତ୍ରାର ଅନୁଭୂତି ବାଣ୍ଟିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ରାଧାକୃଷ୍ଣ ମିଶ୍ରଙ୍କ ଧନ୍ୟବାଦ ଦେଇଥିଲେ।

# ୪ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୨୮।୭ (ଅନୁରାଧା ମହାରଣା)


ସମ୍ବର୍ଦ୍ଧିତ କର୍ମଚାରୀଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ।

ଟ୍ରେନ ପରିଚାଳନାଗତ ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୪ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ତବପାଲରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୪ ବୀରେନ୍ଦ୍ର ପ୍ରସାଦ ଗୋରାଇଂ, କୁମ୍ଭାର ସୋଡ଼ରାଠାରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର-୪ ରୋହିତ କୁମାର, ଜଖପୁରାରେ କାର୍ଯ୍ୟରତ ଟ୍ରାଫିକ ପଏଣ୍ଟସମ୍ୟାନ ଅଭିମନ୍ୟୁ ଦଳେଇ ଏବଂ ଜରପଡ଼ାଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୧ ଗୌତମ ମାଝୀ। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କୁ ସମ୍ମାନିତ କରିଛନ୍ତି। ସେମାନେ ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ସହ ଉପସ୍ଥିତି ବୁଦ୍ଧି ପ୍ରଦର୍ଶନ କରି ଦ୍ରୁତ ଓ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି। ଏହା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହୋଇଛି। ସମ୍ବର୍ଦ୍ଧିତ କରିବା ସମୟରେ ମହାପ୍ରବନ୍ଧକ ଫୁଙ୍କୱାଲ କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ସିଗ୍‌ନାଲ, ଓଏଚ୍‌ଇ ମେଣ୍ଟେନର୍ସ, ଲୋକୋ ପାଇଲଟ, ଟେକ୍ନିସିଆନ ଏବଂ ଷ୍ଟେଶନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# 'ମନ କୀ ବାତ୍'ରେ ଦେବେଶ, ଦେବଦତ୍ତଙ୍କ ସଫଳତାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)


ଦେବଦତ୍ତ ପ୍ରିୟଦର୍ଶୀ


ଦେବେଶ ପଙ୍କଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ କୀ ବାତ'ର ୧୨୪ତମ ସଂସ୍କରଣରେ ରାଜସ୍ଥାନ କୋଟାସ୍ଥିତ ଆଲେନର ଛାତ୍ର ଦେବେଶ ପଙ୍କଜ ଭୈୟା ଏବଂ ଦେବଦତ୍ତ ପ୍ରିୟଦର୍ଶୀଙ୍କ ସଫଳତାକୁ ଉଲ୍ଲେଖ କରିଛନ୍ତି। ଇଣ୍ଟରନ୍ୟାଶନାଲ କେମିଷ୍ଟ୍ରି ଅଲିମ୍ପିଆଡର ଫାଇନାଲ ରାଉଣ୍ଡ ସଂଯୁକ୍ତ ଆରବ ଏମିରେଟସ୍ (ୟୁଏଇ)ରେ ଆୟୋଜିତ ହୋଇଥିଲା। ଏଠାରେ ଅଂଶଗ୍ରହଣ କରିଥିବା ଭାରତର ୪ଜଣ ଛାତ୍ରଙ୍କ ମଧ୍ୟରେ ଆଲେନ୍‌ର ଦୁଇଜଣ ଛାତ୍ର ଥିଲେ। ଦେବେଶ ପଙ୍କଜ ସ୍ୱର୍ଣ୍ଣ ପଦକ ଓ ଦେବଦତ୍ତ ପ୍ରିୟଦର୍ଶୀ ରୌପ୍ୟ ପଦକ ଜିତିଥିଲେ। ଦେବେଶ ଦ୍ୱାଦଶ ଶ୍ରେଣୀରେ ଓ ଦେବଦତ୍ତ ୧୦ମ ଶ୍ରେଣୀରେ ପଢୁଥିବା ସମୟରେ ଏହି ସଫଳତା ହାସଲ କରିଛନ୍ତି। ମନ କୀ ବାତ୍‌ରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କିଛିଦିନ ତଳେ ଆମର ଛାତ୍ରମାନେ ଇଣ୍ଟରନ୍ୟାଶନାଲ କେମିଷ୍ଟ୍ରି ଅଲିମ୍ପିଆଡ୍‌ରେ ପଦକ ଜିତି ଦେଶର ନାମ ଉଜ୍ଜ୍ୱଳ କରିଛନ୍ତି। ଦେବେଶ ପଙ୍କଜ, ସନ୍ଦୀପ କୁଚି, ଦେବଦତ୍ତ ପ୍ରିୟଦର୍ଶୀ ଓ ଉଜ୍ଜ୍ୱଳ କେସରୀଙ୍କ ପ୍ରଦର୍ଶନ ପ୍ରଶଂସନୀୟ। ଏହାସହିତ ଅଷ୍ଟ୍ରେଲିଆରେ ଆୟୋଜିତ ଇଣ୍ଟରନ୍ୟାଶନାଲ ମାଥମେଟିକାଲ ଅଲିମ୍ପିଆଡରେ ମଧ୍ୟ ଭାରତୀୟ ଛାତ୍ରମାନେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ଜିତି ଦେଶର ମାନ ବୃଦ୍ଧି କରିଛନ୍ତି। ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ନିତିନ କୁକ୍ରେଜା କହିଛନ୍ତି, ଆଲେନ ଜାତୀୟ ଓ ଅନ୍ତର୍ଜାତୀୟ ଅଲିମ୍ପିଆଡରେ ଦେଶର ପ୍ରତିଭାଙ୍କୁ ଆଗେଇ ନେବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରୁଛି। ୨୦୧୩ରୁ ଅଲିମ୍ପିଆଡ ପ୍ରସ୍ତୁତି ଆରମ୍ଭ କରିଥିବା ଆଲେନ୍‌ର ଛାତ୍ରମାନେ ୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ଅନ୍ତର୍ଜାତୀୟ ଅଲିମ୍ପିଆଡରେ ୬୯ଟି ସ୍ୱର୍ଣ୍ଣ, ୫୪ଟି ରୌପ୍ୟ ଓ ୧୨ଟି କାଂସ୍ୟ ପଦକ ଜିତିଛନ୍ତି। ଇଣ୍ଟରନ୍ୟାଶନାଲ ଜୁନିୟର ସାଇନ୍ସ ଅଲିମ୍ପିଆଡରେ ସର୍ବାଧିକ ୩୮ଟି ସ୍ୱର୍ଣ୍ଣ ପଦକ ହାସଲ ହୋଇଛି। ଏହା ବ୍ୟତୀତ ଫିଜିକ୍ସରେ ୧୦, କେମେଷ୍ଟ୍ରିରେ ୬, ବାୟୋଲୋଜିରେ ୪, ଗଣିତରେ ୩, ଆଷ୍ଟ୍ରୋନୋମୀ ଓ ଆଷ୍ଟ୍ରୋଫିଜିକ୍ସରେ ୫ ଏବଂ ଜୁନିୟର ଆଷ୍ଟ୍ରୋନୋମୀରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏ ଅବସରରେ ଦେବେଶ ପଙ୍କଜ ଏବଂ ଦେବଦତ୍ତ ପ୍ରିୟଦର୍ଶୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୧୯ ଘଣ୍ଟା ପରେ ହଟିଲା ରାସ୍ତା ଅବରୋଧ

■ ଟ୍ରକ୍ ଧକ୍କାରେ ବାଇକ ଚାଳକ ଗୁରୁତର ଘଟଣା
■ ଅଟକିଲା ଗାଡ଼ିମୋଟର, ହଇରାଣ ହେଲେ ଯାତ୍ରୀ

ନିରାକାରପୁର,୨୮।୭(ମାନସ ଚନ୍ଦ୍ର ପଟ୍ଟନାୟକ)


ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଢୋ କାଜ ନିକଟରେ ଶରଣକୂଳ-ପୁରୀ ନୂଆ ଜଗନ୍ନାଥ ସଡ଼କରେ ରବିବାର ଏକ ବାଇକ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଲେଣ୍ଢୋ ଗ୍ରାମର ସୁଶାନ୍ତ ସ୍ୱାଇଁ (୨୭)ଗୁରୁତର ଆହତ ହୋଇଥିଲେ। ଏହାକୁ କେନ୍ଦ୍ରକରି ଲେଣ୍ଢୋ ଗ୍ରାମବାସୀ ଚିକିତ୍ସା ସହାୟତା ଓ କ୍ଷତିପୂରଣ ଦାବିରେ ସନ୍ଧ୍ୟା ୬ଟାରୁ ସୋମବାର ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶାନ୍ତନୁ ମଲ୍ଲିକ ଦୀର୍ଘ ୧୬ଘଣ୍ଟା ପରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ପରିବାରକୁ ଦେବା ସହ ପରେ ଆଉ ୧୫ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଆନ୍ଦୋଳନ ପ୍ରତ୍ୟାହାର ହୋଇ ନ ଥିଲା। ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ ଆନ୍ଦୋଳନକାରୀ। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକଙ୍କ ସହିତ କଥାହୋଇ ୨୦ ହଜାର ଟଙ୍କା ଦେବା ସହିତ ଜୀବନବୀମା ପାଇଁ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅବରୋଧ ହଟିଥିଲା। ତେବେ ରାସ୍ତାରୋକୋ ଯୋଗୁ ଶତାଧିକ ଗାଡ଼ିମୋଟର ଅଟକି ରହିଥିବାବେଳେ ଯାତ୍ରୀ ଏବଂ ଛାତ୍ରୀଛାତ୍ରମାନେ ହଇରାଣ ହୋଇଥିଲେ। ଉକ୍ତ ଦୁର୍ଘଟଣା ନେଇ ଏକ କେସ୍ (ନଂ.୧୭୩/୨୫) ରୁଜୁ ହୋଇଥିବାବେଳେ ରାସ୍ତାରୋକୋ ପାଇଁ ୧୭୪ /୨୫ରେ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ରାଉତରାୟ କହିଛନ୍ତି। ଉକ୍ତ ଅଞ୍ଚଳରେ ପୂର୍ବରୁ କେବେ ଏତେ ଦୀର୍ଘସମୟ ଧରି ରାସ୍ତାରୋକୋ ଆନ୍ଦୋଳନ ହୋଇ ନ ଥିଲା ବୋଲି ସ୍ଥାନୀୟ ଗ୍ରାମର କେତେଜଣ ବରିଷ୍ଠ ନାଗରିକ ମତବ୍ୟକ୍ତ କରିଛନ୍ତି।



ବିଶ୍ୱ ବ୍ୟାଘ୍ର ଦିବସ ଉପଲକ୍ଷେ ସଚେତନତା ଉଦ୍ଦେଶ୍ୟରେ ସୋମବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ‘ଲୋକଙ୍କ ଦୁଃଖ, ଯନ୍ତ୍ରଣାରୁ କବିତାର ସୃଷ୍ଟି’


ଅମ୍ରିତ ରତୁରାଜ

**ଅମ୍ରିତ ରତୁରାଜ ଜଣେ ଦକ୍ଷ ଭାରତୀୟ ପ୍ରଶାସନିକ ଅଧିକାରୀ ସହ ଯୁବ କବି ଭାବେ ତାଙ୍କର ଖ୍ୟାତି ରହିଛି। ସାଧାରଣ ଜନତାଙ୍କ ଚିତ୍ର ଚରିତ୍ରକୁ ସେ ନିଜ କବିତାରେ ନୂତନ ରୂପ ଦିଅନ୍ତି। ସରକାରୀ ନଥିପତ୍ରର ପୁଳା ପୁଳା ସମସ୍ୟା, ଲୋକଙ୍କ ଯନ୍ତ୍ରଣାକୁ ସେ ଅକ୍ଷରରେ ସଜାଇ ନିଜର ଏକ ଲେଖକୀୟ ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛନ୍ତି। ତାଙ୍କ ପିଲାଦିନ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ କଟିଛି। ସେ ରାଜନୀତି ବିଜ୍ଞାନରେ ରେଭେନ୍‌ଶା ମହାବିଦ୍ୟାଳୟରୁ ବି.ଏ ଏବଂ ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଏମ୍.ଏ ପାସ୍ କରିବା ପରେ ୨୦୧୫ରେ ଭାରତୀୟ ପ୍ରଶାସନିକ ସେବା (ଓଡ଼ିଶା କ୍ୟାଡର)ରେ ଯୋଗଦେଇଥିଲେ। ପୂର୍ବରୁ ସେ ରାୟଗଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ ପରେ ଏବେ ଖୋର୍ଦ୍ଧା ଜିଲାପାଳ ଭାବେ ଅବସ୍ଥାପିତ ହୋଇଛନ୍ତି। ତାଙ୍କର ପ୍ରଥମ କବିତା ସଙ୍କଳନ ‘ଅବ୍ୟକ୍ତ ଅକ୍ଷର’ ୨୦୨୩ରେ ପ୍ରକାଶିତ ହୋଇ ବିପୁଳ ପାଠକୀୟତା ଲାଭ କରିଥିଲା। ତାଙ୍କର ଦ୍ୱିତୀୟ କବିତା ସଂକଳନ ‘ପଞ୍ଚଭୂତ’ ମଧ୍ୟ ଆଦୃତ ହୋଇଛି। ତାଙ୍କ ସହ ଆମ ଖୋର୍ଦ୍ଧା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀଙ୍କ ସ୍ୱତନ୍ତ୍ର ଆଳାପ।**

**ପ୍ର-କବିତା ଲେଖିବା କେବେଠୁ ଆରମ୍ଭ କଲେ?**
ଉ-ଛାତ୍ର ଜୀବନରୁ ବିଭିନ୍ନ ଉପାଦାନ, ମଣିଷ ଚରିତ୍ରକୁ ନେଇ ଲେଖିବା ଆରମ୍ଭ କରିଥିଲି। ବୟସ ବଢ଼ିବା ସହ ଏହା ମୋର ନିଶାରେ ପରିଣତ ହୋଇଥିଲା। ସାମାଜିକ ଚଳଣି ସମେତ ପ୍ରାଥମିକ ଶିକ୍ଷାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବହୁ ଚରିତ୍ରରୁ ମୋତେ କବିତା ଲେଖିବାକୁ ପ୍ରେରଣା ମିଳିଛି।

**ପ୍ର- ପ୍ରଶାସକ ସହ କବିତାର ସମ୍ପର୍କ କ’ଣ?**
ଉ-ପ୍ରଶାସକ ଭାବେ ଯୋଗଦାନ ପରେ ଲୋକଙ୍କ ବିଭିନ୍ନ ସମସ୍ୟା, ଅନେକ ଚରିତ୍ର, କାହାଣୀ, ନଥିପତ୍ର ଆଦି ବିଭିନ୍ନ ଉପାଦାନ ମୋତେ କବିତା ଲେଖିବାକୁ ଖୋରାକ ଯୋଗାଇଥିଲା। ଲୋକଙ୍କ ପକ୍ଷରୁ ଆସୁଥିବା ଦରଖାସ୍ତରେ ପ୍ରଶାସନର ଦାୟିତ୍ୱବୋଧ ଥାଏ। କବି ଅନ୍ୟର ଦୁଃଖ ଓ ଯନ୍ତ୍ରଣାକୁ ପଢ଼ିପାରେ। ସେହି ଦୁଃଖ, ଯନ୍ତ୍ରଣାରୁ ହିଁ କବିତାର ସୃଷ୍ଟି।

**ପ୍ର- ‘ଅବ୍ୟକ୍ତ ଅକ୍ଷର’ ପୁସ୍ତକ ନାମକରଣ ପଛର ରହସ୍ୟ କ’ଣ?**
ଉ- ଯାହାକୁ ସରଳ ଭାଷାରେ ପରିପ୍ରକାଶ କରାଯାଇ ନ ପାରେ ତାହା ଅବ୍ୟକ୍ତ। ସାଧାରଣ ମଣିଷଙ୍କ ଯନ୍ତ୍ରଣା, ଅସହାୟତା, ବେଦନା, ତାଡ଼ନା ଶୁଣିବାକୁ କେହିନାହିଁ। ସେମାନଙ୍କ ଜୀବନର ମାନବୀୟ ସମ୍ବେଦନଶୀଳତାକୁ ଅବ୍ୟକ୍ତ ଅକ୍ଷରରେ ସ୍ଥାନ ଦେବାକୁ ଚେଷ୍ଟା କରିଛି। ଏଥିରେ ଅନେକ ଲୋକଙ୍କ ଆତ୍ମଜୀବନୀ ସମ୍ପର୍କରେ ଜାଣିବାକୁ ପାଇବେ। ଯେପରି ସତ୍ୟଭାମା, ନିଚ୍ଛିନ୍ନ ଭୂଇଁ, କାରାଗାର, ଡଗର, ଜରି ଗୋଟାଳି ଛୁଆ, ସ୍କୁଲ ବାରଣ୍ଡା, ସିଲଟ ପ୍ରଭୃତି ଅନେକ ଅନାଲୋଚିତ ପ୍ରସଙ୍ଗ ରହିଛି। ସାଧାରଣ ଜୀବନରେ ଯେଉଁମାନଙ୍କୁ ଧ୍ୟାନ ଦିଆଯାଏ ନାହିଁ, ସେଭଳି ଚରିତ୍ରକୁ ନେଇ ଅବ୍ୟକ୍ତ ଅକ୍ଷରର ସୃଷ୍ଟି।

**ପ୍ର- ଏଭଳି ଲେଖିବାକୁ କାହିଁକି ଆଗ୍ରହ ସୃଷ୍ଟି ହେଲା?**
ଉ- ପୂର୍ବରୁ ରାୟଗଡ଼ା, କେନ୍ଦ୍ରାପଡ଼ା ଏବଂ କନ୍ଧମାଳ ଜିଲାପାଳ ଭାବେ କାର୍ଯ୍ୟ କରିବା ସମୟରେ ସାଧାରଣ ଲୋକଙ୍କ ଜୀବନ କାହାଣୀକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇଛି। ଗାଁକୁ ଗାଁ ବୁଲିଛି। ସେହି ଜାଗାର ଅନୁଭୂତି, କାହାଣୀ, ଲୋକଙ୍କ ଦୁଃଖ ଯନ୍ତ୍ରଣାକୁ ଅନୁଭବ କରିଛି। ରାୟଗଡା ଜିଲାପାଳ ଥିବାବେଳେ କୋଭିଡ୍ ସମୟରେ ହଜାର ହଜାର ଶ୍ରମିକ ଟ୍ରେନ୍‌ରେ ଓଡ଼ିଶା ଆସୁଥିଲେ। ସାଧାରଣ ଶ୍ରମିକଙ୍କ ଜୀବନ କାହାଣୀ ଆଖି ଆଗରେ ନାଚି ଉଠିଥିଲା। ତାହା ହିଁ ମୋତେ ଲେଖିବାକୁ ପ୍ରେରଣା ଦେଇଥିଲା।

**ପ୍ର- ‘ପଞ୍ଚଭୂତ’ ସଙ୍କଳନରେ କେଉଁ ଉପାଦାନ ସ୍ଥାନ ପାଇଛି?**
ଉ- ‘ପଞ୍ଚଭୂତ’ ମୋର ଦ୍ୱିତୀୟ କବିତା ସଙ୍କଳନ। ଆମାଜନ ପ୍ଲାଟ୍‌ଫର୍ମରେ ଏହା ପ୍ରକାଶିତ ହୋଇଛି। ପ୍ରଥମ ଭାଗରେ ମୃତ୍ୟୁର ବିଭିନ୍ନ ପରିଚୟ ଖୋଜୁଥିବା ବହିଟିର ଦ୍ୱିତୀୟ ଭାଗରେ ଆତ୍ମା ପରମାତ୍ମା ସମ୍ପର୍କରେ ଏକ ତୁଳନାତ୍ମକ ଭାବ ରହିଛି। ମିଶରୀୟ, ମେସୋପଟାମିୟା, ବୌଦ୍ଧ ତଥା ସନାତନ ଧର୍ମର ସ୍ୱର୍ଗ-ନର୍କ ସହ ପରିଚୟରେ ଆସିଛି। ସାଧାରଣ ମଣିଷଟିଏ ବିଭିନ୍ନ ଚରିତ୍ରକୁ ଭେଟିଛି। ଜୀବନର ଅନେକ ତାତ୍ତ୍ୱିକ ପ୍ରଶ୍ନର ମଧ୍ୟ ଉତ୍ତର ଖୋଜିଛି। ଖୋଜି ଖୋଜି ଆତ୍ମା କିପରି ତାହାର ଶେଷ ଠିକଣା ପାଇଛି, ତାହା ପଞ୍ଚଭୂତରେ ରହିଛି। ଜନ୍ମ-ମୃତ୍ୟୁର ରହସ୍ୟ ମଧ୍ୟରେ ଜୀବନକୁ ଟିକିଏ ବୁଝିବା, ଉପଭୋଗ କରିବା ଆଉ ଅନ୍ୟକୁ ଭଲପାଇବା କିଭଳି ମଣିଷ ପାସୋରିଗଲାଣି, ତାହା ଏଥିରେ ପ୍ରତିଫଳିତ ହୋଇଛି।

**ପ୍ର- ଖୋର୍ଦ୍ଧା ପାଇଁ ଆପଣଙ୍କ ଲକ୍ଷ୍ୟ କ’ଣ ରହିବ?**
ଉ- ଖୋର୍ଦ୍ଧା ଏକ ଐତିହ୍ୟସମ୍ପନ୍ନ ମାଟି। ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱାଧୀନ ପାଇକ ବିଦ୍ରୋହକୁ ନେଇ ଓଡ଼ିଶା ଆଜି ଗର୍ବିତ। ଏଭଳି ଏକ ଗୌରବପୂର୍ଣ୍ଣ ମାଟିରେ କାର୍ଯ୍ୟ କରିବାର ସୁଯୋଗ ମିଳିବା ଗୌରବର ବିଷୟ। ରାଜଧାନୀ ଭୁବନେଶ୍ୱର ଖୋର୍ଦ୍ଧା ଜିଲାରେ ରହିଛି। କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ସହ ଶିଳ୍ପର ଅଭିବୃଦ୍ଧି, ମହିଳା ସଶକ୍ତୀକରଣ, ଯୁବପିଢ଼ିଙ୍କ ଦକ୍ଷତା ବିକାଶ ମୋର ପ୍ରାଥମିକତା ରହିବ।

## ବୋତଲରେ ପେଟ୍ରୋଲ ନ ଦେବା ନିୟମ ପ୍ରତ୍ୟାହାର ଦାବି

ଟାଙ୍ଗୀ,୨୮।୭(ରଘୁନାଥ ସାହୁ)

ବାଲେଶ୍ୱର ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା ପରେ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରେ ବୋତଲରେ ପେଟ୍ରୋଲ ଦେବା ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମକୁ ନେଇ ସାଧାରଣରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କୌଣସି ବ୍ୟକ୍ତି ବାଇକ୍ ନେଇ ଯାଉଥିବାବେଳେ ପେଟ୍ରୋଲ ଯଦି ସରିଯାଉଥିଲା, ତେବେ ନିକଟସ୍ଥ ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ନିଜେ ଯାଇ ପେଟ୍ରୋଲ ଆଣି ପକାଇଥାନ୍ତି। ଏବେ ବାଟରେ ଗାଡ଼ିରୁ ତେଲ ସରିଗଲେ ବାଇକ୍ ଗଡ଼ାଇ ଗଡ଼ାଇ ପମ୍ପ୍ ପର୍ଯ୍ୟନ୍ତ ଆସିବାକୁ ପଡୁଛି। ସେହିପରି ପାୱାରଟିଲର, ପାଣିପମ୍ପ, ଗ୍ରାସ୍‌କଟର ପାଇଁ ଟାଙ୍କିରୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଜାର୍‌କିନ୍‌ରେ ପେଟ୍ରୋଲ ଦିଆଯାଉ ନ ଥିବାରୁ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି। ଏପରିକି ସାଇକେଲରେ ପାଣିପମ୍ପକୁ ଲଦି ପେଟ୍ରୋଲ ପମ୍ପ୍ ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ତେଲ ସରିଗଲେ ଟ୍ରାକ୍ଟର କିମ୍ବା ପାୱାରଟିଲରକୁ ଜଣେ ଚାଷୀ ପମ୍ପ୍ ପର୍ଯ୍ୟନ୍ତ ଆଣିବା ସହଜ କଥା ନୁହେଁ। ତେଣୁ ସରକାର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ନିୟମ ପ୍ରତ୍ୟାହାର କରିବାକୁ ସାଧାରଣରେ ଦାବି ହେଉଛି।

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିଛନ୍ତି। ଏହା ଏକ ଗୁପ୍ତନୀତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ଦକ୍ଷିଣ ଘର ଭୋଗହେବା ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ଠାକୁରାଣୀ ବିଜେ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସନ୍ଧ୍ୟା ୬ଟା ୫ରୁ ନୀତି ଆରମ୍ଭ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ରାତି ୯ଟା ୨୫ରେ ଶ୍ରୀମନ୍ଦିର ଗର୍ଭଗୃହରୁ ବାହାରିଥିଲେ।

# ଶିକ୍ଷା ସଚିବଙ୍କୁ ଓଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

**ପୌରାଞ୍ଚଳ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦାବି ପ୍ରସଙ୍ଗ**

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମ୍ୟୁନିସିପାଲିଟି ଶିକ୍ଷା ମଣ୍ଡଳ ପାଇଁ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦାବି ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିକଟରେ ହୋଇଥିବା ଏକ ଆବେଦନର ଶୁଣାଣି କରି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କୁ ରିପୋର୍ଟ ତଲବ କରାଯାଇଛି। ଭୁବନେଶ୍ୱରରେ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଅଣଦେଖା କରାଯାଉଛି। ଏ ସମ୍ପର୍କରେ ଶିକ୍ଷା ସଚିବ, ଭୁବନେଶ୍ୱର ମେୟରଙ୍କୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ(ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ୍) ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଛି। ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏନେଇ ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ, ଯାହାର ପ୍ରାଥମିକ ଶୁଣାଣି କରି ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାହାରି ଏହି ନୋଟିସ୍ ଜାରି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ୩୧୪ ବ୍ଲକରେ ୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ଥିବାବେଳେ ଭୁବନେଶ୍ୱର ମ୍ୟୁନିସିପାଲିଟିରେ କେବଳ ୪୦୦ରୁ ଊର୍ଦ୍ଧ୍ୱ ବେସରକାରୀ ବିଦ୍ୟାଳୟ ରହିଛି। ଏହାକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲା ଶିକ୍ଷାଧିକାରୀସ୍ତରୀୟ ଜଣେ ଅଧିକାରୀଙ୍କୁ ପୌରାଞ୍ଚଳ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ଦେବାକୁ ୨୦୨୨ ମସିହାରେ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇ ନ ଥିବାରୁ ଯେକୌଣସି କାର୍ଯ୍ୟପାଇଁ ୩୦ କି.ମି. ଦୂରରେ ଥିବା ଖୋର୍ଦ୍ଧା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ତେଣୁ ତୁରନ୍ତ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଓଏଚ୍ଆର୍‌ସିଙ୍କ ନିକଟରେ ଆବେଦନ କରାଯାଇଥିଲା।

## ଅନିୟମିତ ବର୍ଷା ପାଇଁ ପଛେଇଛି ଚାଷକାମ

କୃଷ୍ଣପ୍ରସାଦ,୨୮।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳରେ ଚାଷକାର୍ଯ୍ୟ ପଛେଇଛି। ୪ ଦିନ ଧରି ବର୍ଷାର ଦେଖା ନାହିଁ। ଆକାଶ ମେଘାଚ୍ଛନ୍ନ ରହୁଥିଲେ ମଧ୍ୟ ବର୍ଷା ହେଉନାହିଁ। ଦିନବେଳା ଗରମ ଓ ଗୁଳୁଗୁଳି ହେଉଛି। ଖାଲୁଆ ଅଞ୍ଚଳ ଚାଷଜମିରେ କାଁ ଭାଁ ପାଣି ଥିବାବେଳେ ଢିପ ଅଞ୍ଚଳରେ ଥିବା ଚାଷଜମିଗୁଡ଼ିକ ବର୍ଷାଭାବରୁ ଶୁଖିଲାପଡ଼ିଛି। ଫଳରେ ଚାଷକାର୍ଯ୍ୟ ବ୍ୟାହତ ହୋଇଛି। ଏବେ ଚାଷଜମିରେ ଧାନତଳି ପକାଠାରୁ ଆରମ୍ଭକରି ରୁଆ ଆଦି କାର୍ଯ୍ୟ ସୁଚାରୁରୂପେ ହେବା କଥା। ମାତ୍ର ବର୍ଷା ଅଭାବରୁ ପାଣି ନାହିଁ। ତେଣୁ ଚାଷ ଉଜୁଡ଼ିବା ଆଶଙ୍କାରେ ଚାଷୀ ହତାଶ ହୋଇପଡ଼ିଛନ୍ତି।

# ‘ଲୋକଙ୍କ ଅଭିଯୋଗ, ବିକାଶକୁ ପ୍ରାଥମିକତା’

**ଖୋର୍ଦ୍ଧା ଜିଲାପାଳ ଭାବେ ଦାୟିତ୍ୱ ନେଲେ ଅମ୍ରିତ ରତୁରାଜ**

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ନୂତନ ଜିଲାପାଳ ଭାବେ ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅମ୍ରିତ ରତୁରାଜ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅମ୍ରିତ ପୂର୍ବରୁ କନ୍ଧମାଳ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ଚଞ୍ଚଳ ରାଣାଙ୍କୁ ପୁରୀ ଜିଲାପାଳ ଭାବେ ବଦଳି ପରେ ଦୀର୍ଘ ଏକ ମାସ ଧରି ଜିଲାପାଳ ପଦବୀ ଖାଲି ପଡ଼ିଥିଲା। ସୋମବାର ଅପରାହ୍ନରେ ଅମ୍ରିତ ଭୁବନେଶ୍ୱରରେ ପହଞ୍ଚି ପ୍ରଥମେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିଥିଲେ। ପରେ ଖୋର୍ଦ୍ଧା ଆସି ଜିଲାପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ଜିଲାପାଳ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଜିଲାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପରେ ଗଣମାଧ୍ୟମକୁ ଅମ୍ରିତ କହିଛନ୍ତି ଯେ, ଲୋକଙ୍କ ଅଭିଯୋଗ ଶୁଣାଣି କରି ତ୍ୱରିତ ସମାଧାନ ସହ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ପ୍ରାଥମିକତା ରହିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ ଦିଆଯିବ।

# ୭୫ ଅଭିଯୋଗରୁ ୨୪ର ତ୍ୱରିତ ସମାଧାନ


ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

କୃଷ୍ଣପ୍ରସାଦ,୨୮।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ଅଭିଯୋଗ ଶୁଣିଥିଲେ। ବିଦ୍ୟୁତ୍, ସ୍ୱାସ୍ଥ୍ୟ, ରାସ୍ତା, ଜଳସେଚନ, ଭତ୍ତା, ରାଶନ କାର୍ଡ, ବେଆଇନ ମଦ କାରବାର ବନ୍ଦ, ସୁଭଦ୍ରା ଯୋଜନା ଆଦି ସଂକ୍ରାନ୍ତ ମୋଟ ୭୫ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକର ଉପଯୁକ୍ତ ବିଚାର କରିବା ସହ ତତ୍କାଳ ସମାଧାନ ଲାଗି ଉପସ୍ଥିତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ବିକାଶ କୁମାର ସେଠୀ, କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ମିଳିତ ଜନଶୁଣାଣିରେ ୨୪୮ ଅଭିଯୋଗ

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମିଳିତ ଜନଶୁଣାଣି ଶିବିର ସୋମବାର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଡ଼ିପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରପ୍ରାପ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ, ତହସିଲଦାର ବିଭାସ ପାଣିଗ୍ରାହୀ ଏବଂ ବିଡିଓ କ୍ଷୀରାବ୍ଧିତନୟା ସାହୁ ମଞ୍ଚାସୀନ ଥିଲେ। ଶିବିରକୁ ମୋଟ ୨୪୮ ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରେ ୨୩୬ଟି ବ୍ୟକ୍ତିଗତ ଏବଂ ୧୨ଟି ଗ୍ରାମୀଣ ସମସ୍ୟାଜନିତ ଥିଲା। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ୪ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିବାବେଳେ ଅନ୍ୟଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଭାରପ୍ରାପ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗୋଡ଼ିପଡ଼ା ପଞ୍ଚାୟତର ଗୁରୁତର ଅସୁସ୍ଥ ଥିବା ଅନ୍ତୁ ମାଝୀଙ୍କ ଦରଖାସ୍ତର ବିଚାର କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଏବଂ ଅଧିକାରୀ ଉପସ୍ଥିତ ଥିଲେ।

## ହଜିଥିବା ମୋବାଇଲ ଫେରିପାଇଲେ ଯୁବକ



ଶ୍ରୀକାନ୍ତ ମୁକ୍କାଙ୍କୁ ମୋବାଇଲ ହସ୍ତାନ୍ତର କରାଯାଉଛି।

ବାଘମାରୀ, ୨୮।୭(ମିହିର ରଞ୍ଜନ ମହାପାତ୍ର)

ହଜିଥିବା ମୋବାଇଲ ଫୋନକୁ ପୋଲିସ ସହଯୋଗରେ ଫେରିପାଇଲେ ଯୁବକ। ବାଘମାରୀ ବଜାରରେ ତେଲଙ୍ଗାନା ମୌଲାନୀ ଅଞ୍ଚଳର ଶ୍ରୀକାନ୍ତ ମୁକ୍କାଙ୍କ ମୋବାଇଲ ଫୋନ ଅସାବଧାନତାବଶତଃ ହଜିଯାଇଥିଲା। ଶ୍ରୀକାନ୍ତ ଏନେଇ ତୁରନ୍ତ ବାଘମାରୀ ଥାନାରେ ଜଣାଇଥିଲେ। ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସଙ୍ଗେସଙ୍ଗେ ମୋବାଇଲ ଫୋନକୁ ଟ୍ରାକ କରିଥିଲେ। ଫୋନ୍‌ଟି ବଜାରରେ ଜଣେ ଯୁବକଙ୍କ ପାଖରେ ଥିବା ଜାଣିପାରିଥିଲେ। ସେପଟେ ପୋଡାଦିହ ପଞ୍ଚାୟତ ତଳଗଡ଼ ଗ୍ରାମର ସନ୍ତୋଷ କୁମାର ମହାପାତ୍ର ମୋବାଇଲ ପାଇ କାହାର ବୋଲି ଖୋଜଖବର ନେଇଥିଲେ। ପରେ ପୋଲିସ ଉପସ୍ଥିତିରେ ଶ୍ରୀକାନ୍ତଙ୍କୁ ସନ୍ତୋଷ ମୋବାଇଲ ଦେଇଥିଲେ। ଫୋନ ପାଇବା ପରେ ଶ୍ରୀକାନ୍ତ ବାଘମାରୀ ପୋଲିସକୁ କୃତଜ୍ଞତା ଜଣାଇଥିଲେ।

## ସଂକ୍ଷେପରେ

### ବଦଳି ରଦ୍ଦ ନ ହେଲେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଧମକ

ମଞ୍ଜୁଳି-ଜଗତପୁର, ୨୮।୭(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟର

**ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ**

୪୯ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହିକ୍ରମରେ କଖଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀବତ୍ସ ପାଣି ତାଙ୍କ ବଦଳି ଆଦେଶକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘରେ ତାଙ୍କର ରୋଗିଣା ମା' ଅଛନ୍ତି। ତେଣୁ ମା'ଙ୍କୁ ଛାଡ଼ି ଅନ୍ୟତ୍ର ଯିବା ସମ୍ଭବ ନୁହେଁ ବୋଲି ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୁଅର ଅଭିଯୋଗ ନ ଶୁଣି ତାକୁ ବଦଳି କରାଗଲେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଶ୍ରୀବତ୍ସଙ୍କ ମା' ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଜଣେ ଶିକ୍ଷକ ଏବଂ ତାଙ୍କ ମା'ଙ୍କ ଏଭଳି ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସଂକ୍ରାନ୍ତରେ ବିଇଓ ପ୍ରଭାତ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସେ ଯେଉଁ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ ସେହିଠାରେ ଶିକ୍ଷାଦାନ ଜାରି ରଖିବାକୁ ଶ୍ରୀବତ୍ସଙ୍କୁ ଆଶ୍ୱାସନା ଦିଆଯାଇଥିବା କହିଛନ୍ତି।

### ଏସ୍‌ସିବିରେ ବିଶ୍ୱ ହେପାଟାଇଟିସ୍ ଦିବସ

କଟକ, ୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ହେପାଟୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ହେପାଟାଇଟିସ ଦିବସ ମେଡିକାଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ହେପାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ମେଡିକାଲ ପରିକ୍ରମା କରିଥିଲା। ପରେ କଟକସ୍ଥିତ ଆଇଏମ୍‌ଏସ୍ ହାଉସରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଡା. ସରୋଜ କୁମାର ତ୍ରିପାଠୀ, ପ୍ରଫେସର ଡା. ପ୍ରଭାକର ମିଶ୍ର, ପ୍ରଫେସର ଡା. ସୁନୀଲ୍ ଅଗ୍ରୱାଲ, ପ୍ରଫେସର ଡା. ହରିଭକ୍ତି ସେବା ଦାସ, ପ୍ରଫେସର ଡା. ଭୁବନ ମୋହନ ଦାସ, ପ୍ରଫେସର ଡା. ପ୍ରମୋଦ କୁମାର ପଲାଇ ଯୋଗଦେଇ, ହେପାଟାଇଟିସ୍ ରୋଗର ଭୟାବହତା, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ହେପାଟୋଲୋଜି ବିଭାଗର ଡା. ସନାତନ ବେହେରା, ଡା. ମାନସ କୁମାର ବେହେରା, ଡା. ରାକେଶ କୁମାର ବାରିକ, ଡା. ଅରୁପମ୍ ମହାପାତ୍ର, ଡା. ପାର୍ଥସାରଥି ମିଶ୍ର, ଡା. ମନୋଜ କୁମାର ପାଣି, ଡା. ଜ୍ଞାନରଞ୍ଜନ ପରିଡା ଓ ଅନ୍ୟ ଡାକ୍ତର ଛାତ୍ରୀଛାତ୍ର ତଥା କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ରାମଚନ୍ଦ୍ର ଗୋଛାୟତ ୮୪ ମଣ୍ଡଳୀ ସଭାପତି



କଟକ ସଦର, ୨୮।୭
(ସୁଶାନ୍ତ କୁମାର ଜେନା)

କଟକ ଜିଲାର ଅଗ୍ରଣୀ ଦଳିତ ଅନୁଷ୍ଠାନ ୮୪ ମଣ୍ଡଳୀ ମେହେନ୍ତର ସମିତିର ସଭାପତିଭାବେ ରାମ ଚନ୍ଦ୍ର ଗୋଛାୟତ ନିର୍ବାଚିତ ହୋଇଛନ୍ତି। ମନୋନୟନ ପ୍ରକ୍ରିୟାରେ ଗୋଛାୟତ ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିଲେ। ତେଣୁ ଗୋଛାୟତଙ୍କୁ ରବିବାର ନିର୍ବାଚନ ଅଧିକାରୀ ରତ୍ନାକର ମୁଖୀ ସଭାପତି ଭାବେ ଘୋଷଣା କରିଛନ୍ତି। ଗୋଛାୟତ ପୂର୍ବରୁ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଛନ୍ତି। ୮୪ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗ୍ରାମର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ ସେ କୃତଜ୍ଞତା ଜଣାଇବା ସହିତ ସହଯୋଗ କାମନା କରିଛନ୍ତି।

# କୀଟ ପରିଚାଳନା ପାଇଁ ଉନ୍ନତ ରଣନୀତି ଜାଣିଲେ ଚାଷୀ

**ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଦିନିକିଆ ତାଲିମ ଶିବିର**

କଟକ, ୨୮।୭(କାର୍ତ୍ତିକ ସାହୁ)

ଓଡ଼ିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଦ୍ୱାରା ଓଡ଼ିଶା ଚାଷୀଙ୍କ ଆୟ ବୃଦ୍ଧି ପାଇଁ ମାଟିଆ ଗୁଣ୍ଡି ପୋକ-ପ୍ରତିରୋଧୀ ଧାନ କିସମର ଲୋକପ୍ରିୟତା ଯୋଜନାରେ ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଦିନିକିଆ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଜି. ଏ. କେ. କୁମାର ଉଦ୍‌ଘାଟନ କରି ଅନୁଷ୍ଠାନ ଦ୍ୱାରା ବିକଶିତ ମାଟିଆ ଗୁଣ୍ଡି ପୋକପ୍ରତିରୋଧୀ ଧାନ କିସମ ସିଆର ଧାନ ୩୧୭ ଏବଂ ସିଆର ଧାନ ୮୦୫ ଉତ୍ପାଦନ ସହିତ ଚାଷୀଙ୍କ ଆୟ ବୃଦ୍ଧି କରିବାରେ କୃଷକ ଉତ୍ପାଦକ ସଂଗଠନ (FPO)ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଏବଂ ତାଲିମ କାର୍ଯ୍ୟକ୍ରମର ସଂଯୋଜକ ଡ. ଶ୍ୟାମରଞ୍ଜନ ଦାସ ମହାପାତ୍ର ତାଲିମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଉଦ୍ଭିଦ ରୋଗବିଜ୍ଞାନ ବୈଜ୍ଞାନିକ ଡକ୍ଟର ରଘୁ ଏସ୍. ଧନ୍ୟବାଦ ଦେଇଥିଲେ। ନେମାଟୋଲୋଜି ବୈଜ୍ଞାନିକ ଡ. ରୂପକ ଜେନା ଉଦ୍‌ଘାଟନୀ ସମାରୋହକୁ ପରିଚାଳନା କରିଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ଅତିଥିଙ୍କ ସହ ଚାଷୀମାନେ।

ସୂଚନାନୁସାରେ, ରଘୁନାଥପୁର ଏବଂ ଆଖପାଖ ଗ୍ରାମରୁ ପ୍ରଗତିଶୀଳ ଚାଷୀଙ୍କ ଏକ ଦଳ ଦିନିକିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ଧାନ କୀଟ ପରିଚାଳନା ପାଇଁ ଉନ୍ନତ ରଣନୀତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜୈବ ନିୟନ୍ତ୍ରଣ ପ୍ରୟୋଗଶାଳାରେ ଟ୍ରାଇକୋଗ୍ରାମା ପ୍ରଜାତିର ବହୁଳ ଉତ୍ପାଦନ ଉପରେ ବ୍ୟବହାରିକ ତାଲିମ, ଯାହା ଚାଷୀମାନଙ୍କୁ ପରିବେଶ ଅନୁକୂଳ କୀଟନାଶକ ପରିଚାଳନା ସମାଧାନ ସହିତ ପରିଚିତ କରାଇଥିଲା। ଜୈବ ନିୟନ୍ତ୍ରଣ ଏଜେଣ୍ଟ ବ୍ୟବହାର କରି ସ୍ଥାୟୀ ପଦ୍ଧତିଗୁଡ଼ିକୁ ଅଂଶଗ୍ରହଣକାରୀମାନେ ଫସଲ ଉତ୍ପାଦନ ଏବଂ ପରିବେଶ ସ୍ୱାସ୍ଥ୍ୟ ଉଭୟକୁ ସୁରକ୍ଷା ଦେବାର ସମ୍ଭାବନା ପାଇଁ ଭଲ ଭାବରେ ଗ୍ରହଣ କରିଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଡ୍ରୋନ ପ୍ରଯୁକ୍ତିର ଏକ ବ୍ୟବହାରିକ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ଚାଷୀମାନଙ୍କୁ ଅନୁଷ୍ଠାନର ଫେରୋମୋନ ଉତ୍ପାଦନ ୟୁନିଟ ଏବଂ କୀଟ ପାଳନ କେନ୍ଦ୍ର ବିଷୟରେ ଅଧିକ ସୂଚନା ଦିଆଯାଇଥିଲା।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କଲେ ଗୁହା ପୁନମ ତାପସ କୁମାର

କଟକ, ୨୮।୭(କାର୍ତ୍ତିକ ସାହୁ)

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୁହା ପୁନମ ତାପସ କୁମାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ଶାସନ ସଚିବ ଭାବେ ଅବସ୍ଥାପିତ ଅଛନ୍ତି। ସେ କଟକସ୍ଥିତ ଆର୍‌ଡିସି କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ନୂତନ ଆର୍‌ଡିସି ସମସ୍ତ ବରିଷ୍ଠ ପଦାଧିକାରୀଙ୍କ ସଦୟ ସହଯୋଗ କାମନା କରିଛନ୍ତି। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନସ୍ଥ ସମସ୍ତ ଜିଲା କାର୍ଯ୍ୟାଳୟ ଓ ତୃଣମୂଳସ୍ତରରେ ମଧ୍ୟ ନିୟମିତ କାର୍ଯ୍ୟ ସମୀକ୍ଷା ତଥା ଅଗ୍ରଗତି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।



ଆର୍‌ଡିସିଙ୍କୁ ସଚିବ ନୀହାର ରଞ୍ଜନ ଦାଶ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ, ଉପସଚିବ ସଂକଳ୍ପ ସ୍ୱସ୍ତିକ ସାହୁ, କୋର୍ଟ ଅଧିକାରୀ ସ୍ନେହରଥ ମହାନ୍ତି ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' ଉନ୍ମୋଚିତ




ଅତିଥିମାନେ ପୁସ୍ତକ 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' ଉନ୍ମୋଚନ କରୁଛନ୍ତି।

କଟକ, ୨୮।୭(କାର୍ତ୍ତିକ ସାହୁ)

ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତିଙ୍କ ରଚିତ 'ଓଡ଼ିଶାରେ ଦର୍ଶନଶିକ୍ଷାର ଇତିହାସ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ଶତାବ୍ଦୀ ଭବନଠାରେ ସୋମବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପୁସ୍ତକକୁ ଉନ୍ମୋଚନ କରି ଦର୍ଶନଶାସ୍ତ୍ର ଆମକୁ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉତ୍‌ଥାପନ କରିବା ପାଇଁ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ନ୍ୟାୟପାଳିକା, ପ୍ରଶାସନ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଯଥାକ୍ରମେ ବାମାଶଙ୍କର ମିଶ୍ର, ରାଜକିଶୋର ଦାଶ ଓ ଶ୍ରୀତମ ଦାସ ବକ୍ତା ରୂପେ ଯୋଗଦେଇ ଦର୍ଶନଶାସ୍ତ୍ର ପାଠ୍ୟକ୍ରମ ସେମାନଙ୍କ ଜୀବନରେ ଉପଯୋଗୀ ହୋଇଥିବା ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲେ। ନଟବର ଶତପଥୀ ଓ ବାବାଜୀ ଚରଣ ପଟ୍ଟନାୟକ ପୁସ୍ତକର ତାତ୍ତ୍ୱିକ ସମୀକ୍ଷା କରିଥିଲେ। ଦର୍ଶନଶିକ୍ଷାର ପ୍ରସାର ଦିଗରେ ନିଃସ୍ୱାର୍ଥ ଅବଦାନ ପାଇଁ 'ନୀଳଚକ୍ର'ର ସଭାନେତ୍ରୀ ନମିତା ପଣ୍ଡା ଓ ସାମାଜିକ କର୍ମୀ ସ୍ୱର୍ଗତ ଫିର୍‌ଦୋଷ ଅଲି (ମରଣୋତ୍ତର)ଙ୍କୁ ସମ୍ମାନିତ କରାଯାଇଥିଲା। ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଦେଶର ଲବ୍ଧପ୍ରତିଷ୍ଠ ଦର୍ଶନଶାସ୍ତ୍ରବିତ୍‌ମାନଙ୍କ ପାଖରୁ ଆସିଥିବା ଶୁଭେଚ୍ଛା ବାର୍ତ୍ତାଗୁଡ଼ିକୁ ଅଧ୍ୟାପକ ବିଜୟ କୁମାର ନାୟକ ପାଠ କରିଥିଲେ। ଡ. ଶଚୀନ୍ଦ୍ର ରାଉଳ ପ୍ରାରମ୍ଭିକ ସୂଚନା, ଡ. ଗୌରୀଶଙ୍କର ସାହୁ ଅତିଥି ପରିଚୟ ଓ ପ୍ରଫେସର ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ୟଙ୍ଗକାର ରାଧାଶ୍ୟାମ ରାଉଳ ଧନ୍ୟବାଦ ଦେଇଥିଲେ। ବଶିଷ୍ଠ ବିଚାର ମଞ୍ଚର ସଂଯୋଜକ ଦୀପକ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗଗୁରୁ ଭୋଳାନାଥ ନାୟକ ଶାନ୍ତିମନ୍ତ୍ର ପାଠ କରିଥିଲେ।

### କମିଶନରେଟ୍ ପୋଲିସରେ ସାମିଲ ହେଲେ ୫୩ଜଣ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର

ଭୁବନେଶ୍ୱର, ୨୮।୭(ସତ୍ୟଜିତ୍ ରାଉତ)

କମିଶନରେଟ ପୋଲିସରେ ସୋମବାର ୫୩ଜଣ ଷ୍ଟୁଡେଣ୍ଟ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ଭୁବନେଶ୍ୱର ଓ କଟକରେ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟତା କରିବା ଲାଗି ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି। ପୋଲିସ କମିଶନ ଏସ୍. ଦେବଦତ୍ତ ସିଂ ସ୍ୱେଚ୍ଛାସେବୀମାନଙ୍କୁ ପୋଷାକ ସହ ଟୋପି ପ୍ରଦାନ କରିଛନ୍ତି। ଟ୍ରାଫିକ ପୋଲିସକୁ ସମର୍ଥନ କରିବା, ଛାତ୍ରମାନଙ୍କ ମଧ୍ୟରେ ନାଗରିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଏବଂ ଟ୍ରାଫିକ ଉଲ୍ଲଂଘନ ଉପରେ ଶୂନ୍ୟ ସହନଶୀଳତା ନୀତି ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କମିଶନରେଟ ପୋଲିସର ଟ୍ରାଫିକ ପରିଚାଳନାକୁ ଉନ୍ନତ କରିବାରେ ଛାତ୍ରୀଛାତ୍ରଙ୍କ ଯୋଗଦାନ ବେଶ୍ ସହାୟକ ହେବ ବୋଲି ପୋଲିସ କମିଶନର କହିଛନ୍ତି।

# କେନ୍ଦ୍ରାପଡ଼ା ଜିଲାପାଳ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କୁ ତଦନ୍ତ ନିର୍ଦ୍ଦେଶ

**ହାଇକୋର୍ଟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ ମାମଲା**

କଟକ, ୨୮।୭(କାର୍ତ୍ତିକ ସାହୁ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କୁରୁଜଙ୍ଗ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ହାଇକୋର୍ଟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତବେଳେ ଆବେଦନକାରୀ ଓ ଅନ୍ୟମାନଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯିବ। ବିଚାରପତି ଆର.କେ. ପଟ୍ଟନାୟକଙ୍କ ଖଣ୍ଡପୀଠ କେନ୍ଦ୍ରାପଡ଼ା ଜିଲାପାଳ ଓ ଭୁବନେଶ୍ୱରସ୍ଥିତ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମାବଳୀ ଉଲ୍ଲଂଘନ ଅଭିଯୋଗର ତଦନ୍ତ କରିବେ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୁରୁଜଙ୍ଗଠାରେ ଏକ ଫାର୍ମ ପୋଖରୀ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ପ୍ରକଳ୍ପ କାର୍ଯ୍ୟ ଚଞ୍ଚକତାପୂର୍ବକ ଶଙ୍କରପୁର ଗ୍ରାମରେ କରାଯାଇଥିବା ଅଭିଯୋଗ ହୋଇଥିଲା। ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ ନ କରି ଜେସିବି ଲଗାଇ କରାଯାଇଥିଲା। ନିର୍ଦ୍ଦିଷ୍ଟ ବ୍ୟକ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମାବଳୀର ଉଲ୍ଲଂଘନ କରି ପ୍ରକଳ୍ପ କାର୍ଯ୍ୟ କରିବା ସହ ୧ଲକ୍ଷ ୮୩ ହଜାର ଟଙ୍କା ହଡ଼ପ କରିଥିବା ଆବେଦନକାରୀ ଅଭିଯୋଗ କରିଥିଲେ। ଏଥିରେ ବ୍ୟାପକ ଅନିୟମିତତା ନେଇ ରହିଥିବା ଅଭିଯୋଗର ତଦନ୍ତ କରି ଦାୟୀ ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନକାରୀମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଗତ ଜୁନ୍ ୧୬ରେ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ପ୍ରବୋଧ କୁମାର ମହାନ୍ତି ଓ ଅନ୍ୟ ୯ଜଣ ଆବେଦନକାରୀ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅଭିମନ୍ୟୁ ପରିଡ଼ା ଓ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

କଟକ ସଦର, ୨୮।୭ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ଉପସଭାପତି ସଂଯୁକ୍ତା ମହାରଣା ଉଦଘାଟନ କରିଥିଲେ। ଏଥିରେ ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ପିଲାଙ୍କ ମା'ମାନେ ଯୋଗଦେଇ ନିଜ ନିଜର ମତ ବ୍ୟକ୍ତ କରିଥିଲେ। ସମ୍ପାଦକ ରାଧାକୃଷ୍ଣ ସ୍ୱାଇଁ ଅଭିଭାଷଣ ଦେଇଥିବାବେଳେ ପୂର୍ବତନ ସମ୍ପାଦକ ନବଘନ ରାଉତ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅତିଥି ପରିଚୟ ସନାତନ ଗୁରୁଜୀ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ତରାଇ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

### ବିଡ଼ାନାସୀ ବଡ଼ନାଳ କାମ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ



ବିଧାୟିକା ସୋଫିଆ ଫିର୍ଦ୍ଦୋସ ବିଡ଼ାନାସୀ ବଡ଼ନାଳ କାମ ସମୀକ୍ଷା କରୁଛନ୍ତି।

କଟକ, ୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ବିଡ଼ାନାସୀରେ ଜାରି ରହିଥିବା ବଡ଼ନାଳ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ସମସ୍ତ କାର୍ଯ୍ୟ ବୁଲି ଦେଖିବା ସହ ଖୁବ୍‌ଶୀଘ୍ର ନାଳ କାମ ଶେଷ କରିବାକୁ ବିଧାୟିକା ଉପସ୍ଥିତ ଅଧିକାରୀ, ଯନ୍ତ୍ରୀ ଏବଂ କଣ୍ଟ୍ରାକ୍ଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୱାର୍ଡ ଅଞ୍ଚଳରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସିଏମ୍‌ସି ସିଟି ଇଞ୍ଜିନିୟର ଇଂ. ଅତନୁ କୁମାର ସାମନ୍ତ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୁବାସ ଚନ୍ଦ୍ର ସାହୁ, ୱାର୍ଡ ଜେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, ସୁବାସ ଚନ୍ଦ୍ର ସାହୁ, ସତ୍ୟଶ୍ରୀ ବେହେରା, ଶିଶିର କୁମାର ନାୟକ, ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକାରୀ ଥାଇ ସୁଦ୍ଧା ସମାଧାନ ହୋଇପାରିଲାନି ଅଭିଯୋଗ

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

କଟକ ସଦର, ୨୮।୭
(ସୁଶାନ୍ତ କୁମାର ଜେନା)

କଟକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୭୦ଟି ବିଭିନ୍ନ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୮ଟି ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଉପରେ ଥିଲା। ଅନ୍ୟ ସମସ୍ତ ଅଭିଯୋଗ ବିଭିନ୍ନ ବିଭାଗର ଥିଲା। ସମ୍ପୃକ୍ତ ବିଭାଗର ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ ସୁଦ୍ଧା ଗୋଟିଏ ହେଲେ ଅଭିଯୋଗର ସମାଧାନ ହୋଇପାରି ନ ଥିଲା। ଅଭିଯୋଗଗୁଡ଼ିକ ବ୍ଲକରୁ ଡାକରେ ଗଲେ ତା'ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିବା ଜଣାପଡ଼ିଛି। ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ବିରିବାଟି ହାଇସ୍କୁଲ ନିକଟରେ ଥିବା ପୂର୍ତ୍ତବିଭାଗ ରାସ୍ତାର ଚାରିଛକଠାରେ ଦ୍ରୁତ ଗତିରେ ଗାଡ଼ି ଚଳାଚଳ କରୁଥିବାରୁ ହମ୍ପ ନିର୍ମାଣ ପାଇଁ ପରମହଂସ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାତ୍ର କରିଥିବା ଦାବିକୁ ଜିଲାପାଳ ଶିବିରରେ ଅଗ୍ରାହ୍ୟ କରି ଦେଇଥିଲେ। ବାଲି ଘାଟ ନିଲାମ ନେଇଥିବା ଜନୈକ ବ୍ୟକ୍ତି ଅନ୍ୟତ୍ର ବାଲି ଉଠାଇବାକୁ ନେଇ ଉରାଳି ସରପଞ୍ଚ ଅଭିଷେକ ବେହେରାଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇ ନ ଥିଲା। ସେହିପରି ଗଡିରାଉତ ପାଟଣା ପଞ୍ଚାୟତର ଡିହ ସାହି ପୋଖରୀ ଖୋଳା ବିଲ୍ ଯନ୍ତ୍ରୀ କରୁ ନ ଥିବାରୁ ସରପଞ୍ଚ ସୋନାଲି ପ୍ରଧାନଙ୍କ ଅଭିଯୋଗର କୌଣସି ସମାଧାନର ବାଟ ମଧ୍ୟ ବାହାରି ପାରି ନ ଥିଲା। ପରମହଂସସ୍ଥିତ ହଂସନାଥ ନୋଡାଲ ହାଇସ୍କୁଲ ମାଟ୍ରିକ ସାର୍ଟିଫିକେଟ ଜାଲିଆତି ମାମଲାର ତଦନ୍ତ ନିର୍ଦ୍ଦେଶ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ କୁହାଯାଇଥିଲା। ଦିବ୍ୟାଙ୍ଗମାନଙ୍କୁ ପ୍ରମାଣ ପତ୍ର ଓ ତିନି ଚକିଆ ସାଇକେଲ ଦେବାପାଇଁ କମରପଦା ଗ୍ରାମର ତ୍ରିନାଥ ଦାଶ କରିଥିବା ଅଭିଯୋଗର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦ଟି ଅଭିଯୋଗ ପୁରୁଣା ହୋଇଥିବାରୁ ସମ୍ପୃକ୍ତ ମହିଳା ଓ ପୁରୁଷମାନେ ପୁନଃ ଆବେଦନ କରିବା ପାଇଁ ସୁଦୂର କିଶୋର ନଗର ଅଞ୍ଚଳରୁ ଆସିଥିବା ଦେଖିବାକୁ ମିଳିଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲାସ୍ତରୀୟ ଅଧିକାରୀମାନେ ଦର୍ଶକ ଭାବେ ବସିଥିଲେ ସୁଦ୍ଧା ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜିଲାପାଳଙ୍କୁ କୌଣସି ଉତ୍ତର ଦେଉ ନ ଥିବା ଦେଖାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବିଡିଓ ପ୍ରତୀକ ସାହୁ, କଟକ ଏସ୍‌ପି ପ୍ରତୀକ ସିଂହ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ବକ୍ସି ବଜାର ଅଗ୍ନିଶମ କାର୍ଯ୍ୟାଳୟଠାରେ ସୋମବାର କର୍ମଚାରୀମାନେ ବିଭିନ୍ନ ସରଞ୍ଜାମ ପ୍ରସ୍ତୁତ କରି ରଖିଛନ୍ତି।




ଡ୍ରିମ୍ସ ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ସ୍ତରୀୟ ଶିକ୍ଷକ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀର ଉନ୍ନତୀକରଣ କରାଯାଉ

- କୋଣାର୍କ ଏନ୍ଏସି ପକ୍ଷରୁ ୯ ଦଫା ଦାବିପତ୍ର ପ୍ରଦାନ
- ପୁଷ୍କରିଣୀର ଐତିହ୍ୟ ନଷ୍ଟ କରା ନ ଯାଉ

କୋଣାର୍କ,୨୮।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରୁ ୪ କି.ମି. ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥର ପବିତ୍ରତା, ଐତିହ୍ୟ ଓ ପରମ୍ପରା ବଜାୟ ରଖିବା ସହ ଏହାର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ କୋଣାର୍କ ଏନ୍ଏସି ଅଧ୍ୟକ୍ଷାଙ୍କ ସମେତ କାଉନ୍ସିଲରମାନଙ୍କ ପକ୍ଷରୁ ୯ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଚନ୍ଦ୍ରଭାଗାଠାରେ ପବିତ୍ର ମାଘସପ୍ତମୀ ବୁଡ଼ ସମୟରେ ମେଳାପଡ଼ିଆରେ ଷଷ୍ଠୀ ରାତିରେ ଓଡ଼ିଶା ସମେତ ଭାରତ ବର୍ଷର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପୁରୀ ପୂର୍ତ୍ତ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପଡ଼ିଆରେ ଅସ୍ଥାୟୀ ଭେଣ୍ଡିଂ ଜୋନ୍, ସ୍ଥାୟୀ ଶୌଚାଳୟ ଓ ପାଇଖାନା ନିର୍ମାଣ କରାଯାଇଛି। ଫଳରେ ମାଘ ସପ୍ତମୀ ବୁଡ଼ ସମୟରେ ବୁଡ଼ ପକାଇବା ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ରହିବାରେ ଅସୁବିଧାର ସମ୍ମୁଖୀନ ହେବେ। ଚନ୍ଦ୍ରଭାଗା ତୀର୍ଥର ଐତିହ୍ୟ ଓ ପବିତ୍ରତାକୁ ବିକୃତ କରିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।


ଚନ୍ଦ୍ରଭାଗା ତୀର୍ଥ ପଡ଼ିଆରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ।

ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷାଙ୍କ ସମେତ କାଉନ୍ସିଲରମାନେ ଚନ୍ଦ୍ରଭାଗାଠାରେ ଚାଲିଥିବା ଐତିହ୍ୟମାରଣ କାମ ବନ୍ଦ କରି ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଚନ୍ଦ୍ରଭାଗା ତୀର୍ଥର ଐତିହ୍ୟ, ପବିତ୍ରତା ରକ୍ଷା ଓ ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ୯ ଦଫା ଦାବି ସମ୍ବଳିତ ଦାବିପତ୍ର କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ସମେତ ଉପାଧ୍ୟକ୍ଷ ଓ କାଉନ୍ସିଲରଙ୍କ ପକ୍ଷରୁ ଇ-ମେଲ୍ ଯୋଗେ ପଠାଯାଇଛି।

ଦାବିଗୁଡ଼ିକ ମଧ୍ୟରେ ତୀର୍ଥର ଉନ୍ନତୀକରଣ ଯୋଜନା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପର୍ଯ୍ୟଟନପ୍ରେମୀ ଓ ସଂସ୍କୃତିପ୍ରେମୀ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିବା, ଏହି କାର୍ଯ୍ୟରେ କୋଣାର୍କ ଏନ୍ଏସିକୁ ଅଣଦେଖା ନ କରି ଯୋଜନା ଓ ଉନ୍ନୟନ କାର୍ଯ୍ୟରେ ସାମିଲ କରିବା, ଚନ୍ଦ୍ରଭାଗା ତୀର୍ଥର ପୁନଃଖନନ, ପ୍ରଶସ୍ତୀକରଣ ଓ ସୌନ୍ଦର୍ଯ୍ୟକରଣ କରିବା ଆଦି ୯ ଦଫା ଦାବିକୁ ଇ-ମେଲ୍ ଯୋଗେ ପଠାଯାଇଛି। ଏ ସମ୍ପର୍କରେ କୋଣାର୍କ ଏନ୍ଏସି ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ପର୍ଯ୍ୟଟନ ବିଭାଗ ସଚିବ, କାକଟପୁର ବିଧାୟକ, ପୁରୀ ଜିଲାପାଳ ଓ ପୁରୀ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଯାଇ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାଉନ୍ସିଲର ସମୟ ରଞ୍ଜନ ସାହୁ, ସୌଦାମିନୀ ମଲ୍ଲିକ, ବିଶ୍ୱମ୍ଭର ବିଶ୍ୱାଳ, କୃଷ୍ଣପ୍ରିୟା ନାୟକ, ସ୍ୱର୍ଣ୍ଣଲତା ଦାସ, ଦିଲୀପ ଦାସ, ସ୍ୱପ୍ନା ଗୋଛାୟତ ଓ ଶୁଭସ୍ମିତା ପାତ୍ର ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା

ସାକ୍ଷୀଗୋପାଳ,୨୮।୭(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀଠାରେ କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ 'ଯୌନ ଉତ୍ପୀଡ଼ନ ନିବାରଣ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡ. ଶର୍ମିଷ୍ଠା ମହାପାତ୍ର ସଭାରେ ମଞ୍ଚ ପରିଚାଳନା ଓ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ଡ. ସସ୍ମିତା ଜେନା ଓ ରୋଜାଲିନ ରଥ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବାହ୍ୟ ସଦସ୍ୟ ସତ୍ୟବାଦୀ ଦାସ ଯୋଗଦେଇ କହିଛନ୍ତି, ଦାବି ହାସଲ ପାଇଁ ଆତ୍ମହତ୍ୟା ଶେଷ ରାସ୍ତା ନୁହେଁ, ବରଂ ସମାଧାନ ପାଇଁ ଶେଷ ସମୟ ପର୍ଯ୍ୟନ୍ତ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଶୁଭଶ୍ରୀ ଦାସ ସମାଜରେ ସମାନତା ଓ ସଚେତନତା ଭାବ ସୃଷ୍ଟି ହେଲେ ଏଭଳି ସମସ୍ୟାର ଦୂରୀକରଣ କେବଳ ସମ୍ଭବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ ଯୌନ ଉତ୍ପୀଡ଼ନର ସଂଜ୍ଞା ଓ ତା'ର ସଚେତନତା ସମ୍ପର୍କରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଭ୍ୟନ୍ତରୀଣ କମିଟିର ଅନ୍ୟତମ ସଦସ୍ୟ ଡ. ରାଧା ଗୋବିନ୍ଦ କୁଇଲା ଧନ୍ୟବାଦ ଦେଇଥିଲେ।

### ପୁଷ୍କରିଣୀ ପାଲଟିଛି ବିଦ୍ୟାଳୟ ସମ୍ମୁଖ ରାସ୍ତା

ନିମାପଡ଼ା,୨୮।୭(ରଞ୍ଜନ ପଟ୍ଟନାୟକ)

ପୁଷ୍କରିଣୀ ପାଲଟିଛି ବିଦ୍ୟାଳୟ ସମ୍ମୁଖ ରାସ୍ତା। ଏହା କୌଣସି ଦୁର୍ଗମ ଅଞ୍ଚଳର ସ୍ଥିତି ନୁହେଁ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନିମାପଡ଼ା ପୌରାଞ୍ଚଳ ଅଧୀନ ୯ନଂ. ୱାର୍ଡ ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମରେ। ଏଠାରେ ଥିବା ଅଣ୍ଡିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତାର ଦୟନୀୟ ଚିତ୍ର ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ରାସ୍ତାଟି ପୁଷ୍କରିଣୀର ଭ୍ରମ ସୃଷ୍ଟି କରୁଛି। ଖାଲି ସେତିକି ନୁହେଁ, କାଦୁଅ ପଚପଚ ହେଉଛି ରାସ୍ତା। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗ୍ରାମବାସୀ ମଧ୍ୟ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ଏଭଳି ଦୟନୀୟ ପରିସ୍ଥିତିକୁ ନେଇ ଅନେକ ସମୟରେ ବିଦ୍ୟାଳୟରେ ଉପସ୍ଥାନ କମ୍ ରହୁଛି। ରାସ୍ତା ନବୀକରଣ ପାଇଁ ଦାବି ହେଉଥିଲେ ମଧ୍ୟ ପୌର ପ୍ରଶାସନ ଶୁଣୁ ନ ଥିବା ଅଭିଭାବକ ପ୍ରସନ୍ନ ବେହେରା, ପ୍ରକାଶ ସାହୁ, ତ୍ରିଲୋଚନ ସାହୁ ଅଭିଯୋଗ କରିଛନ୍ତି। ଏନେଇ କାଉନ୍ସିଲର ଟିଙ୍କିନା ପଣ୍ଡା ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ବୋଲି କହିଛନ୍ତି।

# କୃଷ୍ଣପ୍ରସାଦରେ ଜିଲାପାଳଙ୍କ ଜନଶୁଣାଣି


ଜନଶୁଣାଣି ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ।

## ୭୫ ଅଭିଯୋଗରୁ ୨୪ର ତ୍ୱରିତ ସମାଧାନ

କୃଷ୍ଣପ୍ରସାଦ,୨୮।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ଅଭିଯୋଗ ଶୁଣିଥିଲେ। ବିଦ୍ୟୁତ୍, ସ୍ୱାସ୍ଥ୍ୟ, ରାସ୍ତା, ଜଳସେଚନ, ଭତ୍ତା, ରାଶନ କାର୍ଡ, ବେଆଇନ ମଦ କାରବାର ବନ୍ଦ, ସୁଭଦ୍ରା ଯୋଜନା ଆଦି ସଂକ୍ରାନ୍ତ ମୋଟ ୭୫ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକର ଉପଯୁକ୍ତ ବିଚାର କରିବା ସହ ତତ୍କାଳ ସମାଧାନ ଲାଗି ଉପସ୍ଥିତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ବିକାଶ କୁମାର ସେଠୀ, କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ୧୦୮ ଆମ୍ବୁଲାନ୍ସରେ ବୁହାଯାଉଛି ରାଶନ ଚାଉଳ

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୧୦୮ ଆମ୍ବୁଲାନ୍ସରେ ରୋଗୀ ବୁହାହେବା ବଦଳରେ ରାଶନ ଚାଉଳ ବୁହାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୦୮ ଆମ୍ବୁଲାନ୍ସରେ ରୋଗୀ ବଦଳର ରାଶନ ଚାଉଳ ବୁହାଯାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, କୃଷ୍ଣପ୍ରସାଦ ବ୍ଲକ୍ ଗୋମୁଣ୍ଡିଆ ଗାଁକୁ ଏକ ଆମ୍ବୁଲାନ୍ସ ଆସିଥିବାବେଳେ ସେଥିରେ କେତେଜଣ ଲୋକ ରାଶନ ଚାଉଳ ଲଦୁଛନ୍ତି। ଗୋମୁଣ୍ଡିଆ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଓଡି ୦୭ ଏ-ଏସି ୧୯୨୬ ନମ୍ବର ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ଗାଡ଼ି କୌଣସି କାରଣରୁ ଗାଁକୁ ଆସିଥିଲା।


ଆମ୍ବୁଲାନ୍ସରେ ଦୁଇଜଣ ବ୍ୟକ୍ତି ଚାଉଳ ରଖୁଛନ୍ତି ।

ଆମ୍ବୁଲାନ୍ସରେ କିଛି ବସ୍ତା ଲଦୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପଚାରିବାରୁ ସେହି ବସ୍ତାରେ ରାଶନ ଚାଉଳ ନିଆଯାଉଛି। କୃଷ୍ଣପ୍ରସାଦ ଅଞ୍ଚଳରେ ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ସମସ୍ୟା ଥିବାବେଳେ କାହା ଅନୁମତିରେ ଏଭଳି ଚାଉଳ ବୁହାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଗାଡ଼ିର ଫିଟନେସ୍ ଓ ପଲ୍ୟୁଶନ ସମୟସୀମା ଆଦି ସରିଯାଇଥିବା ବେଳେ ରିନୁ ହୋଇଥିବା ଏବଂ ଗଞ୍ଜାମ ଆର୍‌ଟିଓ କାର୍ଯ୍ୟାଳୟରେ ରେଜିଷ୍ଟ୍ରେଶନ ହୋଇଥିବା ଜଣାପଡ଼ିଛି। ତେବେ ଏଭଳି ଘଟଣା ନେଇ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବାଲ୍ ସଂସ୍କାର କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨୮।୭(ଭରତ ରାଉତ)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବାଲ୍ ସଂସ୍କାର କାର୍ଯ୍ୟକ୍ରମ ସୋମବାର ସମ୍ପର୍କ ସଚିବ ନବଘନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଉଦ୍‌ଘାଟନ କରିଥିଲେ। ପୁରାତନ ସଭ୍ୟତାର ଦେଶ ଭାରତ ବର୍ଷର ମହାନ୍ ସଂସ୍କୃତି, ପରମ୍ପରା ଓ ବିଚାରଧାରାକୁ ବଞ୍ଚାଇ ରଖିବା ଏହାର ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ମାଧ୍ୟମରେ ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ, ମହାଭାରତ, ଦିନଚର୍ଯ୍ୟା, ଯୋଗ, ପ୍ରାଣାୟାମ, ଗୁରୁଭକ୍ତି ଆଦି ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ଭାରତ ବିକାଶ ପରିଷଦର ରାଜ୍ୟ ସଭାପତି ସତ୍ୟବାଦୀ ଦାସ, ବିଦ୍ୟାଳୟ କମିଟି ସଭାପତି ଚକ୍ରଧର ମହାରଣା, ସଂସ୍କୃତ ବିଦ୍ୱାନ୍ ମନମୋହନ ଦଳାଇ, ସେବା ସଚିବ ଦେବରାଜ ନାୟକ, ମହିଳା ସଚିବ ରୀତା ତ୍ରିପାଠୀ, ବିଶାଖା ଦେବୀ, ଅନ୍ନଦା ସୁଆର, ସବିତା ବିଶ୍ୱାଳ, କୁଇଜ୍ ମାଷ୍ଟର ଦିଗନ୍ତ ପତି, ବୃକ୍ଷପ୍ରେମୀ ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ନୀହାରିକା ସେନାପତି, ସୁଚିତ୍ରା ଖଟାଇ ଓ ବସନ୍ତ କୁମାର ସ୍ୱାଇଁ ସହଯୋଗ କରିଥିଲେ।

# ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ, ପୁନରୁଦ୍ଧାର କମିଟିର ଦ୍ୱିତୀୟ ବୈଠକ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ କମିଟି ଓ ପୁନରୁଦ୍ଧାର କମିଟିର ଏକ ଜରୁରୀ ବୈଠକ କମିଟିର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୋମବାର ଜଗଦ୍‌ଗୁରୁ କୃପାଳୁ ମହାରାଜଙ୍କ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକରେ ମହେଶ୍ୱର ଦାଶ ଓ ପ୍ରାକ୍ତନ କୁଳପତି ହରିହର ହୋତାଙ୍କ ଅନୁରୋଧକ୍ରମେ ଦୁଇଟି କମିଟି ଗଠନ କରିବା ନେଇ ନିଷ୍ପତ୍ତି ହୋଇଛି। ଗୋଟିଏ ମଙ୍ଗଳା ନଦୀ ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତି କମିଟି ଓ ବୈଷୟିକ କମିଟି। ସଂସ୍କୃତି କମିଟିର ସଂଯୋଜକ ଭାବେ ପ୍ରଭାତ ରଞ୍ଜନ ମହାପାତ୍ର ଓ ସଭ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀମନ୍ଦିର ରାଜଗୁରୁ ସୁଧାଂଶୁ ଶେଖର, ହରିହର ହୋତା, ଗୌରପ୍ରିୟା ଦାସ, ପ୍ୟାରୀମୋହନ ପଟ୍ଟନାୟକ, ଡ. ମହେଶ୍ୱର ଦାସ, ଡ. ନରେଶ ଦାସ, ଡ. ବିଶ୍ୱନାଥ ବଳିୟାରସିଂହ, ଡ. ଶଙ୍କରାନନ୍ଦ ସରସ୍ୱତୀ ଓ ବୈଷୟିକ କମିଟିରେ ଡ. ସନ୍ତୋଷ ମହାନ୍ତି, ବାସୁଦେବ ଛାଟୋଇ, ସୁରଟ କୁମାର ସ୍ୱାଇଁ, ମନୋଜ ସାମନ୍ତରାୟ, ପ୍ରଦ୍ୟୁମ୍ନ ଖୁଣ୍ଟିଆ ପ୍ରମୁଖ ରହିଛନ୍ତି। ଅଗଷ୍ଟ ୨୩ ତାରିଖ ପୂର୍ବରୁ କମିଟି ରିପୋର୍ଟ ପ୍ରଦାନ କରିବ। ତା'ପରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ପୁରୀ ଏମ୍‌ପିଙ୍କୁ ଏକ ଡକୁମେଣ୍ଟ ପ୍ରସ୍ତୁତ କରି ପ୍ରଦାନ କରାଯିବ। ମଙ୍ଗଳା ନଦୀର ଜଗନ୍ନାଥ ମନ୍ଦିର, ଓଡ଼ିଆ ମଠ ସହିତ ସମ୍ପର୍କ କ'ଣ ରହିଛି ଓ ତୃତୀୟ ବୈଷୟିକ ସରକାରୀ ରିପୋର୍ଟକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଡ. ସନ୍ତୋଷ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଅବସରରେ ଭାଜପା ଜିଲାସଭାପତି ଡ. ଦେବେନ୍ଦ୍ର ନାଥ ତରାଇ ସରକାରଙ୍କ ତରଫରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କମିଟିକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱଜିତ ଦାସ, ଅଧ୍ୟକ୍ଷ ଶରତ କୁମାର ସାହୁ, ସୁଶାନ୍ତ କୁମାର ତ୍ରିପାଠୀ, ଜ୍ୟୋତି ପ୍ରକାଶ ସାହୁ, ମା' ସାରଦାଦେବୀ ମହିଳା ସଂଘ ସଭାପତି ଲଳିତା ଡାକୁଆ, ସମ୍ପାଦକ ସରସ୍ୱତୀ ଜେନା, ସ୍ମିତା ମଲ୍ଲିକ, ସଙ୍ଗୀତା ମଲ୍ଲିକ, ରିଙ୍କି ଭୂୟାଁ, ବିବେକାନନ୍ଦ ଯୁବଶକ୍ତି ସଭ୍ୟା ସିପ୍ରାରାଣୀ ଦାସ, ଦିଶା ଜେନା, ରଶ୍ମିତା ଡାକୁଆ ପ୍ରମୁଖ ଉପସ୍ଥିତ ରହି ଗଠନମୂଳକ ପ୍ରସ୍ତାବ ଦେଇଥିଲେ।

# ନୟାହାଟ ଫାଣ୍ଡିରେ ନାହିଁ ଗାଡ଼ି, ପାଟ୍ରୋଲିଂ ସେବା ଠପ୍

ଯୋଗେଶ୍ୱରପୁର,୨୮।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଗୋପ ଥାନା ଅଧୀନରେ ଥିବାବେଳେ ୬ଟି ପଞ୍ଚାୟତର ୭୫ଟି ଗ୍ରାମର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଆଇନ ଶୃଙ୍ଖଳା ପାଇଁ ନୟାହାଟ ଫାଣ୍ଡି ଉପରେ ନିର୍ଭର କରୁଛନ୍ତି। ପିସିଆର ବାଇକ୍ ଓ ପୋଲିସ ଭ୍ୟାନ୍ ନ ଥିବାରୁ ରାତ୍ରିକାଳୀନ ପାଟ୍ରୋଲିଂ ସେବା ଠପ୍ ହୋଇପଡ଼ିଛି। ଏଠାରେ ଏକ ପିସିଆର୍ ବାଇକ୍ ଥିଲା, ତାହା ଖରାପ ହୋଇଯିବା ଫଳରେ ତାକୁ ୩ମାସ ତଳେ ଜିଲା ପ୍ରଶାସନ ନେଇଯାଇ ଏକ ନୂତନ ବାଇକ୍ ଦେବ ବୋଲି କହି ଆଉ ଦେଇନାହାନ୍ତି। ଫଳରେ ନୟାହାଟ ଅଞ୍ଚଳରେ ଚୋରି ଓ ଅପରାଧ ଘଟଣାରେ ପୋଲିସ ଘଟଣାସ୍ଥଳକୁ ଅଟୋଭଡ଼ା କରିଯାଉଛି। ଫାଣ୍ଡିକୁ ଗାଡ଼ି ଯୋଗାଇଦେବାକୁ ବାରମ୍ବାର ନୟାହାଟ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ଅଦ୍ୟାବଧି ଗାଡ଼ି ଯୋଗାଇ ଦିଆଯାଇ ନ ଥିବାରୁ ଆଇନଶୃଙ୍ଖଳା ଉପରେ ପ୍ରଭାବ ପଡୁଛି। ରାତିରେ ଘଟୁଥିବା ଘଟଣାସ୍ଥଳରେ ପହଞ୍ଚିବାକୁ ବହୁ ବିଳମ୍ବ ଘଟୁଛି। ଏ ଦିଗରେ ପୁରୀ ଏସ୍‌ପି ପିନାକ ମିଶ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ନ୍ୟାଯ୍ୟ ଦାବି ପାଇଁ ସଂଘର ଆନ୍ଦୋଳନ ନିଷ୍ପତ୍ତି

## ଗୋପ ବ୍ଲକ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ

କୋଣାର୍କ,୨୮।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ସୋରଭା ପଞ୍ଚାୟତର ନାରାୟଣୀ ବିଦ୍ୟାପୀଠରେ ଗୋପ ବ୍ଲକ ସ୍କୁଲ କଲେଜ, ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ଓଷ୍ଟାର ସଭାପତି ମହେନ୍ଦ୍ର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକରେ ଓଷ୍ଟାର ଜିଲା ସମ୍ପାଦକ ବିଭୁଦତ୍ତ ନାୟକ, ଗୋପ ବ୍ଲକ ସମ୍ପାଦକ ରାମକୃଷ୍ଣ ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ କୁମାର ଜେନା, କାକଟପୁର ବ୍ଲକ ଗୋପାଳ କୃଷ୍ଣ ବାରିକ, ଗୋପ ବ୍ଲକର ପ୍ରାକ୍ତନ ସମ୍ପାଦକ କୃପାସିନ୍ଧୁ ବିଶ୍ୱାଳ, ପ୍ରାକ୍ତନ ସଭାପତି ଅର୍ଜୁନ ଚରଣ ବେହେରା, ଗୋପ ବ୍ଲକ କାର୍ଯ୍ୟକାରୀ ସଭାପତି କଳ୍ପନା ସାହୁ, ଉପସଭାପତି ମକରଧ୍ୱଜ ବେହେରା ଓ ରମାକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଶିକ୍ଷକ କର୍ମଚାରୀ ସଂଘର ନ୍ୟାଯ୍ୟ ଦାବିପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିବା ବେଳେ ସମସ୍ୟା ସମାଧାନ ଦିଗରେ ଅହେତୁକ ବିଳମ୍ବ କରୁଛନ୍ତି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଦାବି ପୂରଣ ନ ହେଲେ ଅଗଷ୍ଟ ୮ରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଧାରଣା ଓ ପ୍ରତିବାଦ ସହିତ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଗୋପ ବ୍ଲକ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସଭାପତି ମହେନ୍ଦ୍ର କୁମାର ପାଢ଼ୀ ଓ ସମ୍ପାଦକ ରାମକୃଷ୍ଣ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି। ଅଗଷ୍ଟ ୧୬ ତାରିଖ ଦିନ ଓ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ଗୋପ ସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା।

# ଅନଲାଇନ ଶପିଙ୍ଗ୍ ଆପ୍‌ରେ ମହାପ୍ରଭୁଙ୍କୁ ଅପମାନ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ପୁରୀରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହାକୁ ନେଇ ଅଗଣିତ ସନାତନୀ ହିନ୍ଦୁଙ୍କଠାରୁ ଆରମ୍ଭ କରି ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ଆଘାତ ଲାଗିଛି। ଅନ୍‌ଲାଇନ ଶପିଙ୍ଗ ଆପ୍ ନାମରେ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି କରାଯାଇଛି। ବିଭିନ୍ନ ସମୟରେ ଅନେକ ଶପିଙ୍ଗ ଆପ୍ ତାଙ୍କ ଜିନିଷ ବିକ୍ରି କରିବା ପାଇଁ ଭିନ୍ନ ଭିନ୍ନ ପଦକ୍ଷେପ ଆପଣେଇଥାଏ। ମାତ୍ର କୌଣସି ଧର୍ମର ଭାବାବେଗ ସହ ଖେଳିବା ଦେଖିବାକୁ ମିଳି ନ ଥାଏ। ଅଲି ଏକ୍ସପ୍ରେସ ନାମକ ଏକ ଆନ୍ତର୍ଜାତିକ ଅନ୍‌ଲାଇନ ଶପିଙ୍ଗ ସଂସ୍ଥା ମହାପ୍ରଭୁ ଏବଂ ହିନ୍ଦୁ ଠାକୁରଙ୍କୁ ଅପମାନ କରିବାର ସୀମା ଅତିକ୍ରମ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ସଂସ୍ଥା ପକ୍ଷରୁ ପାପୋଛ ଭଳି ଗୋଡ଼ ପୋଛିବା ମ୍ୟାଟ୍‌ରେ ମହାପ୍ରଭୁଙ୍କ ଶ୍ରୀମୁଖକୁ ଚିତ୍ରିତ କରାଯାଇଛି। ପୁଣି ବିଜ୍ଞାପନରେ ଥିବା ଚିତ୍ର ମୁତାବକ, ସେଇ ପାପୋଛରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି। 'ଲର୍ଡ ଜଗନ୍ନାଥ ମଣ୍ଡଳ ଆର୍ଟ ମ୍ୟାଟ ଡୋରୱେ' ଏବଂ 'କ୍ରିଷ୍ଣା ହିନ୍ଦୁ ଗଡ୍' ନାମରେ ଏହି ପାପୋଛ ବିକ୍ରି କରାଯାଉଛି। ମହାପ୍ରଭୁଙ୍କ ନାମ ଆଗରେ ଲର୍ଡ ତଥା ଭଗବାନ୍ ଶବ୍ଦ ପ୍ରୟୋଗ ସତ୍ତ୍ୱେ ଏହାକୁ ଚଟାଣରେ ପାପୋଛ ଭଳି ବ୍ୟବହାର କରିବା ପାଇଁ ପାଦ ରଖି ବିଜ୍ଞାପିତ କରିବା ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି। ଏହି ଆପ୍‌କୁ ଭାରତରେ ବ୍ୟାନ କରାଯାଇଛି, କିନ୍ତୁ ଭାରତ ବାହାରେ ଏହି ଆପ୍ ଜରିଆରେ ଏହାର ବିକ୍ରିବଟା କରାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯିବା ସହ ସଂପୃକ୍ତ ସଂସ୍ଥା ବିରୋଧରେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ମହାପ୍ରଭୁଙ୍କୁ ଅପମାନ କରାଯାଇଥିବାରୁ ଏ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟ ଓ ଭାରତ ସରକାରଙ୍କୁ ଅବଗତ କରାଇବା ଆବଶ୍ୟକ। ଭାରତ ସରକାର ମଧ୍ୟ ତ୍ୱରିତ ଏ ଦିଗରେ ଉକ୍ତ ଦେଶର ସରକାରଙ୍କ ସହ ଆଲୋଚନା କରି ଏପ୍ରକାର ଅପମାନସୂଚକ ଚିତ୍ରର ବିଜ୍ଞାପନ ଓ ବିକ୍ରିବଟାରେ ରୋକ ଲଗାଇବାକୁ ସେ ଦାବି କରିଛନ୍ତି। ପୁରୀ ବାସିନ୍ଦା ମୋନାଲିସା ପଟ୍ଟନାୟକ କହିଛନ୍ତି, ଏପରି ଦୃଶ୍ୟ ମନକୁ ଦୁଃଖ ଦେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତି ଓଡ଼ିଆଙ୍କ ଆରାଧ୍ୟ ଦେବତା। ଖାଲି ଓଡ଼ିଶା କାହିଁକି ସନାତନୀ ହିନ୍ଦୁମାନଙ୍କ ପାଇଁ ସ୍ୱତନ୍ତ୍ର ଅଟନ୍ତି। ଏପରି କରି ହିନ୍ଦୁ ଧର୍ମକୁ କୁଠାରାଘାତ କରିବାକୁ ଚେଷ୍ଟା କରାଯାଉଛି। ଏପରି କାର୍ଯ୍ୟ ବନ୍ଦ କରିବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ସେ କହିଛନ୍ତି।

## ଫଟୋରେ ଖବର



ବିଶ୍ୱ ବ୍ୟାଘ୍ର ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ସଚେତନତା ଉଦ୍ଦେଶ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ପୁରୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଟେବୁଲ ଟେନିସ୍ ରାଜ୍ୟସ୍ତରୀୟ ର୍ୟାଙ୍କିଙ୍ଗ ପ୍ରତିଯୋଗିତାରେ ପୁରସ୍କୃତ ଶିଶୁ ଖେଳାଳିମାନେ ।



ଜମ୍ମୁକଶ୍ମୀରର ଶ୍ରୀନଗରଠାରେ ହେବାକୁଥିବା ଅଲ୍‌ଇଣ୍ଡିଆ ସଫ୍ଟବଲ୍ ରେଫର୍‌ସିପ୍ ପ୍ରତିଯୋଗିତା ପାଇଁ ଯାଉଥିବା ରେଫରିଙ୍କୁ ସୋମବାର ଝାଡେଶ୍ୱରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

# ଆର୍‌ଏମ୍‌ସି ଅସ୍ଥାୟୀ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

## ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ର ଷ୍ଟୋର ରୁମ୍‌ରେ କାର୍ଯ୍ୟରତ ଅସ୍ଥାୟୀ ମହିଳା କର୍ମଚାରୀ ସରସ୍ୱତୀ ସାମନ୍ତରାୟ(୪୨) ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ସେ ତାଙ୍କ ମନର କଥାକୁ ଭିଡିଓ କରି ଭାଇରାଲ କରିଥିଲେ। ଫଳରେ ଅନ୍ୟ କର୍ମଚାରୀମାନେ ପୋଲିସ ସହାୟତାରେ ଉକ୍ତ ଷ୍ଟୋରରୁମ୍‌ରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରିଥିଲେ। ସରସ୍ୱତୀଙ୍କ ଅବସ୍ଥା ସ୍ଥିର ରହିଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ଏ ନେଇ ଉଦିତନଗର ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଭାରି ପଡ଼ିଲା ୭ ନାବାଳକଙ୍କ ଷ୍ଟଣ୍ଟ ଦେଖାଇବା

## ସ୍କୁଟି ଜବତ, ମାଲିକଙ୍କୁ ଜରିମାନା

ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)

ସମ୍ବଲପୁରର ବ୍ୟସ୍ତବହୁଳ ରାସ୍ତାରେ ଏକ ସ୍କୁଟି (ଓଡି୧୫ଏସି-୩୬୭୮)ରେ ଷ୍ଟଣ୍ଟ ଦେଖାଇବା ୭ ଜଣ ନାବାଳକ ଓ ସେମାନଙ୍କ ପରିବାରକୁ ଭାରି ପଡ଼ିଛି। ରବିବାର ରାତିରେ ଉକ୍ତ ସ୍କୁଟିରେ ୭ ଜଣ ବସି ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ରାସ୍ତାରେ ଅତ୍ୟନ୍ତ ବିପଜ୍ଜନକ ଭାବେ ଷ୍ଟଣ୍ଟ ଦେଖାଉଥିଲେ। ରାସ୍ତାରେ ଯାଉଥିବା ପଥଚାରୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରିଥିଲା। ଏହାର ଭିଡିଓ ଭାଇରାଲ ହେବା ପରେ ଧନୁପାଲି ପୋଲିସ ସିସିଟିଭି ଫୁଟେଜ ଆଧାରରେ ସେମାନଙ୍କୁ ଚିହ୍ନଟ କରିଥିଲା। ଉକ୍ତ ସ୍କୁଟିକୁ ଜବତ କରିବା ସହିତ ସମ୍ପୃକ୍ତ ୭ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ସେମାନଙ୍କ ପରିବାର ଲୋକଙ୍କୁ ଡକାଇ ଚେତାବନୀ ଦେବା ସହିତ ଏମ୍‌ଭି ଆଇନରେ ଏକ ମାମଲା ରୁଜୁକରି ସ୍କୁଟି ମାଲିକଙ୍କୁ ୨୧,୫୦୦ ଟଙ୍କା ଜରିମାନା କରିଛି ପୋଲିସ।

# ଖର୍ଚ୍ଚ ହୋଇପାରୁନି ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି ଗବେଷଣା ପାଣ୍ଠି

## ସୁଧ ସହ ୧୦.୬୫କୋଟି ମାଗିଲା 'ଓଏମ୍‌ବିଏଡିସି'

ଭୁବନେଶ୍ୱର,୨୮।୭ (ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ସହିତ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ପ୍ରଣୟନ କରାଯାଇଛି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ବ୍ୟାପକ ଅର୍ଥର ବ୍ୟବସ୍ଥା କରାଯାଉଛି। ଏହାବାଦ୍ ଅନ୍ୟାନ୍ୟ ଉତ୍ସରୁ ମଧ୍ୟ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ସେମାନଙ୍କ ପାଇଁ ବିଭିନ୍ନ ଉତ୍ସରୁ ବ୍ୟବସ୍ଥା ହେଉଥିବା ଅର୍ଥର ସୁବିନିଯୋଗ ହୋଇପାରୁନାହିଁ। ଫଳରେ ସେମାନଙ୍କ ସାଂସ୍କୃତିକ ବିକାଶ ବାଧାପ୍ରାପ୍ତ ହେବା ସହିତ ଶିକ୍ଷା ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହୋଇପାରୁନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁ ଉତ୍ସରୁ ଟଙ୍କା ମଞ୍ଜୁର ହେଉଛି ତାହା ଠିକଣା ବାଟରେ ଖର୍ଚ୍ଚ ନ ହେବା ଯୋଗୁ ଏବେ ସୁଧ ଗଣିବାକୁ ସରକାର ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଖବର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କ ପତ୍ରରୁ ଜଣାଯାଇଛି।

ଓଏମ୍‌ବିଏଡିସି ସିଇଓ ରୋହିତ କୁମାର ଲେଙ୍କା ଚଳିତମାସ ୨୨ରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ବିନିଯୋଗ ହୋଇ ନ ଥିବା ଖର୍ଚ୍ଚ ସୁଧ ସମେତ ଫେରାଇବାକୁ ଦର୍ଶାଇଛନ୍ତି। ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ଜନଜାତିଙ୍କ ସଂସ୍କୃତି ଗବେଷଣା ଲାଗି ଓଏମ୍‌ବିଏଡିସି ପକ୍ଷରୁ ପ୍ରଦାନ କରାଯାଇଥିବା ଅର୍ଥ ମଧ୍ୟରୁ ବଳକା ଥିବା ୭ଲକ୍ଷ ୭୦ହଜାର ୬୩୧ ଟଙ୍କା ଓ ଏହାର ସୁଧ ସହିତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ପ୍ରଦାନ କରାଯାଇଥିବା ୧୦କୋଟି ୬୪ ଲକ୍ଷ ୭୦ହଜାର ୫୦୭ଟଙ୍କା ଫେରସ୍ତ କରାଯାଉ।

ରୋହିତ ପତ୍ରରେ ଦର୍ଶାଇଛନ୍ତି, ଆଦିବାସୀଙ୍କ ସଂସ୍କୃତିରେ ଅଧିକ ଗବେଷଣା ଓ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ଓଏମ୍‌ବିଏଡିସି ପକ୍ଷରୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଯେଉଁ ଅର୍ଥ ପ୍ରଦାନ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରି ନାହିଁ। ତେଣୁ ସଂସ୍କୃତି ଗବେଷଣା ଲାଗି ବିନିଯୋଗ ହୋଇ ନ ଥିବା ୭ଲକ୍ଷ ୭୦ହଜାର ୬୩୧ ଏବଂ ଶିକ୍ଷା ଭିତ୍ତିଭୂମି ଲାଗି ପ୍ରଦାନ କରାଯାଇଥିବା ୧୦.୬୪କୋଟି ଟଙ୍କା ସୁଧ ସହିତ ଫେରାଅ। ଚଳିତମାସ ୩୧ ତାରିଖ ସୁଦ୍ଧା ଏହାର ଅଦ୍ୟତନ ସୁଧ ସହିତ ସମସ୍ତ ଟଙ୍କା ଫେରାଇବାକୁ ସିଇଓ ରୋହିତ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବିଭାଗୀୟ ସଚିବ ଏବେ ଅଡୁଆରେ ପଡ଼ିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର ଭଳି ୮ଟି ଖଣିଜ ଜିଲାର ୭୬ଟି ବ୍ଲକ ଏବଂ ୭୬୨୬ ଗ୍ରାମର ବିକାଶ ଲାଗି ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ହୋଇଥାଏ। ଏହି ଅର୍ଥରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ପରିବେଶ ଓ ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ସୁଦୃଢ଼ ଲାଗି ଅର୍ଥ ଖର୍ଚ୍ଚ କରାଯାଇଥାଏ।



Rohita Kumar Lenka, IFS
CHIEF EXECUTIVE OFFICER

OMBADC

No.1606 /OMBADC- 26/2019 (F.Y-2024-25) Dated. 22nd July 2025

To
The Principal Secretary to Govt.,
ST & SC Development, Minorities & Backward Classes Welfare Department,
Government of Odisha.

Sub: Refund of unspent funds released under compensation funds component of OMBADC for the project "Research Activities pertaining to Tribal Culture"-regarding.

Ref: This office letter No. 1153 dtd. 29.05.2025 & No. 1155 dtd. 29.05.2025.

Sir,

In inviting reference to the letters cited above on the captioned subject, this is to bring to your kind notice that it was requested by this office to refund the unutilized amount of Rs.7,70,631.00 along with interest in respect of the project "Research Activities pertaining to Tribal Culture". The said amount is yet to be refunded to OMBADC. Further, an amount of Rs.10,64,70,507.00 was also requested for refund in respect of the project "Development of Education Infrastructure for ST & SC Students of SC & ST Dept. Schools" and the said amount has also not been refunded to OMBADC.

In view of the said fact, it is once again requested to refund the unutilized balance amount of Rs.7,70,631.00 and Rs.10,64,70,507.00 along with the accrued interest and the "up-to-date interest certificate". for the year 2023-24 and 2024-25 to OMBADC in the account as provided here under. The said amount may kindly be refunded back to OMBADC on or before 31.07.2025.

Bank Name: Union Bank of India
Branch Name: Main Branch, Ashok Nagar, Bhubaneswar
A/c No.:380802050000212
IFSC: UBIN0538086

Yours faithfully
Chief Executive Officer
OMBADC

Memo No.1607 Dt. 22.07.2025
Copy forwarded to the Director, SCST Research & Training Institute / the Director ST, Odisha Tribal Development Society/ the Nodal Officer (OMBADC Project), ST & SC Development, Minorities & Backward Classes Welfare Department, Odisha for information and necessary action.

Chief Executive Officer
OMBADC

ODISHA MINERAL BEARING AREAS DEVELOPMENT CORPORATION
(A SPV of Government of Odisha), CIN-U75100OR2014NPL018478
Regd. Off: Aranya Bhawan, 1st Floor, GD-2/12, Chandrasekharpur, Bhubaneswar-23, Odisha
E-mail : ombadc@gmail.com, Phone: (0674) 2300488, Website: www.ombadc.in

ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇଥିବା ପତ୍ରର ନକଲ।

# ଟିଟିଲାଗଡ଼ରେ ଶିଶୁ ବିକ୍ରି ଘଟଣା

# ପାଇକମାଳରୁ ଶିଶୁକନ୍ୟା ଉଦ୍ଧାର

ବଲାଙ୍ଗୀର/ଟିଟିଲାଗଡ଼,୨୮।୭ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ବାଗଡେର ଗାଁର ଶିଶୁ ବିକ୍ରି ଘଟଣା ସାମ୍ନାକୁ ଆସିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡ ଲାଇନ୍ ଏବଂ ପୋଲିସ ବିଭାଗର ମିଳିତ ଟିମ୍ ରବିବାର ବିଳମ୍ବିତ ରାତିରେ ବରଗଡ଼ ଜିଲା ପାଇକମାଳର ବସଷ୍ଟାଣ୍ଡପଡାର ଏକ ଦମ୍ପତିଙ୍କ ନିକଟରୁ ଉକ୍ତ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଜଣାଯାଇଛି। ଉଦ୍ଧାର ଶିଶୁକନ୍ୟାକୁ ପ୍ରଥମେ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ପ୍ରଡ୍ୟୁସ୍ କରିବା ପରେ ସୋମବାର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଏମସିଏଚ୍ ୱାର୍ଡରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେ ଏବେ ସୁସ୍ଥ ଥିବା ଜଣାପଡିଛି। ତେବେ ସାମାଜିକ ଗଣମାଧ୍ୟମରେ ଉକ୍ତ ଶିଶୁକନ୍ୟାକୁ ତାଙ୍କ ମାତାପିତା ପାଇକମାଳର ଏକ ଦମ୍ପତିକୁ ଟେକିଦେବା ଭିଡିଓ ଭାଇରାଲ ହେବା ପରେ ଏହା ଶିଶୁବିକ୍ରି ବୋଲି ଚର୍ଚ୍ଚା ଜୋର ଧରିଛି। ଦାରିଦ୍ର୍ୟ କଷାଘାତରୁ ବାଗଡେର ଗାଁର ଦମ୍ପତି ନୀଳ ରଣା ଓ କନକ ରଣା ତାଙ୍କ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ବରଗଡ ଜିଲା ପାଇକମାଳର ଏକ ଦମ୍ପତିଙ୍କୁ ବିକ୍ରି କରି ଦେଇଥିବା ନେଇ ରବିବାର ଜଣାପଡିଥିଲା। ପ୍ରଶାସନର ମିଳିତ ଟିମ୍ ପାଇକମାଳର ଦମ୍ପତି ସଞ୍ଜୟ ଗୁର୍ଲା ଏବଂ ସୁରଭିଙ୍କ ଠାରୁ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ।

## ପିସିସି ଗଢ଼ିଲା ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ବଲାଙ୍ଗୀର ଟିଟିଲାଗଡ଼ଠାରେ ଶିଶୁକନ୍ୟା ବିକ୍ରି ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ସୋମବାର ଏକ ତଥ୍ୟ କମିଟି ଗଠନ କରିଛନ୍ତି। ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଗଠିତ ଉକ୍ତ କମିଟିରେ ବୀରେନ୍ଦ୍ର ବାଗ, ଘାସିରାମ ମାଝୀ, ଭାରତ ଭୂଷଣ ବେମାଲ(ପୂର୍ବତନ ବିଧାୟକ), ଗଣେଶ ସାହୁ ଓ ଦ୍ରୌପଦୀ ମାଝୀ ପ୍ରମୁଖ ସଦସ୍ୟ ରହିଛନ୍ତି। ଉକ୍ତ କମିଟି ଖୁବ୍‌ଶୀଘ୍ର ଘଟଣାସ୍ଥଳକୁ ଯାଇ ତ୍ୱରିତ ରିପୋର୍ଟ ଦାଖଲ କରିବା ପାଇଁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

# ରାଷ୍ଟ୍ରୀୟ ମହିଳା କମିଶନଙ୍କୁ ଭେଟିଲା ବିଜେଡି

## ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ନିକଟରେ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ସୋମବାର ବିଜୁ ଜନତା ଦଳର ରାଜ୍ୟ ସଭା ସଦସ୍ୟାଙ୍କ ସହିତ ଦଳିତ ପ୍ରବକ୍ତା ଡ. ଲେଖାଶ୍ରୀ ସାମନ୍ତସିଂହାର ରାଷ୍ଟ୍ରୀୟ ମହିଳା କମିଶନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଲେଖାଶ୍ରୀ କହିଛନ୍ତି, ବିଧାୟକଙ୍କ ଏଭଳି ଅଶାଳୀନ ମନ୍ତବ୍ୟ ପାଇଁ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏନେଇ ଅଭିଯୋଗ କରାଯାଇଥିଲେ ହେଁ ରାଜ୍ୟ ସରକାର ଓ ପୋଲିସ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ପ୍ରତିନିଧି ଦଳ ପକ୍ଷରୁ କମିଶନଙ୍କ ନିକଟରେ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଏମ୍‌ପି ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମାନସ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି ପ୍ରମୁଖ ସାମିଲ ଥିଲେ।



ରାଷ୍ଟ୍ରୀୟ ମହିଳା କମିଶନଙ୍କୁ ଦେଇଥିବା ଦାବିପତ୍ର ପ୍ରଦର୍ଶନ କରୁଛନ୍ତି ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ। ନିକଟରେ ଅଛନ୍ତି ଦଳର ଅନ୍ୟ ଏମ୍‌ପି ଓ ମୁଖପାତ୍ର।

# ମହିଳା ବଳାତ୍କାର ନେଇ କଂଗ୍ରେସ, ବିଜେଡି ନୀରବ କାହିଁକି : ଭାଜପା

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ମହିଳା ବଳାତ୍କାର ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ମୁଖିଆମାନେ ଚୁପ୍ କାହିଁକି ବୋଲି ଭାଜପା ପ୍ରଶ୍ନ କରିଛି। ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ୍ କହିଛନ୍ତି, ମହିଳା ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ଶକ୍ତ, ତ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଜନସାଧାରଣ ଓ ମହିଳାମାନେ ନିର୍ଭୟରେ ଅଭିଯୋଗ କରିପାରୁଛନ୍ତି ଏବଂ ଅପରାଧୀ ଦଣ୍ଡିତ ମଧ୍ୟ ହେଉଛନ୍ତି। ଅନ୍ୟପଟେ ଅପରାଧୀମାନେ ଆତଙ୍କିତ ଓ ଭୟଭୀତ ହୋଇପଡ଼ିଛନ୍ତି। ବିଜେଡି ଶାସନ କାଳରେ ପୀଡ଼ିତାମାନେ ଅଭିଯୋଗ କରିବାକୁ ଭୟ କରୁଥିଲେ। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କ ଆଗ୍ରହ ନ ଥିଲା କି ସମୟ ମଧ୍ୟ ନ ଥିଲା। ସେହି କାରଣରୁ ଅନେକ ପୀଡ଼ିତା ଜୀବନ ହରାଇଥିଲେ। ରାଜ୍ୟର ମା' ଓ ଭଉଣୀମାନଙ୍କୁ ନ୍ୟାୟ ଏବଂ ସମ୍ମାନ ଦେବା ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ।

ଏଥିସହ ସେ କହିଛନ୍ତି, ଗତ କିଛିଦିନ ଧରି ଉଭୟ କଂଗ୍ରେସ ଏବଂ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ, ଧାରଣା, ବିକ୍ଷୋଭ, କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପଦାନ, ଲୋକସେବା ଭବନ ଘେରାଉ, ଓଡ଼ିଶା ବନ୍ଦ କରିବାର ରାଜନୈତିକ ସୁଆଙ୍ଗ କରୁଥିବା ରାଜ୍ୟବାସୀ ଦେଖିଛନ୍ତି। ଓଡ଼ିଶା ବନ୍ଦ କାରଣରୁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ହୋଇଛି। ଏହା ପ୍ରକୃତରେ ମହିଳା ସୁରକ୍ଷା ପ୍ରସଙ୍ଗ ପାଇଁ ନ ଥିଲା, ବରଂ ନିଜ ରାଜନୈତିକ ସ୍ୱାର୍ଥ, ଅସ୍ତିତ୍ୱର ରକ୍ଷା ଏବଂ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଉଭୟ କଂଗ୍ରେସ ଓ ବିଜେଡି ନେତାମାନେ ଏହା କରୁଥିଲେ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ ଏବଂ ଉପସଭାନେତ୍ରୀ ମନୀଷା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସଭାନେତ୍ରୀ ସୁକେଶୀ ଓରାମ୍(ମଝି) ଓ ଦଳୀୟ ମହିଳା ନେତୃବୃନ୍ଦ।

# ମିଥ୍ୟା ଧାନଚାଷକୁ ନେଇ ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ଚାଷୀମାନେ ମିଥ୍ୟା ତଥ୍ୟ ଦେଇ କିଭଳି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେଉଛନ୍ତି ତା'ର ଅସଲ ଗୁମର ଫିଟିଛି। ଉପଗ୍ରହ ଜରିଆରେ ମିଳିଥିବା ତଥ୍ୟକୁ ଆଧାର କରି ଲକ୍ଷାଧିକ ଚାଷୀଙ୍କୁ କୈଫିୟତ ଲୋଡ଼ାଯାଇଛି। ୭ଦିନ ମଧ୍ୟରେ ଉତ୍ତର ରଖିବାକୁ ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ କୁହାଯାଇଛି। ଯଦି ଚାଷୀମାନେ ସେମାନଙ୍କ ଜବାବ ସାତଦିନ ମଧ୍ୟରେ ନ ଦିଅନ୍ତି ତେବେ ବର୍ଷକ ପାଇଁ ତାଙ୍କ ଧାନ ଉଠାଯିବ ନାହିଁ। ଏହି ମର୍ମରେ ଲକ୍ଷାଧିକ ଚାଷୀଙ୍କୁ ସୋମବାର ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସମବାୟ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସବୁ ସମବାୟ ସମିତି ଉପ ନିବନ୍ଧକମାନଙ୍କୁ ଅତିରିକ୍ତ ନିବନ୍ଧକ ଚିଠିଲେଖି ଏହି ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦର୍ଶାଇଛନ୍ତି। ସେ ଖାଦ୍ୟଯୋଗାଣ ବିଭାଗର ଚିଠିକୁ ଆଧାର କରି କହିଛନ୍ତି, ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ୧ଲକ୍ଷ ୮୧ହଜାର ୬୮୪ ପ୍ଲଟ୍‌ରେ ଅଣଧାନ ଚାଷ ଜମି ଭାବେ ପଞ୍ଜୀକୃତ ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ସମ୍ପୃକ୍ତ ଚାଷୀମାନେ ପଞ୍ଜୀକରଣ ସମୟରେ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ପଞ୍ଜୀକରଣ ସମୟରେ ଦିଆଯାଇଥିବା ଘୋଷଣା ଅନୁସାରେ, ମିଥ୍ୟା ତଥ୍ୟ ପ୍ରଦାନ ଆଇନଗତ ଭାବେ ଦଣ୍ଡନୀୟ ଅପରାଧ। ଏହି ପରିପ୍ରେକ୍ଷୀରେ ବିଭାଗ ସମସ୍ତ ସମ୍ପୃକ୍ତ ମିଥ୍ୟା ତଥ୍ୟ ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରିକରିଛି। ଏହି ନୋଟିସରେ ଚାଷୀମାନଙ୍କୁ ନୋଟିସ ପାଇବାର ୭ ଦିନ ମଧ୍ୟରେ ଓଡ଼ିଶା ରାଜ୍ୟ ସମବାୟ ସମିତି (ଓଆରସିଏସ) ନିକଟରେ ମିଥ୍ୟା ତଥ୍ୟ ପ୍ରଦାନ ସମ୍ପର୍କରେ ସ୍ପଷ୍ଟୀକରଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛ। ଯଦି ଚାଷୀମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ପଷ୍ଟୀକରଣ ଦାଖଲ ନ କରନ୍ତି, ତେବେ ସେମାନଙ୍କ ପଞ୍ଜୀକରଣ ଜମିକୁ ଏକ ବର୍ଷ ପାଇଁ ଧାନ କ୍ରୟ ପ୍ରକ୍ରିୟାରୁ ବାରଣ କରାଯିବ। ଜୁନ୍ ୯ ତାରିଖରେ ସମବାୟ ବିଭାଗର ଅନୁସଚିବ ପତିତପାବନ ନାଥ ଶର୍ମା ଖାଦ୍ୟ ଯୋଗାଣ ବିଭାଗର ଚିଠି ସଂଲଗ୍ନ କରି ଏହି ବିଷୟରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଅନୁରୋଧ କରିଛନ୍ତି, ନିବନ୍ଧକ ଏହି ମାମଲାକୁ ଗମ୍ଭୀରତାର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ ଏହାର ସୂଚନା ସମବାୟ ବିଭାଗକୁ ତୁରନ୍ତ ପ୍ରଦାନ କରିବାକୁ ପତ୍ରରେ କୁହାଯାଇଛି।

# ୪୮ବର୍ଗ ଅନୁଦାନପ୍ରାପ୍ତ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

୪୮ବର୍ଗ ଅନୁଦାନପ୍ରାପ୍ତ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଡ. ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସଙ୍ଗଠନର ଏକ ରାଜ୍ୟସ୍ତରୀୟ ଚିନ୍ତନ ବୈଠକ ସୋମବାର ଜାଗମରାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନରୁ ଶିକ୍ଷକ-ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ ଓ ପଦୋନ୍ନତି ସହିତ ଚାକିରି ସର୍ତ୍ତାବଳୀ ଭଳି ଦାବି ପୂରଣ ଦିଗରେ ସରକାରଙ୍କ ନିରବତାକୁ ନେଇ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଥିଲା। ୨୦୧୬ ମସିହାରୁ ରାଜ୍ୟ ପ୍ରବରଣ ପରିଷଦ ହଠାତ୍ କାର୍ଯ୍ୟକ୍ଷମ ହୋଇ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମାତ୍ର ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଉଥିବା ଶିକ୍ଷକ କର୍ମଚାରୀମାନେ ୨୦୦୯ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହୋଇଥିଲେ ବି ସେମାନଙ୍କୁ ଅଣଦେଖା କରାଯାଉଛି। ତେଣୁ ସରକାର ୪୮ବର୍ଗର ପ୍ରକାଶିତ ସମସ୍ୟାର ସମାଧାନ ଅଗଷ୍ଟ ୧୬ ଦାବି ଦିବସ ପୂର୍ବରୁ ପୂରଣ ନ କଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ବୈଠକରେ ଡ. ଅଟଳ ବିହାରୀ ବଳ, ପ୍ରିୟରଞ୍ଜନ ରଥ, ଦିଲୀପ ବେହେରା, ଅମିୟବାଳା ପରିଡ଼ା, ବନମାଳି ବାରିକ, ସ୍ନେହାଂଶୁ ଶେଖର ମହାନ୍ତି, ଅବନୀ ରାୟଙ୍କ ସମେତ ସବୁ ଜିଲା ପ୍ରତିନିଧି ଉପସ୍ଥିତ ଥିଲେ।

# ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ବାଘ ଦୁନିଆର ସବୁଠାରୁ ପରିଚିତ ପ୍ରାଣୀ। ଏମାନଙ୍କ ସଂରକ୍ଷଣ ଜୈବ ବିବିଧତା ତଥା ପରିବେଶର ସନ୍ତୁଳନ ବଜାୟ ରଖିବାରେ ସହାୟକ ହୋଇଥାଏ। ତେଣୁ ବାଘ ବଂଶବୃଦ୍ଧି ସହ ଏମାନଙ୍କ ସଂରକ୍ଷଣ ନିତାନ୍ତ ଆବଶ୍ୟକ। ଏନେଇ ଲୋକଙ୍କ ମନରେ ସଚେତନତା ତଥା ଜାଗ୍ରତ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୯କୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ରହିଛି 'ବାଘମାନଙ୍କ ପାଇଁ ଗର୍ଜନ'। ଦେଶ ତଥା ବିଶ୍ୱରେ ଦିନକୁ ଦିନ ବାଘଙ୍କ ସଂଖ୍ୟା କମିବାରେ ଲାଗିଛି। ଅବୈଧ ଶିକାର ଏହାର ଏକ ପ୍ରମୁଖ କାରଣ ସାଜିଥିବାବେଳେ ଆଧୁନିକତା ନାମରେ ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କେତେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଓଡ଼ିଶାର ଶିମିଳିପାଳରେ ପୂର୍ବାପେକ୍ଷା ବାଘ ସଂଖ୍ୟା ବଢ଼ିଥିବାରୁ ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୨୦୩୬ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦କୁ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହା ଭାରତର ବ୍ୟାଘ୍ର ସଂରକ୍ଷଣ ରୋଡ୍‌ମ୍ୟାପ୍‌ରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ବନ ବିଭାଗର ଆଶା ଉଜ୍ଜୀବିତ ହୋଇଛି।

ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା କହିଛନ୍ତି, ଶିମିଳିପାଳରେ ବାଘଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଛି। ମହାରାଷ୍ଟ୍ରରୁ ଆସିଥିବା 'ଜିନତ୍' ଓ 'ଯମୁନା' ମଧ୍ୟ ସୁସ୍ଥ ଅଛନ୍ତି। ସେହିପରି ବାଘଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ପାଇଁ ନୂତନ ସ୍ଥାନ ଲାଗି ଡେବ୍ରିଗଡଠାରେ ଟାଇଗର ରିଜର୍ଭ କରିବା ନେଇ ଯୋଜନା କରାଯାଉଛି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। କମିଟିରେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଡ. ଅନୁପ କୁମାର ନାୟକ ଅଧ୍ୟକ୍ଷ ରହିଛନ୍ତି। ସେହିପରି ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଣ୍ଡିଆ ଡେରାଡୁନ୍‌ର ସଦସ୍ୟ ଡ. ବିଭାସ ପାଣ୍ଡବ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଅତିଥି ଅଧ୍ୟାପକ ଡ. ହେମା କୁମାର ନାୟକ ସଦସ୍ୟ ରହିଛନ୍ତି। ଏହି କମିଟି ଟାଇଗର ରିଜର୍ଭ ପାଇଁ ବଫର ଜୋନ୍‌ଗୁଡିକର ସୀମା ନିର୍ଣ୍ଣୟ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ନିରୀକ୍ଷଣ କରିବେ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।



## ମହାବଳ ବାଘ: ୨୦୩୦ ସୁଦ୍ଧା ୧୦୦ ଟପିବ

ବାରିପଦା,୨୮।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାବଳ ବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥାନ ଭାବେ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ)ପକ୍ଷରୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ଏଠାରେ ମହାବଳ ବାଘ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ୨୦୩୦ ସୁଦ୍ଧା ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୧୦୦ ଟପିବ ବୋଲି ଆଶା କରାଯାଇଛି। ବର୍ତ୍ତମାନ ଶିମିଳିପାଳରେ ମହାବଳ ବାଘ ୪୦ ଥିବାବେଳେ ଦୁଇ ଅତିଥି ଯମୁନା ଓ ଜିନତକୁ ମିଶାଇ ଏମାନଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି। ଏଥିମଧ୍ୟରେ ୩୪ଟି ମହାବଳ ଓ ୮ଟି ଶାବକ ରହିଛନ୍ତି। ବାଘ ଗଣନା ପରିସଂଖ୍ୟାନ ଅନୁଯାୟୀ, ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟରେ ରଖି ୨୦୨୬ ଗଣନାରେ ଏହା ୬୦ ପାର୍ ହେବା ଆଶା ରହିଛି। ଶିକାରୀଙ୍କ କବଳରୁ ରକ୍ଷା କରିବା ଏବଂ ମହାବଳର ଗତିବିଧି ଉପରେ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ଟ୍ରାପ୍ ଓ ଏଆଇ କ୍ୟାମେରା ଖଞ୍ଜାଯାଇଛି। ବନ କର୍ମଚାରୀଙ୍କ ସହ ଡାକ୍ତରୀଟିମ୍ ପାଟ୍ରୋଲିଂରେ ଯାଇ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରୁଛନ୍ତି। ଏପରି ସ୍ଥଳେ ମହାରାଷ୍ଟ୍ର ତଡବା ଅନ୍ଧାରୀ ଜଙ୍ଗଲରୁ ଅଣାଯାଇଥିବା ମହାବଳ ବାଘୁଣୀ ଜିନତ ସେପ୍ଟେମ୍ବର ଶେଷ ସୁଦ୍ଧା ମା' ହେବାକୁ ଯାଉଛି। କଳାବାଘ ଜେନେଟିକ୍‌ରେ ପରିବର୍ତ୍ତନ ଆଣିବା ଯୋଜନା ସଫଳ ହେଲେ ଆଗାମୀ ଦିନରେ ଶିମିଳିପାଳକୁ ମହାବଳ ବାଘୁଣୀ ଆଣିବାର ଯୋଜନା ଜାରି ରହିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଏନେଇ ପୂର୍ବତନ ବନ୍ୟପାଣୀ ତତ୍ତ୍ୱାବଧାରକ ତଥା ଓଡ଼ିଶା ରାଜ୍ୟ ବନ ଉନ୍ନୟନ ୨ନଂ. ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ବାଘ ପାଇଁ ନିର୍ଭୟ ନିଶ୍ଚଳ ବାସସ୍ଥଳୀ, ସହଜ ଖାଦ୍ୟ ସଂଗ୍ରହ, ଶିକାରୀମୁକ୍ତ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ବାଘ ସଂଖ୍ୟା ବୃଦ୍ଧିରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିବ ବୋଲି ମତ ରଖିଛନ୍ତି।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶ

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଆତ୍ମାହୁତି ସମୟରେ ରକ୍ଷା କରିବାକୁ ଯାଇ ଆହତ ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ସୋମବାର ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଜ୍ୟୋତିଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ନ ସମୟରେ ଡିସ୍‌ଚାର୍ଜ କରାଯାଇଛି। ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ସୂଚନାନୁଯାୟୀ, ଜ୍ୟୋତିପ୍ରକାଶ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି। ଏହାସହ ଆସନ୍ତା ୧୫ଦିନ ପରେ ସେ ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଥିବା ନାୟକ କହିଛନ୍ତି। ଅନ୍ୟପଟେ ଜ୍ୟୋତି ଏସ୍‌ସିବିରୁ ଡିସ୍‌ଚାର୍ଜ ହେବା ପରେ କହିଛନ୍ତି, ବାଲେଶ୍ୱର ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି, କିନ୍ତୁ ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି।



ଜ୍ୟୋତିପ୍ରକାଶ ବିଶ୍ୱାଳ

ସୂଚନାଥାଉକି, ଜୁଲାଇ ୧୨ ତାରିଖରେ ଏଫ୍‌ଏମ୍ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ବେଳେ ଉଦ୍ଧାର କରିବାକୁ ଯାଇ ଜ୍ୟୋତି ଗୁରୁତର ଆହତ ହୋଇଥିଲେ। ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା। ଜ୍ୟୋତିଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ବର୍ନ ଆଇସିୟୁରେ ଜ୍ୟୋତିଙ୍କ ଚିକିତ୍ସା ଚାଲିଥିବାବେଳେ ଡା. ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ।



ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ମହିଳା ୟୁରୋ-୨୦୨୫ ଫୁଟବଲ ଫାଇନାଲରେ ସ୍ପେନ୍‌କୁ ଶୁଟ୍‌ଆଉଟରେ ହରାଇ ଟାଇଟଲ ବିଜୟୀ ଇଂଲଣ୍ଡ ଦଳ।

# ପୋଲିସ ଭଲିବଲ, ବାସ୍କେଟବଲ ଉଦ୍‌ଯାପିତ

## ଓଏସଏପି ଷଷ୍ଠ ବାଟାଲିୟନ, କମିଶନରେଟ୍ ପୋଲିସ- ବି ଟିମ୍ ଚାମ୍ପିୟନ୍

**କଟକ,୨୮।୭(କାର୍ତ୍ତିକ ସାହୁ)**

ଓ.ଏସ.ଏ.ପି ଷଷ୍ଠ ବାଟାଲିୟନ ପରିସରରେ ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଚାମ୍ପିୟନଶିପରେ ବିଭିନ୍ନ ପୋଲିସ ଜିଲା ଓ ବାଟାଲିୟନ୍ ଏବଂ ୟୁନିଟ୍‌ର ୨୫ଟି ପୋଲିସ ଭଲିବଲ ଟିମ୍ ଓ ୪ଟି ବାସ୍କେଟବଲ ଟିମରେ ମୋଟ ୪୨୯ ଖେଳାଳି ଅଂଶଗ୍ରହଣ କରିଥିଲେ। ଭଲିବଲ ପ୍ରତିଯୋଗିତାରେ କମିଶନରେଟ୍ ପୋଲିସ- ବି ଟିମ୍ ଚାମ୍ପିୟନ, ବାଲେଶ୍ୱର ଟିମ ରନର୍ସଅପ ହୋଇଛି। ମୟୂରଭଞ୍ଜ ଟିମ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଆଇଆର ବାଟାଲିୟନ ୪ର୍ଥ ସ୍ଥାନରେ ରହିଛି। ଦେବଗଡ଼କୁ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ ପୁରସ୍କୃତ କରାଯାଇଛି। ବାଲେଶ୍ୱର ଜିଲାର ରାଜେଶ କୁମାର ସାହୁ ଶ୍ରେଷ୍ଠ ଆଟାକର୍, ଓଆଇଏସଏଫ, ଭୁବନେଶ୍ୱର ଦଳର ମହେଶ୍ୱର ଗୋଛାୟତ ଶ୍ରେଷ୍ଠ ସେଟର୍ ଏବଂ ମୟୂରଭଞ୍ଜ ଦଳର ଅଞ୍ଜନ ବେହେରାଙ୍କୁ ଶ୍ରେଷ୍ଠ ଲିବେରୋ ଓ କମିଶନରେଟ୍ ପୋଲିସ ବି-ଟିମର ଅଜିତ କୁମାର ମୁଦୁଲି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

ସେହିପରି ବାସ୍କେଟବଲ ପ୍ରତିଯୋଗିତାରେ ଓଏସଏପି ଷଷ୍ଠ ବାଟାଲିୟନ ଚାମ୍ପିୟନ ଏବଂ କମିଶନରେଟ୍ ପୋଲିସ ଏ-ଟିମ ରନରଅପ ହୋଇଛି। ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁର ହାର୍ଡ ଲାଇନ ଟିମ, ରାଉରକେଲା ପୋଲିସ ଟିମ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ ପୁରସ୍କୃତ ହୋଇଛି। ବେଷ୍ଟ ସ୍କୋରର ଭାବେ କଟକ ଓଏସଏପି ଷଷ୍ଠ ବାଟାଲିୟନର କାର୍ତ୍ତିକ ବେହେରା, ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନର ଅଭିଷେକ ପଶୁପାଳକ ଏବଂ ଓଏସଏପି ଷଷ୍ଠ ବାଟାଲିୟନର ସଂଜୀବ ବେହୁରା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ପରେଡରେ ଅଭିବାଦନ ଗ୍ରହଣ କରି ସହ ଶ୍ରେଷ୍ଠ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମିଶ୍ର ଖେଳାଳିମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡ଼ିଶା ପୋଲିସର ସୁନାମ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ଙ୍କ ନିରନ୍ତର ସଫଳତା ଗୌରବାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିବା ସହ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ାରେ କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନ ଅନ୍ୟ ଖେଳାଳୀଙ୍କୁ ପ୍ରେରଣା ଯୋଗାଇଛି ବୋଲି ମୁଖ୍ୟ ଅତିଥି କ୍ରାଇମବ୍ରାଞ୍ଚ ଡିଜିପି ମିଶ୍ର କହିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଆଇଜିପି ଗଜଭିୟେ ସତୀଶ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା ଡିଆଇଜିପି (କ୍ରାଇମ ବ୍ରାଞ୍ଚ) ବାତୁଲା ଗଙ୍ଗାଧରଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ଷଷ୍ଠ ବାଟାଲିୟନର କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସ୍ୱାଇଁ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।


ଭଲିବଲ ଚାମ୍ପିୟନ କମିଶନରେଟ୍ ପୋଲିସ- ବି ଦଳର ସଦସ୍ୟମାନେ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

# ଏଫ୍‌ଆଇଆର୍ ଖାରଜ କଲେ ସୁପ୍ରିମକୋର୍ଟ

## ଲକ୍ଷ୍ୟ ସେନ୍‌ଙ୍କ ଜନ୍ମ ପ୍ରମାଣପତ୍ର ଜାଲିଆତି ମାମଲା

**ନୂଆଦିଲ୍ଲୀ, ୨୮।୭ (ପି.ଟି.)**

ଜନ୍ମ ପ୍ରମାଣପତ୍ର ଜାଲିଆତି ନେଇ ଦେଶର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କ ବିରୋଧରେ କରାଯାଇଥିବା ଏକ ଏଫ୍‌ଆଇଆରକୁ ଖାରଜ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ସୁଧାଂଶୁ ଧୂଲିଆ ଓ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ କହିଛନ୍ତି, ସେନ୍‌ଙ୍କ ବିରୋଧରେ ଫୌଜଦାରି କାର୍ଯ୍ୟାନୁଷ୍ଠାନ ଜାରି ରଖିବା କୋର୍ଟ ପ୍ରକ୍ରିୟାର ଅପବ୍ୟବହାର। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ସେନ୍‌ଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗଗୁଡ଼ିକର ପରୀକ୍ଷା ନିରୀକ୍ଷା ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଛି। ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ଏହାସତ୍ତ୍ୱେ ସେନ୍‌ଙ୍କ ବିରୋଧରେ ଏହି ମାମଲାକୁ ପୁନର୍ଜୀବିତ କରିବା ଲାଗି ହୋଇଥିବା ପ୍ରୟାସ ଗ୍ରହଣଯୋଗ୍ୟ ନୁହେଁ। ସେନ୍ ଭାରତ ତରଫରୁ ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଦେଶପାଇଁ ଅନେକ ଗୌରବ ଆଣିଦେଇଛନ୍ତି। ତନ୍ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ବିଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲ ଇଭେଣ୍ଟଗୁଡ଼ିକରେ ପଦକମାନ ରହିଛି। ତେଣୁ ପ୍ରମାଣ ନ ଥାଇ ଜଣେ ପ୍ରତିଷ୍ଠିତ ଖେଳାଳିଙ୍କ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ଆଣିବା ଉଚିତ ହୋଇନାହିଁ।

# ୫ମ ଟେଷ୍ଟ ପାଇଁ ଇଂଲଣ୍ଡ ଦଳରେ ଓଭରଟନ୍

**ଲଣ୍ଡନ, ୨୮।୭ (ପି.ଟି.):** ଓଭାଲଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ପାଇଁ ୧୫ ଜଣିଆ ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏଥିରେ ଅଲରାଉଣ୍ଡର ଜେମି ଓଭରଟନ ସ୍ଥାନ ପାଇଛନ୍ତି। ସେ ତାଙ୍କ କ୍ୟାରିୟରର ଏକମାତ୍ର ଟେଷ୍ଟ ମ୍ୟାଚ ୨୦୨୨ରେ ଖେଳିଥିଲେ। ୩୧ ବର୍ଷୀୟ ସରେ ଅଲରାଉଣ୍ଡର ଗତ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ୩ଟି ଗେମ୍ ଖେଳିଥିଲେ। ୨୦୨୨ରେ ଲିଡ୍ସଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ସେ ୯୭ ରନ ସ୍କୋର କରିବା ସହ ୨ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଦଳରେ ଓଭରଟନଙ୍କୁ ସାମିଲ କରାଯିବା ସହ ଗତ ଗେମ୍ ପାଇଁ ଦଳରେ ସ୍ଥାନ ପାଇଥିବା ୧୪ଜଣ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। **ଇଂଲଣ୍ଡ ଟେଷ୍ଟ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ଜାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରାଇଡନ କାର୍ସି, ଜ୍ୟାକ୍ କ୍ରଲି, ଲିଆମ ଡସନ, ବେନ୍ ଡକେଟ, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ ଟଙ୍ଗ, କ୍ରିସ୍ ଓକ୍ସ।

# ପାକିସ୍ତାନ ସହ ଭାରତ ଖେଳିବା ଉଚିତ ନୁହେଁ

**ନୂଆଦିଲ୍ଲୀ,୨୮।୭**

ପଡ଼ୋଶୀ ଦେଶ ସହ ଚାଲିଥିବା ବିବାଦ ମଧ୍ୟରେ ପାକିସ୍ତାନ ସହ କ୍ରିକେଟ ଖେଳିବାଠାରୁ ଭାରତ ଦୂରେଇ ରହିବା ଉଚିତ ବୋଲି ଶିବ ସେନା (ୟୁବିଟି) ଏମ୍‌ପି ଅରବିନ୍ଦ ସାୱନ୍ତ ସୋମବାର ଲୋକସଭାରେ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ୟୁଏଇରେ ହେବାକୁ ଯାଉଥିବା ଏସିଆ କପ୍ ଲାଗି ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେଶନ ସିନ୍ଦୂର ସମ୍ପର୍କୀତ ସ୍ୱତନ୍ତ୍ର ବିତର୍କରେ ଭାଗ ନେଇ ସାୱନ୍ତ କହିଥିଲେ ଯେ, ଯଦି ଭାରତ ଏକ ସୁବିଧା ଜନକ ସ୍ଥିତିରେ ଥିଲା, ତେବେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)କୁ ଅକ୍ତିଆର କରିବାକୁ ଦେଶକୁ କ'ଣ ରୋକିଲା। ୧୯୭୧ ଯୁଦ୍ଧ ଭଳି ପାକିସ୍ତାନକୁ ଏକ ଶିକ୍ଷା ଦେବାକୁ ଭାରତ ପାଖରେ ସୁବର୍ଣ୍ଣ ସୁଯୋଗ ଥିଲା। ଦେଶକୁ ଅନେକ ଥର କ୍ଷତାକ୍ତ କରିଥିବା ପାକିସ୍ତାନ ସହ ଭାରତ କ୍ରିକେଟ ଖେଳିବା ଉଚିତ ହେବ ନାହିଁ। ଏତଦ୍ ବ୍ୟତୀତ ସେ ଦୁଃଖ ପ୍ରକାଶ କରି କହିଥିଲେ, ଅପରେଶନ ସିନ୍ଦୂର ଚାଲିଥିବା ବେଳେ କୌଣସି ଦେଶ ଭାରତ ସହିତ ଛିଡ଼ା ହୋଇନଥିଲେ। କିନ୍ତୁ ଚାଇନା ଓ ତୁର୍କୀ, ପାକିସ୍ତାନ ସମର୍ଥନରେ ବାହାରିଥିଲେ। ଭାରତ ପକ୍ଷରୁ ବିରୋଧ ସତ୍ତ୍ୱେ ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡ (ଆଇଏମ୍‌ଏଫ୍) କରଜରେ ବୁଡ଼ି ରହିଥିବା ପାକିସ୍ତାନ ଲାଗି ଋଣକୁ ମଞ୍ଜୁରୀ ଦେଇଥିଲା।

# ଜାତୀୟ ଭାରୋତ୍ତୋଳନ କ୍ୟାମ୍ପରେ ଓଡ଼ିଶାର ୭

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ):** ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଜାତୀୟ କ୍ୟାମ୍ପଲାଗି ଓଡ଼ିଶାର ୭ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ପ୍ରୀତିସ୍ମିତା ଭୋଇ (୪୪ କେଜି ୟୁଥ୍), ଟିକି ମୋହିନୀ (୬୩ କେଜି ୟୁଥ୍), ବିଦୁସ୍ମିତା ଭୋଇ (୬୩ କେଜି ଜୁନିୟର), ମୀନା ସାନ୍ତା (୫୮ କେଜି ଜୁନିୟର), ରିମା ଭୋଇ (୫୮ କେଜି ସିନିୟର), ସ୍ନେହା ସୋରେନ (୫୩ କେଜି ସିନିୟର) ଓ ହୃଦାନନ୍ଦ ଦାସ (୮୮ କେଜି ଜୁନିୟର)।

# ବ୍ୟାଡ୍‌ମିଣ୍ଟନ ଖେଳୁଥିବା ବେଳେ ଗଲା ଜୀବନ

**ହାଇଦ୍ରାବାଦ,୨୮।୭**

ବ୍ୟାଡ୍‌ମିଣ୍ଟନ ଖେଳିବା ବେଳେ ହୃଦ୍‌ଘାତରେ ଜଣେ ୨୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ହାଇଦ୍ରାବାଦର ନାଗୋଲ ଷ୍ଟାଡିୟମରେ ଏହି ଘଟଣା ଘଟିଛି। ମୃତକଙ୍କ ନାମ ଗୁଣ୍ଡଲା ରାକେଶ। ସେ ହାଇଦ୍ରାବାଦ୍‌ରେ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଭାଇରାଲ ହୋଇଥିବା ଘଟଣାର ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି ଯେ, ରାକେଶ ରବିବାର ରାତି ୮ଟାରେ ନାଗୋଲ ଷ୍ଟାଡିୟମରେ ଏକ ଡବଲ୍ସ ମ୍ୟାଚ୍ ଖେଳୁଥିବା ବେଳେ ହଠାତ୍ କୋର୍ଟରେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ସିପିଆର୍ (କାର୍ଡିଓପୁଲମୋନାରୀ ରେସୁସ୍କିଟେଶନ) ଦିଆଯାଇଥିଲା। ପରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

**DEPUTY DIRECTOR**
**NANDANKANAN ZOOLOGICAL PARK**
P.O-BARANG, DIST-KHURDA, PIN-754005
PHONE/FAX No-0674-2466075, (M) 9437022023
Email: deputydirector.kanan@gmail.com, Web: www.nandankanan.org

NANDANKANAN CONSERVE | EDUCATE | INSPIRE

EOI-Cum RFP No.03/PMU/NKZP/116/2025, Dt.25.07.2025

**NOTICE INVITING TENDER**
**RE-TENDER FOR COMPREHENSIVE SAFETY AUDIT OF ROPEWAY AT NANDANKANAN ZOOLOGICAL PARK**

No.MM-141: Tenders are invited from reputed and experienced Agencies (Government Undertakings agencies or PSUs of Central/State) or Govt. Institution for "Request for Proposal (RFP) to conduct comprehensive safety audit of Passenger Ropeway at Nandankanan Zoological Park, Bhubaneswar" as per the scope of work detailed in the Request for Proposal (RFP) document.

| | |
|---|---|
| Department Name | Nandankanan Zoological Park, Bhubaneswar |
| Name of Work | Request for Proposal (RFP) to conduct Safety audit of Passenger Ropeway at Nandankanan Zoological Park, Bhubaneswar |
| Date of availability of bid documents in the portal | From 25.7.2025 to 02.08.2025 |
| Date of downloading of Tender documents | From 25.07.2025 to 02.08.2025 Upto 3.00 PM through website: (https://www.nandankanan.org) |
| Portal for downloading tender documents | https://www.nandankanan.org |
| Last date of bid submission (Offline) | On 02.08.2025 upto 5.00 PM |
| Date & Time of opening of technical bid | Date: 04.08.2025 at 11.30 AM |
| Date & Time of Opening of Financial Bid | Will be decided later |

OIPR-08070/11/0098/2526
Sd./- Deputy Director, Nandankanan Zoological Park

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ-ବରଗଡ଼**

ପତ୍ରସଂଖ୍ୟା:763
ତାରିଖ:25.07.25

No.g-74: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଶିଶୁ କଲ୍ୟାଣ ସମିତି, ବରଗଡ଼ଙ୍କ ନିର୍ଦ୍ଦେଶନାମା ବଳରେ ବରଗଡ଼ ଜିଲ୍ଲାର ଗୋଟିଏ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଛି । ଉକ୍ତ ଶିଶୁମାନଙ୍କର କେହି ପିତାମାତା କିମ୍ବା କୌଣସି ଦାବିଦାର ଥିଲେ ବିଜ୍ଞାପନ ପ୍ରକାଶନର ତିରିଶ ଦିନ (୩୦) ମଧ୍ୟରେ ସମସ୍ତ ଦସ୍ତାବିଜ୍ ସହ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବରଗଡ଼ କିମ୍ବା ଶିଶୁ କଲ୍ୟାଣ ସମିତି, ବରଗଡ଼ଙ୍କ ସହିତ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ । ଉପରୋକ୍ତ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮ (୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ-୨୦୨୨ ନିୟମ-୬(୭) ଓ ୩୮ (୧୦) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼-୭୯୭୮୧୩୨୯୨, ଶିଶୁ କଲ୍ୟାଣ ସମିତି-୯୪୩୮୫୨୯୧୫୪ ।

| କ୍ରମିକ ସଂଖ୍ୟା | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ରଙ୍ଗ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|---|
| ୧ | ମୁସ୍‌କାନ କୁମାର | ୧୫.୧୧.୨୦୧୫ | ସ୍ତ୍ରୀ | ଧବଳ | ଗ୍ରାମ:ସର୍‌ୟାଁ, ପୋଷ୍ଟ:ଦେଓଗାଁ, ଥାନା:ବରଗଡ଼, ସଦର, ଜିଲ୍ଲା:ବରଗଡ଼, ଓଡ଼ିଶା |  |
| ୨ | ପୁନମ କୁମାର | ୦୩.୦୬.୨୦୧୧ | ସ୍ତ୍ରୀ | ଧୂସର | ଗ୍ରାମ:ସର୍‌ୟାଁ, ପୋଷ୍ଟ:ଦେଓଗାଁ, ଥାନା:ବରଗଡ଼, ସଦର, ଜିଲ୍ଲା:ବରଗଡ଼, ଓଡ଼ିଶା |  |
| ୩ | ବିୟୁଟି କୁମାର | ୩୦.୧୦.୨୦୧୩ | ସ୍ତ୍ରୀ | ଧୂସର | ଗ୍ରାମ:ସର୍‌ୟାଁ, ପୋଷ୍ଟ:ଦେଓଗାଁ, ଥାନା:ବରଗଡ଼, ସଦର, ଜିଲ୍ଲା:ବରଗଡ଼, ଓଡ଼ିଶା |  |

ଏହାର ଏକକିତା ନକଲ ଅଧକ୍ଷ, ଶିଶୁ କଲ୍ୟାଣ ସମିତି, ବରଗଡ଼ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା

OIPR-33059/11/0009/2526
ସ୍ୱା./-ଜିଲ୍ଲାପାଳ, ବରଗଡ଼

**GOVERNMENT OF ODISHA** No.A-438
**OFFICE OF THE ADDITIONAL CHIEF ENGINEER**
**SALAPADA IRRIGATION CIRCLE, SALAPADA, KEONJHAR**
E-mail : acesicsalapada@gmail.com
Bid Identification No - ACESIC-01/2025-26
**'e' PROCUREMENT NOTICE**

| | | |
|---|---|---|
| 1 | Nature of the works | River Embankment |
| 2 | No of works | 1 (One) |
| 3 | Value of works (Excluding GST) | Rs.699.15 lakh |
| 4 | Period of completion | 09 (Nine) Calendar Months |
| 5 | Class of contractors | A & Special |
| 6 | Procurement Officer | Additional Chief Engineer, Salapada Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | From 11.00 hrs. of 01.08.2025 to 18.08.2025 up to 17.00 hrs. |
| 8 | Date and time of opening of Technical Bid | 19.08.2025 at 11.00 hrs |
| 9 | Date of opening Financial Bid | After evaluation of Techinical Bid |

Further details conditions can be seen from the Govt. website www.tendersorissa.gov.in

Sd./- Additional Chief Engineer,
Salapada Irrigation Circle,
Salapada, Keonjhar - 758020
OIPR-32468/11/0007/2526

**CENTRE FOR WILDLIFE HEALTH**
College of Veterinary Science and Animal Husbandry
Odisha University of Agriculture and Technology
Bhubaneswar-751003, Odisha, India
Tele Fax: 0674-2397146, e-mail:wildlifehealthodisha@gmail.com/wildlifehealth@ouat.ac.in

**WALK-IN-INTERVIEW**

No.M-20:Candidates interested in contractual engagement for the posts of Senior Project Associate (01 No.) and Laboratory Technician (01 No.) on conctractual basis in the Centre for Wildlife Health, College of Veterinary Science & Animal Husbandry, OUAT, Bhubaneswar may avail of the opportunity through walk-in-interview scheduled on 19.08.2025 at 11.00 AM. The details of the said posts are available in the University website **https://ouat.nic.in.**

OIPR-01560/11/0002/2526
Sd./- Project Coordinator

**ADVERTISEMENT FOR SUPPLY OF STATIONARY, SANITARY & MISCELLANEOUS ITEMS TO THE BHIMA BHOI MEDICAL COLLEGE & HOSPITAL, BALANGIR**

**No.E-267** : Sealed Tender is invited from organization/firms/ Agencies for supply of Stationary, Sanitary & Miscellaneous articles to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.16.08.2025 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from https://bbmchbalangir.nic.in, www.balangir.odisha.gov.in & www.dmetodisha.gov.in.

Sd./- Superintendent
OIPR-10141/11/0046/2526
Bhima Bhoi Medical College & Hospital, Balangir

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief,**
**Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
**e-Procurement Notice - Bid Identification No. - CEM/MDC-11/2025-26**
No.A-440

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 11/2025-26
5. Estimated Cost : Rs.21,96,306.00
6. Period of Completion : 02 (Two) calendar months
7. Date & time of availability of bid documents in the Portal : From dt.31.07.2025 (10.00 A.M.) to dt.12.08.2025 (5.30 P.M.)
8. Last date / time for receipt of bid in the portal : Dt. 12.08.2025 (up to 5.30 P.M.)
9. Date and Place of opening of Bid : Dt.13.08.2025 (12.00 Noon onwards in the O/o the undersigned)
10. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o - Engineer-In-Chief, Secha Sadan,
Bhubaneswar
OIPR-32520/11/0052/2526

**OFFICE OF THE PRINCIPAL**
**KESINGA MAHAVIDYALAYA, KESINGA**
AT/PO-KESINGA, PS-KESINGA, DIST.-KALAHANDI (ODISHA),
PIN-766012, E-mail : principalkmvksng@gmail.com

**TENDER CALL NOTICE**

No.KMV/2025-26 Date : 26.07.2025

**No.N-136** : Sealed tenders/Quotations' are invited from registered firms/dealers/suppliers having valid GST Registration, PAN and IT clearance for supply and installation of Desktop Computers, UPS system, Multi-function Printers, LED TV (65 inch), wireless Mice & Cameras (Logitech) for "Upgrading of IT infrastructure of the college under the grant of Higher Education Dept, Government of Odisha" so as to reach the undersigned through Regd. Post/Speed Post latest by 05.00PM on or before Dt.12.08.2025. The undersigned reserves the right to cancel or reject partially or fully the incomplete quotation without assigning any reason thereof. The details of terms and conditions, list of equipment's are available in the college website: - www.kmv.ac.in.

Sd./- Principal,
Kesinga Mahavidyalaya, Kesinga
Email ID : principalkmvksng@gmail.com,
Mob No.94398-08370
OIPR-11151/11/0005/2526

Government of Odisha No.B-339
**"e" Procurement Notice**
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
E-mail ID : sepwdrgda1@gmail.com
**Bid Identification No. : RC (RANDB) RGD 08/2025-2026**
**(Single Cover-Online tender)**
**File No. E-II-C8-28/2025 No.6712 Dated 23.07.2025**

1. No. of the works : 02 (Two) Building Work only
2. Estimated Cost : Rs.91.40 Lakh & Rs.99.50 Lakhs
3. Cost of document : Rs.10,000/- for each work
4. Bid Security : Rs.91,500/- & Rs.99,600/-
5. Class of Conrtractor : 'B' Class
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 01.08.2025 to 17.00 Hrs. of dated 14.08.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 14.08.2025**
8. Bids received "on-line" shall be **opened at 17.30 Hours on dated 14.08.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0012/2526

**Odisha Tourism**
Paryatan Bhawan, Lewis Road
Bhubaneswar - 751014
Fax No. : +91 674 2430887
E-mail : info@odishatourism.gov.in

ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department

ODISHA INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍
ଭୁବନେଶ୍ୱର-୭୫୧୦୧୪

**No.9273/TSM, Bhubaneswar, Dated 28.07.2025**
File No.-TCT-TSP-MISC-0058-2025

**EMPLOYMENT NOTIFICATION**

**No.R-06** : Applications are invited from eligible candidates for the post of Principal in State Institute of Hotel Management, Balangir (SIHM) on direct recruitment basis.
No. of Post-01 (One) (UR),
Scale of Pay: Level - 15 (Rs.1,23,100 -2,15,900) as per ORSP 2017.

Details with regard to the essential qualifications, age, application form and other Terms & Conditions etc., please visit our website www.sihmbalangir.org and odishatourism.gov.in

Applications with complete Biodata, along with attested copies of testimonials must reach on or before 26.08.2025 to the O/o Director, Tourism, Paryatan Bhawan, Lewis Road, Bhubaneswar, Odisha-751014. Candidate already in Govt./autonomous organization should apply through proper channel.

The candidates are required to superscripted "Application for the Post of Principal in SIHM, Balangir" on the top of the envelope which contains the application form and other required documents.

Incomplete and applications received late will not be entertained. The Department will not be responsible for any postal delays.

The competent authority reserves the rights to cancel/republish the advertisement or cancel/postpone the process of recruitment at any point of time without assigning any reason. Only eligible, short listed candidates will be called for Interview after a screening process.

Sd./- Director,
Tourism Department
OIPR-37001/11/0054/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଚରକାୟତନ' ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୭

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୬ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'ର ଶୁଭାରମ୍ଭ ସୋମବାରଠାରୁ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ। ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ ରହିଛି। ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ୬ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରା ଦୁନିଆ କିଭଳି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି, ସେ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏଥିସହ ଭାରତୀୟ ଛାତ୍ରୀଛାତ୍ର ବିଶେଷକରି ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ମେଧାବୀ ବିଦ୍ୟାର୍ଥୀମାନେ କିଭଳି ସାରା ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆୟୁର୍ବେଦର ପ୍ରସାର ପାଇଁ ଚୁକ୍ତିନାମା ସ୍ୱାକ୍ଷର (ଏମ୍‌ଓୟୁ) କରୁଛନ୍ତି, ତାହା ସେ ବର୍ଣ୍ଣନା କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ୨୦୨୫ ଅଗଷ୍ଟ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରୀଛାତ୍ର ଓ ଏ ଦିଗରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱ ସହକାରେ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା 'ଚରକାୟତନ' ଆୟୋଜିତ ହେଉଥିବାବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନ୍‌ସିଆଇଏସ୍‌ଏମ୍)ର ଅଧ୍ୟକ୍ଷ ଡ. ବି. ଏଲ୍. ମେହରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍)ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀ ପ୍ରମୁଖ ଯୋଗ ଦେଇଛନ୍ତି। ସମ୍ମିଳନୀର ସମାପନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ, ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ୱଣ୍ଡର୍ଲାରେ ଆକର୍ଷଣୀୟ ଅଫର




ଭୁବନେଶ୍ୱର,୨୮।୭ (ଅଭୟ ଦାଶ)

ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଚଳିତ ବର୍ଷର ଫ୍ରେଣ୍ଡଶିପ୍ ଡେ ଉତ୍ସବରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅଫର ୨୦୨୫ ଅଗଷ୍ଟ ୨ ଓ ୩ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବ ପାଇଁ ପ୍ରଯୁଜ୍ୟ ରହିଛି। ସେହିଭଳି ଏହି ବିଶେଷ ଅଫର ୱଣ୍ଡର୍ଲାର ୪ଟି ପାର୍କ ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚି ଏବଂ ଭୁବନେଶ୍ୱରରେ ଉପଲବ୍ଧ ହେବ। ଏଥିରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ଅବସରରେ ୱଣ୍ଡର୍ଲାର ଉଭୟ ପ୍ରବେଶ ଟିକେଟ୍ ଏବଂ ଟିକେଟ୍ + ଖାଦ୍ୟ କମ୍ବୋରେ 'ବାଏ ୧, ଗେଟ ୧'ର ଅଫର ରହିଛି। ଏହି ସୀମିତ-ସମୟର ଅଫର ସ୍ୱତନ୍ତ୍ର ଭାବେ ଅନଲାଇନରେ ଉପଲବ୍ଧ। ଏହି ଅଫର୍‌ର ବୁକିଂ ୨୦୨୫ ଅଗଷ୍ଟ ୩ ସକାଳ ୯ଟା ପର୍ଯ୍ୟନ୍ତ ଖୋଲା ଅଛି। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଧୀରେନ ଚୌଧୁରୀ କହିଛନ୍ତି, ଏକ ବିଶ୍ୱରେ ଯେଉଁଠାରେ ଅଧିକାଂଶ କଥାବାର୍ତ୍ତା ସ୍କ୍ରିନ୍ ମାଧ୍ୟମରେ ହୋଇଥାଏ, ଆମେ ବିଶ୍ୱାସ କରୁ ଯେ ସବୁଠାରୁ ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ବାସ୍ତବ ଜୀବନରେ ଏକାଠି ଅନୁଭବ କରନ୍ତି। ୨୫ବର୍ଷରୁ ଅଧିକ ସମୟ ଧରି ୱଣ୍ଡର୍ଲା ଖେଳ, ରୋମାଞ୍ଚ ଏବଂ ଉପସ୍ଥିତି ମାଧ୍ୟମରେ ଲୋକଙ୍କୁ ପୁନର୍ବାର ସଂଯୋଗ କରିବା ପାଇଁ ଏକ ନିରାପଦ, ଉଚ୍ଚ-ଗୁଣବତ୍ତାଯୁକ୍ତ ପରିବେଶ ପ୍ରଦାନ କରିଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୮।୭

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୭୨ (୫୭୨.୦୭) ପଏଣ୍ଟ ହ୍ରାସ ଘଟି ୮୦,୮୯୧(୮୦,୮୯୧.୦୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୫୬ (୧୫୬.୧୦) ପଏଣ୍ଟ କମି ୨୪,୬୮୧ (୨୪,୬୮୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ୟୁଏଆଇଏଲ୍ ପକ୍ଷରୁ 'ନୀରୋଗଶାଳା'ର ଶୁଭାରମ୍ଭ

ଭୁବନେଶ୍ୱର,୨୮।୭

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ 'ନୀରୋଗଶାଳା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀର ଏହି ସିଏସଆର ପ୍ରୟାସ ଓଡ଼ିଶାର ରାୟଗଡ଼ା ଜିଲାର ଦୁର୍ଗମ ଗ୍ରାମଗୁଡିକରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସହ ସେମାନଙ୍କୁ ସେମାନଙ୍କ ଦ୍ୱାରଦେଶରେ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ନୀରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ହେଉଛି, ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡିକରେ ରୂପାନ୍ତରଣ ଆଣିଛି। ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକାଞ୍ଚ ଏବଂ ଗୋପୀନାଥପୁର ଆଦି ଦୂରଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସପେନସାରୀ ସ୍ଥାପନ କରିଛି। ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି। ଏ ନେଇ ୟୁଏଆଇଏଲର ୟୁନିଟ ହେଡ ରବି ମିଶ୍ର କହିଛନ୍ତି, ନୀରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଏହି ସମସ୍ତ ଦୁର୍ଗମ ସ୍ଥାନରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ। ଆମେ ଏକ ସୁସଂଗଠିତ, ମାଗଣା ସ୍ୱାସ୍ଥ୍ୟଯତ୍ନ ସେବା ଜନସାଧାରଣଙ୍କ ଦ୍ୱାରଦେଶକୁ ଆଣି ସମୟୋଚିତ ସହାୟତା ଆଉ ଏକ ବିଳାସର ବିଷୟ ହୋଇ ରହିନାହିଁ ବରଂ ଏକ ଅଧିକାର ବୋଲି ସୁନିଶ୍ଚିତ କରୁଛୁ। ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ। ପ୍ରତ୍ୟେକ ନୀରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି। ଏଠାରେ ମଧ୍ୟ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି। ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନି ଦିନ ଅଦଳବଦଳ ଭିତ୍ତିରେ ଏମବିବିଏସ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି। ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ମିଶ୍ର ମତପ୍ରକାଶ କରିଛନ୍ତି। ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ମସ୍ତରାମ ମାଝୀ କହିଥିଲେ, ନୀରୋଗଶାଳା ସମସ୍ତ ନିକଟବର୍ତ୍ତୀ ଗ୍ରାମକୁ ମାଗଣାରେ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ମାଇକଞ୍ଚ ଗ୍ରାମ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ। ୟୁଏଆଇଏଲକୁ ଧନ୍ୟବାଦ, ସେମାନେ ଆବଶ୍ୟକ କରୁଥିବା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟଯତ୍ନ ସେବା ଏବଂ ଜୀବନ ରକ୍ଷାକାରୀ ଔଷଧଗୁଡିକ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି।



# ଜେଏସ୍‌ଏଲ୍ ସହ ଜିଏସ୍‌ଭିର ବୁଝାମଣା

ଭୁବନେଶ୍ୱର,୨୮।୭

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍) ଏବଂ ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ପ୍ରତିଷ୍ଠାନର ଆବଶ୍ୟକତା ଓ ଶିଳ୍ପର ବିକାଶ ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମ୍‌ଓୟୁ ଜିଏସ୍‌ଭିର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନ୍‌ଲେସର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ଜିଏସ୍‌ଭିର କୁଳପତି ପ୍ରଫେସର ମନୋଜ ଚୌଧୁରୀଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ।

ସେହିଭଳି ଏହି ଏମ୍‌ଓୟୁ ଅନୁଯାୟୀ ଜିନ୍ଦଲ ଷ୍ଟେନ୍‌ଲେସ ଏବଂ ଜିଏସ୍‌ଭି ପରିବହନ, ଅବସରଞ୍ଚନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଷ୍ଟେନ୍‌ଲେସ ଷ୍ଟିଲର ବ୍ୟବହାର ସମ୍ବନ୍ଧୀୟ ଗବେଷଣା, ଶିକ୍ଷାଦାନ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ। ଏପରିକି ଉଭୟ ସଂସ୍ଥା ମିଳିତ ଭାବେ ଶିକ୍ଷାଗତ ପାଠ୍ୟକ୍ରମ ଏବଂ କ୍ଷେତ୍ର ସହ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ପ୍ରୋଗ୍ରାମର ବିକାଶକୁ ସମର୍ଥନ କରିବେ। ଏହା ସହିତ ସେମାନେ ମିଳିତ ଗବେଷଣା, ଅନ୍ତର୍ଜାତୀୟ ସଂସ୍ଥାନମାନଙ୍କ ସହ ଭାଗୀଦାରି ଏବଂ ଜିଏସଭି ଛାତ୍ରମାନଙ୍କ ପାଇଁ ଇଣ୍ଟର୍ନଶିପ ଏବଂ ନିଯୁକ୍ତି ସୁଯୋଗ ପାଇଁ ସମ୍ଭାବନା ଅନୁସନ୍ଧାନ କରିବେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷା ଏବଂ ଶିଳ୍ପ ମିଳିତ ଭାବେ ଆଗାମୀ ଭାରତକୁ ଗଢ଼ିବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଏହି ସହଯୋଗ ଷ୍ଟେନ୍‌ଲେସ ଷ୍ଟିଲକୁ ରାଷ୍ଟ୍ର ନିର୍ମାଣ ପାଇଁ ସବୁଠାରୁ ସ୍ଥାୟୀ ସମାଧାନ ଭାବେ ମୁଖ୍ୟଧାରାରେ ପରିଣତ କରିବା ପାଇଁ ଆମର ଦୃଷ୍ଟିକୋଣରେ ଏକ ନୂତନ ମାଇଲଖୁଣ୍ଟ ଭାବେ ଚିହ୍ନିତ କରୁଛି। ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ଆମର ଭାଗୀଦାରି ଦେଶର ଶିଳ୍ପ ଆଭିମୁଖ୍ୟ ସହ ସମନ୍ୱିତ ଏକ ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ପାଇଁ ଆମର ସାଧାରଣ ମିଶନକୁ ଶକ୍ତିଶାଳୀ କରୁଛି।

# Classified Everyday

0674-2580101, 9692975378



REAL ESTATE
SALE

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

BDA approval plot available at very reasonable price. Location: Palaspur sasan, BBSR for more contact: 9040062053, 8093224227. D- 46563

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477




Positively health benefits SPA expert female therapist homely atmosphere. 9114559830. D-76295

Newly open health benefits SPA special Offer @ 799 Bapujinagar. 7327058897. D-76931


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit before Notary Public, Kantabanji on 25.07.2025 that before marriage I known as Mukta Ketaki, D/o- Rama Ketaki which is mentioned in my Aadhaar Card and S.B. Account and after marriage to Dillip Kharsel of Village/P.O./P.S.- Kantabanji Ward No.-16, Dist.- Bolangir I updated my Aadhaar Card and known as Mukta Kharsel, W/o- Dillip Kharsel whereas Mukta Ketaki and Mukta Kharsel, W/o- Dillip Kharsel is same and one person. D-1457

By virtue of an affidavit sworn before the Executive Magistrate, Belpada, No.-148, date 28.07.2025, I, Dhubale Tandi, R/o- At./P.O.- Bagder, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Priya Tandi to Priyanka Tandi. Henceforth, she shall be known as Priyanka Tandi for all purposes.
Dhubale Tandi D-1456

I, Shantilata Padhi, C/o- Dilip Kumar Padhi, resident of ward Gopinathpur, P.O./P.S.- Balugaon, Dist.- Khurda, PIN- 752030, Odisha declare by this affidavit No.- 1392, dtd. 11.07.25. That now onwards I shall be known as Santilata Padhi for all future purposes. D-1445

By virtue of an affidavit sworn before the Executive Magistrate, Boudh, No.-1053, date 22.07.25, I Sanat Loi, R/o. Village/P.O.- Devgarh, P.S./Dist.- Boudh, Odisha, PIN- 762024 declare that I have changed my name from Sana Lae to Sanat Loi. Henceforth, I shall be known as Sanat Loi for all purposes.
Sanat Loi D-1449

I, Chitaranjan Panigrahi, S/o- Anandachandra Panigrahi, resident of Nayagarh, Odisha- 752069 declare by this affidavit No.- 2789, dated 25.07.2025. That now onwards I shall be known as Chittaranjan Panigrahi for all future purposes. D-1454

By virtue of an affidavit sworn before the Executive Magistrate, Bhubaneswar, dated-24.07.2025, I, Sukanti Mahananda, W/o- Arun Mishra, Address- B/503, Snehalata Apartment, Vivekananda Marg, Bhubaneswar, Khordha, Odisha-751002 declare that I have changed my name from Sukanti Mahananda to Priyanshi Mishra. Henceforth, I shall be known as Priyanshi Mishra for all purposes. D-1455

By virtue of an affidavit sworn before Executive Magistrate, Bhubaneswar, dated 28.07.2025, Subash Chandra Khillo, At- Padua, Kulabiri, Padwa, Dist.- Koraput, Odisha- 764038 declare that I have changed the name of my son from Kamesh Khilla to Kabir Khillo. Henceforth, he shall be known as Kabir Khillo for all purposes.
Subash Chandra Khillo D-1450

Email ମାଧ୍ୟମରେ କ୍ଲାସିଫାଏଡ଼ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Padma Agrawal, age about 64 years, W/o- Kesharam Agrawal, resident of Gudvela, P.S.- Tushra, Dist.- Balangir, PIN-767046, Odisha declared by this affidavit No.- 647, dated 28.07.2025. That now onwards I shall be known as Padma Devi Agrawal for all future purposes. D-1453

By virtue of an affidavit sworn before Executive Magistrate, Bhubaneswar, dated 15.07.2025, I, Mustara Bibi, At- Sikharchandi Nagar, VTC-Kalarahanga, P.O.-KIIT, P.S.-Infocity, Bhubaneswar, Khordha, Odisha, PIN-751024 declare that I have changed my minor son's name from Sekh Misbah to Sekh Sarfaraz Ibrahim. Henceforth, my son shall be known as Sekh Sarfaraz Ibrahim for all purposes. D-1452

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬।୦୬।୧୯୬୨
ତିରୋଧାନ: ୦୯।୦୮।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ- ରାଜା , ଝିଅ- ମାମୁନି, ଟୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରୀନା ଦାଶ
ଆବିର୍ଭାବ: ୧୧।୦୭।୧୯୭୩
ତିରୋଧାନ: ୨୫।୦୧।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଚାହୁଁ ଚାହୁଁ ବର୍ଷେ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ- ରାଜା , ଝିଅ- ମାମୁନି, ଟୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୧

ଫ୍ୟାଶନ

# ନେଲ୍ ଆର୍ଟ



ମହିଳାମାନେ ସୁନ୍ଦର ଦେଖାଯିବାକୁ ଛୋଟ ଛୋଟ ଜିନିଷକୁ ଧ୍ୟାନ ରଖିଥାନ୍ତି। ହାତ ସୁନ୍ଦର ଦେଖାଯିବାକୁ ହେଲେ ନଖରେ ନେଲ୍ ଆର୍ଟ କରିବାକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଧ୍ୟ ଆଜିକାଲିକା ଫ୍ୟାଶନ ପାଲଟିଗଲାଣି। ନେଲ୍ ଆର୍ଟ କରିବାକୁ ହେଲେ ଆପଣ କୌଣସି ପାର୍ଲର ନ ଯାଇ ଘରେ ବସି ମଧ୍ୟ କରିପାରିବେ। ଆସନ୍ତୁ, ଜାଣିବା ନେଲ୍ ଆର୍ଟର କିଛି ଡିଜାଇନ ଏବଂ ଏହାକୁ କିପରି ସହଜରେ ଘରେ କରିପାରିବେ ସେ ସମ୍ପର୍କରେ ସୂଚନା...

**ଟୁଥ୍‌ପିକ୍ ସାହାଯ୍ୟରେ ନେଲ୍ ଆର୍ଟ:** ଟୁଥ୍ ପିକ୍‌ରେ ନେଲ୍ ଆର୍ଟ କରିବାକୁ ହେଲେ ପ୍ରଥମେ ନଖର ଅଧାଭାଗରେ ନେଲ୍ ପେଣ୍ଟ ଲଗାଇ ଦିଅନ୍ତୁ। ପୁଣି ସେଥିରେ ସ୍ମାଇଲିଂ ଫେସ୍ କିମ୍ବା ନିଜ ପସନ୍ଦର ଯାହା ବି କିଛି ଡିଜାଇନ କରିବାକୁ ହେଲେ ଟୁଥ୍‌ପିକ୍‌ର ପଛଭାଗକୁ ନେଲ ପଲିସ୍‌ରେ ବୁଡ଼ାଇ ଡିଜାଇନ୍‌ରେ ହାଲ୍‌କା ଡଟ୍ କରିପାରିବେ। ଏହାପରେ ଟୁଥ୍‌ପିକ୍‌ର ଅଗ୍ରଭାଗରେ ଡିଜାଇନକୁ ସମ୍ପୂର୍ଣ୍ଣ କରିପାରିବେ।

**ବ୍ୟୁଟି ବ୍ଲେଣ୍ଡର:** ଆପଣମାନେ ଭାବୁଥିବେ, ସତରେ କ’ଣ ବ୍ୟୁଟି ବ୍ଲେଣ୍ଡର ସାହାଯ୍ୟରେ ଡିଜାଇନ୍ କରାଯାଇପାରେ। ହଁ, ଏହା ସାହାଯ୍ୟରେ ଆକର୍ଷଣୀୟ ଡିଜାଇନ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ବ୍ଲେଣ୍ଡର ନେଲ୍‌ପେଣ୍ଟରେ କଲର କମ୍ବିନେଶନ ଥିବା ଅନ୍ୟ ନେଲ୍‌ପେଣ୍ଟକୁ ବ୍ଲେଣ୍ଡର ଟିପ୍‌ରେ ଲଗାଇ ନଖ ଉପରେ ଟ୍ୟାପ୍ କରି ଗୋଲ ଗୋଲ କରନ୍ତୁ। ଏଥିରେ ଆପଣ ଅଲଗା ଅଲଗା କଲରକୁ ମଧ୍ୟ ଚୟନକରି ଲଗାଇପାରନ୍ତି।

**ଇୟରବଡ୍ସ:** କାନ ସଫା କରିବାକୁ ଥିବା ଇୟରବଡ୍ସ ସାହାଯ୍ୟରେ ଆପଣ ଟ୍ରେଣ୍ଡି ନେଲ୍‌ଆର୍ଟ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ଇୟରବଡ୍ସରେ ଅନ୍ୟ କୌଣସି ନେଲ୍ ଆର୍ଟ ଲଗାଇ ନଖ ଉପରେ ବଙ୍କା ତେଢ଼ା କିଛି ବି ଲାଇନ୍ ପକାନ୍ତୁ। ପରେ ଏହାକୁ ନିଜ ପସନ୍ଦ ଅନୁସାରେ କିଛି ବି ଡିଜାଇନ କରନ୍ତୁ। ଦେଖିବେ ଆପଣଙ୍କ ହାତ କେତେ ସୁନ୍ଦର ଦେଖାଯାଉଛି।

# ଲେଦର ବ୍ୟାଗ୍ ସଫା କରୁଥିଲେ...

**ଲେଦର ଜିନିଷ ସମସ୍ତଙ୍କୁ ପସନ୍ଦ। କିଏ ଅଫିସ୍‌କୁ ନେଇ କି ଯାଆନ୍ତି ତ ଆଉ କିଏ କୌଣସି ପାର୍ଟିରେ ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିଥାନ୍ତି। ଏହାର ଚାହିଦା ଏବେ ବି ରହିଛି। ଏହାକୁ ସଫା କରିବାକୁ ହେଲେ କେତୋଟି ଟିପ୍ସ...**

ଏମିତିରେ ସମସ୍ତେ ଚାହାନ୍ତି ତାଙ୍କ ବ୍ୟାଗ୍ ସବୁବେଳେ ସଫା ଏବଂ ସୁନ୍ଦର ଦେଖାଯାଉଥାଉ। ବେଳେବେଳେ ଏହି ଲାଇଟ୍ କଲରର ବ୍ୟାଗ୍ ଅସୁନ୍ଦର ଦେଖାଯାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଲେଦର ବ୍ୟାଗ୍ କ୍ଲିନର ବ୍ୟବହାର କରନ୍ତୁ। ଯାହା ସାହାଯ୍ୟରେ ଆପଣଙ୍କ ବ୍ୟାଗ୍ ପୂରା ନୂଆ ଦେଖାଯିବ। ଯଦି ଏହା ଆପଣଙ୍କ



ପାଖରେ ନାହିଁ ତେବେ ବେବି ସୋପ୍, କୌଣସି ଲାଇଟ୍ ସୋପ୍ ନେଇ ଏଥିରେ ଟିକେ ପାଣି ମିଶାଇ ଏହାର ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରୁ କିଛି ନେଇ ଯେଉଁଠି ଦାଗ ଲାଗିଛି ସେଇ ସ୍ଥାନରେ ଲଗାନ୍ତୁ।

❖ଏହାପରେ ବ୍ୟାଗ୍‌କୁ ସଫା ନରମ କପଡ଼ା ସାହାଯ୍ୟରେ ପୋଛନ୍ତୁ। ଯେତେବେଳେ ବ୍ୟାଗ୍‌କୁ ପୋଛୁଚନ୍ତି ସେତେବେଳେ ଚମଡ଼ା ବ୍ୟାଗ୍‌ର ଅପୋଜିଟ୍ ଡିରେକ୍ସନ୍‌ରେ ହେବ। ଏହାଦ୍ୱାରା ବ୍ୟାଗ୍ ଖରାପ ହେବନାହିଁ। ଯଦି ଆଉ ଟିକେ ଓଦାପଣ ବ୍ୟାଗ୍‌ରେ ଅନୁଭବ କରୁଛନ୍ତି ତେବେ ଶୁଖିଲା କପଡ଼ାରେ ବ୍ୟାଗ୍ ଭଲ ଭାବେ ପୋଛି ସଫା କରିଦିଅନ୍ତୁ।

❖ବ୍ୟାଗ୍‌କୁ ଶୁଖାଇବା ଲାଗି ୩୦ ମିନିଟ୍ ସମୟ ଦିଅନ୍ତୁ। ଏହାକୁ ଶୁଖାଇବା ପାଇଁ କେବେ ବି ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ। ଏହା ବଦଳରେ ଆପଣ ବ୍ୟାଗ୍‌କୁ ପଙ୍ଖା ପବନରେ ଶୁଖାଇପାରିବେ।

❖ବ୍ୟାଗ୍ ଶୁଖିଯିବା ପରେ ଏଥିରେ ଲେଦର ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜର ଲଗାଇବାକୁ ହେଲେ ଏକ ନରମ କପଡ଼ା ସାହାଯ୍ୟରେ ଲଗାନ୍ତୁ। ଶୁଖିଯିବା ପରେ କପଡ଼ା ସାହାଯ୍ୟରେ ପଲିସ୍ କରନ୍ତୁ। ଏହାଦ୍ୱାରା ବ୍ୟାଗ୍ ଯେମିତି ନୂଆ ଦେଖାଯିବ।

# ଏପରି ଅଭ୍ୟାସ ଥିଲେ...

**ପ୍ରାୟ ସମସ୍ତଙ୍କର କିଛି ନା କିଛି ଅଭ୍ୟାସ ରହିଛି। ମହିଳାମାନେ ବା ସେଥିରୁ ବାଦ୍ ପଡ଼ିବେ କିପରି ? ତେବେ ଏପରି କେତେକ ଅଭ୍ୟାସ ଅଛି ଯାହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିବା ଆଶଙ୍କା ରହିଛି। ଜାଣନ୍ତୁ ସେ ସମ୍ପର୍କରେ..**





କଥାରେ ଅଛି–ଅଭ୍ୟାସ ମଲେ ତୁଟେ। କାରଣ ଏହା ସହ ଆମେ ଏପରି ଯୋଡ଼ିହୋଇ ଯାଇଥାଉ, ତାହାକୁ ଯେତେ ବଦଳାଇବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥାଏ। ବିଶେଷଭାବରେ ଜଣେ ଯୁବତୀ ହୁଅନ୍ତୁ ଅବା ଗୃହିଣୀ–ସେମାନଙ୍କର କିଛି ଅଭ୍ୟାସ ରହିଛି। କେତେକ ଏହାର ଖରାପ ଗୁଣ ବିଷୟରେ କେତେକାଂଶରେ ଅବଗତ ହେଲେ ମଧ୍ୟ ସେଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିପାରନ୍ତି ନାହିଁ। ହେଲେ ନିଜ ବ୍ୟକ୍ତିତ୍ୱ ଏବଂ ଶରୀରକୁ ପ୍ରଭାବିତ କରିବା ଭଳି ଅଭ୍ୟାସ ବିଷୟରେ ମହିଳାମାନେ ସତର୍କତା ଅବଲମ୍ବନ କରିବା ଦରକାର। ନ ହେଲେ ତାହା ପରବର୍ତ୍ତୀ ସମୟରେ ବିଶାଳ ସମସ୍ୟା ଆକାରରେ ଉଭା ହୋଇଥାଏ।



**ମିଛ କହିବା:** ବେଳେବେଳେ ନିଜକୁ ବଞ୍ଚାଇବାକୁ ହେଉ ଅବା କୌଣସି ପରିସ୍ଥିତିରେ ପଡ଼ି କେତେଜଣ ମହିଳା ମିଛ କହିଥାଆନ୍ତି। ହେଲେ ପରେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ମିଛ କହିବାର ମଧ୍ୟ ସ୍ୱାସ୍ଥ୍ୟ ସହ କି ସମ୍ପର୍କ ରହିଛି। ୟୁନିଭର୍ସିଟି ଅଫ୍ ନୋଟରଡେମ୍‌ର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି, ମିଛ କହିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। କେବେ ହୁଏତ ଏହା ବିଷୟରେ ଭାବି ନ ଥିବେ। କିନ୍ତୁ ମିଛ କହିବା ଏହା ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ମିଛ ଯେକୌଣସି ରୂପରେ ହେଉ ଏହା ଆପଣଙ୍କୁ ହାନି ପହଞ୍ଚାଇପାରେ। ସେହି ମିଛଟା ଆପଣ ଅଫିସ୍‌ରେ କହିଥାନ୍ତୁ କି ସ୍ୱାମୀଙ୍କୁ, ନିଜ ବସ୍‌ଙ୍କୁ କହୁଛନ୍ତି କି ନିଜ ପିଲାଙ୍କୁ। ଗବେଷଣାରେ ଦେଖାଯାଇଛି, ମିଛ କହିବା ଦ୍ୱାରା ମନ ଚିନ୍ତାଗ୍ରସ୍ତ ରହେ। ଏହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ। ଯଦି ଆପଣ ମୁଣ୍ଡବିନ୍ଧା, ଚିନ୍ତା, ଗଳାରେ ଯନ୍ତ୍ରଣା ଆଦି ସମସ୍ୟାରୁ ଦୂରେଇରହିବାକୁ ଚାହୁଁଛନ୍ତି, ତେବେ ମିଛ କହିବାର ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।

**ଆବଶ୍ୟକତାଠାରୁ ଅଧିକ ସମୟ ବ୍ରଶ୍ କରିବା:** ପ୍ରତିଦିନ ସକାଳେ, ରାତିରେ ବ୍ରଶ୍ କରିବା ଭଲ ଅଭ୍ୟାସ। କିନ୍ତୁ ପ୍ରତି ଥର ଖାଇସାରି ବ୍ରଶ୍ କରିବା ଭଲ ନୁହେଁ। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଅଧ୍ୟୟନରୁ ଜାଣିପାରିଛନ୍ତି, କିଛି ଖାଦ୍ୟ ଦାନ୍ତରେ ଏନାମେଲ୍‌ରେ ଏସିଡ୍ ଛାଡ଼ି ଦେଇଥାଏ। ଯେତେବେଳେ ସେହି ଏନାମେଲ୍ ଦୁର୍ବଳ ହୋଇଯାଏ ସେହି ସମୟରେ ଅଧିକ ସମୟ ବ୍ରଶ୍ କରିବା ଦ୍ୱାରା ଏନାମେଲ୍‌କୁ ଆହୁରି ଅଧିକ କ୍ଷତି ପହଞ୍ଚାଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ପ୍ରତିଥର ଖାଦ୍ୟ ଖାଇବା ପରେ କୁଳିକରିବା ଆବଶ୍ୟକ। ସକାଳେ ଉଠିବା ପରେ ଏବଂ ରାତ୍ରିଭୋଜନ ପରେ ବ୍ରଶ୍ କରିବା ଆବଶ୍ୟକ।

**ଅଧିକ ସମୟ କମ୍ପ୍ୟୁଟର ନିକଟରେ ବସି କାମ କରିବା:** ନିକଟରେ ୟୁନିଭର୍ସିଟି ଅଫ୍ ଆରିଜୋନାର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି, ବିନା ବ୍ରେକ୍‌ରେ ଲଗାତର କମ୍ପ୍ୟୁଟର ସାମ୍ନାରେ କାମ କରିବା ଦ୍ୱାରା ଷ୍ଟ୍ରେସ୍ ଲେବଲ ବଢ଼ିଯାଇଥାଏ। ଏହାସହ ଯଦି ଲଞ୍ଚ ଟାଇମ୍‌ରେ ନିଜ ଡେସ୍କରେ ବସି ଖାଦ୍ୟ ଖାଆନ୍ତି ତେବେ ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ି ବି ଦେଇପାରେ। ଏକ ଗବେଷଣା ଅନୁଯାୟୀ ଅଫିସ୍‌ରେ ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଅଦୃଶ୍ୟ ବ୍ୟାକ୍ଟେରିଆ ଆପଣଙ୍କ ଶରୀରକୁ ଯାଇ ଅସୁସ୍ଥ କରିପାରେ। ଏହାଛଡ଼ା ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଖାଇ ଦେଇପାରନ୍ତି।



**କେବଳ ବୋତଲ ପାଣି ପିଇବା:** ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ହାଇଜିନ୍ ଚକ୍କରରେ ବୋତଲ ବନ୍ଦ ପାଣି ପିଇଥାନ୍ତି, ତେବେ ଆପଣଙ୍କ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ବୋତଲ ବନ୍ଦ ପାଣି ବଦଳରେ ନଳପାଣିକୁ ଭଲ ୱାଟରପ୍ୟୁରିଫାୟର ସାହାଯ୍ୟରେ ସଫାକରି ବ୍ୟବହାର କରନ୍ତୁ। ଏହାଦ୍ୱାରା କୀଟାଣୁ ମରିଯିବେ। ଫଳରେ ଆପଣଙ୍କୁ ମିଳିବ ଶୁଦ୍ଧପାଣି।

**ଏଟିଏମ୍‌ରୁ ଟଙ୍କା କାଢ଼ିବା:** ଏବେ ଡିଜିଟାଲ ଦୁନିଆ। ଟଙ୍କା ନେଣଦେଣ ପାଇଁ ପ୍ରାୟ ବ୍ୟାଙ୍କକୁ ଯିବାକୁ ପଡୁନାହିଁ। ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଇବା ଏବଂ ପଠାଇବା ପ୍ରଣାଳୀ ପ୍ରାୟ ଚାରିଆଡ଼େ ଉପଲବ୍ଧ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କହିଛନ୍ତି, ବାରମ୍ବାର ଏଟିଏମ୍ ବ୍ୟବହାର କରିବା ପରେ ଅନେକ ହାତ ସଫାକରି ନ ଥାନ୍ତି। ତେଣୁ ଏଟିଏମ୍ ମେଶିନରୁ ଆପଣଙ୍କ ହାତକୁ ବ୍ୟାକ୍ଟେରିଆ ପ୍ରବେଶ କରିଥାଆନ୍ତି। ହାତ ନ ଧୋଇ ଖାଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ଯେତେବେଳେ ଏଟିଏମ୍‌କୁ ଯିବେ ହାତରେ ସାନିଟାଇଜର କିମ୍ବା ଆଣ୍ଟିବାକ୍ଟେରିଆଲ ହ୍ୟାଣ୍ଡ ସାନିଟାଇଜର ସାହାଯ୍ୟରେ ନିଜ ହାତକୁ ସଫାକରନ୍ତୁ। ଏହାଦ୍ୱାରା ଆପଣ ହାନିକାରକ ବ୍ୟାକ୍ଟେରିଆରୁ ହେଉଥିବା ରୋଗର ଆଶଙ୍କାକୁ କିଛି ମାତ୍ରାରେ କମାଇପାରିବେ।

**ଜଲ୍‌ଦି ଖାଦ୍ୟ ଖାଇବା:** ଆଜିର ପ୍ରାୟ ମହିଳା ନିଜ କାମକୁ ନେଇ ବ୍ୟସ୍ତ। ତେଣୁ ଠିକ୍ ସମୟରେ ଖାଇବା ଏବଂ ଖାଇବା ବେଳେ ତରତର ହୋଇ ନ ଖାଇବା ଦରକାର। ଯଦି ମହିଳା ଜଣକ କର୍ମଜୀବୀ ହୋଇଥାଆନ୍ତି ତେବେ ସେ ଏକାଧାରରେ ନିଜ ପରିବାର ଏବଂ କର୍ମକ୍ଷେତ୍ର ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। କାମ ବ୍ୟସ୍ତ ଭିତରେ ତରବର ହୋଇ କିଛି ଖାଇଦେଇ ଅଫିସ ଚାଲିଯାଆନ୍ତି। ତେଣୁ ଖାଇବା ସମୟରେ ଧୀରେ ସୁସ୍ଥେ ଖାଆନ୍ତୁ। କିନ୍ତୁ ଆପଣ ଜାଣିଛନ୍ତି ଏହି ଜଲ୍‌ଦି ଖାଇବା ଅଭ୍ୟାସ ଆପଣଙ୍କୁ ଅସୁସ୍ଥ କରିପାରେ। ଏହାଦ୍ୱାରା ବେଳେବେଳେ ଏଥିପାଇଁ ଆମେ ଅଧିକ ଖାଇଦେଇଥାଉ। ଏଥିପାଇଁ ଖାଦ୍ୟକୁ ଆମେ ଧୀରେ ଧୀରେ ଚୋବାଇ ଖାଇବା ଆବଶ୍ୟକ। ଆପଣ ଯେତେ ବି ବ୍ୟସ୍ତ ରୁହନ୍ତୁ, କିନ୍ତୁ ଆରାମରେ ଖାଦ୍ୟ ଖାଆନ୍ତୁ।

**ଷ୍ଟ୍ର ସାହାଯ୍ୟରେ ପିଇବା:** ଆପଣ ବେଳେବେଳେ ଜୁସ୍, କୋଲ୍ଡ ଡ୍ରିଙ୍କ୍ସ ଆଦିକୁ ଷ୍ଟ୍ର ସାହାଯ୍ୟରେ ପିଇଥାନ୍ତି। ଷ୍ଟ୍ର ସାହାଯ୍ୟରେ ପିଇବା ବହୁତ ସାଧାରଣ କଥା, କାରଣ ଏହା ସୁବିଧାଜନକ ହୋଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଭଲ ନୁହେଁ। ଷ୍ଟ୍ର ମାଧ୍ୟମରେ କିଛି ପିଇବା ଦ୍ୱାରା ଏହା ଅତିରିକ୍ତ ପବନ ଆମ ଶରୀର ମଧ୍ୟକୁ ଆଣିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଆପଣଙ୍କ ପେଟ ଫୁଲିଲା ପରି ଲାଗିବା ସହ ଗ୍ୟାସ୍‌ର କାରଣ ମଧ୍ୟ ହୋଇପାରେ। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଷ୍ଟ୍ର ମାଧ୍ୟମରେ ପିଇବା ବନ୍ଦ କରନ୍ତୁ ଏବଂ ଗ୍ଲାସ୍ ବ୍ୟବହାର କରନ୍ତୁ।

ସୌନ୍ଦର୍ଯ୍ୟ

# ବର୍ଷାଦିନରେ ସ୍କିନ୍‌ର ଯତ୍ନ

**ସାଧାରଣତଃ ବର୍ଷାଦିନେ ସ୍କିନ୍ ଜନିତ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ। ମହିଳାଙ୍କ ସବୁଠାରୁ ବଡ଼ ଚିନ୍ତା ସ୍କିନ୍‌କୁ ନେଇ ହୋଇଥାଏ। କାହିଁକି ନା ଏହିଦିନରେ ଫଙ୍ଗାଲ ଇନ୍‌ଫେକ୍ସନ ଏବଂ ଅଏଲୀ ସ୍କିନ୍‌ର ସମସ୍ୟା ବଢ଼ିଯାଏ। ଏମିତିରେ ଜରୁରୀ ହେଉଛି ସ୍କିନ୍ କେୟାର ରୁଟିନ୍‌ରେ ଅଳ୍ପ ଟିକେ ବଦଳାଇବାକୁ ପଡ଼ିବ। ଏହାଦ୍ୱାରା ସ୍କିନ୍ ଗ୍ଲୋ କରିବ ଏବଂ ହେଲ୍‌ଦୀ ବି ରହିବ....**



**ଦିନରେ ୨ଥର ଫେସ୍ କ୍ଲିନ୍ କରନ୍ତୁ**
ବର୍ଷାଦିନରେ ଅଧିକ ଝାଳ, ଧୂଳି ଏବଂ ତେଲ ଜମାହୋଇ ରହେ। ଫଳରେ ପୋର୍ସ ବନ୍ଦ ହୋଇଯାଏ। ଏଥିପାଇଁ ଦିନରେ ଦୁଇଥର ମୁହଁକୁ ସଫା କରିବା ଆବଶ୍ୟକ। ଏପରି ଫେସ୍‌ୱାଶ ଚୟନ କର ଯାହା ଜେଲ୍ ବେସ୍‌ଡ ହେବା ସହ ଏବଂ ସ୍କିନ୍ ପାଇଁ ଭଲ ହୋଇଥିବ। ଏହାଦ୍ୱାରା ମୁହଁ ସଫା ଦେଖାଯିବା ସହ ହାଲ୍‌କା, ଫ୍ରେଶ୍ ଲାଗିବ।

**ହାଲ୍‌କା ମଶ୍ଚରାଇଜର ଲଗାନ୍ତୁ**
ବର୍ଷାଦିନରେ ଅଧିକ କ୍ରିମ୍ ଲଗାଇବା ଦ୍ୱାରା ସ୍କିନ୍ ଚିପ୍‌ଚିପ୍ ଲାଗିଥାଏ। ଏଥିପାଇଁ ହାଲ୍‌କା ୱାଟର ବେସ୍‌ଡ୍ ମଶ୍ଚରାଇଜରର ବ୍ୟବହାର କରନ୍ତୁ। ଯାହା ସ୍କିନ୍‌କୁ ହାଇଡ୍ରେଟ୍ ରଖିବ ଏବଂ ଅଏଲୀ ହେବାକୁ ଦେବନାହିଁ।

**ମେକ୍‌ଅପ୍ ହାଲ୍‌କା ରଖନ୍ତୁ**
ମନ୍‌ସୁନ୍‌ରେ ମେକ୍‌ଅପ୍ ଧୋଇ ହୋଇଯାଇଥାଏ। ଏମିତିରେ ହାଲ୍‌କା ମେକ୍‌ଅପ୍ ଯେପରିକି ଟିଣ୍ଟେଡ୍ ମଶ୍ଚରାଇଜର କିମ୍ବା ବେବି କ୍ରିମ୍ ବ୍ୟବହାର କରନ୍ତୁ। ଫଳରେ ତ୍ୱଚା ନାଚୁରାଲ ଲାଗିବା ସହ ସୁନ୍ଦର ମଧ୍ୟ ଦେଖାଯିବେ।



**ସନ୍‌ସ୍କ୍ରିନ୍ ଲୋଶନ ଭୁଲନ୍ତୁ ନାହିଁ**
ବର୍ଷାଦିନରେ ସୂର୍ଯ୍ୟକିରଣ ସ୍କିନ୍‌କୁ କ୍ଷତି ପହଞ୍ଚାଇପାରେ। ଏଥିପାଇଁ ବାହାରକୁ ବାହାରିବା ସମୟରେ ସନ୍‌ସ୍କ୍ରିନ୍ ନିଶ୍ଚିତ ଲଗାନ୍ତୁ। ଏସ୍‌ପିଏଫ୍ ୩୦ ୱାଟର ପ୍ରୁଫ୍ ସନ୍‌ସ୍କ୍ରିନ୍ ଭଲ ରହିବ।

**ଖାଦ୍ୟପେୟ**
ସ୍କିନ୍ ଭଲ ରହିବାପାଇଁ କେବଳ ବାହାରୁ ନୁହେଁ, ଭିତରୁ ମଧ୍ୟ ଯତ୍ନ ନେବା ଜରୁରୀ। ଅଧିକ ତେଲଛଣା ମସଲା ଖାଦ୍ୟ ଖାଇବା ଦ୍ୱାରା ଏହା ବ୍ରେକ୍‌ଆଉଟ୍ ହୋଇପାରେ। ଆପଣ ନିଜ ଖାଦ୍ୟରେ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଫଳ ,ପନିପରିବା ଆଦି ସାମିଲ କରିବା ଆବଶ୍ୟକ। ପ୍ରତିଦିନ ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଦରକାର ।

ଖାଦ୍ୟରୁଚି

# ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ୨କପ୍ ଚୁଡ଼ା, ୨ଟି ସିଝା ଆଳୁ , ୨ ଚାମଚ ମଇଦା, ୨ ଚାମଚ କର୍ନ ଫ୍ଲୋର, ୨କପ୍ ବ୍ରେଡ୍ ଗୁଣ୍ଡ, ୧ଚାମଚ ଅଦା ରସୁଣ ପେଷ୍ଟ, ଅଧାଚାମଚ ଗୋଲମରିଚ ପାଉଡର, ଅଧା ଚାମଚ ହଳଦୀ ପାଉଡର, ଅଧା ଚାମଚ କଶ୍ମୀରୀ ଚିଲି ପାଉଡର , ଅଧା ଚାମଚ ଚାଟ୍ ମସଲା,ଅଧା ଚାମଚ ଗରମ ମସଲା, ଅଧା ଚାମଚ ଆମଚୁର ପାଉଡର, ୨ ଚାମଚ କଟା ହୋଇଥିବା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ ଏବଂ ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**
ପୋହା କଟ୍‌ଲେଟ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଚୁଡ଼ାକୁ ଭଲଭାବେ ସଫାକରି ଦିଅନ୍ତୁ। ଏହାକୁ କିଛି ସମୟ ପାଣିରେ ଭିଜାଇ ରଖନ୍ତୁ। ପାଣିରୁ ଛାଣି ଜାଲିରେ ରଖନ୍ତୁ। ଏଥିରୁ ସମ୍ପୂର୍ଣ୍ଣ ପାଣି ବାହାରିଗଲା ପରେ ଆଉ ଗୋଟେ ପାତ୍ରରେ ରଖନ୍ତୁ। ଏବେ ସିଝା ହୋଇଥିବା ଆଳୁରୁ ଚୋପା ଛଡ଼ାଇ ଚୁଡ଼ା ସହ ପକାଇ ଭଲଭାବେ ଚକଟି ଦିଅନ୍ତୁ। ହଳଦୀଗୁଣ୍ଡ,ଆମଚୁର ପାଉଡର,ଗରମ ମସଲା, ଲୁଣ, ଚାଟ ମସଲା, ଅଦା ରସୁଣ ପେଷ୍ଟ ପକାଇ ଭଲଭାବେ ଏହାକୁ ମିକ୍ସ କରିଦିଅନ୍ତୁ। ବର୍ତ୍ତମାନ ଗୋଲମରିଚ ପାଉଡର, ଅଳ୍ପ କର୍ନଫ୍ଲୋର ପାଉଡର, କଟାହୋଇଥିବା ଧନିଆପତ୍ର, କଟା ପିଆଜ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଅଳ୍ପ କର୍ନଫ୍ଲୋର ଏବଂ ମଇଦାରେ କିଛି ପାଣି ପକାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ଆଳୁ ଏବଂ ପୋହା କଟ୍‌ଲେଟ୍‌କୁ ଗୋଲ ଗୋଲ କରି ରଖି ଚାଲନ୍ତୁ। ପୁଣି ଏକ କଡ଼େଇରେ ତେଲ ପକାଇ ଗରମ



କରନ୍ତୁ। ଏବେ ଗୋଲ ଗୋଲ ହୋଇଥିବା କଟ୍‌ଲେଟ୍‌କୁ ମଇଦା ଏବଂ କର୍ନଫ୍ଲୋର ବେଟରରେ ପକାଇ କାଢ଼ିବା ପରେ ବ୍ରେଡ୍ ଗୁଣ୍ଡରେ ପକାଇ ତାକୁ ଛାଣନ୍ତୁ। ଏହା ଟିକେ ଗୋଲ୍‌ଡେନ୍ କଲର ହେଲା ପର୍ଯ୍ୟନ୍ତ ରଖିବା ପରେ ଏହାକୁ କାଢ଼ି ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ଲଗାଇ ଖାଇ ପାରିବେ।

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ Bhubaneswar, Tuesday, July 29/ 2025




# ନୂଆ ଚେସ୍ ଗ୍ରାଣ୍ଡମାଷ୍ଟର

ଫିଡେ ମହିଳା ଚେସ୍ ବିଶ୍ୱକପ ଟାଇଟଲ ସହ ଦିବ୍ୟା ଦେଶମୁଖ ଭାରତର ନୂଆ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ସାଧାରଣତଃ ୩ଟି ନର୍ମ ସହ ୨୫୦୦ ରେଟିଂର ଆବଶ୍ୟକ ପଡ଼ିଥାଏ। ମାତ୍ର ଗୋଟିଏ ହେଲେ ନର୍ମ ନ ଥାଇ ମଧ ଦିବ୍ୟା ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

୨୦୦୫ ଡିସେମ୍ବର ୯ ତାରିଖରେ ନାଗପୁରର ଏକ ମରାଠୀ ପରିବାରରେ ଦିବ୍ୟାଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ ନମ୍ରତା ଓ ବାପା ଜିତେନ୍ଦ୍ର ଦେଶମୁଖ। ଉଭୟେ ପେସାରେ ଡାକ୍ତର। ଦିବ୍ୟା ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ପ୍ରାରମ୍ଭିକ ପାଠପଢ଼ା କରିଥିଲେ।

୨୦୧୬ରେ ୧୬ ବର୍ଷରୁ କମ୍ ୱାର୍ଲ୍ଡ ଅଲିମ୍ପିଆଡ୍‌ରେ ଭାଗନେଇଥିବା ଭାରତୀୟ ଦଳର ସଦସ୍ୟା ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ତୁର୍କୀରେ ରୌପ୍ୟ ପଦକ ଜିତିଥିଲା। ଏହାପରେ ୨୦୨୦ରେ ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୨୦୨୧ରେ ଦିବ୍ୟା ଦେଶର ୨୧ତମ ଚେସ୍ ଇଣ୍ଟରନ୍ୟାଶନାଲ ମାଷ୍ଟର ହୋଇଥିଲେ। ଏହାର ପରବର୍ଷ ସେ ଇଣ୍ଡିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସେ ୨୦୨୨ ଚେସ୍ ଅଲିମ୍ପିଆଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାତେଇଥିଲେ। ୨୦୨୩ରେ ସେ ଏସିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସର୍ବନିମ୍ନ ସିଡ୍ ପାଇବା ସତ୍ତ୍ୱେ ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟର ରାପିଡ୍ ସେକ୍ସନରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରକ୍ରିୟାରେ ସେ ଦ୍ରୋଣାଭାଲି ହାରିକା, ବନ୍ତିକା ଅଗ୍ରୱାଲ, କୋନେରୁ ହମ୍ପି, ସବିଥା ଶ୍ରୀ ବି, ଇରିନା କ୍ରୁଶ ଓ ନିନୋ ବାତସିଆଶଭିଲିଙ୍କୁ ହରାଇଥିଲେ। ସେ ବିଶ୍ୱ ଚାମ୍ପିୟନ ଜୁନ ୱେନଜୁନ ଓ ଆନ୍ନା ଉଶେନିନାଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ କେବଳ ପୋଲିନା ଶୁଭାଲୋଭାଙ୍କ ଠାରୁ ପରାସ୍ତ ହୋଇଥିଲେ। ୨୦୨୪ ମେ'ରେ ସେ ସାରଜା ଚ୍ୟାଲେଞ୍ଜର୍ସରେ ବିଜୟୀ ହୋଇଥିଲେ। ଏହି ସଫଳତା ଯୋଗୁ ତାଙ୍କୁ ୨୦୨୫ ସାରଜା ମାଷ୍ଟର୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିଥିଲେ। ଜୁନ୍‌ରେ ସେ ୨୦୨୪ ୱାର୍ଲ୍ଡ ଅଣ୍ଡର-୨୦ ଚେସ୍ ଚାମ୍ପିୟନ ହୋଇଥିଲେ। ସେ ଚତୁର୍ଥ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ତାଙ୍କ ପୂର୍ବରୁ କୋନେରୁ ହମ୍ପି (୨୦୦୧), ଦ୍ରୋଣାଭାଲି ହାରିକା (୨୦୦୮) ଓ ସୌମ୍ୟା ସ୍ୱାମିନାଥନ (୨୦୦୯)ରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଟାଇଟଲ ହାତେଇଥିଲେ। ଫାଇନାଲରେ ସେ ବୁଲଗେରିଆର ତୃତୀୟ ସିଡ୍ ବେଲୋସ୍ଲାଭା କ୍ରାଷ୍ଟେଭାଙ୍କୁ ୫ ଘଣ୍ଟା ଧରି ଚାଲିଥିବା ମାରାଥନ ମୁକାବିଲାରେ ହରାଇ ୧୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସେ ବ୍ୟକ୍ତିଗତ ଇଭେଣ୍ଟରେ ମଧ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଚଳିତ ବର୍ଷ ଜୁନରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଟିମ ଚେସ୍ ଚାମ୍ପିୟନଶିପ୍‌ରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ହେକ୍ସାମାଇଣ୍ଡ ଚେସ୍ କ୍ଲବ ପାଇଁ ଖେଳୁଥିବା ଦିବ୍ୟା ବ୍ଲିଜ୍ ସେମିଫାଇନାଲରେ ମହିଳାଙ୍କ ୱାର୍ଲ୍ଡ ନଂ-୧ ହୋ ୟି ଫାନଙ୍କୁ ୭୪ ମୁଭ୍‌ରେ ପରାସ୍ତ କରିଥିଲେ। ଚାଇନିଜ ଗ୍ରାଣ୍ଡମାଷ୍ଟରଙ୍କ ବିପକ୍ଷରେ ଏହା ଦିବ୍ୟାଙ୍କ ପ୍ରଥମ ବିଜୟ ଥିଲା। ବ୍ଲିଜ ଗେମ୍‌ରେ ୮ଟି ମ୍ୟାଚ୍‌ରେ ୬ଟି ବିଜୟ ହାସଲ କରିଥିଲେ। ଏଥିଯୋଗୁ ତାଙ୍କ ଦଳ ବ୍ଲିଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲା। ରାପିଡ୍ ସେକ୍ସନରେ ଦିବ୍ୟା ୧୨ରୁ ୮ ପଏଣ୍ଟ ହାସଲ କରିବାରୁ ତାଙ୍କ ଦଳ ରୌପ୍ୟ ପଦକ ହାତେଇଥିଲା। ବ୍ୟକ୍ତିଗତ ବର୍ଗରେ ସେ ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ମହିଳା ଚେସ୍ ୱାର୍ଲ୍ଡକପ୍‌ରେ ଦେଶମୁଖ ୧୫ତମ ସିଡ୍ ଭାବେ ପ୍ରବେଶ କରିଥିଲେ। ସେ ଫାଇନାଲରେ କୋନେରୁ ହମ୍ପିଙ୍କୁ ହରାଇ ଚାମ୍ପିୟନ ହେବା ପୂର୍ବରୁ ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଝୁ ଜିନର, କ୍ୱାର୍ଟର ଫାଇନାଲରେ ୧୦ମ ସିଡ୍ ଦ୍ରୋଣାଭାଲି ହାରିକା ଓ ସେମିଫାଇନାଲରେ ତୃତୀୟ ସିଡ୍ ତାନ ଝୋଙ୍ଗିଙ୍କୁ ପରାସ୍ତ କରିଥିଲେ।



ନାମ-ଦିବ୍ୟା ଦେଶମୁଖ
ଦେଶ-ଭାରତ
ଜନ୍ମ-ଡିସେମ୍ବର ୯, ୨୦୦୫, ନାଗପୁର, ମହାରାଷ୍ଟ୍ର
ବୟସ-୧୯ ବର୍ଷ
ଟାଇଟଲ-ଗ୍ରାଣ୍ଡମାଷ୍ଟର(୨୦୦୫), ଇଣ୍ଟରନ୍ୟାଶନାଲ ମାଷ୍ଟର (୨୦୨୩), ଓମେନ ଗ୍ରାଣ୍ଡମାଷ୍ଟର (୨୦୨୧)
ଫିଡେ ରେଟିଂ: ୨୪୬୩ (ବର୍ତ୍ତମାନ)
ସର୍ବାଧିକ ରେଟିଂ: ୨୫୦୧ (୨୦୨୪ ଅକ୍ଟୋବର)

## 'ଏହା କେବଳ ଆରମ୍ଭ ମାତ୍ର'

ଦିବ୍ୟା ଦେଶମୁଖ ତାରକା ଖଚିତ ଫିଡେ ମହିଳା ବିଶ୍ୱକପ୍‌ରେ ଜଣେ ଅଣ୍ଡରଡଗ୍ ଖେଳାଳି ଭାବେ ପ୍ରବେଶ କରିଥିଲେ। ଜଣେ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବା ପାଇଁ ଅତିକମ୍‌ରେ ଗୋଟିଏ ଜିଏମ୍ ନର୍ମ ହାସଲ କରିବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ପ୍ରାୟ ୩ ସପ୍ତାହ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସେ ବିଶ୍ୱ ମହିଳା ଚେସ୍‌ର କିଛି ବଡ଼ ବଡ଼ ଖେଳାଳିଙ୍କୁ ହରାଇ ସମ୍ମାନଜନକ ଟାଇଟଲ ଜିତିବା ସହ ଆସନ୍ତା ବର୍ଷ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଯୋଗ୍ୟତା ହାସଲ କରିଥିଲେ। ଏହି ପ୍ରକ୍ରିୟାରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାଣ୍ଡମାଷ୍ଟର ଟାଇଟଲ ଲାଗି ଜଣେ ଖେଳାଳିଙ୍କୁ ୩ ଜିଏମ୍ ନର୍ମ ସହ ୨୫୦୦ ରେଟିଂ ଦରକାର। ଫିଡେ ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ଭାବେ କିଛି ଏଲିଟ ପ୍ରତିଯୋଗିତା ଜିତିବା ଦ୍ୱାରା ସାଧାରଣ ନର୍ମ-ଆଣ୍ଡ-ରେଟିଂ ବାଟକୁ ଅଣଦେଖା କରି ସିଧାସଳଖ ଜିଏମ୍ ଟାଇଟଲ ହାସଲ କରିହେବ। ମହିଳାଙ୍କ ବିଶ୍ୱକପ୍ ସେଭଳି ଏକ ଫିଡେ ଟୁର୍ନାମେଣ୍ଟ, ଯାହାର ବିଜେତାଙ୍କୁ ସିଧାସଳଖ ଜିଏମ୍ ଟାଇଟଲ ଦିଆଯାଏ। "ମୋତେ ବିଜୟକୁ ହଜମ କରିବା ପାଇଁ ସମୟ ଦରକାର। ମୋ ମତରେ ଗ୍ରାଣ୍ଡମାଷ୍ଟର ଟାଇଟଲ ଏଭଳି ପାଇବା ମୋ ଭାଗ୍ୟ ଥିଲା। କାରଣ ଟୁର୍ନାମେଣ୍ଟରେ ଭାଗ ନେବା ପୂର୍ବରୁ ମୋ ପାଖରେ ଗୋଟିଏ ହେଲେ ବି ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଜଣେ ଗ୍ରାଣ୍ଡମାଷ୍ଟର। ଏହି ବିଜୟର ମାନେ ମୋ ପାଇଁ ଅନେକ କିଛି। କିନ୍ତୁ ଏବେ ବି ମୋତେ ଅନେକ କିଛି ହାସଲ କରିବାର ଅଛି। ମୁଁ ଆଶା କରୁଛି, ଏହା କେବଳ ଆରମ୍ଭ ମାତ୍ର" ବୋଲି ମ୍ୟାଚ୍ ଜିତିବା ପରେ ଦିବ୍ୟା କହିଛନ୍ତି।

# ଦିବ୍ୟାଙ୍କୁ ଅଭିନନ୍ଦନର ସୁଅ

ଦିବ୍ୟା ଦେଶମୁଖ ସୋମବାର ଫିଡେ ମହିଳା ଚେସ୍ ବିଶ୍ୱକପ ଜିତିଛନ୍ତି। ଏହି ସଫଳତା ପାଇଁ ତାଙ୍କ ନିକଟକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନର ସୁଅ ଛୁଟୁଛି...



ବିଜୟ ହାସଲ ପରେ ମା'ଙ୍କ ସହ ଦିବ୍ୟା ଦେଶମୁଖ।

"୧୯ ବର୍ଷ ବୟସରେ ପ୍ରଥମ ଭାରତୀୟ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ଦିବ୍ୟା ଦେଶମୁଖଙ୍କୁ ହୃଦୟରୁ ଅଭିନନ୍ଦନ। କୋନେରୁ ହମ୍ପି ରନରଅପ୍ ହୋଇଛନ୍ତି। ଚେସ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ଉଭୟ ଫାଇନାଲିଷ୍ଟ ଭାରତୀୟ ଥିଲେ। ପୂରା କ୍ୟାରିୟରରେ ଜବରଦସ୍ତ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ନିଶ୍ଚିତ ଯେ, ଉଭୟ ମହିଳା ଚାମ୍ପିୟନ୍ସ ଭବିଷ୍ୟତରେ ଦେଶ ପାଇଁ ଆହୁରି ଗୌରବ ଆଣିବେ ଓ ଯୁବପିଢ଼ିଙ୍କୁ ପ୍ରେରଣା ଦେବେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

"ଦୁଇ ଶ୍ରେଷ୍ଠ ଭାରତୀୟ ଚେସ୍ ଖେଳାଳିଙ୍କ ମଧ୍ୟରେ ହୋଇଥିଲା ଐତିହାସିକ ଫାଇନାଲ। ମହିଳା ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ଦିବ୍ୟାଙ୍କ ପାଇଁ ଗର୍ବିତ। ଏହି ଉଲ୍ଲେଖନୀୟ ଉପଲବ୍ଧି ଲାଗି ତାଙ୍କୁ ଅଭିନନ୍ଦନ। ତାଙ୍କର ଏହି ସଫଳତାର ଯୁବବର୍ଗଙ୍କୁ ପ୍ରେରଣା ଦେବ। କୋନେରୁ ହମ୍ପି ମଧ ପୂରା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ଭାରତ ପାଇଁ ବଡ଼ ଆନନ୍ଦର ବିଷୟ। ମହିଳା ବିଶ୍ୱକପ୍ ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ତୁମର ମାନସିକ ଦୃଢ଼ତା ଓ ଚତୁରତା ତୁମକୁ ଏହି ସଫଳତା ଆଣି ଦେଇଛି। ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ ଅଭିନନ୍ଦନ।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

"ମହିଳା ବିଶ୍ୱକପ୍ ଜିତିବା ଭଳି ଉଲ୍ଲେଖନୀୟକ ଉପଲବ୍ଧି ଲାଗି ଦିବ୍ୟାଙ୍କୁ ହୃଦୟରୁ ଅଭିନନ୍ଦନ। ଅଲ-ଇଣ୍ଡିଆନ୍ ଫାଇନାଲରେ ତାଙ୍କର ଐତିହାସିକ ବିଜୟ ଭାରତୀୟ ଚେସ୍ ଲାଗି ଏକ ଗର୍ବିତ କଲା ଭଳି ମାଇଲଖୁଣ୍ଟ। ଆଗକୁ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ତାଙ୍କୁ ଶୁଭେଚ୍ଛା।

**-ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

"ବିଶ୍ୱକପ୍ ଜିତିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ସେ ଜିଏମ୍ ହେବା ସହ କାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ହମ୍ପି ପୂରା ଟୁର୍ନାମେଣ୍ଟରେ ଖୁବ ଭଲ ଫାଇଟିଂ ସ୍ପିରିଟ୍ ପ୍ରଦର୍ଶିତ କରିଥିଲେ। ସେ ଜଣେ ଚାମ୍ପିୟନ। ନିର୍ଦ୍ଦିଷ୍ଟ ଭାବେ ଭାରତୀୟ ମହିଳା ଚେସ୍ ଲାଗି ଏହା ଏକ ବଡ଼ ଉତ୍ସବ ଥିଲା।

**-ବିଶ୍ୱନାଥନ ଆନନ୍ଦ, ୫ ଥରର ୱାର୍ଲ୍ଡ ଚାମ୍ପିୟନ**

"ଜର୍ଜିଆର ବାତୁମିରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ଆମ ଦେଶର ପ୍ରଖ୍ୟାତ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ସାଥୀ ପ୍ରତିଦ୍ୱନ୍ଦ୍ୱୀ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ହମ୍ପି, ଆର୍. ବୈଶାଳୀ ଓ ହାରିକା ଦ୍ରୋଣାଭାଲିଙ୍କ ପରେ ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହୋଇପାରିଛନ୍ତି ୧୯ ବର୍ଷୀୟା ଦିବ୍ୟା। ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।

**-ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ**

"ଦିବ୍ୟା ଦେଶମୁଖ ଟାଇବ୍ରେକରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୨୦୨୫ ଫିଡେ ମହିଳା ବିଶ୍ୱକପ୍ ଚାମ୍ପିୟନ୍ ସହ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଦିବ୍ୟା ବିଶ୍ୱ କ୍ୟାଣ୍ଡିଡେଟ ଚେସ ଟୁର୍ନାମେଣ୍ଟ ପାଇଁ ମଧ ଯୋଗ୍ୟତା ଅର୍ଜନ କରିଛନ୍ତି। ଏବେ ସେ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ଜଣେ ମହିଳା ଖେଳାଳି ବିଶ୍ୱକପ୍ ଚାମ୍ପିୟନ ସହ ସେହି ଦିନରେ ୮୮ତମ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ଭାରତୀୟ ଚେସ୍ ପାଇଁ ଏକ ଶ୍ରେଷ୍ଠ ମୁହୂର୍ତ୍ତ। ଏହି ଆଶ୍ଚର୍ଯ୍ୟଜନକ ସଫଳତା ପାଇଁ ଦିବ୍ୟା, ତାଙ୍କ ଦଳ ଏବଂ ପରିବାରକୁ ବହୁତ ବହୁତ ଶୁଭେଚ୍ଛା ସହ ଅଭିନନ୍ଦନ"।

**-ସତ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ଏଓସିଏ**

# ନୂଆ ଫୁଟ୍‌ବଲ କୋଚ୍ ଘୋଷଣା ଅଗଷ୍ଟ ୧ରେ

**ନୂଆଦିଲ୍ଲୀ, ୨୮।୭ (ପି.ଟି.)**

ଅଗଷ୍ଟ ୧ରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ପରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ପରବର୍ତ୍ତୀ କୋଚ୍‌ଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଖାଲି ପଡ଼ିଥିବା ଏହି ପଦବୀ ପାଇଁ ଦୌଡ଼ରେ ଖଲିଦ୍ ଜମିଲ ପ୍ରଥମ ସ୍ଥାନରେ ରହିଛନ୍ତି। ଏଆଇଏଫ୍‌ଏଫ୍‌ର ଟେକ୍‌ନିକାଲ କମିଟି ଜମିଲଙ୍କ ପ୍ରାର୍ଥିତ୍ୱକୁ ପସନ୍ଦ କରିଛି। ୩ଜଣିଆ ଶର୍ଟଲିଷ୍ଟ ତାଲିକାରେ ପୂର୍ବତନ ଭାରତ କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ ଓ ଷ୍ଟିଫାନ୍ ଟାର୍କୋଭିଚ୍‌ଙ୍କ ନାମ ରହିଛି। ଏଆଇଏଫ୍‌ଏଫ୍‌ର ବର୍ତ୍ତମାନ ଆର୍ଥିକ ସ୍ଥିତିକୁ ନଜର ପକାଇଲେ ମାନୋଲୋ ମାର୍କ୍ୱେଜଙ୍କ ସ୍ଥାନ ନେବା ପାଇଁ ଜମିଲ ହେଉଛନ୍ତି ଫେଭରିଟ୍। ୪୮ ବର୍ଷୀୟ ଜମିଲ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଜାମଶେଦପୁର ଏଫ୍‌ସିର କୋଚ୍ ଅଛନ୍ତି। ସେପ୍ଟେମ୍ବରରେ ଫିଫାର ଏକ ଇଣ୍ଟରନ୍ୟାଶନାଲ ମ୍ୟାଚ ୱିଣ୍ଡୋ ରହିଛି। ଭାରତ ସିଙ୍ଗାପୁର ବିପକ୍ଷ ହୋମ୍ ଓ ଆୱେ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡ ଗେମ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଭାରତର ଜଣେ ପୂର୍ବତନ ମିଡ୍‌ଫିଲ୍ଡର ଜମିଲ ବର୍ତ୍ତମାନ ଜଣେ ଏଏଫ୍‌ସି ପ୍ରୋ-ଲାଇସେନ୍ସପ୍ରାପ୍ତ କୋଚ୍ ଅଟନ୍ତି। ସେ ୨୦୨୩-୨୪ ଓ ୨୦୨୪-୨୫ ସିଜନ ପାଇଁ ଏଆଇଏଫ୍‌ଏଫ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ଚଳିତମାସ ପ୍ରାରମ୍ଭରେ ଏଆଇଏଫ୍‌ଏଫ୍ ଛାଡ଼ିବା ପୂର୍ବରୁ ମାରକ୍ୱେଜ ଦ୍ୱୈତ ଭୂମିକା ନିର୍ବାହ କରୁଥିଲେ। ସେ ଏକ ସଙ୍ଗରେ ଆଇଏସ୍‌ଏଲ୍ ଦଳ ଏଫ୍‌ସି ଗୋଆର କୋଚ ଦାୟିତ୍ୱ ମଧ ତୁଲାଉଥିଲେ। କିନ୍ତୁ ଜମିଲ ଜାତୀୟ ଦଳର କୋଚ୍ ନିଯୁକ୍ତ ହେବା ପରେ ଜାମଶେଦପୁର ଏଫ୍‌ସି କୋଚ୍ ପଦବୀ ତ୍ୟାଗ କରିବେ ଅବା ଦ୍ୱୈତ ଭୂମିକାରେ ରହିବେ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବତନ ଅଧିନାୟକ ଆଇଏମ୍ ବିଜୟଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍‌ଏ ଟେକ୍‌ନିକାଲ କମିଟି ଯେଉଁ ୩ଜଣିଆ ଶର୍ଟଲିଷ୍ଟ କାର୍ଯ୍ୟନିର୍ବାହୀ କମିଟି ନିକଟକୁ ପଠାଇଛି ସେଥିରେ ୫୨ ବର୍ଷୀୟା ଷ୍ଟିଫାନ୍ ଟାର୍କୋଭିଚ୍‌ଙ୍କ ନାମ ରହିଛି। ସେ ପୂର୍ବରୁ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ସ୍ଲୋଭେକିଆ ଜାତୀୟ ଦଳ ଏବଂ ୨୦୨୩ରୁ ୨୦୨୪ କିରଗିଜସ୍ତାନର କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ସମ୍ପାଦନ କରିଛନ୍ତି।



ଷ୍ଟିଫାନ୍ ଟାର୍କୋଭିଚ   ଖଲିଦ୍ ଜମିଲ   ଷ୍ଟିଫେନ୍ କନଷ୍ଟାଣ୍ଟିନ

## ଦୌଡ଼ରେ ଜମିଲ ଆଗରେ

# ପ୍ରବୋଧ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ):** ଓଡ଼ିଶା ଆଥ୍‌ଲେଟିକ୍ସରେ ଟେକ୍ନିକାଲ ଅଫିସିଆଲ ପରିଚିତ ପ୍ରବୋଧ ମହାନ୍ତି ଆଉ ଏକ ସଫଳତା ପାଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତିଭାବେ ସେ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ (ଆଇଟିଓ) ହୋଇଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ ରେଫରି ବ୍ରୋଞ୍ଜ୍ ଲେଭଲ (ଆଇଟିଓ) ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ପ୍ରବୋଧଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପାଇଁ କିସ୍‌ର ୨ ମନୋନୀତ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)**

ଗୁଜରାଟର ଅହମଦାବାଦରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କିସ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଟିଙ୍କି ମୋହିନୀ ମଲିକ ଓ ମୀନା ସାନ୍ତା। ଟିଙ୍କି ମୋହିନୀ ମହିଳା ୬୪ କେଜି ଓ ମୀନା ୫୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଭୟ କିସ୍ ବିଶ୍ୱବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦୁଇ ଭାରୋତ୍ତୋଳିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୀନା ସାନ୍ତା ଓ ଟିଙ୍କି ମୋହିନୀ ମଲିକ।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର' ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏଥିରେ ଉଭାସ ମହାପାତ୍ର ଏକଦା ୧-୨ରେ ପଛୁଆ ଥିଲେ ମଧ ସଫଳ ପ୍ରତ୍ୟାବର୍ତ୍ତନ କରି ୩-୨ରେ ବିଜୟ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ବରୁଣ ପୂର୍ତ୍ତିଙ୍କୁ ସତ୍ୟଦୀପ ଦାସ ୩-୨, ଜାକିର ଅଲୀ ଖାଁଙ୍କୁ ସୁବ୍ରତ ଦାସ ୩-୨, ରାହୁଲ ହାଲିଙ୍କୁ ଚିରାଗ ଆରୋରା ୩-୦, ପି. ଗୋବିନ୍ଦ ରାଓଙ୍କୁ ଆକ୍ରମ ଖାଁ ୩-୦, ଜାକିର ଅଲୀ ଖାଁଙ୍କୁ ଅବିନାଶ ମହାପାତ୍ର ୩-୧, ଜ୍ଞାନ ରଞ୍ଜନ ଶତପଥୀଙ୍କୁ ସୁଦୀପ୍ତ ଦାଶ ୩-୦, ଅମିୟ ରଞ୍ଜନ ନାୟକଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଶାରଦା ବେହେରାଙ୍କୁ କୁନାଲ ଅଗ୍ରୱାଲ ୩-୨, ପି. ଗୋବିନ୍ଦ ରାଓଙ୍କୁ ଜ୍ଞାନ ଦାସ ୩-୧ରେ ପରାସ୍ତ କରିଛନ୍ତି। ସେହିପରି ଜିତେଶ ଷଡ଼ଙ୍ଗୀଙ୍କୁ ନିଶି ପ୍ରକାଶ ଦାସ, ଅଲତାଫ ଅଲୀଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଅମିତ ସିଂଙ୍କୁ ଚିରାଗ ଆରୋରା ୩-୧, ନିଶ୍ଚୟ ମିଶ୍ରଙ୍କୁ ସୁବ୍ରତ ଦାସ ୩-୧, ଆକ୍ରମ ଖାଁଙ୍କୁ ଆକାଶ ମହାପାତ୍ର ୩-୨ ଓ ପ୍ରକାଶ ସାହୁଙ୍କୁ ଚେତନ ଆନନ୍ଦ ୩-୦ ଫ୍ରେମ୍‌ରେ ହରାଇ ଦେଇଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ